


# ସଂଚାର
THE SANCHAR

Website: sanchar.live   mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17








Vol. 33 | ISSUE 109 | ଭାଗ ୩୩ | ସଂଖ୍ୟା ୧୦୯ Bhubaneswar | Thursday 10 July 2025 | Page 8 Rs. 4.00 ● ଭୁବନେଶ୍ୱର ଗୁରୁବାର ୧୦ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା





ଡିପୋରୁ ଯାଇପାରୁନି ପେଟ୍ରୋଲ, ଡିଜେଲ

ସନ୍ଧ୍ୟା ସୁଦ୍ଧା ସବୁ ଟାଙ୍କି ଖାଲି ହେବା ଆଶଙ୍କା

ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

# ଆଜିଠୁ ରାଜ୍ୟରେ ତେଲ ସଙ୍କଟ !



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ସହ ଆଲୋଚନା ପରେ ବି ଜିଦରେ ଅଟଳ ଡ୍ରାଇଭର ମହାସଂଘ। ଯଦିଓ ରାଜ୍ୟର ସବୁ ଡ୍ରାଇଭର ସଂଘ ଏହି ଆନ୍ଦୋଳନରେ ସାମିଲ ହୋଇନାହାନ୍ତି, ତଥାପି ପ୍ରାୟ ସବୁ ଜିଲ୍ଲାରେ ପରିବହନ ବ୍ୟବସ୍ଥା ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସେପଟେ ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ରାଜ୍ୟରେ ତେଲର ବଡ ସଙ୍କଟ ସୃଷ୍ଟି ହେବାକୁ ଯାଉଛି ବୋଲି ଆଶଙ୍କା ପ୍ରକାଶ କରିଛି ପେଟ୍ରୋଲ ଡିଜେଲ ଡିଲର ସଂଘ।

ଡ୍ରାଇଭରଙ୍କ ଆନ୍ଦୋଳନ ଯୋଗୁ ଦୁଇଦିନ ହେବ କୌଣସି ତେଲ ଟ୍ୟାଙ୍କର ରାଜ୍ୟକୁ ଆସିନାହିଁ। ଆଜି ବି ଟ୍ୟାଙ୍କର ମୁଭମେଣ୍ଟ ହୋଇନାହିଁ। ଆଜି ପେଟ୍ରୋଲ ଟାଙ୍କିରେ ତେଲ ଲୋଡ ନହେଲେ ଆସନ୍ତାକାଲି ରାଜ୍ୟରେ ତେଲ ସରିଯିବ। ସାଧାରଣତଃ ପେଟ୍ରୋଲ ପମ୍ପ ଗୁଡିକରେ ତିନି ଦିନର ଷ୍ଟକ ଥାଏ। ରାଜ୍ୟରେ ଦୈନିକ ୩୬୦୭ କିଲୋଲିଟର ପେଟ୍ରୋଲ ଓ ୮୫୦୦ କିଲୋଲିଟର ଡିଜେଲ ଆବଶ୍ୟକ ହୁଏ। ଦୁଇ ଦିନ ଧରି ଲୋକଙ୍କ ଆବଶ୍ୟକତା ମେଣ୍ଟାଯାଇଛି। ଆସନ୍ତାକାଲି ସକାଳୁ ବହୁ ଟାଙ୍କିରୁ ତେଲ ସରିଯିବ। ସନ୍ଧ୍ୟା ସୁଦ୍ଧା ସବୁଆଡୁ ତେଲ ସରିଯିବ ବୋଲି ସଂଘ ଆଶଙ୍କା ପ୍ରକାଶ କରିଛି।

ତେଲର ଅଭାବ ହେଲେ ସ୍ୱାସ୍ଥ୍ୟ, ଆଇନଶୃଙ୍ଖଳା, ଅତ୍ୟାବଶ୍ୟକ ସାମଗ୍ରୀ ସବୁ ବାଧାପ୍ରାପ୍ତ ହେବ। ଦରଦାମ ମଧ୍ୟ ବଢ଼ିବାର ସମ୍ଭାବନା ରହିଛି। ତେଣୁ ଏହି ଅତ୍ୟାବଶ୍ୟକ ସେବା ଉପରେ କାହିଁକି ରୋକାଯାଇଛି ବୋଲି ସଂଘ ପ୍ରଶ୍ନ କରିଛି। ସରକାର ଏଥିର ହସ୍ତକ୍ଷେପ କରି ତେଲ ଗାଡିକୁ ଅଟକାଇଲେ କାର୍ଯ୍ୟାନୁଷ୍ଠାନର ନିର୍ଦ୍ଦେଶ ଦେବାକୁ ସଂଘ ଦାବି କରିଛି। କୌଣସି ଗାଡି ଡିପୋରୁ ବାହାରି ପାରୁନାହିଁ। ପାରାଦ୍ୱୀପ, ଜଟଣୀ, ଝାରସୁଗୁଡା, ବାଲେଶ୍ୱରରେ ତେଲ ଡିପୋ ଅଛି। ପାରାଦ୍ୱୀପରୁ କଳାହାଣ୍ଡି ତେଲ ଯାଉଛି। ଦୂରଦୂରାନ୍ତ ଜାଗାରେ ଆସନ୍ତା କିଛି ଦିନ ପାଇଁ ପେଟ୍ରୋଲ ପମ୍ପରେ ➪ପୃଷ୍ଠା-୬

# ଭୁଶୁଡ଼ିଲା ପୋଲ, ୧୧ ମୃତ



- ଭାସିଗଲା ୫ ଯାନ
- ଭିଡ଼ ଏଡ଼ାଇବାକୁ ହୋଇଥାନ୍ତା ନୂଆ ପୋଲ
- ମୃତକଙ୍କ ପାଇଁ ୪ ଲକ୍ଷ ସହାୟତା ଘୋଷଣା

**ଭଦୋଦରା,୯।୭:** ଗୁଜରାଟର ଭଦୋଦରା ଜିଲ୍ଲାରେ ମହିସାଗର ପୋଲ ଉପରେ ଥିବା ବ୍ୟସ୍ତବହୁଳ ପୋଲ ଅଚାନକ ଭୁଶୁଡ଼ି ପଡ଼ିବା ଫଳରେ ଏଥିରେ ୧୧ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଏଥିସହ ୯ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୫ଟି ଯାନ ଭାସିଯାଇଥିବା ଜଣାପଡ଼ିଛି। ଭଦୋଦରା ଓ ଆନନ୍ଦ ମଧ୍ୟରେ ଲମ୍ବିଥିବା ଗମ୍ଭୀରା ପୋଲର ପ୍ରମୁଖ ଅଂଶ ଭାସିଯିବା ଫଳରେ ଏପରି ଅଘଟଣ ଘଟିଛି। ଏହି ଦୁର୍ଘଟଣା ପରେ ଗାଡ଼ି ମଟରଗୁଡ଼ିକ ପାଣିରେ ଭାସିଯାଉଥିବା ଦେଖିବାକୁ ମିଳିଥିଲା। ମହିସାଗର ନଦୀରେ ଭାସିଯାଇଥିବା ଯାନ ମଧ୍ୟରେ ୨ଟି ଲେଖାଏଁ ଟ୍ରକ୍ ଓ ଭ୍ୟାନ୍ ସହ ଗୋଟିଏ ଅଟୋ ରିକ୍ସା ରହିଥିବା ଭଦୋଦରା ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଏହି ଦୁର୍ଘଟଣା ସମ୍ପର୍କରେ ଖବର ପାଇବା ପରେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦର ପଟେଲ୍ ମୃତକଙ୍କ ପରିବାର ସକାଶେ ୪ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଆହତମାନଙ୍କ ସକାଶେ ମଧ୍ୟ ୫୦ ହଜାର ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ୍ ଜଣେ ମୁଖ୍ୟ ଯନ୍ତ୍ରୀ, ପୋଲ ଡିଜାଇନ୍ କରିଥିବା ଟିମ୍ ସମ୍ବଳିତ ବିଶେଷଜ୍ଞ ଦଳକୁ ଘଟଣାସ୍ଥଳକୁ ପଠାଇଥିବା ଜଣାପଡ଼ିଛି। ଏଥିସହ ସେ ଦୁର୍ଘଟଣା ନେଇ ସୁବିସ୍ତୃତ ରିପୋର୍ଟ ତଲବ କରିଛନ୍ତି। ସେହିପରି ତୁରନ୍ତ ରୋଡ୍ କନଷ୍ଟ୍ରକ୍ସନ୍ ବିଭାଗ ଏହି ଦୁର୍ଘଟଣାର ତଦନ୍ତ କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ବିଭିନ୍ନ ଗଣମାଧ୍ୟମ ଓ ସୋସାଲ୍ ମିଡିଆରେ ଭାଇରାଲ୍ ହେଉଥିବା ଦୁର୍ଘଟଣା ପରର ଫଟୋ ମଧ୍ୟରୁ ଗୋଟିଏ ଫଟୋ ବେଶ୍ ଚର୍ଚ୍ଚା ସାଉଁଟିଛି। ଏକ ବିରାଟ ଟ୍ୟାଙ୍କର୍ ବିଚ୍ଛିନ୍ନ ➪ପୃଷ୍ଠା-୬

## ମୃତାହତଙ୍କ ପାଇଁ ପ୍ରଧାନମନ୍ତ୍ରୀଙ୍କ ସହାୟତା ଘୋଷଣା

**ନୂଆଦିଲ୍ଲୀ, ୯।୭ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟର ଭଦୋଦରା ଜିଲ୍ଲାରେ ଘଟିଥିବା ଭୟଙ୍କର ପୋଲ ଭୁଶୁଡ଼ିବା ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏଥିସହ ଏହି ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ୯ ଜଣଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି। ଏହାଛଡ଼ା ଆହତମାନଙ୍କ ପାଇଁ ମଧ୍ୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ସେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ସେ ତାଙ୍କ 'ଏକ୍ସ' ପୋଷ୍ଟ୍‌ରେ କହିଛନ୍ତି ଯେ ଗୁଜରାଟର ଭଦୋଦରା ଜିଲ୍ଲାରେ ପୋଲ ଭୁଶୁଡ଼ିବା ଯୋଗୁ ହୋଇଥିବା ଧନଜୀବନ ହାନି ଅତ୍ୟନ୍ତ ଦୁଃଖଦାୟକ। ଯେଉଁମାନେ ସେମାନଙ୍କ ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା ରହିଛି। ପ୍ରଧାନମନ୍ତ୍ରୀଙ୍କ ଜାତୀୟ ରିଲିଫ ପାଣ୍ଠିରୁ ମୃତାହତଙ୍କୁ ସହାୟତା ରାଶି ଯୋଗାଇ ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଓଡ଼ିଶା ଖଣି ନିଗମ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଚଳିତ ବର୍ଷ ୫୦ ମିଲିଅନ ଟନ୍ ଉତ୍ପାଦନ ଲକ୍ଷ୍ୟ

- ପେଲେଟ୍ ପ୍ଲାଣ୍ଟ ଯୋଜନା ପ୍ରସ୍ତୁତ, ୨୦୨୬ ମେ' ସୁଦ୍ଧା ଆରମ୍ଭ ହେବ
- ପରିଚାଳନା କ୍ଷମତା ବୃଦ୍ଧି ପାଇଁ ମାନବ ସମ୍ବଳ ବୃଦ୍ଧି ଉପରେ ଗୁରୁତ୍ୱ



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ୨୦୨୫-୨୬ ରେ ଓଏମସି ୫୦ ମିଲିଅନ ଟନ ଖଣିଜ ପଦାର୍ଥ ଉତ୍ପାଦନ କରିବା ସହ ୩୦ ହଜାର କୋଟି ଟଙ୍କାର ବିକ୍ରୟ ରାଜସ୍ୱ ହାସଲ ନେଇ ଲକ୍ଷ୍ୟ ରଖିଛି। ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଓଡିଶା ଖଣି ନିଗମ (ଓଏମ୍‌ସି) କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକରୁ ଏହା ଜଣାପଡ଼ିଛି। ବୈଠକରେ ଖଣିଜ ପଦାର୍ଥ ଉତ୍ପାଦନ ବୃଦ୍ଧି ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ଖଣି ଅଞ୍ଚଳର ଅବଧି ବୃଦ୍ଧି, ପରିବେଶ ଅନୁମୋଦନ, ନୂତନ ଖଣି କାର୍ଯ୍ୟକ୍ଷମ କରିବା ଆଦି ବିଭିନ୍ନ ବିଷୟ ଉପରେ ଆଲୋଚନା ହୋଇଥିଲା। ବିଶେଷକରି ବକ୍ସାଇଟ୍ ଉତ୍ପାଦନ ବୃଦ୍ଧି ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଚଳିତ ବର୍ଷ ବକ୍ସାଇଟ୍ ଉତ୍ପାଦନ ଲକ୍ଷ୍ୟ ୩.୬ ମିଲିଅନ ଟନ୍ ଥିବା ବେଳେ ଆଗାମୀ ବର୍ଷରେ ଏହାକୁ ୬ ମିଲିଅନ ଟନ୍‌କୁ ବୃଦ୍ଧି କରିବା ନେଇ ଲକ୍ଷ୍ୟ ରଖାଯାଇଛି।

ଖଣି ଅଞ୍ଚଳର ଲୋକମାନଙ୍କ ଜୀବିକା ସୃଷ୍ଟି ଓ ସେମାନଙ୍କ ଜୀବନଶୈଳୀରେ ଉନ୍ନତି ପାଇଁ ଓଏମସି ପକ୍ଷରୁ ➪ପୃଷ୍ଠା-୬

ଭବିଷ୍ୟତରେ ପ୍ରସ୍ତୁତ ଉର୍ଜା ଶିକ୍ଷା ସମ୍ମିଳନୀରେ କେନ୍ଦ୍ର ମନ୍ତ୍ରୀ

# ସମାଜର ଆକାଂକ୍ଷା ପୂରଣ ଦିଗରେ ଭାରତ ଅଗ୍ରସର



**ନୂଆଦିଲ୍ଲୀ,୯।୭:** ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଉର୍ଜା ବ୍ୟବହାରକାରୀ ରାଷ୍ଟ୍ର। ଏହି ପରିପ୍ରେକ୍ଷୀରେ ଆମ ସମାଜର ଆକାଂକ୍ଷା ଓ ଉର୍ଜା ଆବଶ୍ୟକତା ପୂରଣ ସହିତ ୨୦୭୦ ସୁଦ୍ଧା ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ପ୍ରତିବଦ୍ଧତା ହାସଲ ଦିଗରେ ଅଗ୍ରସର ହେଉଛି ବୋଲି ଆଜି ଆଇଆଇଟି ଦିଲ୍ଲୀରେ ଆୟୋଜିତ 'ଭବିଷ୍ୟତରେ ପ୍ରସ୍ତୁତ ଶକ୍ତି ଶିକ୍ଷା: ସୁଯୋଗ ଓ ଚ୍ୟାଲେଞ୍ଜ' ଶୀର୍ଷକ ଜାତୀୟ କର୍ମଶାଳାରେ ଯୋଗଦେଇ ମତ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ଆମକୁ ଏକ ସ୍ମାର୍ଟ ରଣନୀତି ପ୍ରସ୍ତୁତ କରିବାକୁ ପଡିବ, ଯାହା ଜ୍ଞାନର ସମନ୍ୱୟରେ ସାମାଜ ପାଇଁ ଲାଭଦାୟକ ହେବ। ➪ପୃଷ୍ଠା-୬

# ନବୀନ ନିବାସରେ ଦୁଇ ଅଫିସରଙ୍କ କଳି

## ହସ୍ତକ୍ଷେପ କଲେ ସୁପ୍ରିମୋ

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିରୋଧରେ ଓଏଏସ ସଂଘର ଆନ୍ଦୋଳନକୁ ନେଇ ଦୁଇ ଓଏଏସ ଅଫିସରଙ୍କ ଭିତରେ ସାଂଘାତିକ କଳି। କଥା ହାତାହାତି ପର୍ଯ୍ୟନ୍ତ ଯାଇଥିଲା। କିନ୍ତୁ ନବୀନ ପଟ୍ଟନାୟକଙ୍କ ସମ୍ମାନକୁ ଦୃଷ୍ଟିରେ ରଖି ଜଣେ ବରିଷ୍ଠ ଅଫିସର ନିଜର ସଞ୍ଜମତା ରକ୍ଷା କରିବାରୁ ଶାନ୍ତ ପଡିଥିଲା କଳି। ଏଭଳି ଏକ ରୋଚକ ଘଟଣା ଘଟିଛି ନବୀନ ନିବାସ ଭିତରେ। ଆଉ କଳି ହୋଇଥିଲା ନବୀନ ନିବାସରେ କାର୍ଯ୍ୟରତ ଜଣେ ଅଫିସର ଓ ଆନ୍ଦୋଳନର ନେତୃତ୍ୱ ନେଇଥିବା ଅନ୍ୟଜଣେ ବିଜେଡି ମାର୍କା ଓଏଏସ ଅଫିସରଙ୍କ ମଧ୍ୟରେ। ଆନ୍ଦୋଳନର ନେତୃତ୍ୱ ନେଇଥିବା ଏହି ଅଫିସର ଜଣକ ଜଣେ ବିଜେଡି ନେତ୍ରୀଙ୍କ ଗାଡି ପଛରେ ଲୁଚିକି ନବୀନ ନିବାସ ଭିତରକୁ ଯାଉଛନ୍ତି। ଆଉ ସେଠି ସବୁ କାର୍ଯ୍ୟରେ ହସ୍ତକ୍ଷେପ କରୁଛନ୍ତି। ଯେତେବେଳେ ନିଜେ ବିଜେଡି ସଭାପତି ବିଜେପି ସରକାର ବିରୋଧରେ ରାସ୍ତାକୁ ଓହ୍ଲାଉନାହାଁନ୍ତି, ପୂର୍ବରୁ ବିଜେଡି ମାର୍କା ଅଫିସରମାନେ କାହିଁକି ସରକାର ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଉଛନ୍ତି, ଏଇ କଥାକୁ ନେଇ ଉଭୟଙ୍କ ମଧ୍ୟରେ କଳି ହୋଇଥିଲା। ନିଜକୁ ଅତି ଜ୍ଞାନୀ ଓ ବିଚକ୍ଷଣ କୂଟନୀତିଜ୍ଞ ଭାବୁଥିବା ଏହି ସଂଘ ନେତାଙ୍କ ପାଇଁ ନବୀନ ନିବାସ ପଦାରେ ପଡୁଛି ଆଉ ସୁପ୍ରିମୋଙ୍କ ଉପରକୁ ଅଙ୍ଗୁଳି ଉଠୁଛି। ତେଣୁ ନବୀନ ନିବାସର ବରିଷ୍ଠ ଅଧିକାରୀ ଜଣକ ଏହାର ବିରୋଧ କରିଥିଲେ। ଆନ୍ଦୋଳନର ନେତୃତ୍ୱ ନେଇ ଚିହ୍ନା ପଡିଥିବା ଏହି ଅଫିସରଙ୍କୁ ସିଧା ସିଧା ଶୁଣାଇଥିଲେ,



ଯଦି ରାଜନୀତି କରିବାର ଅଛି ଚାକିରି ଛାଡି ରାସ୍ତାକୁ ଓହ୍ଲାଅ। ତମ ଭଳି ବିଜେଡି ମାର୍କା ଅଫିସର ସରକାରରେ ରହି ଚିହ୍ନା ପଡିବା ଯୋଗୁଁ ନବୀନ ପଟ୍ଟନାୟକ ବଦନାମ ହେଉଛନ୍ତି। ଉଦାହରଣ ଦେବାକୁ ଯାଇ ସମ୍ପୃକ୍ତ ଅଧିକାରୀ କହିଥିଲେ ଯେ ତାଙ୍କ ପତ୍ନୀ ମଧ୍ୟ ସରକାରୀ ଚାକିରି କରିଛନ୍ତି। କିନ୍ତୁ ସେ ନବୀନ ନିବାସରେ ଥିବାରୁ ତାଙ୍କ ପତ୍ନୀ ଆନ୍ଦୋଳନକୁ ଯାଇନଥିଲେ। କିନ୍ତୁ ବିଜେଡି ମାର୍କା ଅଫିସର ଜଣଙ୍କ ତାଙ୍କ ପରାମର୍ଶ ଗ୍ରହଣ କରିବା ପରିବର୍ତ୍ତେ ବାହାପିଆଙ୍କ ଭଳି ତାହା ଗୁଳି ମାରିଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ କଳି ଶୀର୍ଷରେ ପହଞ୍ଚିଥିଲା। ଶେଷରେ ହସ୍ତକ୍ଷେପ କରିଥିଲେ ସୁପ୍ରିମୋ।

ହୋମଗାର୍ଡ ଚାକିରି ପାଇଁ ଫୋନପେ'ରେ ଲାଞ୍ଚ

# ଡିଜିଙ୍କ ମୁହଁରେ କଳା ବୋଲିଲେ ଏମ୍‌ଏଲ୍‌ଏଙ୍କ ଶଳା




**ପ୍ରମାଣ ମିଳିବା ପରେ ତଡ଼ା ଖାଇଲେ ଏସ୍‌ପିଙ୍କ ପିଏସ୍‌ଓ**

**ଭୁବନେଶ୍ୱର, ୯।୭ (ସଂଚାର ବ୍ୟୁରୋ) :** ଏସପି ନେଉଛନ୍ତି ହୋମଗାର୍ଡ ନିଯୁକ୍ତି ପାଇଁ ଲାଞ୍ଚ। ତାହା ପୁଣି ଫୋନପେ'ରେ। ଅଧିକନ୍ତୁ ନିଜ ଆକାଉଣ୍ଟକୁ ନୁହେଁ, ବରଂ ପିଏସଓ ଆକାଉଣ୍ଟଙ୍କ ଜରିଆରେ ଏସ୍‌ପି ଏହି ଲାଞ୍ଚ ଟଙ୍କା ଆଦାୟ କରିଥିବା ଭଳି ରୋଚକ ଅଭିଯୋଗ ଆସିଛି। ଏକଥା ଆମେ କହୁନୁ, ବରଂ ଏହି ଅଭିଯୋଗ ଜଣେ ଆଇଜି ର୍‍ୟାଙ୍କ୍ ଅଫିସର କରିଛନ୍ତି। ସେ ସିଧାସଳଖ ଗୁଇନ୍ଦା ବିଭାଗ ନିକଟରେ ଅଭିଯୋଗ କରିବା ପରେ ଏହାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚାର ଆରମ୍ଭ ହୋଇଛି। ଅସୀମ ରଞ୍ଜନ ନାମକ ଜଣେ ହାବିଲଦାର ଏକ ସୀମାବର୍ତ୍ତୀ ଜିଲ୍ଲାର ଏସପିଙ୍କୁ ଲାଞ୍ଚ ଦେବା ପାଇଁ ଶତାଧିକ ପିଲାଙ୍କଠାରୁ ମୁଣ୍ଡପିଛା ୨ ରୁ ୩ ଲକ୍ଷ ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ମୋଟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଏ ବାବଦରେ ଆଦାୟ ହୋଇଛି। ଏହି ଅଭିଯୋଗର ସତ୍ୟତା ତଦନ୍ତସାପେକ୍ଷ। କିନ୍ତୁ ଯେଉଁ ଫୋନପେ' ସ୍କ୍ରିନଶଟ୍ ଏବେ ଗୁଇନ୍ଦା ବିଭାଗ ହାତରେ ଲାଗିଛି, ତାକୁ ନେଇ ଆରମ୍ଭ ହୋଇଛି ଛାନଭିନ୍। ଆଉ ଛାନଭିନ ପରେ ଏହି ଅଭିଯୋଗ ମଧ୍ୟ ସତ୍ୟ ବୋଲି ଜଣାପଡିବା ପରେ ସମ୍ପୃକ୍ତ ହାବିଲଦାରଙ୍କୁ ନିଲମ୍ବିତ ହେବାକୁ ପଡ଼ିଛି। ଖୋଦ ଡିଜିପି ମୁଖ୍ୟାଳୟରୁ ନିର୍ଦ୍ଦେଶ ପରେ ନିଲମ୍ବିତ ହୋଇଛନ୍ତି ଏହି କରିତକର୍ମା ଜଣଙ୍କ।

ତେବେ ସେ ଯେଉଁ ଟଙ୍କା ନେଉଥିଲେ, ସେହି ଟଙ୍କା ଏସପିଙ୍କ ପାଖକୁ ଯାଉଥିଲା ନା ଏସପିଙ୍କ ନାଁ ନେଇ ହାବିଲଦାର ➪ପୃଷ୍ଠା-୬

# ଖୁବଶୀଘ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

- ପୂରଣ ହେବ ବୋର୍ଡ ଓ ନିଗମ
- ସ୍ପଷ୍ଟ କଲେ ରାଜ୍ୟ ବିଜେପି ସଭାପତି

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଖୁବଶୀଘ୍ର ମନ୍ତ୍ରିମଣ୍ଡଳର ହେବ ସମ୍ପ୍ରସାରଣ। ଏନେଇ ଆଜି ସ୍ପଷ୍ଟ କରିଛନ୍ତି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ। କେନ୍ଦ୍ର ସହ ଏନେଇ ଆଲୋଚନା ହେବା ସହ ଅନେକ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ମନମୋହନ କହିଛନ୍ତି। ଏଥିସହିତ ରାଜ୍ୟରେ ଖାଲି ପଡ଼ିଥିବା ବୋର୍ଡ ଓ ନିଗମରେ ନିଯୁକ୍ତି ନେଇ ପୂର୍ବରୁ ଦୁଇଥର ବୈଠକ ସରିଥିବା ବେଳେ ତାଲିକା ବି ପ୍ରସ୍ତୁତ କରାଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହ ଆଉ କିଛି ଚର୍ଚ୍ଚା ଆଲୋଚନା ପରେ ଖୁବଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ରାଜ୍ୟ ସଭାପତି। ଆଗକୁ ନୂଆ ଟିମ୍ ସହ କାର୍ଯ୍ୟ କରିବେ ରାଜ୍ୟ ସଭାପତି ମନମୋହନ। ଯୁବ ଓ ବରିଷ୍ଠଙ୍କ ସହ ସମନ୍ୱୟ ରଖି ନୂଆ ରାଜ୍ୟ ଟିମ୍ ଗଠନ ହେବ। ସମସ୍ତ ବର୍ଗଙ୍କୁ ଗୁରୁତ୍ୱ ➪ପୃଷ୍ଠା-୬



## କାନ ଡେରିଥା

ଡ୍ରାଇଭର ଏଠି ଆନ୍ଦୋଳନ କରି
କଂଗ୍ରେସକୁ ଚେକ ଦେବ
ସରକାରୀ ଚାଲରେ ବଳି ପଡିଯିବ
କଂଗ୍ରେସର ସବୁ ଭାବ
ତଥାପି ଲଢେଇ ହେବ...
କଂଗ୍ରେସ ଆଗକୁ ସଶକ୍ତ ହୋଇ ଯେ
ଲଢେଇ ଜାରୀ ରଖିବ।

■ ଦେବାଶିଷ

# ବ୍ୟାସନଗର ଘଟଣାରେ କାହିଁକି ଟ୍ୱିଟ୍ କରୁନାହାଁନ୍ତି ନବୀନ ?



- ଆକ୍ରମଣକାରୀ ବିଜେଡି ନେତାଙ୍କୁ ନବୀନ ଦେଉଛନ୍ତି ସୁରକ୍ଷା
- ଓଏଏସ ସଂଘ ବି ନିନ୍ଦା କରି ଦାୟିତ୍ୱ ସାରିଦେଲା
- ସହକର୍ମୀଙ୍କୁ ସୁରକ୍ଷା ଦେବାରେ ବିଫଳ ଓଆରଏସ ସଂଘ

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାର ବ୍ୟାସନଗର ପୌରପାଳିକାରେ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ଆଠ ଘଣ୍ଟାଧରି ମାନସିକ ନିର୍ଯ୍ୟାତନା ଦେଇ ବିଜେଡି ଅଧ୍ୟକ୍ଷ ଓ କାଉନସିଲରମାନେ ବଳପୂର୍ବକ କିଛି ଫାଇଲ ଦସ୍ତଖତ କରାଇନେଲେ। ଏହି ଘଟଣାକୁ ଏଭିତରେ ୧୩ ଦିନ ବିତିଲାଣି। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ପାଢୀ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇବା ସହ ସେବେଠାରୁ ଛୁଟିରେ ଯାଇଛନ୍ତି। ଘଟଣାର ତଦନ୍ତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି ସତ, ହେଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କାହିଁକି ଚୁପ ରହିଛନ୍ତି, କାହିଁକି ଘଟଣାକୁ ନିନ୍ଦା କରି ଟ୍ୱିଟ କରୁନାହାଁନ୍ତି, ତାକୁ ନେଇ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି।

ବ୍ୟାସନଗର ପୌରାଧ୍ୟକ୍ଷ ଓ ୧୦ରୁ ୧୫ ଜଣ କାଉନସିଲଙ୍କ ସହ କିଛି ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଲେ। ତାଙ୍କୁ ଦୀର୍ଘ ୮ ଘଣ୍ଟା ଧରି ମାନସିକ ନିର୍ଯାତନା ଦେଲେ। ତାଙ୍କର କିଛି ଫାଇଲ ଦସ୍ତଖତ କରାଇବାକୁ ଚାପ ପକାଇଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିରେ ରାଜି ହେଲେନି। ମାତ୍ର ମାସେ ହେବ କାର୍ଯ୍ୟରେ ଯୋଗ ଦେଇଥିବାରୁ ପୂର୍ଣ୍ଣାଙ୍ଗ ଭାବେ ଫାଇଲ ପଢ଼ିବା ପରେ ନିଷ୍ପତ୍ତି ନେବେ ବୋଲି କହିଥିଲେ। କିନ୍ତୁ ବିଜେଡି ପୌରାଧ୍ୟକ୍ଷ ଓ କାଉନସିଲରମାନେ ଏଥିରେ ରାଜି ହୋଇନଥିଲେ। ଜବରଦସ୍ତି ଫାଇଲରେ ଦସ୍ତଖତ କରାଇନେଲେ। ସରକାରୀ କାର୍ଯ୍ୟାଳୟରେ ବିରୋଧୀ ଦଳର ପୌରାଧ୍ୟକ୍ଷ ଓ କାଉନସିଲମାନେ ଏତେ ଦମ୍ଭର ସହ ପଶି ଜଣେ ଦାୟିତ୍ୱସମ୍ପନ୍ନ ସରକାରୀ ଅଧିକାରୀଙ୍କୁ ନିର୍ଯାତନା ଦେବା ତାଙ୍କ ଭାବନା ବାହାରେ ଥିଲା। ପୌରାଧ୍ୟକ୍ଷ ଓ କାଉନସିଲରଙ୍କ ଏଭଳି ବେଆଇନ କାର୍ଯ୍ୟରେ ସେ ମର୍ମାହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ।

ସେ ଏବେ ଫକିରପୁର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଜୁନ୍ ୨୬ ତାରିଖରେ ଟାଟା ଏସି ଟେଣ୍ଡର ବାତିଲ ସମ୍ପର୍କିତ ଫାଇଲରେ କରିଥିବା ଦସ୍ତଖତ ଏବଂ ସଫେଇ ସମ୍ପର୍କିତ ଫାଇଲରେ ମିଳିଥିବା ଅନୁମୋଦନକୁ ବେଆଇନ ବୋଲି ଦର୍ଶାଇବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ଘଟଣାରେ ନିରପେକ୍ଷ ତଦନ୍ତ କରିବା ସହ ତାଙ୍କ ଭଳି ଦାୟିତ୍ୱସମ୍ପନ୍ନ ଅଧିକାରୀଙ୍କୁ ସୁରକ୍ଷିତ ଭାବେ କାମ କରିବାକୁ ସୁଯୋଗ ଦେବାକୁ ସେ ଅପିଲ କରିଛନ୍ତି।

ଯାଜପୁର ଜିଲ୍ଲାରେ ବିଜେଡି ➪ପୃଷ୍ଠା-୬



### ଆସୁଛି ବନ୍ୟା, ଘାରିଲାଣି କୁମ୍ଭୀର ଆତଙ୍କ

# ଚିନ୍ତାରେ ନଦୀକୂଳିଆ ଚାଷୀ, ସୁଖ ନିଦ୍ରାରେ ଜଙ୍ଗଲ ବିଭାଗ



**କେନ୍ଦ୍ରାପଡ଼ା,୯।୭ (ସଂଚାର ବ୍ୟୁରୋ):** ଭିତରକନିକା କୁମ୍ଭୀର ଏବେ କେନ୍ଦ୍ରାପଡା ଜିଲ୍ଲାର ନଦୀ, ନାଳ ଓ ପୋଖରୀରେ ଆତଯାତ ହେଉଛନ୍ତି। ୨୦୨୫ରେ ଲୋକଙ୍କ ଅପେକ୍ଷା ନଦୀକୂଳିଆ ଚାଷ ଜମିର ମାଲିକ ଚାଷୀମାନେ ବେଶୀ ଚିନ୍ତାରେ। କାରଣ ରାଜକନିକା, ରାଜନଗର, ପଟ୍ଟାମୁଣ୍ଡାଇ, ଆଳି, ମହାକାଳପଡା, ମାର୍ଶାଘାଇ ଆଦି ବହୁ ଅଞ୍ଚଳରେ ଚାଷ ଜମି ଗୁଡ଼ିକ ନଦୀ କୂଳରେ ରହିଛି। ବର୍ଷା ଦିନରେ ଭିତରକନିକାର କୁମ୍ଭୀର ଏହି ସବୁ ନଦୀରେ ଆସି ଚାଷ ଜମିରେ ପଶିଗଲେଣି। ହଳବଳଦ ନେଇ ନଦୀକୂଳକୁ କିପରି ଯିବ ସେଇ ଚିନ୍ତାରେ ରହିଛି ଚାଷୀ । ମଣିଷଖିଆ କୁମ୍ଭୀର ଛକି ବସିଥିବା ଚିନ୍ତା ଚାଷୀକୁ ଘାରିଛି। ଜଙ୍ଗଲ ବିଭାଗ କେବଳ ଗୋଟିଏ ସାଇନ୍‌ବୋର୍ଡ଼ ଲଗାଇ ଦେଇ ନିଶ୍ଚିତରେ ଶୋଇଛି। ଯାହା ଜଣାପଡୁଛି ଏଥର ପଡ଼ିଆ ପଡ଼ିବ ଚାଷୀଙ୍କ ଚାଷ ଜମି ।

ସମ୍ପ୍ରତି ନଦୀ କୂଳିଆ ଅଞ୍ଚଳରେ କୁମ୍ଭୀର ଆତଙ୍କରେ ଆତଙ୍କିତ ହୋଇ ପଡିଛତି ନଦୀକୂଳବର୍ତ୍ତୀ ଅନ୍ୟୁନ ୨୦୦ରୁ ଉର୍ଦ୍ଧ ଗ୍ରାମବାସୀ। ବ୍ରାହ୍ମଣୀ, ଖରସ୍ରୋତା ,ଗୋବରୀ, ଲୁଣା, ବିରୂପା, ପାଇକା, ଚିତ୍ରୋତ୍ପଳା ନଦୀ ଆଦି ଅଞ୍ଚଳରେ କୁମ୍ଭୀର ଭୟ ବଢ଼ିଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ଛାଡି କୁମ୍ଭୀର ଏବେ ୧୦୦ କିଲୋମିଟର ଦୂର ବିଭିନ୍ନ ବ୍ଲକ ଅଧୀନରେ ଥିବା ଅଞ୍ଚଳରେ ପ୍ରବେଶ କଲେଣି। ନଦୀ ନାଳ ଏପରିକି ଗାଁ ଗଣ୍ଡାରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ଆଳି ବ୍ଲକର ଥିବା ବ୍ରାହ୍ମଣୀ ନଦୀରେ ଜଣେ ମହିଳା ଗାଧୋଉଥିବା ସମୟରେ ଝିଅ ସାମ୍ନାରେ ମାଆ କୁ କୁମ୍ଭୀର ଟାଣି ନେଇଥିଲା । ଏହା ସହ କିଛି ଦିନ ତଳେ ରାଜନଗର ଅଞ୍ଚଳର ଏକ ପୋଖରୀ ମଧ୍ୟରୁ ଏକ କୁମ୍ଭୀର ଠାବ ହୋଇଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର ଜଣେ ମଇଁଷି ଚରାଳି କୁ ନଦୀକୁ ଟାଣିନେଇ ଥିଲା ଯାହା ଫଳରେ ଉକ୍ତ ଯୁବକ ଜଣକ ଟାଣି ନେଇ ଜିଅନ୍ତା ଖାଇ ଦେଇଥିଲା । ଗତ ଦଶ ବର୍ଷ ମଧ୍ୟରେ ୩୦ମଣିଷ, ୨୦୦ରୁ ଅଧିକ ଗୃହପାଳିତ ପଶୁଙ୍କୁ ଖାଇଗଲାଣି କୁମ୍ଭୀର।

ନଦୀକୂଳବର୍ତ୍ତୀ ଗାଁ ମାନଙ୍କରେ କୂଅ, ପୋଖରୀ ନଥିବାରୁ ସ୍ନାନ, ଶୌଚ ଓ ଚାଷ କାମ ପାଇଁ ଗ୍ରାମବାସୀ ନିର୍ଭର କରନ୍ତି ନଦୀ ପାଣି ଉପରେ। ଦିନକୁ ଦିନ ବଢି ଚାଲିଛି କୁମ୍ଭୀର ଉତ୍ପାତ, ବଢୁଛି ଭୟ, ବଢୁଛି ମୃତକଙ୍କ ସଂଖ୍ୟା । ତେନ୍ତୁଳିଡିହ ପଞ୍ଚାୟତର କୁଳିବିନ୍ଧା ଗାଁର ଚାଷୀ କମଳ ମହାତି କୁହନ୍ତି, କୁମ୍ଭୀର ପାଇଁ ତାଙ୍କର ବାପ ଗୋସାପ ଅମଳର ଚାଷ ଜମି ୫ ବର୍ଷ ହେବ ପଡ଼ିଆ ପଡ଼ିଛି। ଗାଁର ଦୁଇଜଣଙ୍କୁ କୁମ୍ଭୀର ଖାଇଗଲାଣି। ସେହିପରି ଗତକିଛି ଦିନ ତଳେ ବିଳମ୍ବିତ ରାତ୍ରିରେ ଆଳିଥାନା ରାଣୀପାଟଣା ଗାଁର ଅନାଦି ବାରିକ ଶୌଚ ହେବା ପାଇଁ ନଦୀ ତୁଠକୁ ଯାଇ କୁମ୍ଭୀର ହାବୁଡରେ ପଡିବାରୁ ଖାଇଗଲା କୁମ୍ଭୀର । ରାଜକନିକା ଥାନା ମୁହୁରୀ ଗାଁର ସଂଯୁକ୍ତା ବେହେରା ନଦୀ ତୁଠରେ ବାସନ ମାଜୁଥିବାବେଳେ ତାଙ୍କୁ କୁମ୍ଭୀର ଝାମ୍ପି ନେଇଥିଲା। ସେହିପରି ଏକ ଶୁଦ୍ଧିକ୍ରିୟାରେ ଜ୍ଞାତି କୁଟୁମ୍ବଙ୍କ ସହିତ ସାହୁପଡା ଗାଁର ବୁଦ୍ଧଦେବ ପରିଡା ଗାଧୋଉଥିବାବେଳେ ତାଙ୍କୁ କୁମ୍ଭୀର ଟାଣି ନେଉଥିବାବେଳେ ଲୋକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତାଙ୍କୁ ଉଦ୍ଧାର କରାଯାଇଥିଲା।

ବୈତରଣୀ, ମନ୍ତେଇ, ସାଳନ୍ଦୀ, ଗେଙ୍ଗୁଟି ଆଦି ନଦୀରେ ଏହି କୁମ୍ଭୀରମାନେ ରହି ମଣିଷଙ୍କୁ ଶିକାର କରୁଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଏହି କୁମ୍ଭୀରଙ୍କ ଆକ୍ରମଣରେ ୩୦ ଜଣ ବ୍ୟକ୍ତି ପ୍ରାଣ ହରାଇଲେଣି। ଏହି କୁମ୍ଭୀରମାନେ ନଦୀ ନାଳରେ ପଶି ନିଜ ପ୍ରକୃତିଗତ ଅଭ୍ୟାସରୁ ମଣିଷ ଶିକାର କରିବାରେ ଲାଗିଛନ୍ତି। ରାଜନଗରୁ ମହାକାଳପଡା, ବୈତରଣୀରୁ ପାଇକା ନଦୀ ଏବେ କୁମ୍ଭୀର ଆତଙ୍କ ଦେଖାଦେଇଛି।



## ଗୋଖାଖଟି ଗ୍ରାମବାସୀଙ୍କ ଲୋଭୋଲ୍ଟେଜ ସମସ୍ୟା ଦୂର କେବେ ହେବ ?

- ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ଗ୍ରାମବାସୀ

**ମହାକାଳପଡ଼ା,୯।୭(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ବରକନ୍ଧା ପଞ୍ଚାୟତ ର ଗୋଖାଖଟି ଗ୍ରାମରେ ଦୀର୍ଘ ଦିନ ହେବ ଲୋ ଭୋଲ୍ଟେଜ ସମସ୍ୟା ଲାଗି ରହିଥିଲା।ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଛାତ୍ର ଛାତ୍ରୀ ମାନେ ରାତିରେ ପାଠ ପଢିବା ରେ ନାହିଁ ନ ଥିବା ସମସ୍ୟା ର ସମ୍ମୁଖୀନ ହେଉଥିଲେ। ନିର୍ବାଚନ ସମୟରେ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଏହି ସମସ୍ୟା ଦୂର କରିବାକୁ ପ୍ରତିଶ୍ରୁତି ଦେଇ ଥିଲେ। ବିଧାୟକଙ୍କ ନିର୍ଦ୍ଦେଶରେ ଆଜି ଉକ୍ତ ଗ୍ରାମରେ ଏକ ୬୩ କେଭି ନୂଆ ବିଦ୍ୟୁତ ଟ୍ରାନ୍ସଫର୍ମର ବସା ଯାଇ ତିନି ଫେଜ ସଂଯୋଗ କରାଯାଇଛି। ଏହା ଦ୍ୱାରା ଗାଁ ରେ ଆଉ ଲୋ ଭୋଲ୍ଟେଜ ସମସ୍ୟା ରହିବନି। ଏହାକୁ ନେଇ ଆଜି ଗୋଖାଖଟି ଗ୍ରାମବାସୀ ମାନେ ବିଧାୟକ ଡ଼ ନାୟକ ଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ସରପଞ୍ଚଙ୍କ ବିରୁଦ୍ଧରେ କାଟ୍ ଖାଇଲା ଅନାସ୍ଥା

**ମାହାଙ୍ଗା,୯।୭(ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ର ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଂଚାୟତ ର ସରପଞ୍ଚ ଙ୍କ ଚିତ୍ତରଞ୍ଜନ ମଳିକ ଙ୍କ ବିରୋଧ ରେ ୯ ଜଣ ୱାର୍ଡ ମେମ୍ବର ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଆଜି ବୁଧବାର ଅନାସ୍ଥା ଭୋଟିଙ୍ଗ ଥିବା ବେଳେ ଜଣେ ୱାର୍ଡ ସଭ୍ୟା ପଂଚାୟତ ଅଫିସ ରେ ପହଁଚିଥିବା ବେଳେ, ଆଉ ଅନ୍ୟ ୱାର୍ଡ ମେମ୍ବର ମାନେ ଅନୁପସ୍ଥିତ ରହିଥିଲେ । କୋରମ ଅଭାବରୁ ଭୋଟିଙ୍ଗ ହୋଇପାରିଲା ନାହିଁ ବୋଲି ସୂଚନା । ବିଜୁଜନତା ଦଳ ସମର୍ଥିତ ୱାର୍ଡ ସଭ୍ୟା ମାନେ ଅନାସ୍ଥା ଆଣିଥିଲେ, ସ୍ଥାନୀୟ ବିଧାୟକ ସମର୍ଥିତ ସରପଞ୍ଚ ଙ୍କ ବିରୋଧରେ । ତେବେ ବିଧାୟକଙ୍କ ସଫଳ ଗୋଟି ଚାଳନା ପାଇଁ ଆଜି ଅନାସ୍ଥା କାଟ ଖାଇଲା ବୋଲି ସାଧାରଣ ରେ ଆଲୋଚନା ।

## ଏନ୍‌ଏଚ୍‌ଆଇ କର୍ତ୍ତୃପକ୍ଷଙ୍କ ନୂତନ ପ୍ରଶସ୍ତିକରଣ କାର୍ଯ୍ୟର ଅନୁଧ୍ୟାନ



- ଉପସ୍ଥିତ ରହିଲେ ବିଧାୟକ ଗଣେଶ୍ୱର
- ରାଜପଥ ପାର୍ଶ୍ୱ ଚାଷଜମି ପରିଦର୍ଶନ

**କେନ୍ଦ୍ରାପଡ଼ା,୯।୭(ସଂଚାର ବ୍ୟୁରୋ):** ଚଣ୍ଡିଖୋଲ-ପାରାଦୀପ ଜାତୀୟ ରାଜପଥ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲୁଥିବାରୁ କେନ୍ଦ୍ରାପଡା ଜିଲ୍ଲାର ପଂଚୁପାଣ୍ଡବଠାରୁ ମଶାକଣି ପର୍ଯ୍ୟନ୍ତ ଜାତୀୟ ରାଜପଥ କଡରେ ଥିବା କରନାଳୀ, ନାଳ ଓ ଡ୍ରେନ୍ ବନ୍ଦ ହୋଇଯାଇଥିବାରୁ ଚାଷଜମି ଗୁଡିକରୁ ଜଳ ନିଷ୍କାସନ ହୋଇପାରୁନାହିଁ । ଯାହାଫଳରେ ହଜାର ହଜାର ଏକର ଚାଷ ଜମି ନଷ୍ଟ ହେବା ସହ ଚାଷୀମାନେ ଚାଷ କରିନପାରି ମୁଣ୍ଡରେ ହାତ ଦେଇ ବସିଛନ୍ତି । ବିଧାୟକ ଶ୍ରୀ ଗଣେଶ୍ୱର ବେହେରା ଜାତୀୟ ରାଜପଥର ଛତା, ଦୁହୁରିଆ, ଓଲଡି, ଛଗରିଆ, ଶ୍ୟାମସୁନ୍ଦରପୁର ଆଦି ଅଂଚଳ ପରିଦର୍ଶନ କରି ଜାତୀୟ ରାଜପଥର ବରିଷ୍ଠ ଅଧିକାରୀ ମାନଙ୍କ ସହିତ ଜଳ ନିଷ୍କାସନ କରିବା ସମ୍ପର୍କରେ ଆଲୋଚନା କରି ତୁରନ୍ତ ଚାଷ ଜମିରୁ ଜଳ ନିଷ୍କାସନ ପଥ ଅବରୋଧ କରିଥିବା ମାଟି ଉଠାଇ ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ତାଙ୍କର ଏହି ଆଲୋଚନା ସମୟରେ ଜିଲ୍ଲା ପରିଷଦ ସଭ୍ୟ ରଶ୍ମି ରଂଜନ ରାଉତ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ ମହାନ୍ତି, ସ୍ଥାନୀୟ ସରପଂଚ ଓ ଅଞ୍ଜନା ପଲାଇଙ୍କ ସହ ବହୁ ସଂଖ୍ୟକ ଚାଷୀ ଓ ସ୍ଥାନୀୟ ଅଂଚଳର ବୁଦ୍ଧିଜିବୀମାନେ ଉପସ୍ଥିତ ଥିଲେ ।

## ଓଡ଼ିଶା ରାଜ୍ୟ ସରକାରୀ ସଂଘ ତରଫରୁ ଧର୍ମଘଟକୁ ସମର୍ଥନ

**କେନ୍ଦ୍ରାପଡ଼ା,୯।୭ (ସଂଚାର ବ୍ୟୁରୋ):** ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘ ନୂଆ ଦିଲ୍ଲୀର ଆହ୍ୱାନ କ୍ରମେ ଜୁଲାଇ ୯ ସର୍ବ ଭାରତୀୟ ଧର୍ମଘଟରେ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଅଶୋକ ନଗର ଭୁବନେଶ୍ୱର ସାମିଲ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲା ଶାଖା ତରଫରୁ ଜିଲ୍ଲପାଳଙ୍କ କାର୍ଯ୍ୟଳୟ ସମ୍ମୁଖରେ ଦଶଦଫା ଦାବି ପୂରଣ କରିବା ନିମନ୍ତେ ପ୍ରତିବାଦ ସହ ବିକ୍ଷୋଭ ପଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶାଖା ପକ୍ଷରୁ ସମ୍ପାଦକ ସୁଶାନ୍ତ କୁମାର ନାୟକ, ଭାଗିରଥି ମହାନ୍ତି, ରାମକୃଷ୍ଣ ମହାପାତ୍ର, କୈଳାଶ ଦାସ, ନିରଞ୍ଜନ ବେହେରା, କଳ୍ପତରୁ ପଣ୍ଡା, ଦିଲ୍ଲୀପ କୁମାର ସେଠୀ, ଦେବେନ୍ଦ୍ର ଦାସ, ଅତନୁ ଦାସ, ମଲେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତି ଥିଲେ ।



## ବ୍ରାଉନ୍‌ସୁଗାର ସହ ଚୋରା ମଦ ଜବତ, ୬ କୋର୍ଟ ଚାଲାଣ

**କେନ୍ଦ୍ରାପଡା,୯।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ଅଧିକ୍ଷକ ବିପ୍ର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢାଉ କରି ଚୋରା ମଦ ଓ ବ୍ରାଉନ୍ ସୁଗାର ବିକ୍ରି କରୁଥିବା ଅଭିଯୁକ୍ତ ମାନଙ୍କୁ ଧରି ଏମାନଙ୍କ ନିକଟରୁ ଧଳା ଜହର ଓ ଚୋରା ମଦ ଜବତ କରି ଏମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କଷା ଗ୍ରାମର ଜ୍ଞାନରଂଜନ ସାହୁ, ରୁଦ୍ର ପ୍ରକାଶ ରାଉତଙ୍କ ନିକଟରୁ ୮୦ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ କରୁଥିବା ବେଳେ କନ୍ତିଆ ଗ୍ରାମର ଜଗବନ୍ଧୁ ରାଉତ, ସାହାସପୁର ଗ୍ରାମର ରଜନୀକାନ୍ତ ମଳିକ, କଂସାର ଗ୍ରାମର କୁମାର ନାୟକ, ଦୁମୁକା ଗ୍ରାମର ପ୍ରାଣକୃଷ୍ଣ କୁଣ୍ଡୁଙ୍କଠାରୁ ଦେଶୀ, ବିଦେଶୀ ଓ ରନ୍ଧା ମଦ ଜବତ କରି ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।

### ବର୍ଷାଋତୁରେ ନାଳ ସଫେଇ

## 'ବାହାଘର ବେଳେ ବାଇଗଣ ରୁଆ' ସଦୃଶ

### ନାଳରେ ପ୍ରବାହିତ ହେଉଛି ଦୂଷିତ ବର୍ଜ୍ୟବସ୍ତୁ ମିଶା ବିଷାକ୍ତପାଣି

### ପ୍ରତିବର୍ଷ ସଫେଇ ଖର୍ଚ୍ଚ ବଦଳରେ ବକ୍ସଡ୍ରେନ କରାଯାଉ



**ମାର୍ଶାଘାଇ,୯।୭(ସଂଚାର ବ୍ୟୁରୋ):** ମାର୍ଶାଘାଇ ବଜାର ମଧ ଦେଇ ଯାଇଥିବା ଶାଖା କେନାଲ ୧୮ ନମ୍ବର ଏ.,୧୮ ନମ୍ବର ବି.,୧୮ ନମ୍ବର ସି. କୁ ଏବେ ସଫେଇ କରାଯାଉଛି । ନାଳରେ ବଡ଼ ବଡ଼ ଘାସ, ଲତା ଆଦି ମାଡି ଯାଇ ବଣର ଭ୍ରମ ସୃଷ୍ଟି କରୁଥିବା ବେଳେ ନାଳ ଭିତରେ ପ୍ଲାଷ୍ଟିକ ବୋତଲ, ପଲିଥିନ ଜରି, କାଚ ମଦ ବୋତଲ ସମେତ ଅଣ୍ଡା ଚୋପା, ମାଛ, କୁକୁଡ଼ାଙ୍କ ଡେଣା ଆଦି ବର୍ଜ୍ୟବସ୍ତୁ କେନାଲ ପାଣି ପଚି ବିଷାକ୍ତ ହୋଇଯାଉଛି । ବଜାର ମଧ୍ୟରେ ତ ଅବସ୍ଥା ଆହୁରି ସଙ୍ଗୀନ । ଅନେକ ଲୋକ ନିଜଘରର ପାଇଖାନା ପାଇଁ ନିଜସ୍ୱ ଟାଙ୍କି ନ କରି ଏହି ଶାଖା କେନାଲ ମଧ୍ୟକୁ ଡ଼ିସପୋଜାଲ ପାଇପ ସଂଯୋଗ କରିଦେଇଛନ୍ତି ।

ବର୍ଷା ଦିନ ଆରମ୍ଭ ହୋଇଯାଇଥିବାରୁ ମାର୍ଶାଘାଇ, ପୁରୁଷୋତ୍ତମ ପୁର, ଶିଳି ପୁର, ସଂଗ୍ରାମପୁର ଶାସନ, ଡଅଁରମୁଣ୍ଡ ଆଦି ଗ୍ରାମର ଚାଷଜମିରେ ଧାନ ଚାଷରେ ଜଳସେଚନ ପାଇଁ ଏହି ଶାଖା କେନାଲ ଉପରେ ଚାଷୀମାନେ ନିର୍ଭରଶୀଳ ଥିବାରୁ ଜଳସମ୍ପଦ ବିଭାଗ ପକ୍ଷରୁ ପାଣିପଞ୍ଚାୟତ ଜରିଆରେ ନାଳ ସଫେଇ କାମ ଚାଲୁଅଛି। ଘାସ କାଟିଦେଇ, ବଜାର ଭିତର ନାଳକୁ ଜେସିବି ମେସିନ ଏବଂ ଟ୍ରାକ୍ଟର ସାହାଯ୍ୟରେ ଅଳିଆ ଆବର୍ଜନା ସଫା କରାଯାଇ ବର୍ଷକୁ ପ୍ରାୟ ଦଶ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଅଛି । ମାର୍ଶାଘାଇ ବଜାର ମଧ୍ୟସ୍ଥ ନାଳକୁ ବକ୍ସଡ୍ରେନ ଭାବରେ କରିଦେଲେ ଏହି ଅଳିଆ ଆବର୍ଜନା ଦ୍ୱାରା ନାଳ ଭର୍ତ୍ତି ହୋଇଯିବାରୁ ମୁକ୍ତି ମିଳି ଯାଆନ୍ତା । ବିଷାକ୍ତ ପାଣିକୁ ଚାଷ ଜମିରେ ମଡ଼େଇ ବା ଦ୍ୱାରା ଚାଷୀମାନେ ବି ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି।

ତେବେ ପ୍ରତିବର୍ଷ ଜଳସେଚନ ପାଇଁ ବର୍ଷାଋତୁରେ ନାଳ ସଫେଇ କାର୍ଯ୍ୟକୁ "ବାହାଘର ବେଳେ ବାଇଗଣ ରୁଆ " ଭଳି କାର୍ଯ୍ୟ କରାଯାଉଛି ବୋଲି ଲୋକମାନେ କହିଛନ୍ତି ।

## ଶ୍ରମିକ ସଂଗଠନ ପକ୍ଷରୁ ରାସ୍ତାରୋକ ଧର୍ମଘଟ



**କେନ୍ଦ୍ରାପଡ଼ା,୯।୭(ସଂଚାର ବ୍ୟୁରୋ):** ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ୨୦ ଦଫା ଦାବି ପୂରଣ କରିବା ଦାବିକୁ ନେଇ କେନ୍ଦ୍ରାପଡା ସହରର ତିନିମୁହାଣୀ ଛକରେ ବୁଧବାର ଧର୍ମଘଟ ଓ ରାସ୍ତାରୋକ ହୋଇଥିଲା। ଆନ୍ଦୋଳନକାରୀମାନେ ରାସ୍ତାରୋକ କରିବାରୁ ଗାଡିମୋଟର ଯିବା ଆସିବା କରିବାରେ ଘୋର ସମସ୍ୟା ସୃଷ୍ଟି ହୋଇଥିଲା । ଆନ୍ଦୋଳନକାରୀଙ୍କ ମୁଖ୍ୟ ସମସ୍ୟା ଥିଲା ଶ୍ରମିକ ବିରୋଧୀ ୪ଟି ଶ୍ରମକୋର୍ଡ଼କୁ ବାତିଲ କରିବା, ଅଣସଂଗଠିତ ଶ୍ରମିକମାନଙ୍କର ମାସିକ ସର୍ବନିମ୍ନ ମଜୁରୀ ୨୬ ହଜାର କରିବା, କାର୍ଯ୍ୟକ୍ଷେତ୍ରରେ ଠିକାଶ୍ରମିକ, ବହିରାଗତ ଶ୍ରମିକ, ପରିବହନ ଶ୍ରମିକ, ନିର୍ମାଣ ଶ୍ରମିକ, କୃଷି ଶ୍ରମିକ, ଘରୋଇ ଶ୍ରମିକ, ବିଡ଼ି ଶ୍ରମିକଙ୍କ ମାସିକ ପେନସନ୍ ୯ ହଜାର କରିବା, ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା, ୟୁନିୟନ ପଞ୍ଜିକରଣ ପାଇଁ ଆବେଦନ କରିବାର ୪୫ ଦିନ ମଧ୍ୟରେ ପଞ୍ଜିକରଣ ହେବା, ନିତ୍ୟବ୍ୟବହାଯ୍ୟ ଜିନିଷର ଦରବୃଦ୍ଧି ବନ୍ଦ କରିବା, ଗଣ ବନ ବ୍ୟବସ୍ଥାକୁ ସାର୍ବଜନୀନ କରିବା, ଖାଦ୍ୟ ସାମଗ୍ରୀ, ଔଷଧ, କୃଷି ଯନ୍ତ୍ରପାତି ଉପରୁ ଜିଏସ୍‌ଟି ପ୍ରତ୍ୟାହାର କରିବା, ପେଟ୍ରୋଲ, ଡ଼ିଜେଲ ଉପରୁ ଏକସାଇଜ ଡ୍ୟୁଟି ପ୍ରତ୍ୟାହାର କରିବା ଦାବି ହୋଇଥିଲା । ସେହିପରି ଚାଷୀ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ୱାମୀନାଥନ କମିଶନଙ୍କ ସୁପାରିଶ ଅନୁଯାୟୀ ସ୍ଥିର କରିବା, ରାଷ୍ଟ୍ରାୟତ ଉଦ୍ୟୋଗର ଘରୋଇକରଣ ବନ୍ଦ କରିବା, ଜାତୀୟ ମୁଦ୍ରାକରଣ ଯୋଜନାକୁ ବାତିଲ କରିବା, ବିଦ୍ୟୁତ (ସଂଶୋଧନ) ବିଲ୍ ୨୦୨୨କୁ ପ୍ରତ୍ୟାହାର କରିବା, ବିଦ୍ୟୁତ କ୍ଷେତ୍ରର ଘରୋଇକରଣ ବନ୍ଦ କରିବା, ସ୍ମାର୍ଟମିଟର ବସାଇବା ବନ୍ଦ କରିବା, କାମ କରିବାର ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା, ଧନୀଙ୍କ ଉପରେ ଅଧିକ ଟିକସ ବସାଇବା ଇତ୍ୟାଦି ଦାବି ଶ୍ରମିକ ସଂଘର ନେତାମାନେ କରିଥିଲେ । ଏହି ଧର୍ମଘଟରେ ଶ୍ରମିକ ସଂଗଠନ ମାନଙ୍କର ମିଳିତ ମଞ୍ଚ, ସ୍ୱାଧୀନ ଫେଡେରେସନ ସମୂହ, ସଂଯୁକ୍ତ କୃଷକ ମୋର୍ଚ୍ଚା, କୃଷି, ଶ୍ରମିକ ଏବଂ ମହିଳା, ଯୁବ, ଛାତ୍ର, ଆଦିବାସୀ, ଦଳିତ, ବସ୍ତିବାସିନ୍ଦା ସଂଗଠନ ସମୂହ ସାମିଲ ହୋଇଥିଲେ।

## ୨ୟ ଦିନରେ ପହଞ୍ଚିଲା ଡ୍ରାଇଭର ସଂଘର ଷ୍ଟିଅରିଂ ଛାଡ ଆନ୍ଦୋଳନ

**କେନ୍ଦ୍ରାପଡ଼ା,୯।୭ (ସଂଚାର ବ୍ୟୁରୋ):** ରାଜ୍ୟ ଡ୍ରାଇଭର ମହାସଙ୍ଘ ଡାକରାରେ ରାଜ୍ୟ ବ୍ୟାପି ଡ୍ରାଇଭର ମାନଙ୍କ ସୁରକ୍ଷା ଉଦେଶ୍ୟରେ ଦଶଦଫା ଦାବି ପୂରଣ ନିମନ୍ତେ ଏହି ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଁଞ୍ଚିଛି। କେନ୍ଦ୍ରାପଡ଼ା ଜିଲ୍ଲା ଡ୍ରାଇଭର ସଙ୍ଘ ସଭାପତି ଶ୍ରୀ ରଞ୍ଜନ କୁମାର ଦାସଙ୍କ ନେତୃତ୍ୱରେ ହଜାର ହଜାର ଡ୍ରାଇଭରରମାନେ କାଲିଠାରୁ ଦୁହୁରିଆ ଠାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିଛନ୍ତି। ସଂଘର ସୁରକ୍ଷା ପାଇଁ ରଖାଯାଇଥିବା ଦାବି ଗୁଡିକ ଯେଉଁ ପର୍ଯ୍ୟନ୍ତ ପୂରଣ ନହେବ ସେ ପର୍ଯ୍ୟନ୍ତ ଆମେ ଧାରଣା ସ୍ଥଳରୁ ଉଠିବୁ ନାହିଁ ଓ ଆମ ନାର୍ଯ୍ୟ ଦାବି ପୂରଣ ନହେବା ପର୍ଯ୍ୟନ୍ତ୍ ଆମେ କାହାରିକଥା ଶୁଣିବୁ ନାହିଁ। ଦରକାର ପଡିଲେ ଏହି ଧାରଣାକୁ ତୀବ୍ର କରିବା ସହ ରାଜ୍ୟର ସମସ୍ତ ଡ୍ରାଇଭରମାନେ ରାଜ ରାସ୍ତାକୁ ଓହ୍ଲାଇ ସମ୍ପୂର୍ଣ୍ଣ ଭାବେ ଗାଡି ଚଳାଚଳ ଅଚଳକୁ କରିଦେବୁ ବୋଲି ଡ୍ରାଇଭର ସଙ୍ଘ କର୍ମ କର୍ତ୍ତାମାନେ କହିଥିଲେ।

## ଶିକ୍ଷକ ବଦଳିକୁ ନେଇ ମାହାଙ୍ଗା ବିଧାୟକଙ୍କ ପରାମର୍ଶ କାର୍ଯ୍ୟକାରୀ ହେବ ତ?

**ମାହାଙ୍ଗା,୯।୭(ସଂଚାର ବ୍ୟୁରୋ):** ମାହାଙ୍ଗାରେ ପ୍ରାଥମିକ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ପାଇଥିବା ବେଳେ କିଭଳି ଏହାର ପରିବର୍ତ୍ତନ କରାଯିବ ସେ ନେଇ ବୁଦ୍ଧିଜୀବି ମହଲରେ ଚର୍ଚ୍ଚା ହେଉଥିଲା ବେଳେ ଗୁଣାତ୍ମକ ଶିକ୍ଷା ମାହାଙ୍ଗାରେ କିଭଳି ବିକାଶ ହେବ ସେ ନେଇ ତା୧୬.୬.୨୦୨୪ରିଖରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧିନସ୍ଥ କୁଳିଆଠାରେ ଥିବା ବିଧାୟକଙ୍କ କାର୍ଯ୍ୟାଳୟର ମାହାଙ୍ଗା ଶିକ୍ଷା ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମାହାଙ୍ଗାର ତତ୍‌କାଳୀନ ବ୍ଲକ ଶିକ୍ଷା ଅଧିକାରୀ ଚକ୍ରଧର ବେହେରା ଏବଂ ସମସ୍ତ ସିଆର୍‌ସିସି ଉପସ୍ଥିତ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମାହାଙ୍ଗା ବ୍ଲକରେ କାର୍ଯ୍ୟରତ ଶିକ୍ଷକମାନଙ୍କୁ ୧୦କି.ମି ଦୂରରେ ଥିବା ବିଦ୍ୟାଳୟକୁ ବଦଳି କରିବା ସହ ଶିକ୍ଷୟିତ୍ରୀମାନଙ୍କୁ ୩ ରୁ ୫କି.ମି ଥିବା ବିଦ୍ୟାଳୟକୁ ପଠାଇବା ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ହେଲେ ତାହା କାର୍ଯ୍ୟକାରୀ କରାଯାଇ ନଥିଲା। ବର୍ତ୍ତମାନ ମାହାଙ୍ଗା ବ୍ଲକରେ ବହୁ ଶିକ୍ଷକ / ଶିକ୍ଷୟିତ୍ରୀମାନେ ନିଜ ଘରପାଖ ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷାଦାନ କରୁଛନ୍ତି। ଅନେକ ସମୟରେ ସେମାନଙ୍କର କାର୍ଯ୍ୟକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି। ହେଲେ ସେହି ଶିକ୍ଷକମାନଙ୍କର ବଦଳି ହେଉ ନାହିଁ। ବର୍ତ୍ତମାନ ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଶିକ୍ଷକମାନଙ୍କ ବଦଳି ପାଇଁ ଯୋଜନା କରାଯାଉଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଜନୈକ ଅବସରପ୍ରାପ୍ତ କିରାଣୀଙ୍କର ଦବ୍‌ଦବା ରହିଛି। ଏଠାରେ ପ୍ରଶ୍ନ ଉଠୁଛି ଯେ ଅବସର ପରେ ବି ସମ୍ପୃକ୍ତ କିରାଣୀ ଜଣକ କାର୍ଯ୍ୟାଳୟ ଛାଡୁ ନାହାନ୍ତି କାହିଁକି ? ଶିକ୍ଷକମାନଙ୍କ ବଦଳି ପାଇଁ କରାଯାଉଥିବା ଯୋଜନାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରୁନାହାନ୍ତି ତ? ଅପରପକ୍ଷରେ ମାହାଙ୍ଗ ବିଧାୟକ ଶାରଦା ପ୍ରସାଦ ପ୍ରଧାନ ଦେଇଥିବା ପରମର୍ଶ ବର୍ତ୍ତମାନର ବ୍ଲକ ଶିକ୍ଷାଧିକାରିଣୀ କାର୍ଯ୍ୟକାରୀ କରିବେ ତ? ଏ ନେଇ ବୁଦ୍ଧିଜୀବି ମହଲରେ ଆଲୋଚନା ଜୋରଦାର ଧରିଛି।



## ୭୬ତମ ବନ ମହୋତ୍ସବ ଅନୁଷ୍ଠିତ

**ମାହାଙ୍ଗା,୯।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ନାହାଙ୍ଗ ପଞ୍ଚାୟତ ଅର୍ନ୍ତଗତ ସରକାରୀ କେନ୍ଦ୍ର ଉଚ୍ଚପ୍ରାଥମିକ ବିଦ୍ୟାଳୟ ନାହାଙ୍ଗ ପରିସରରେ ୟୁକୋ କ୍ଲବ ତରଫରୁ ୭୬ତମ ବନମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ନାହାଙ୍ଗ ତାଳପୋଖରୀ ପରିସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହିମାଧର୍ମ ଗବେଷକ ଡଃ ଏକାଦଶୀ ପ୍ରଧାନ, ସମାଜସେବୀ ଚିତ୍ତରଞ୍ଜନ ମହାନ୍ତି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ନିରଞ୍ଜନ ଦାସ, ପୂର୍ବତନ ସିଆର୍‌ସିସି ରମାକାନ୍ତ ଦାସ, ସିଆର୍‌ସିସି ଭାଗବତ ବେହେରା, ସାମ୍ବାଦିକ ବିଜୟ କୁଅଁର, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ୟୋତିରଞ୍ଜନ ମହାନ୍ତି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଅତିଥିମାନେ ବୃକ୍ଷରୋପଣ ଉପରେ ଗୁରୁତ୍ୱଦେବା ସହ ଗଛ ବଞ୍ଚିଲେ ମଣିଷ ବଞ୍ଚିବ। ଜଙ୍ଗଲ ଧ୍ୱଂସ ହେଲେ ପୃଥିବୀ ଧ୍ୱଂସ ପାଇବ ବୋଲି ମତ ଦେଇଥିଲେ।

### କମିଲାନି ଛାତ୍ରଛାତ୍ରୀଙ୍କ ବସ୍ତାନି ବୋଝ

# ନିଜ ଓଜନଠୁ ବଳିଯାଉଛି ବ୍ୟାଗ୍ ଓଜନ

### ସବୁ ନିୟମ କାଗଜକଲମରେ, ଯାଞ୍ଚ ଭେଳିକି
### ନିଷ୍କ୍ରିୟ ହୋଇଛି ସ୍ୱତନ୍ତ୍ର ସ୍କ୍ୱାର୍ଡ
### ଚିନ୍ତାରେ ଅଭିଭାବକ



**କେନ୍ଦ୍ରାପଡ଼ା,୯।୭ (ସଂଚାର ବ୍ୟୁରୋ):** ଯାଞ୍ଚ ହେଉନି ଛାତ୍ରଛାତ୍ରୀଙ୍କ ବ୍ୟାଗ୍ ଓଜନ ବିଦ୍ୟାଳୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉଛନ୍ତି ନା ଜିଲ୍ଲା ପ୍ରଶାସନ ପକ୍ଷରୁ ଏହାଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ସରକାରଙ୍କ ମାର୍ଗଦର୍ଶିକାକୁ ସମସ୍ତେ ଯେମିତି ପାସୋରି ଦେଇଛନ୍ତି ଆଉ ପିଲାଙ୍କ କାନ୍ଧରେ ବର୍ଷ ବର୍ଷ ଧରି ବସ୍ତାନି ବୋଝ ବଢ଼ିଚାଲିଛି। ବଡ଼ କଥା ହେଲା, ନିୟମକୁ କଡ଼ାକଡ଼ି ପାଳନ କରିବା ପାଇଁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇଛି । ହେଲେ ଏହି କମିଟି ବା ସ୍କ୍ୱାର୍ଡ ଗୁରୁତ୍ୱ ଦେବା ତ ଦୂରର କଥା ସଂପୂର୍ଣ୍ଣ ନିଷ୍କ୍ରିୟ ହୋଇଛି। ସେପଟେ ଅଭିଭାବକ ସବୁ ଜାଣି ମଧ କିଛି ବିକଳ୍ପ ନଥିବାରୁ ପିଲାଙ୍କ ଯନ୍ତ୍ରଣାକୁ ଦେଖୁଥିଲେ ବି ଚୁପ୍ ରହୁଛନ୍ତି ।

୨୦୧୯ ମସିହାରେ ରାଜ୍ୟ ସରକାର ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। କେଉଁ ଶ୍ରେଣୀରେ ଛାତ୍ରଛାତ୍ରୀଙ୍କ ପାଇଁ ବ୍ୟାଗ୍ ଓଜନ କେତେ ରହିବ ଏହାର ଧାର୍ଯ୍ୟ ଓଜନ ଜାରି କରାଯାଇଥିଲା। ଯେପରି ପ୍ରଥମରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ୧.୫ କେଜି, ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୩ କେଜି, ଷଷ୍ଠରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୪ କେଜି, ଅଷ୍ଟମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ୪.୫ କେଜି ଏବଂ ଦଶମ ଶ୍ରେଣୀ ପାଇଁ ୫ କେଜି ରହିବାର ନିୟମ ରହିଛି। ଏମିତିକି ଛାତ୍ରଛାତ୍ରୀ ସ୍କୁଲକୁ ପାଣି ବୋତଲ କି ହୋମ୍ ୱାର୍କ କପି ନେଇପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ଥିଲା । ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ଏହି ନିର୍ଦ୍ଦେଶନାମା ଦିଆଯାଇଥିବା ବେଳେ ଏହାକୁ କଡ଼ାକଡ଼ି ପାଳନ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ୩ଟି ଜିଲ୍ଲାସ୍ତରୀୟ ସ୍କ୍ୱାର୍ଡ ଗଠନ କରିବାକୁ ନିର୍ଦ୍ଦେଶ ମଧ ରହିଥିଲା। ଅଚାନକ ପରିଦର୍ଶନରେ ଯାଇଥିବା କମିଟିର ସଦସ୍ୟମାନେ ଯଦି ପିଲାଙ୍କ ସ୍କୁଲ ବ୍ୟାଗ୍ ଅଧିକ ଥିବା ରିପୋର୍ଟରେ ଦର୍ଶାନ୍ତି, ତେବେ ସମ୍ପୃକ୍ତ ଘରୋଇ ସ୍କୁଲର ଏନ୍‌ଓସି ବାତିଲ କରାଯିବାର ନିୟମ ଅଛି। ଉଭୟ ସରକାରୀ ଏବଂ ଘରୋଇ ସ୍କୁଲରେ ଏହି ନିୟମକୁ କଡ଼ାକଡ଼ି ଭାବେ ଯାଞ୍ଚ କରିବା ପାଇଁ ଜିଲ୍ଲାସ୍ତରରେ ସ୍ୱତନ୍ତ୍ର ସ୍କ୍ୱାଡ ଗଠନ ବି ହୋଇଥିଲା।

ଏହିକ୍ରମରେ କେନ୍ଦ୍ରାପଡ଼ାରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ବା କମିଟିରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଏସ୍‌ପିଡି, ଡିସିପିଓ, ଡେପୁଟି କଲେକ୍ଟର(ଜୁଡିସିଆଲ), ଏନ୍‌ଜିଓ ସ୍ପିଡ୍ ସୋର ରହିଥିବା ଚିଠିରେ ଉଲ୍ଲେଖ ରହିଛି କିନ୍ତୁ ଏହି କମିଟି ପକ୍ଷରୁ ତଦାରଖ କରିବା କି କାର୍ଯ୍ୟାନୁଷ୍ଠାନ ନେବାସବୁ କାଗଜକଲମରେ ରହିଯାଇଛି। କହିବାକୁ ଗଲେ, କେନ୍ଦ୍ରାପଡାରେ ଏହି କମିଟି କୋମା ଅବସ୍ଥାରେ। ଫଳରେ ଯାହାର ଫାଇଦା ନେଉଛନ୍ତି ବିଦ୍ୟାଳୟ କର୍ତ୍ତୃପକ୍ଷ। ଏମିତିକି ଅଭିଭାବକଙ୍କ ଅଭିଯୋଗ ପରେ ବି ଖିଲାପି ବିଦ୍ୟାଳୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ନେଇ ଅଭିଯୋଗ କରିଛନ୍ତି ଅଭିଭାବକ।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ପିଲାମାନେ ଏହାଦ୍ୱାରା ଏକପ୍ରକାର ଶାରୀରିକ ଓ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଏମିତିକି ପିଠି ଯନ୍ତ୍ରେଣାଠୁ ନେଇ ଅନ୍ୟ ଶାରୀରିକ ଯନ୍ତ୍ରଣାରେ ଶିକାର ହେଉଛନ୍ତି। କାହିଁକି ଏହା ଉପରେ ଗୁରୁତ୍ୱ ଦିଆଯାଉନାହିଁ।

## ଶ୍ରମ କୋଡ ବାତିଲ ଦାବିରେ ଦେଶବ୍ୟାପୀ ହରତାଳ




ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଆଜି ଏଠାରେ ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ୧୭ ଦଫା ଦାବି ନେଇ ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶ୍ରମ କୋର୍ଡ ବାତିଲ, ସର୍ବନିମ୍ନ ମଜୁରୀ ମାସିକ ୨୬ ହଜାର ଟଙ୍କା, ପ୍ରତି ୫ ବର୍ଷରେ ମଜୁରୀ ବୃଦ୍ଧି, ଦରଦାମ ବୃଦ୍ଧି ନିୟନ୍ତ୍ରଣ, କୃଷକଙ୍କ ଏମ୍ଏସ୍ପିକୁ ଆଇନ ପରିସରଭୁକ୍ତ କରିବା, ସ୍କିମ୍ ଶ୍ରମିକଙ୍କୁ ଶ୍ରମିକ ମାନ୍ୟତା ଦେବା ଓ ଶ୍ରମିକ ଛଟେଇ ବନ୍ଦ କରିବା, ଦେଶ ସମ୍ପତ୍ତିର ଘରୋଇକରଣ ବନ୍ଦ କରିବା, ୧୨ ଘଣ୍ଟା ବଦଳରେ ୮ ଘଣ୍ଟା କାର୍ଯ୍ୟ ସମୟ କାଏମ ରଖିବା ଆଦି ଦାବିରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆଇଏନ୍ଟିୟୁସି, ଏଆଇଟିୟୁସି, ଏଚ୍ଏମ୍ଏସ୍, ସିଆଇଟିୟୁ, ଏଆଇୟୁଟିୟୁସି, ଏଆଇୟୁଟିୟୁସି, ଏଆଇସିସିଟିୟୁ, ଟିୟୁସିସି, ଏଲ୍ପିଏଫ୍, ସେୱା, ୟୁଟିୟୁସି ଓ ସ୍ୱାଧୀନ ଫେଡେରେସନ ପକ୍ଷରୁ ରାଜମହଲରୁ ଗାନ୍ଧୀମାର୍ଗ ପର୍ଯ୍ୟନ୍ତ ଶୋଭାଯାତ୍ରା ବାହାରି ଏକ ପ୍ରତିବାଦ ବିକ୍ଷୋଭ କରାଯାଇଥିବା ବେଳେ ପୁଲିସ୍ ପକ୍ଷରୁ ବିକ୍ଷୋଭକାରୀଙ୍କୁ ଗିରଫ କରାଯାଇଥିଲା। ପୂର୍ବତନ ସାଂସଦ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ରାଜ୍ୟ ସଭାପତି ଡଃ ରାମଚନ୍ଦ୍ର ଖୁଣ୍ଟିଆ, କିଶୋର ଜେନା, ବିଜୟ ଜେନା, ବି.ଏନ୍. ମହାପାତ୍ର, ପ୍ରଦୀପ୍ତ ନାୟକ, ବଂଶୀଧର, ପରିଡା, ଦୁଷ୍ମନ୍ତ ଦାସ, ମହେନ୍ଦ୍ର ପରିଡା, ରାଧାକାନ୍ତ ସେଠୀ, ନିରଞ୍ଜନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଫରୱାର୍ଡ଼ ବ୍ଲକ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଲକ୍ଷ୍ମୀପ୍ରିୟା ଦୋରା, ସିପିଆଇଏମ୍. ସୁରେଶ ପାଣିଗ୍ରାହୀ, ଯୁଧିଷ୍ଠିର ମହାପାତ୍ର, ସୁର ଜେନା, ଶରତ ବରାଳ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପ୍ରଣତୀ ମିଶ୍ର, ରମେଶ ଜେନା ଓ ରାଜେନ୍ଦ୍ର ବର୍ମା, ଆଲୋକ ମହାପାତ୍ର, ବିଜୟ ସାହୁ, ମୁରଲୀ ବେହେରା, ଅମ୍ବିକା ପ୍ରସାଦ ପଣ୍ଡା, ମୀରାମ୍ବିକା ସାହୁ, ଛାତ୍ରୀନେତ୍ରୀ ରିଙ୍କି ସାହୁ ଯୋଗ ଦେଇ ଧର୍ମଘଟକୁ ସଫଳ କରିଥିଲେ।

# ଏଗ୍ରିକଲଚର ଲିଡରସିପ କନକ୍ଲେଭରେ ଓଡ଼ିଶା ଶ୍ରେଷ୍ଠ

ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଓଡ଼ିଶାକୁ କୃଷି ପାଇଁ ଶ୍ରେଷ୍ଠ ରାଜ୍ୟ ଭାବେ ମାନ୍ୟତା ଦେଇ ଏଗ୍ରିକଲଚର ଟୁଡେ ଗ୍ରୁପ୍ ଦ୍ୱାରା ପ୍ରତିଷ୍ଠିତ ଏଗ୍ରିକଲଚର ଲିଡ଼ରସିପ ପୁରସ୍କାର ପ୍ରଦାନ କରାଯାଇଛି। କୃଷି କ୍ଷେତ୍ରରେ ଭାରତର ଅଗ୍ରଣୀ ଗଣମାଧ୍ୟମ ଏଗ୍ରିକଲଚର ଟୁଡେ ଗ୍ରୁପ୍ ପକ୍ଷରୁ ଆୟୋଜିତ ୧୬ତମ ଏଗ୍ରିକଲଚର ଲିଡରସିପ କନକ୍ଲେଭରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗ୍ରହଣ କରିଛନ୍ତି। ନୂଆଦିଲ୍ଲୀରେ ଏକ ଭବ୍ୟ କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ, ପୂର୍ବତନ ପ୍ରଧାନ ବିଚାରପତି ତଥା ପୁରସ୍କାର କମିଟିର ଅଧ୍ୟକ୍ଷ ନ୍ୟାୟମୂର୍ତ୍ତି ପି. ସଥାଶିବମ୍ ଓ ବିଶିଷ୍ଟ ଅତିଥିଙ୍କ ଉପସ୍ଥିତିରେ ଏହି ସମ୍ମାନ ପ୍ରଦାନ କରାଯାଇଛି। ପୁରସ୍କାର ସମ୍ପର୍କରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ପୁରସ୍କାର ଓଡ଼ିଶାର ଚାଷୀଙ୍କ ନବସୃଜନ ଓ କଠିନ ପରିଶ୍ରମର ନିଦର୍ଶନ। ଓଡ଼ିଶାର ଅନ୍ନଦାତାଙ୍କୁ ଏହି ପୁରସ୍କାର ଉତ୍ସର୍ଗୀକୃତ। ଏହି ସମ୍ମାନ ପାଇଁ ଓଡ଼ିଶା ସରକାରଙ୍କ ପକ୍ଷରୁ ଏଗ୍ରିକଲଚର ଟୁଡେ ଗ୍ରୁପ୍ ପ୍ରତି ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଛି ଏବଂ ଭାରତ ବର୍ଷରେ ସ୍ଥାୟୀ




କୃଷି ବିକାଶ କ୍ଷେତ୍ରରେ ଓଡ଼ିଶାକୁ ଏକ ମଡେଲ କରିବା ପାଇଁ ଏହାର ପ୍ରତିବଦ୍ଧତାକୁ ସୂଚିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ ମତ ଦେଇଛନ୍ତି। ଏହି ଜାତୀୟ ମାନ୍ୟତା କୃଷି ଅଭିବୃଦ୍ଧି, ନବସୃଜନ ଓ ଅନ୍ତର୍ଭୁକ୍ତିମୂଳକ ବିକାଶରେ ଓଡ଼ିଶାର ଉଲ୍ଲେଖନୀୟ ସଫଳତାକୁ ପ୍ରତିଫଳିତ କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି । ୨୦୨୪-୨୫ ଆର୍ଥିକ ବର୍ଷରେ, କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକ ଓଡ଼ିଶାର ମୋଟ ରାଜ୍ୟ ମୂଲ୍ୟ ସଂଯୋଜିତ (ଜିଏସ୍ଭିଏ) ରେ ପ୍ରାୟ ୧୯ ପ୍ରତିଶତ ଅବଦାନ ରଖିଥିଲେ। ଏହା ଗତ ପାଞ୍ଚ ବର୍ଷର ଜାତୀୟ ହାରକୁ ଅତିକ୍ରମ କରି ୩.୩ ପ୍ରତିଶତକୁ ବୃଦ୍ଧି ପାଇଛି। କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରଗୁଡ଼ିକ ମିଳିତ ଭାବେ ମୋଟ ଶ୍ରମଶକ୍ତିର ୪୯.୦ ପ୍ରତିଶତ ନିଯୁକ୍ତି ପ୍ରଦାନ କରି ରାଜ୍ୟର ଏକମାତ୍ର ବୃହତ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର ଭାବେ ବିବେଚିତ ହୋଇଆସିଛି। ଓଡ଼ିଶା ୧୨୧.୮୨ ମେଟ୍ରିକ ଟନ୍ ଉଦ୍ୟାନଜାତୀୟ ଉତ୍ପାଦ ଯଥା ଡ୍ରାଗନ୍ ଫଳ, କାଜୁ, ଆମ୍ବ ଓ ବିଭିନ୍ନ ପ୍ରକାରର ପନିପରିବା ମଧ୍ୟ-ପୂର୍ବ ଦେଶ ଯେପରିକି ୟୁଏଇ, କତାର, ଇଂଲଣ୍ଡ, ଆୟରଲ୍ୟାଣ୍ଡ, ଫ୍ରାନ୍ସ, ଇଟାଲୀ, ସ୍ୱିଡେନ, ବେଲଜିୟମ, ପୋଲାଣ୍ଡ ଓ ଜର୍ମାନୀକୁ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ଓ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନବନ୍ଦର, କୋଲକାତା ମାଧ୍ୟମରେ ରପ୍ତାନି କରିଛି। ଫଳ ଉତ୍ପାଦନ ଦୃଷ୍ଟିରୁ ଓଡ଼ିଶା ଭାରତରେ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ, କନ୍ଦମୂଳ ଉତ୍ପାଦନରେ ପ୍ରଥମ ସ୍ଥାନ, ପାଳ ଛତୁ ଉତ୍ପାଦନରେ ପ୍ରଥମ ସ୍ଥାନ, ବାଇଗଣ, ବନ୍ଧାକୋବିରେ ଦେଶରେ ଦ୍ୱିତୀୟ ସ୍ଥାନରେ, କାଜୁ-ବାଦାମରେ ତୃତୀୟ ସ୍ଥାନ, ତରଭୁଜ, ଫୁଲକୋବି, ଭେଣ୍ଡି ,ଟମାଟୋ, ଲେମ୍ବୁ ଓ ନଡ଼ିଆ ଉତ୍ପାଦନରେ ୫ମ ସ୍ଥାନରେ ରହିଛି। ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ମାନବ ସମ୍ବଳ ବିକାଶ ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ, ହରିୟାଣା ମୁଖ୍ୟମନ୍ତ୍ରୀ ନାୟାବ ସିଂହ ସାଇନି ଯୋଗଦେଇଥିଲେ।

## ସଞ୍ଜୀବ ପଣ୍ଡା ନକ୍ସଲ ବିରୋଧୀ ଅପରେସନ୍ ଏଡିଜି



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଆଇପିଏସ୍ ସ୍ତରରେ ଆଜି ଅଦଳବଦଳ ହୋଇଥିବା ବେଳେ ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତି ଅନୁସାରେ ସଞ୍ଜୀବ ପଣ୍ଡା ଏଡିଜି ନକ୍ସଲ ବିରୋଧୀ ଅପରେସନ୍ ହୋଇଥିବା ବେଳେ ଅଖିଳେଶ୍ୱର ସିଂ ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଡିଆଇଜି ଦାୟିତ୍ୱ ପାଇଛନ୍ତି। ଏହାଛଡ଼ା କନୱ୍ୱି ବିଶାଲ ସିଂ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ଭାବେ ଅବସ୍ଥାପିତ ହୋଇଛନ୍ତି।

## ଚିତ୍ତରଞ୍ଜନ ଏସ୍‌ସି ସେଲ ଉପସଭାପତି



ଭବାନୀପାଟଣା,୯।୭(ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିକିଲି ଗ୍ରାମର ଚିତ୍ତ ରଞ୍ଜନ ନିଆଲ ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ଅନୁସୂଚିତ ଜାତି ବିଭାଗ ବା ଏସସି ସେଲର ରାଜ୍ୟ ଉପସଭାପତି ଭାବେ ମନୋନୀତ ହୋଇଛନ୍ତି। ଏନେଇ କଳାହାଣ୍ଡି ଜିଲ୍ଲାରେ ଖୁସିର ଲହରୀ ଖେଳିଯାଇଛି। ଚିତ୍ତରଞ୍ଜନ ପିସିସି ସଭାପତି ଭକ୍ତ ଦାସଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ କଂଗ୍ରେସରୁ ନିଜ ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ପ୍ରଥମେ ସେ କଂଗ୍ରେସରୁ ହାବସପୁର ଜୋନ ସଭାପତି ଭାବେ ଦାୟିତ୍ୱ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ସେ କଳାହାଣ୍ଡି ଜିଲ୍ଲା କଂଗ୍ରେସର ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଏସସି ସେଲର ରାଜ୍ୟ ଉପସଭାପତି ହେବା ପରେ ଚିତ୍ତରଞ୍ଜନ କଂଗ୍ରେସର ପୂର୍ବତନ ସଭାପତି ସୋନିଆ ଗାନ୍ଧୀ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓ ରାଜ୍ୟ ପିସିସି ସଭାପତି ଶ୍ରୀ ଦାସଙ୍କୁ ଧନ୍ୟବାଦ ଦେଇଛନ୍ତି। ଆଗାମୀ ଦିନରେ ରାଜ୍ୟରେ ଅନୁସୂଚିତ ଜାତି ପ୍ରତି ବଢୁଥିବା ଅନ୍ୟାୟ ଅତ୍ୟାଚାର, ଗରିବ ଓ ନିଷ୍ପେଷିତମାନଙ୍କ ସ୍ୱର ହୋଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଚିତ୍ତରଞ୍ଜନ ନିଜ ପ୍ରତିକ୍ରିୟାରେ କହିଛନ୍ତି।

## ସମ୍ବିଧାନ ବଞ୍ଚାଅ ମହାସମାବେଶ ପାଇଁ କଂଗ୍ରେସର ବ୍ୟାପକ ପ୍ରସ୍ତୁତି



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଆସନ୍ତା ୧୧ରେ କଂଗ୍ରେସର ସମ୍ବିଧାନ ବଞ୍ଚାଅ ମହାସମାବେଶରେ ଯୋଗଦେବେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ, ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧି ଓ ସଂଗଠନ ସାଧାରଣ ସମ୍ପାଦକ ଭେଣୁଗୋପାଳ। ଏନେଇ ପ୍ରସ୍ତୁତି ସମ୍ପର୍କରେ ଆଜି କଂଗ୍ରେସ ଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଦଳର ପ୍ରମୁଖ ନେତାମାନେ ଆସନ୍ତା ୧୧ରେ ପୂର୍ବାହ୍ଣ ୧୧ଟା ବେଳେ ପହଞ୍ଚିବେ। ସେମାନେ ବିମାନବନ୍ଦରରୁ ସିଧା ବରମୁଣ୍ଡା ପଡ଼ିଆରେ ପହଞ୍ଚିବେ। ମଧ୍ୟାହ୍ନ ୧୨ଟାରେ ସଭା ଆରମ୍ଭ ହେବ। ସଭା ପରେ ଚାଷୀଙ୍କ ଦୁଇଟି ପ୍ରତିନିଧି ଦଳକୁ ଦଳର ବରିଷ୍ଠ ତିନି ନେତା ସାକ୍ଷାତ କରିବେ। ଅପରାହ୍ଣ ୩ଟାରେ କଂଗ୍ରେସ ଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିବ। ପ୍ରଥମେ ପଲିଟିକାଲ ଏଫାୟର୍ସ କମିଟି ସହ ବୈଠକ କରିବେ ରାହୁଲ ଓ ଏଆଇସିସି ସଭାପତି ଶ୍ରୀ ଖଡ଼ଗେ। ପରେ ବିଧାୟକ ଓ ପିସିସି କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା ହେବ। ଏହି ଆଲୋଚନା ସରିବା ପରେ ତିନି ପ୍ରମୁଖ ନେତା ସନ୍ଧ୍ୟା ୫ଟା ସମୟରେ ରେ ଦିଲ୍ଲୀ ଫେରିଯିବେ ବୋଲି ଶ୍ରୀ ଦାସ ସୂଚନା ଦେଇଛନ୍ତି। ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ରାହୁଲଙ୍କ ଆଗାମୀ ଗସ୍ତ ରାଜ୍ୟରେ କଂଗ୍ରେସକୁ ପୁଣି ବଳଶାଳୀ କରିବ ବୋଲି ଆଶା ପ୍ରକାଶ କରିଥିଲେ। ସାମ୍ବାଦିକ ସମ୍ମିଳନୀରେ ତିନି ପୂର୍ବତନ ସଭାପତି ଶରତ ପଟ୍ଟନାୟକ, ଜୟଦେବ ଜେନା ଓ ପ୍ରସାଦ ହରିଚନ୍ଦନ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ନବନିଯୁକ୍ତ ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ, ବିଧାୟକ ତାରାପ୍ରସାଦ ବାହିନୀପତି ଉପସ୍ଥିତ ଥିଲେ।

## ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘର ବିକ୍ଷୋଭ




ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଦୀର୍ଘଦିନ ହେବ ପୂର୍ବରୁ ମିଳୁଥିବା ଅବସରକାଳୀନ ସୁବିଧାକୁ ପରିବର୍ତ୍ତନ କରିଚାଲିଛନ୍ତି। ଶ୍ରମିକ କର୍ମଚାରୀମାନଙ୍କ ନିମନ୍ତେ ଗତ ଗତ ମାର୍ଚ୍ଚ ୨୫ରେ ପାର୍ଲାମେଣ୍ଟରେ ଆଣିଥିବା ଅର୍ଥ ବିଲ୍ ତା'ର ଜ୍ୱଳନ୍ତ ଉଦାହରଣ। ଦୀର୍ଘ ୨୦ ବର୍ଷ ହେବ ନୂତନ ପେନସନ, ଏକୀକୃତ ପେନସନ ବିରୁଦ୍ଧରେ ଦେଶରେ ଶ୍ରମିକ କର୍ମଚାରୀମାନେ ଆନ୍ଦୋଳନ କରିଆସିଛନ୍ତି। କିନ୍ତୁ ୧୮ ମାସର ମହଙ୍ଗା ଭତ୍ତା ସେମାନଙ୍କୁ ପ୍ରଦାନ କରଯାଉନାହିଁ। ସାମାଜିକ ସୁରକ୍ଷା ଓ ସ୍ୱାସ୍ଥ୍ୟସେବା ଆଦି ମୌଳିକ ସୁବିଧା ନ ଦେବା, କମ୍ୟୁଟେସନ ପେନସନ ୧୫ ବର୍ଷ ପରିବର୍ତ୍ତେ ୧୦ ବର୍ଷ ୮ମାସରେ କାଟିବା, ଚିକିତ୍ସା ଭତ୍ତା ଆଦି ଦାବିରେ ନିଖିଳ ଓଡ଼ିଶା ଶିକ୍ଷକ ଓ କର୍ମଚାରୀ ପେନସନର୍ସ ମହାସଂଘ ତରଫରୁ ବୁଧବାର ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିକ୍ଷୋଭରେ ମହାସଂଘର ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମିଶ୍ର, କାର୍ଯ୍ୟକାରୀ ଅଧ୍ୟକ୍ଷ କ୍ଷେତ୍ରମୋହନ ଦାସ, କାହ୍ନୁଚରଣ ମଲ୍ଲିକ, ବିଜୟ କମାର ନାୟକ, ରଞ୍ଜିତ କୁମାର ମହାନ୍ତି, ବିପିନ ବିହାରୀ ଦାସ, ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ କର୍ମଚାରୀ ସଂଗ୍ରାମ ସମିତିର ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ।

### ରଥଯାତ୍ରା ସରୁ ସରୁ ସୁରକ୍ଷା ଢିଲା

## ମେଘନାଦ ପାଚେରୀ ଡେଇଁ ପଶିଲେ ୪ ଯୁବକ



ପୁରୀ,୯।୭(ସଂଚାର ବ୍ୟୁରୋ): ସବୁ ସୁରକ୍ଷାକୁ ଭେଦ କରି ମେଘନାଦ ପାଚେରୀ ଉପରେ ଚଢ଼ି ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଛନ୍ତି ୪ ଯୁବକ। ରଥଯାତ୍ରାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀମନ୍ଦିର ବାହାରେ ଓ ଭିତରେ ମାଳମାଳ ସୁରକ୍ଷାକର୍ମୀ ଜଗିଥିଲେ ହେଁ ଗତକାଲି ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଫଳସ୍ୱରୂପ ଶ୍ରୀମନ୍ଦିର ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସବୁ ସୁରକ୍ଷା ବ୍ୟବସ୍ଥାକୁ ଆଖିଠାର ମାରି ଏହି ୪ ଜଣ ଯୁବକ ପାଚେରୀ ଉପରେ ଚଢ଼ି ଭିତରେ ପଶିବାରେ ସକ୍ଷମ ହୋଇଛନ୍ତି। ତେବେ ସେମାନେ କେଉଁ ଉଦ୍ଦେଶ୍ୟ ନେଇ ଭିତରେ ପଶିଥିଲେ, ସେନେଇ କିଛି ବି ଜଣାପଡ଼ିନାହିଁ। ସେମାନଙ୍କ ଏପରି ହରକତ୍ ନେଇ ସୁରକ୍ଷାକର୍ମୀ ଅବଗତ ଥିଲେ ନା ସୁରକ୍ଷା ବ୍ୟବସ୍ଥାରେ ଅବହେଳା ହୋଇଛି, ତାହା ତଦନ୍ତ ସାପେକ୍ଷ। ତେବେ ପୂର୍ବରୁ ଶ୍ରୀମନ୍ଦିର ଆତଙ୍କବାଦୀଙ୍କ ଟାର୍ଗେଟରେ ଥିବା ଗୁଇନ୍ଦା ବିଭାଗ ପକ୍ଷରୁ ସତର୍କ କରାଯାଇଥିବା ବେଳେ ଏପରି ଦୃଶ୍ୟ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରିଛି ବୋଲି ଭକ୍ତ ମହଲରେ ଆଲୋଚନା ହେଉଛି। ବିଶେଷକରି ରଥଯାତ୍ରା ସରୁ ସରୁ ସୁରକ୍ଷା ବ୍ୟବସ୍ଥାରେ ଏପରି ଢିଲା ପଣକୁ ଭକ୍ତମାନେ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସମସ୍ତ ସୁରକ୍ଷାକର୍ମୀ ତିନି ରଥର ସୁରକ୍ଷା ସହ ଭକ୍ତଙ୍କୁ ସୁରକ୍ଷା ଦେବାକୁ ଅଣ୍ଟା ଭିଡ଼ିଥିବା ବେଳେ ଶ୍ରୀମନ୍ଦିର ବାହାର ଓ ଭିତର ସୁରକ୍ଷା ବ୍ୟବସ୍ଥାର ଚରମ ଅବହେଳା ଏବେ ପଦାରେ ପଡ଼ିଛି।

ଏନେଇ ଏକ ଭିଡିଓ ଭାଇରାଲ୍ ହୋଇଥିବା ବେଳେ ଉକ୍ତ ଭିଡିଓରେ ଯୁବକମାନେ ମେଘନାଦ ପାଚେରୀ କଡ଼ରେ ଥିବା ଅଳିଆ ଗଦା ଉପରେ ଚଢ଼ି ପାଚେରୀ ଡେଇଁ ଶ୍ରୀମନ୍ଦିର ଭିତରେ ଅବାଧ ପ୍ରବେଶ କରୁଛନ୍ତି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ଏବେ ଭକ୍ତ ମହଲରେ ନାନାଦି ପ୍ରଶ୍ନ ଉଙ୍କି ମାରୁଛି। କେତେ ସୁରକ୍ଷିତ ଶ୍ରୀମନ୍ଦିର? ଏହି ଯୁବକମାନେ କିଏ? କେଉଁଠୁ ଆସିଲେ? ବେଆଇନ୍ ଭାବେ ସେମାନେ ମନ୍ଦିର ଭିତରେ କାହିଁକି ପ୍ରବେଶ କରିଛନ୍ତି? ଏମାନେ ଭକ୍ତ ନା କୌଣସି ଦୁର୍ବୃତ୍ତ? ସେପଟେ ପୁରୀ ପୁଲିସ ଏହାକୁ ଗୁରୁତର ସହ ନେଇ ଘଟଣାର ତନାଘନା ପରେ ହିଁ ଅଧିକ କିଛି ସୂଚନା ଦିଆଯାଇପାରିବ ବୋଲି ସ୍ପଷ୍ଟ କରିଛି।

## ପିଉସୀଙ୍କୁ ଦରମରା କରି ଗହଣା ଲୁଟିନେଲା ପୁତୁରା



ଭୁବନେଶ୍ୱର, ୯।୭ (ସଂଚାର ବ୍ୟୁରୋ) : ପିଉସୀର ହାତ ଗୋଡ଼ ବାନ୍ଧି ମୁହଁକୁ ପିଟି ପିଟି ଅଧମରା ପରେ ସୁନା ଗହଣା ଲୁଟିନେଇଥିଲା ପୁତୁରା। ଏଭଳି ଏକ ଆଭାବନୀୟ ଘଟଣା ଘଟିଛି ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଅଞ୍ଚଳରେ । ପିଉସୀ ସୁଷମା ମିଶ୍ରଙ୍କ ଘରେ ପୁତୁରା ଅନନ୍ତ ପଣ୍ଡା ଏଭଳି କାଣ୍ଡ ଭିଆଇଛନ୍ତି ଯେ ସମାଜ ଏବଂ ସଂସାରରେ ଏମିତି କେହି ଘଟାଇନଥିବେ । ପିଉସୀକୁ ଆକ୍ରମଣ କରି ପୁତୁରାର ଉତ୍ପାତ ପରେ ଆଲମିରାରେ ୧୦ଭରି ସୁନା ଗହଣା , ଏକ ଲକ୍ଷ ୯୦ ହଜାର ଟଙ୍କାରୁ ଅଧିକ ଟଙ୍କା ନେଇ ଚମ୍ପଟ ମରିଥିଲା। ସୁଷମା ମିଶ୍ରଙ୍କ ମୁହଁ କୁ ମାଡ ମାରି ମାରି ଅଧମରା କରିଦେଇଥିଲା ପୁତୁରା। ହାଥ ଗୋଡ ବାନ୍ଧି ଗୋଟିଏ ଘରେ ଘୋଷାଡି ଘୋଷାଡି ପିଟିଥିଲା ପୁତୁରା। ସେପଟେ ଏହି ଘଟଣା ପରେ ସଂପୃକ୍ତ ପୁତୁରା ଫେରାର ହୋଇଯାଇଛି । ପିଉସୀଙ୍କ କିଛି ସୁନା ଗହଣା ବନ୍ଧା ପକାଇ ଲୋନ ଆଣିଥିବା ନେଇ ମଧ୍ୟ ପୋଲିସ୍ ଜାଣିବାକୁ ପାଇଛି । ଗତ ଶୁକ୍ରବାର ସକାଳ ସମୟରେ ଯେତେବେଳେ ସୁଷମା ମିଶ୍ର ପିଉଷୀ ଘରୁ ମର୍ଣିଂ ୱାକ କରିବାକୁ ବାହାରିବା ବେଳେ ଘରେ ପହଞ୍ଚିଥିଲା ପୁତୁରା ଅନନ୍ତ। ଅନନ୍ତ ପଣ୍ଡା କଳା ମୁଖା ପିନ୍ଧି ଘରକୁ ଠେଲି ଦେଇ ଗୋଡ଼ ହାତ ବନ୍ଧିଦେଇଥିଲା । ଏହାପରେ ମାଡ ମାରି ମାରି ଅଧାମରା କରିବା ପରେ ସୁନା ଗହଣା ଲୁଟିନେଇଥିଲା । ତେବେ ପୋଲିସ ଅନନ୍ତକୁ ଗିରଫ କରିଛି। ସମସ୍ତ ଜବତ୍ ସୁନା ଗହଣା , ଟଙ୍କାକୁ ସଂପୃକ୍ତ ପିଉସୀ ହସ୍ତାନ୍ତର କରିଛନ୍ତି ପୋଲିସ କମିସନର ଓ ଡିସିପି । ଏହି ଘଟଣାରେ ସଂପୃକ୍ତ ପୁତୁରାକୁ ଉଚିତ୍ ଦଣ୍ଡ ଦେବାକୁ ଦାବି କରିଛନ୍ତି ସୁଷମାଙ୍କ ପରିବାର ଲୋକେ ।

● ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ

## ଲୋଗୋ ଓ ଇ-ମେଲ ଆଇଡି ଉନ୍ମୋଚିତ



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଓଡ଼ିଶା ରାଜ୍ୟ ଲ' କମିଶନଙ୍କ ପ୍ରଥମ ବୈଠକ ଆଜି ତୋଷାଳୀ ଭବନସ୍ଥିତ କମିଶନଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଅନୁଷ୍ଠିତ ଏହି ବୈଠକରେ ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ତଥା ପଦାଧିକାରୀ ସଦସ୍ୟ ମାନସ ରଞ୍ଜନ ବାରିକ, ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଓ ସୌରଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ବୈଠକରେ ପାଞ୍ଚଟି କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା। ଏଥିରେ କମିଶନର ଲୋଗୋ ଓ ଇ-ମେଲ୍ ଆଇଡି ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହେବା ସହ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରିବାକୁ ଆବଶ୍ୟକୀୟ ଆଇନଗତ ଦିଗଗୁଡ଼ିକ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ବୈଠକରେ ଆଇନ ବିଭାଗର ଗତ ୧୬ ତାରିଖରେ ହୋଇଥିବା ସଂକଳ୍ପ ପତ୍ରର ଧାରା ୧୯ (୧) ଅନୁଯାୟୀ ପ୍ରଫେସର ଲଳିତ କୁମାର ଦେବ, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଏବଂ ସୌର୍ଯ୍ୟଚନ୍ଦ୍ର ମହାପାତ୍ରଙ୍କୁ ଓଡ଼ିଶା ରାଜ୍ୟ ଆଇନ କମିଶନର ଉପ-କମିଟିର ନିଯୁକ୍ତିକୁ ମଧ୍ୟ ଅନୁମୋଦନ ମିଳିଥିଲା। ଏଥିସହ ଧାରା ୧୪(୨) ଅନୁଯାୟୀ ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ, କର୍ତ୍ତୃପକ୍ଷ, ବିଭିନ୍ନ ସଂସ୍ଥା ପକ୍ଷରୁ ଆଇନ୍‌ରେ ସଂଶୋଧନ, ଆଇନଗତ ସହାୟତା, ପରାମର୍ଶ ନେଇ ଆସିବାକୁ ଥିବା ସମସ୍ତ ଦରଖାସ୍ତକୁ ବିଚାରକୁ ନେଇ ଆବଶ୍ୟକ ପରାମର୍ଶ, ସୁପାରିସ୍ ଓ ଚିଠିପତ୍ର ପଠାଇବା କ୍ଷେତ୍ରରେ କମିଶନର ସଚିବଙ୍କୁ ଅନୁମୋଦନ କରାଯାଇଥିବା ନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଡିଏଭି ପୋଖରୀପୁଟରେ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ଡିଏଭି ପୋଖରୀପୁଟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ପ୍ରାପ୍ତ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଭବ୍ୟ ସମାରୋହକୁ ଜଗତ୍ ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅମରେନ୍ଦ୍ର ନାରାୟଣ ମିଶ୍ର ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି 'ନିଷ୍ଠା ଓ ଏକାଗ୍ରତା ସଫଳତାର ମୂଳମନ୍ତ୍ର' ଓଏହାକୁ ଆଧାର କରି ବିଦ୍ୟାର୍ଥୀମାନେ ସମାଜରେ ନିଜକୁ ପ୍ରତିଷ୍ଠା କରିପାରିବେ ବୋଲି ନିଜର ଅଭିଭାଷଣରେ କହିଥିବା ବେଳେ ବିଦ୍ୟାର୍ଥୀଙ୍କ ଭବିଷ୍ୟତ ନିର୍ମାଣରେ ମାତାପିତା, ଶିକ୍ଷକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପାସୋରି ନ ଯିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ପ୍ରାତଃ ପର୍ଯ୍ୟାୟର ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସମୂହଗାନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ସ୍ୱାଗତ ପରିଚୟ ପ୍ରଦାନ କରିବା ସହ ମାନବିକ ମୂଲ୍ୟବୋଧକୁ ରକ୍ଷା କରି ସମାଜରେ ଅଗ୍ରଣୀସ୍ଥାନ ଗ୍ରହଣ କରିବା ପାଇଁ କଠୋର ପରିଶ୍ରମ ହିଁ ଲୋଡ଼ା ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଡିଏଭି ଅନୁଷ୍ଠାନ ସମୂହର ଆଞ୍ଚଳିକ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଶତପଥୀ ଯୋଗଦାନ କରି ଭାରତୀୟ ଦର୍ଶନ, ସଂସ୍କୃତି ଓ ପରମ୍ପରା ଆଧାରରେ ନିଜକୁ ଗଢ଼ି ସମାଜସେବାରେ ବ୍ରତୀ ହେବା ଆଦର୍ଶ ଛାତ୍ରର କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରି ସମ୍ବର୍ଦ୍ଧିତ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଏହି ଅବସରରେ ସମଗ୍ର ଭାରତବର୍ଷରେ ଥିବା ସମସ୍ତ ଡିଏଭି ଶିକ୍ଷାନୁଷ୍ଠାନଙ୍କ ମଧ୍ୟରେ ପୋଖରୀପୁଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ଦଶମ ଶ୍ରେଣୀ ବିଦ୍ୟାର୍ଥୀ ଶୀର୍ଷସ୍ଥାନ ଅଳଙ୍କୃତ କରିଥିବା କଥା ପ୍ରକାଶ କରିଥିଲେ। ଡିଏଭି ଶିକ୍ଷାନୁଷ୍ଠାନ ଏଫ୍. ଜୋନ୍ ର ସହ ଆଞ୍ଚଳିକ ଅଧିକାରୀ ତଥା ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ଅନୁଷ୍ଠାନର ସଫଳତା ବିବରଣୀ ପାଠପୂର୍ବକ ସମାଜର ଅଗ୍ରଣୀ ସେବକ ଭାବେ ନିଜକୁ ଗଢ଼ିତୋଳିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡିଏଭି ଅନୁଷ୍ଠାନ ସମୂହର ଆଞ୍ଚଳିକ ଅଧିକାରୀ ଡ. ସୁଜାତା, କଟକ ଓ ଭୁବନେଶ୍ୱର ସ୍ଥିତ ଡିଏଭି ସ୍କୁଲର ଅଧ୍ୟକ୍ଷଅଧ୍ୟକ୍ଷା ତଥା ଶିକ୍ଷକଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ। ପରିଶେଷରେ ବିଦ୍ୟାଳୟର ବରିଷ୍ଠ ନିରୀକ୍ଷକ ଶିତିକଣ୍ଠ ପତିଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା।

# କେବେ ହେବ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ?



ଭୁବନେଶ୍ୱର,୯।୭: ରାଜ୍ୟ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସଂକ୍ରାନ୍ତରେ ବିଜେପିର ପ୍ରାଦେଶିକ ସଭାପତି ମନମୋହନ ସାମଲ ସୂଚନା ଦେବା ପରେ ମନ୍ତ୍ରୀ ପଦ ପାଇଁ ଆଶାୟୀ ଥିବା ବିଧାୟକମାନଙ୍କ ଲବି ବଢ଼ିଯାଇଛି। ଏହାଛଡ଼ା ମନ୍ତ୍ରିମଣ୍ଡଳରୁ କିଛି ସଦସ୍ୟ ବାଦ୍ ପଡ଼ିବା ଘେନି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଥିବା ବେଳେ କୌଣସି ପ୍ରକାରେ ନିଜ ପଦବୀ ବଜାୟ ରଖିବା ପାଇଁ କିଛି ମନ୍ତ୍ରୀ ଗୋଟିଚାଳନା କରିବା ସ୍ୱାଭାବିକ। ଏଠାରେ ଉଲ୍ଲେଖନୀୟ ଯେ ପ୍ରଚଳିତ ପରମ୍ପରା ଅନୁଯାୟୀ ମୋଟ ବିଧାୟକ ସଂଖ୍ୟାର ୧୫ ପ୍ରତିଶତ ପର୍ଯ୍ୟନ୍ତ ସଦସ୍ୟଙ୍କୁ ମନ୍ତ୍ରିମଣ୍ଡଳରେ ରଖାଯାଇପାରିବ। ଓଡ଼ିଶା ବିଧାନସଭାର ସଦସ୍ୟ ସଂଖ୍ୟା ୧୪୭ ଥିବା ଦୃଷ୍ଟିରୁ ରାଜ୍ୟ ମନ୍ତ୍ରିମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କୁ ମିଶାଇ ୨୨ଜଣ ପର୍ଯ୍ୟନ୍ତ ମନ୍ତ୍ରୀ ରହିବା କଥା। ତେବେ ଗତବର୍ଷ ଜୁନ୍ ୧୨ରେ ରାଜ୍ୟ ମନ୍ତ୍ରିମଣ୍ଡଳ ଗଢ଼ାଯିବା ବେଳେ ଏହି ସଂଖ୍ୟା ୧୬ରେ ସୀମିତ ରଖାଯାଇ ଆଶାୟୀମାନଙ୍କୁ ଝୁଲାଇ ରଖାଯାଇଥିଲା।

ବିଭିନ୍ନ ସମୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହେବ ବୋଲି ଗଣମାଧ୍ୟମରେ ଆକଳନ କରାଯାଉଥିଲେ ମଧ୍ୟ ତାହା ଏଯାବତ୍ ଭୁଲ ପ୍ରମାଣିତ ହୋଇଛି । ଅବଶ୍ୟ ରାଜ୍ୟ ବିଜେପି ସରକାରଙ୍କ ବର୍ଷ ପୂର୍ତ୍ତି ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ସବରେ ଯୋଗ ଦେବାକୁ ଆସିଥିବା ପରିପ୍ରେକ୍ଷୀରେ ଖୁବ୍ଶୀଘ୍ର ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୂର୍ବରୁ ସୂଚାଇଥିବା ବେଳେ ଏବେ ସଭାପତି ମନମୋହନଙ୍କ ଘୋଷଣା ଏହାକୁ ଦୃଢ଼ କରିଛି ।

ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଅବସରରେ ମନ୍ତ୍ରୀମାନେ ସେମାନଙ୍କ ବିଭାଗର ରିପୋର୍ଟ କାର୍ଡ ଦେଇଛନ୍ତି। ଏହି ଆଧାରରେ ସରକାର ବିଜେପି ସଂକଳ୍ପ ପତ୍ରର ୧୧ଟି ଦଫା ପୂରଣ କରିଥିବା ବେଳେ ଅବଶିଷ୍ଟ ସଂକଳ୍ପ ପୂରଣ କରିବା ଲାଗି କାର୍ଯ୍ୟକ୍ରମ ଜାରି ରଖିଛନ୍ତି ବୋଲି ରାଜ୍ୟ ବିଜେପି ସଭାପତି ଓ ମୁଖ୍ୟମନ୍ତ୍ରୀ ବାରମ୍ବାର ସୂଚନା ଦେଉଛନ୍ତି । କେତେକ ବିଭାଗର ମନ୍ତ୍ରୀମାନଙ୍କ କାର୍ଯ୍ୟକଳାପ ଓ ବୟାନବାଜି ଦୃଷ୍ଟିରୁ ସେମାନଙ୍କୁ ବଦଳାଯାଇପାରେ ବୋଲି ଏବେ ଦଳୀୟ ସ୍ତରରେ ବ୍ୟାପକ ଚର୍ଚ୍ଚା ଚାଲିଛି । ଏମିତିକି କେତେକ ମନ୍ତ୍ରୀଙ୍କ ବିଭାଗର ମଧ୍ୟ ପରିବର୍ତ୍ତନ ଆସିପାରେ । ତେଣୁ ମନ୍ତ୍ରୀ ପଦକୁ ବଜାୟ ରଖିବା ସହିତ ଭଲ ବିଭାଗ ହାତେଇବା ଲାଗି ଅନେକଙ୍କ ଆଶା ରହିବା ସ୍ୱାଭାବିକ ।

ଭିନ୍ନ ଦଳରୁ ଆସି ବିଜେପି ବିଧାୟକ ହେବା ସହିତ ରାଜ୍ୟରେ ସରକାର ଗଢ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ବିଧାୟକ ଓ ସାଂସଦମାନଙ୍କୁ କେନ୍ଦ୍ର କିମ୍ବା ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇନାହିଁ। ଏଥିଯୋଗୁ ଅନ୍ୟ ଦଳରୁ ଆସିଥିବା ବହୁ ନେତାଙ୍କ ମନରେ କ୍ଷୋଭ ରହିବା ସ୍ୱାଭାବିକ । ଏହି ସମସ୍ୟାକୁ ଆଖି ଆଗରେ ରଖି କିଛି ଦଳଡିଆଁ ନେତାଙ୍କୁ ମନ୍ତ୍ରୀ କରାଯାଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ଆକଳନ କରୁଥିବା ବେଳେ ମୂଳ ବିଜେପି ନେତାମାନେ କିନ୍ତୁ ଏଥିରେ ସହମତ ଥିବାଭଳି ମନେ ହେଉନାହିଁ ।

ଗୋଟିଏ ପଟେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କ ଦଳ ପ୍ରତି ସମବେଦନାର ଶୀତଳ ହାୱା ଧୀରେ ଧୀରେ ପ୍ରବାହିତ ହେଉଥିବା ବେଳେ ଅନ୍ୟପକ୍ଷରେ ରାହୁଲ ଗାନ୍ଧିଙ୍କ ଓଡ଼ିଶା ଗସ୍ତରୁ କଂଗ୍ରେସ ତାହାର ହାତକୁ ଶକ୍ତ କରିବ ବୋଲି ଆଶା ବାନ୍ଧିଛି । ଆଗକୁ ଛାତ୍ର ସଂସଦ, ପଞ୍ଚାୟତ ଓ ପୌର ନିର୍ବାଚନ ଥିବା ପରିପ୍ରେକ୍ଷୀରେ ମନ୍ତ୍ରିମଣ୍ଡଳର ସଂପ୍ରସାରଣ ଓ ପୁନର୍ଗଠନ ବିଶେଷ ଗୁରୁତ୍ୱ ବହନ କରେ । ଏହାଛଡ଼ା ଦଳୀୟ ପଦପଦବୀ ଏବଂ ସରକାରର ବିଭିନ୍ନ କମିଶନ, ନିଗମ, ବୋର୍ଡ ଆଦିରେ କେଉଁମାନେ ସ୍ଥାନ ପାଇବେ ଓ କେଉଁମାନଙ୍କୁ ଉପେକ୍ଷା କରାଯିବ ତାହା ଉପରେ ବି ସମସ୍ତଙ୍କର ନଜର ରହିଛି । ବିଜେପି ଏକ ଜାତୀୟ ଦଳ ହୋଇଥିବାରୁ କେନ୍ଦ୍ର ନେତୃତ୍ୱଙ୍କ ପରାମର୍ଶକ୍ରମେ ଏ କ୍ଷେତ୍ରରେ ଯାହାକିଛି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ । କିନ୍ତୁ କେତେଦିନ ଭିତରେ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ସହ ରାଜନୈତିକ ନେତାମାନଙ୍କୁ ସରକାରୀ ପଦପଦବୀରେ ନିଯୁକ୍ତି ମିଳିବ ତାହାର ସମୟସୀମା ନିର୍ଦ୍ଦିଷ୍ଟ ଭାବେ କେହି ଦେଇପାରୁ ନାହାନ୍ତି । (ତଥ୍ୟ)

● ସି-ସୋର ଚିଟ୍‌ଫଣ୍ଡ ଠକେଇ ମାମଲା

## ପୂର୍ବତନ ସାଂସଦଙ୍କୁ ହାଇକୋର୍ଟଙ୍କ ଆଶ୍ୱସ୍ତି



ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ): ସି-ସୋର ଚିଟଫଣ୍ଡ ଠକେଇ ମାମଲାରେ ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କୁ ସାମୟିକ ଆଶ୍ୱସ୍ତି ମିଳିଛି। ଅଦାଲତରେ ପରବର୍ତ୍ତୀ ଶୁଣାଣି ଯାଏଁ ତାଙ୍କ ବିରୋଧରେ କୌଣସି ପ୍ରକାର କଠୋର କାର୍ଯ୍ୟାନୁଷ୍ଠାନ ଉପରେ ଆଜି ହାଇକୋର୍ଟ ଅଙ୍କୁଶ ଲଗାଇଛନ୍ତି। ସି-ସୋର ଚିଟଫଣ୍ଡ ମାମଲାରେ ପୂର୍ବତନ ସାଂସଦ ଶ୍ରୀ ଜେନାଙ୍କୁ ଆସନ୍ତା ୧୪ ତାରିଖରେ ହାଜର ହେବାକୁ ସିବିଆଇ ପକ୍ଷରୁ ନୋଟିସ୍ କରାଯାଇଥିଲା। ତେବେ ହାଇକୋର୍ଟ ଏହା ଉପରେ ଶୁଣାଣି କରି ତଦନ୍ତରେ ସହଯୋଗ କରିବାକୁ ଶ୍ରୀ ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ କେସ୍ ସମ୍ବନ୍ଧୀୟ ରେକର୍ଡପତ୍ର ଯୋଗାଇଦେବାକୁ ଶ୍ରୀ ଜେନା ହାଇକୋର୍ଟରେ ପହଞ୍ଚିଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪ ଗୁରୁବାର ୧୦ ଜୁଲାଇ ୨୦୨୫, ଭୁବନେଶ୍ୱର
Wednesday 9 July 2025, Bhubaneswar

# ସମ୍ଭାବ୍ୟ ଆର୍ଥିକ ସଙ୍କଟର ମୁକାବିଲା

ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତିକୁ ଅନେକ ସମାଲୋଚନା କରୁଛନ୍ତି। ଭାରତ ପିଓକେ ଦଖଲର ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରିଦେଲା ବୋଲି ଅନେକ ମତବ୍ୟକ୍ତ କରୁଛନ୍ତି। କିନ୍ତୁ ଯେଉଁମାନଙ୍କ ଅର୍ଥନୀତି ଉପରେ କିଛି ଧାରଣା ରହିଛି ସେମାନେ ଆଶ୍ୱସ୍ତ ହୋଇଛନ୍ତି। କାରଣ ଭାରତ ଓ ପାକିସ୍ତାନ ମଧ୍ୟରେ ବଡ଼ ଯୁଦ୍ଧ ହୋଇଥିଲେ ଏହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିଥାଆନ୍ତା। ଦେଶର ଅର୍ଥବ୍ୟବସ୍ଥା ଭୁଶୁଡ଼ି ପଡ଼ିଥାଆନ୍ତା। ବହୁ ବର୍ଷର ପ୍ରୟାସ ପରେ ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି। ଏବେ ଭାରତ ତୃତୀୟ ସ୍ଥାନକୁ ଉନ୍ନୀତ ହେବାକୁ ପ୍ରୟାସ ଜାରି ରହିଛି। ବହୁ କଷ୍ଟରେ ମୁଦ୍ରାସ୍ଫୀତି ନିୟନ୍ତ୍ରିତ ହୋଇଛି। ଯୁଦ୍ଧ ଲାଗିଇଥିଲେ ଦରଦାମ ବଢ଼ିଥାଆନ୍ତା ଏବଂ ବିପୁଳ ଅର୍ଥ ବ୍ୟୟ ହୋଇଥାଆନ୍ତା। ସମ୍ପ୍ରତି ବିଶ୍ୱ ଅର୍ଥନୀତି ଏକ ପ୍ରକାର ସଙ୍କଟ ମଧ୍ୟ ଦେଇ ଗତି କରୁଛି। ଟ୍ରମ୍ପଙ୍କ ଟାରିଫ ଯୁଦ୍ଧରେ ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ସେୟାର ମାର୍କେଟ ଉପରେ ଏହାର ପ୍ରଭାବ ପଡ଼ିଛି। ବିଶ୍ୱ ଅର୍ଥନୀତିରେ ଅନିଶ୍ଚିତତା ସୃଷ୍ଟି ହୋଇଛି ଏବଂ ପୁଣି ଏକ ମାନ୍ଦାବସ୍ଥା ସୃଷ୍ଟିର ଆଶଙ୍କା ସୃଷ୍ଟି ହୋଇଛି। କିନ୍ତୁ ଅନେକ ସମୟରେ ସଙ୍କଟ ବଡ଼ ସୁଯୋଗ ସୃଷ୍ଟି କରିଥାଏ। ଏବେ ଭାରତ ପାଇଁ ଏକ ବଡ଼ ସୁଯୋଗ ସୃଷ୍ଟି ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ବୃଦ୍ଧି ଭାରତ ପାଇଁ ପରୋକ୍ଷରେ ଆଶୀର୍ବାଦ ହୋଇପାରେ। କାରଣ ସବୁ ସଙ୍କଟ ଏକ ନୂଆ ସୁଯୋଗ ସୃଷ୍ଟି କରିଥାଏ। ଏହାର କେବଳ ଉପଯୋଗ ଆବଶ୍ୟକ। ଟ୍ରମ୍ପ ଉଭୟ ଭାରତ ଏବଂ ଚୀନ ଉପରେ ଟାରିଫ ବୃଦ୍ଧି କରିବା ପରେ ଉଭୟ ଦେଶ ପରସ୍ପରର ନିକଟତର ହେବାକୁ ସୁଯୋଗ ସୃଷ୍ଟି ହୋଇଛି। ଶତ୍ରୁର ଶତ୍ରୁ ମିତ୍ର। ତେଣୁ ଏବେ ଆମେରିକା ବିରୋଧରେ ଭାରତ ଓ ଚୀନ ଏକାଠି ହୋଇପାରନ୍ତି। ଚୀନ ବୈଦେଶିକ ମନ୍ତ୍ରୀ ଏଥିଲାଗି ଭାରତକୁ ଆହ୍ୱାନ କରି କହିଛନ୍ତି ଯେ, ଏବେ ଡ୍ରାଗନ ଏବଂ ଏଲିଫ୍ୟାଣ୍ଟ ଏକାଠି ନାଚିବାର ସୁଯୋଗ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ଅନେକ ବର୍ଷ ହେବ ସୀମା ବିବାଦ ଲାଗି ରହିଛି। ଇତିମଧ୍ୟରେ ମୋଦି ଏବଂ ଜିନ ପିଙ୍ଗଙ୍କ ମଧ୍ୟରେ ଆଲୋଚନା ଦ୍ୱାରା ବିବାଦର ସାମୟିକ ସମାଧାନ ହୋଇଛି। ସୀମାରେ ଉତ୍ତେଜନା ହ୍ରାସ ପାଇଛି। ଚୀନର ବୈଦେଶିକ ମନ୍ତ୍ରୀ ଯାହା କହିଛନ୍ତି ତାହା ଯଥାର୍ଥ। ସୀମା ବିବାଦର ସମାଧାନ ପାଇଁ ଉଦ୍ୟମ ଜାରି ରହିବ। ଏହାକୁ ପଛରେ ପକାଇ ବିଶ୍ୱର ଏହି ଦୁଇ ମହାନ ପୁରାତନ ସଭ୍ୟତା ସମ୍ପନ୍ନ ରାଷ୍ଟ୍ର ଉଭୟଙ୍କ ବୃହତ୍ତମ ସ୍ୱାର୍ଥ ନିମନ୍ତେ ଏକାଠି ହେବା ଉଚିତ ବୋଲି ସେ କହିଛନ୍ତି। ଏବେ ଭାରତ ସରକାର ଗୁରୁତ୍ୱର ସହ ଏ ସମ୍ପର୍କରେ ଚିନ୍ତା କରିବା ଉଚିତ। ଆମେରିକା ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ. ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଆମେରିକା ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ର୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବି୍ଵର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ଟାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ଋଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ଋଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ôଥକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ଋଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ୍ୟ ଏବେ ସତର୍କ ରହିବାର ସମୟ। ଇତିମଧ୍ୟରେ ଭାରତ ଓ ଆମେରିକା ମଧ୍ୟରେ ନୂଆ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପାଦନ ଲାଗି ଆଲୋଚନା ଏକ ପ୍ରକାର ନିର୍ଣ୍ଣୟାତ୍ମକ ସ୍ଥିତିରେ ପହଞ୍ଚିଛି। ଉଭୟ ଦେଶର ଉଚ୍ଚସ୍ତରୀୟ ପ୍ରତିନିଧିଙ୍କ ମଧ୍ୟରେ ଏଥିଲାଗି ଆଲୋଚନା ହେଉଛି। ଆଲୋଚନା ବେଳେ ଭାରତ ଆମେରିକା ଉପରେ ଟାରିଫ ହ୍ରାସ କରିବାକୁ ପ୍ରସ୍ତୁତ ଥିବା ସଙ୍କେତ ଦେଇଛି। ଯଦି ଭାରତ ଟାରିଫ ହ୍ରାସ କରେ ତେବେ ଆମେରିକା ମଧ୍ୟ ଭାରତ ଉପରେ ବର୍ଦ୍ଧିତ ଟାରିଫ ପ୍ରତ୍ୟାହାର କରିପାରେ। ରାଷ୍ଟ୍ରପତି ଟ୍ରମ୍ପ ଏହି ସଙ୍କେତ ଦେଇଛନ୍ତି। ଏହା ସ୍ୱାଗତଯୋଗ୍ୟ। ବାସ୍ତବରେ ଭାରତର ଟାରିଫ ବା ଟିକସ ହାର ବହୁ ଅଧିକ। ଏଥିନେଇ ଆମେରିକା ରାଷ୍ଟ୍ରପତିଙ୍କ ଉଦବେଗ ଯଥାର୍ଥ। ଏହା ଦ୍ୱାରା ଆମେରିକା ବା ବିଦେଶୀ ରାଷ୍ଟ୍ରମାନେ ଭାରତରେ ନିଜର ସାମଗ୍ରୀ ବିକ୍ରୀ କରିବା ସୁଯୋଗ ପାଉ ନାହାଁନ୍ତି। ଭାରତୀୟ ଶିଳ୍ପ ଏବଂ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏହା ଉଦ୍ଦିଷ୍ଟ ବୋଲି କୁହାଯାଉଛି। କିନ୍ତୁ ଭାରତର ଖାଉଟୀ ଏହା ଦ୍ୱାରା ଶସ୍ତାରେ ଭଲ ସାମଗ୍ରୀ ପାଇବାରୁ ବଂଚିତ ହେଉଛନ୍ତି। ଭାରତର ଶିଳ୍ପ ଉତ୍ପାଦନକାରୀମାନେ ଚଢ଼ା ଦରରେ ଲୋକଙ୍କୁ ସାମଗ୍ରୀ ବିକ୍ରୀ କରୁଛନ୍ତି। ଯଦି ଭାରତ ସରକାର ସେମାନଙ୍କ ସ୍ୱାର୍ଥ ରକ୍ଷା ଚାହୁଁଛନ୍ତି ତେବେ ସେମାନଙ୍କ ଉପରୁ ଟିକସ ବୋଝ ହାଲୁକା କରନ୍ତୁ। ଆମେରିକା ବା ଅନ୍ୟ ବୈଦେଶିକ ସାମଗ୍ରୀ ଉପରୁ ଟିକସ ହ୍ରାସ ଉଚିତ। କିନ୍ତୁ ଟ୍ରମ୍ପ ଯେପରି ଅଭଦ୍ରୋଚିତ ବ୍ୟା ପ୍ରୟୋଗ କରୁଛନ୍ତି, ଯେପରି ଭାବେ ଭାରତକୁ ଧମକାଉଛନ୍ତି ତାହା ଆଗରେ ଭାରତ ସରକାର ମୁଣ୍ଡ ନୁଆଁଇବା ଅନୁଚିତ। ବରଂ ଆମେରିକା ଉପରେ ନିର୍ଭରଶୀଳତା କିପରି ହ୍ରାସ କରାଯାଇପାରିବ ସେଥିପ୍ରତି ଯତ୍ନବାନ ହେବା ଉଚିତ। ଆମେରିକାକୁ ବାଦ ଦେଇ ମଧ୍ୟ ବିଶ୍ୱ ବାଣିଜ୍ୟର ସ୍ଥିତି ରହିଛି। ଚୀନ ଓ ୟୁରୋପ ସହ ଭାରତ ବାଣିଜ୍ୟ କାରବାର ବୃଦ୍ଧି କରିବାକୁ ପ୍ରୟାସ କରିବା ଉଚିତ। ଏହା ସହିତ ବିଭିନ୍ନ ଶିଳ୍ପଜାତ ସାମଗ୍ରୀ ଉତ୍ପାଦନରେ ଭାରତ କିପରି ଶତ ପ୍ରତିଶତ ଆତ୍ମନିର୍ଭରଶୀଳ ବା ସ୍ୱାବଲମ୍ବୀ ହୋଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆତ୍ମନିର୍ଭରଶୀଳ ଭାରତ ଗଠନ ପ୍ରୟାସ ଏ ଦିଗରେ ଏକ ବଳିଷ୍ଠ ପଦକ୍ଷେପ। ୨୦୪୭ ସୁଦ୍ଧା ଭାରତକୁ ଏକ ସମୃଦ୍ଧ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବାକୁ ହେଲେ ସବୁ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ।

# ଗୁରୁପୂଜା ପରମ୍ପରାରେ ବ୍ୟାସ ପୂର୍ଣ୍ଣିମା



ଡ଼ଃ.ଅରୁନ୍ଧତୀ ଦେବୀ

ଗୁରୁପୂଜା ପରମ୍ପରା ମୁଖ୍ୟତଃ ଗୁରୁଙ୍କ ପୂଜା କରିବା ଓ ଭକ୍ତି ପ୍ରଦାନ ଦିଗରେ ଉତ୍ସର୍ଗୀକୃତ। ଏହି ସଂସ୍କୃତ ଶବ୍ଦ ଗୁରୁ ଶବ୍ଦଟିର ଦୁଇଟି ଅକ୍ଷରର ଅର୍ଥ ବିଶେଷ ଗୁରୁତ୍ୱ ବହନ କରେ। "ଗୁ'ର ଅର୍ଥ ଅଜ୍ଞାନ ବା ଅନ୍ଧକାର। ଆଉ "ରୁ' ଅର୍ଥ ଲିଭେଇଦେବା ବା ଦୂରେଇ ଦେବା। ଅର୍ଥାତ୍ ଅଜ୍ଞାନ ବା ଅନ୍ଧକାରକୁ ଯିଏ ଦୂରେଇ ଦିଅନ୍ତି ସେ ଗୁରୁ ପଦବାଚ୍ୟ। ଗୁରୁ ପୂର୍ଣ୍ଣିମା ବା ବ୍ୟସା ପୂର୍ଣ୍ଣିମା ଆଷାଢ଼ ମାସ ପୂର୍ଣ୍ଣିମାରେ ପାଳିତ ହୋଇଥାଏ। ମୁଖ୍ୟତଃ ହିନ୍ଦୁ, ବୌଦ୍ଧ ଓ ଜନୈନ ଧର୍ମାବଲମ୍ବୀମାନେ ଏହି ପର୍ବଟିକୁ ମହା ଆଡ଼ମ୍ବରରେ ପାଳନ କରିଥାନ୍ତି। ଭାରତ ବ୍ୟତୀତ ନେପାଳରେ ମଧ ଏହି ପର୍ବଟିର ପାଳନ ପରମ୍ପରା ରହିଛି। ଉତ୍ତର ପ୍ରଦେଶରେ ବୌଦ୍ଧ ଧର୍ମାବଲମ୍ବୀମାନେ ଗୌତମ ବୁଦ୍ଧଙ୍କ ପାଇଁ ଏହି ପର୍ବ ପାଳନ କରିଥାନ୍ତି। ଯୋଗୀ ପରମ୍ପରା ଅନୁଯାୟୀ ଭଗବାନ ଶିବ ହେଉଛନ୍ତି ପ୍ରଥମ ଗୁରୁ। ତେଣୁ ଯୋଗୀମାନେ ଶିବଙ୍କୁ ଆଦିଗୁରୁ ଭାବେ ପୂଜା କରିଥାନ୍ତି। କିନ୍ତୁ ହିନ୍ଦୁ ଋଷି, ସାଧୁ, ସନ୍ଥମାନେ ବ୍ୟାସଦେବଙ୍କୁ ଗୁରୁ ଭାବରେ ପୂଜା କରିଥାନ୍ତି। ବ୍ୟାସଦେବଙ୍କ ଆଲୋକ ବର୍ତ୍ତିକାରେ ସପ୍ତଋଷିଗଣ ସୃଷ୍ଟି ହୋଇଥିଲେ। ତେଣୁ ହିନ୍ଦୁମାନେ ବ୍ୟାସଦେବଙ୍କୁ ମହାନ ଗୁରୁ ଭାବରେ ପୂଜା କରନ୍ତି। ପ୍ରାଚୀନ କାଳରୁ ଏହି ଗୁରୁ ଶିଷ୍ୟ ପରମ୍ପରା ଚାଲିଆସୁଛି। ଏହି ଦିନଟିରେ ଗୁରୁ ଶିଷ୍ୟମାନଙ୍କ ମଧ୍ୟରେ ଏକ ଆଧାତ୍ମିକ ବାତାବରଣ ସୃଷ୍ଟିହୁଏ।

ହିନ୍ଦୁ ଶାସ୍ତ୍ର ଅନୁଯାୟୀ ମହାଭାରତ ରଚୟିତା ବ୍ୟାସଦେବ ଋଷି ପରାଶର ଏବଂଧୀବର କନ୍ୟା ସତ୍ୟବତୀଙ୍କ ଗର୍ଭରୁ ଆଷାଢ଼ ପୂର୍ଣ୍ଣି ତିଥିରେ ଜନ୍ମ ଗ୍ରହଣ କରିଥିଲେ। ତେଣୁ ଏହି ଦିନଟିକୁ ବ୍ୟାସ ପୂର୍ଣ୍ଣିମା ଭାବେ ମଧ ପାଳନ କରାଯାଏ। ବେଦବ୍ୟାସ ଜଣେ ବିଜ୍ଞ ଋଷି ଥିଲେ। ସେ ମାନବ ସମାଜ ପାଇଁ ବିଭିନ୍ନ ପ୍ରକାର ଉପଯୋଗୀ ଶାସ୍ତ୍ର ରଚନା କରିଥିଲେ। ସେ ବେଦସ୍ତୁତିକୁ ପାଳିଆ, ବୈଷମପାୟନ, ଜୈମିନୀ ଓ ସୁମନ୍ତ ଏହିପରି ୪ ପ୍ରକାର ଶାସ୍ତ୍ରରେ ବିଭକ୍ତ କରିଥିଲେ। ଏହାପରେସେ ଋକ୍, ସାମ୍, ଯର୍ଜୁ ଓ ଅଥର୍ବ ବେଦଶାସ୍ତ୍ର ରଚନା କରିଥିଲେ। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ଭଗବାନ ଶିବଙ୍କୁ ଆଦିଗୁରୁ ଭାବେ ସ୍ୱୀକାର କରାଯାଇଛି। ଗୌତମ ବୁଦ୍ଧ ଯେତେବେଳେ ପ୍ରଗାଢ଼ ଜ୍ଞାନର ଅଧିକାରୀ ହୋଇଗଲେ ସେ ତାଙ୍କର ୫ ଜଣ ଅନୁଗାମୀଙ୍କୁ ଉପଦେଶ ଶିକ୍ଷା ଦେଇ ଗୁରୁ ହୋଇଥିଲେ। ସେ ଆଷାଢ଼ ମାସର ପୂର୍ଣ୍ଣମୀ ତିଥିରେ ତାଙ୍କର ଭିକ୍ଷୁମାନଙ୍କୁ ପାଞ୍ଚୋଟି ଧର୍ମ ଉପଦେଶ ଦେଇଥିଲେ। ଯାହାକୁ ଧମକାକପ୍ରାଟନ କୁହାଯାଏ। ଗୁରୁ ପୂର୍ଣ୍ଣିମା ପର୍ବଟି ଅତ୍ୟନ୍ତ ପବିତ୍ର। ଏହିଦିନ ଆଦିଗୁରୁ ମାନବ ସମାଜର ବିକାଶ ପାଇଁ ନିୟମମାନ ତିଆରି କରିଥିଲେ। ସପ୍ତଋଷିଙ୍କ ଦ୍ୱାରା ବିଭିନ୍ନ ପ୍ରକାର ଜ୍ଞାନ ଉପରେ ସାରା ବିଶ୍ୱକୁ ଶିକ୍ଷଣୀୟ ମହାତ୍ମ୍ୟ ମିଳିଲା। ହିନ୍ଦୁ ଆଧାତ୍ମିକ ଶିକ୍ଷାକୁ ସମ୍ମାନ ଦେବା ପାଇଁ ଏହି ବ୍ୟାସ ପୂର୍ଣ୍ଣିମା ପର୍ବ କରାଯାଇଥାଏ। ଏହି ପୂଜାକୁ ମଧ ବିଭିନ୍ନ ମନ୍ଦିରରେ ପାଳନ କରାଯାଇଥାଏ। ଯେଉଁଥିରେ ଗୁରୁଙ୍କ ଉଦ୍ଦେଶ୍ୟରେ ପୁଷ୍ପ ଓ ଉପହାରମାନ ଅର୍ପଣ କରାଯାଇଥାଏ। ଆଶ୍ରମ, ମଠ ଓ ବିଭିନ୍ନ ଭକ୍ତି ବାତାବରଣ ସ୍ଥାନମାନଙ୍କରେ କୀର୍ତ୍ତନ କରାଯାଏ। ଏହି ପୂଜା ହେଉଥିବା ସ୍ଥାନକୁ ତ୍ରିନୋକ ଗାଦି ବୋଲି କୁହାଯାଏ। ଗୁରୁ ପୂର୍ଣ୍ଣିମାକୁ ମଧ ପାଦପୂଜା ଦିବସ କୁହାଯାଏ। ଏହି ପୂଜାଟି ମୁଖ୍ୟତଃ ଗୁରୁ ଓ ଶିଷ୍ୟର ବିଷୟ ବସ୍ତୁକୁ ନେଇ ଆଧାରିତ। ଏଥିରେ ଏକ ମନ୍ତ୍ର ଉଚ୍ଚାରଣ କରାଯାଏ ତାହା ହେଉଛି - ତ୍ରିନୋକ ଗୁହାର ବ୍ରହ୍ମ, ତ୍ରିନୋକ ଗୁହାର ବିଷ୍ଣୁ, ତ୍ରିନୋକ ଗୁହାର ଦେବୋ ମହେଶ୍ୱର, ତ୍ରିନୋକ ଗୁହାର ସାକ୍ଷାତ ପରମବ୍ରହ୍ମ, ତସ୍ମୈ ଶ୍ରୀ ତ୍ରିନୋକ ଗୁହା ବେ ନମଃ। ଏହି ବ୍ୟାସ ପୂର୍ଣ୍ଣିମା ଭିନ୍ନ ଭିନ୍ନ ପ୍ରକାରରେ ପାଳନ କରାଯାଉଥିଲେ ମଧ ଏହାର ଲକ୍ଷ୍ୟ ଏକ। ଗୁରୁମାନଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏହି ପରମ୍ପରାଟି ଉତ୍ସର୍ଗୀକୃତ।

ଗୁରୁ-ଶିଷ୍ୟ ପରମ୍ପରାରେ ଏକଲବ୍ୟ : ପ୍ରାଚୀନ ମହାଭାରତରେ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ତାଙ୍କ ଶିଷ୍ୟ ଏକଲବ୍ୟଙ୍କ ବିଷୟରେ ବର୍ଣ୍ଣନା ରହିଛି। ପିଲାଦିନେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ପାଖରେ ଧନୁର୍ବିଦ୍ୟା ଶିକ୍ଷା ଗ୍ରହଣ ପାଇଁ ଖୁବ୍ ଆଗ୍ରହୀ ଥିଲେ। ଦ୍ରୋଣଙ୍କ ନିକଟରେ କେବଳ ବ୍ରାହ୍ମଣ ଓ କ୍ଷତ୍ରିୟମାନେ ଶିକ୍ଷା ଗ୍ରହଣ କରୁଥିବାରୁ ଶୁଦ୍ର ଏକଲବ୍ୟଙ୍କୁ ଦ୍ରୋଣ ଶିକ୍ଷାଦାନ ପାଇଁ ମନା କରିଦେଇଥିଲେ। ପ୍ରତ୍ୟକ୍ଷ ଭାବେ ଏକଲବ୍ୟ ଗୁରୁ ଦ୍ରୋଣଙ୍କ ଶିକ୍ଷାଦାନରୁ ବଞ୍ଚିତ ହେଲେ କିନ୍ତୁ ପରୋକ୍ଷରେ ସେ ଦ୍ରୋଣଙ୍କୁ ଗୁରୁ ଭାବେ ଗ୍ରହଣ କରି ଶିକ୍ଷା ଗ୍ରହଣ କଲେ। ଗୁରୁ ଦ୍ରୋଣଙ୍କ ଶିଷ୍ୟ ଅର୍ଜୁନ, ଭୀମ, ଯୁଧିଷ୍ଠିର, ନକୁଳ, ସହଦେବ, ଦୁର୍ଯ୍ୟୋଧନ, ଦୁଃଶାସନ ଆଦି ରାଜପୁତ୍ରଙ୍କୁ ଧନୁର୍ବିଦ୍ୟା ଶିଖାଇବା ସମୟରେ ସେ ଦୂରରେ ରହି ଧନୁ ବିଦ୍ୟାକୁ କରାୟତ କରିନେଲେ। ଥରେ ଶିକ୍ଷାଦାନ ସମୟରେ କୁକୁର ଭୁକିବାରୁ ଗୁରୁ ଦ୍ରୋଣାଚାର୍ଯ୍ୟଙ୍କ ଶିକ୍ଷାଦାନରେ ବ୍ୟାଘାତ ଘଟିଲା। ଏହା ଦୂରରୁ ନିରିକ୍ଷଣ କରି ଏକଲବ୍ୟ ତୀର ମାରି କୁକୁରର ଭୁକିବା ବନ୍ଦ କରିଦେଲେ। ତୀର ମାରି କୁକୁରଟିର ଭୁକିବା ବନ୍ଦ କରିଦେଇଥିଲେ ମଧ କୁକୁରଟି କିଛି ବି କ୍ଷତି ହୋଇନଥିଲା। ଏହା ତାଙ୍କ ଧନୁର୍ବିଦ୍ୟାର ଶ୍ରେଷ୍ଠ ପରାକାଷ୍ଠା ଥିଲା। ଧନୁର୍ବିଦ୍ୟା ଶିଖି ତୀର ଚାଳନାରେ ପାରଙ୍ଗମ ହୋଇଥିବାରୁ ତାଙ୍କର ସବୁଆଡ଼େ ଚର୍ଚ୍ଚା ହେଉଥିଲା। ଏହି କଥା ଗୁରୁ ଦ୍ରୋଣଙ୍କ ନଜରକୁ ଆସିଲା। କିନ୍ତୁ ଦ୍ରୋଣଙ୍କର ଇଚ୍ଛାଥାଏ ସାରା ବିଶ୍ୱରେ ଅର୍ଜୁନ ହିଁ ଶ୍ରେଷ୍ଠ ଧନୁର୍ଦ୍ଧାରୀ ହୁଅନ୍ତୁ। ସେ ଏହା ସହ୍ୟ କରି ନପାରି ଦିନେ ଏକଲବ୍ୟର କୁଡ଼ିଆକୁ ଗଲେ। ସେଠାରେ ଗୁରୁ ଦ୍ରୋଣ ଦେଖିଲେ ତାଙ୍କର ଏକ ପ୍ରତିମୂର୍ତ୍ତି ରଖି ଏକଲବ୍ୟ ପୂଜା କରୁଛି ଓ ସ୍ୱୟଂ ନିଜେ ଧନୁର୍ବିଦ୍ୟା ଶିକ୍ଷା କରୁଛି। ଗୁରୁ ଦ୍ରୋଣାଚାର୍ଯ୍ୟ ଏକଲବ୍ୟର ଗୁରୁପ୍ରୀତି ତଥା ନିଷ୍ଠା ଦେଖି ଚକିତ ହେଲେ। ଦ୍ରୋଣାଚାର୍ଯ୍ୟ ଗୁରୁ ଦକ୍ଷିଣା ସ୍ୱରୂପ ଏକଲବ୍ୟଙ୍କୁ ତାଙ୍କର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳି ମାଗିଲେ। ଏକଲବ୍ୟ କିଛି ନଭାବି ଗୁରୁ ଦ୍ରୋଣଙ୍କୁ ଶ୍ରେଷ୍ଠ ମନେକରି ତୁରନ୍ତ ଏକ ଛୁରୀ ଦ୍ୱାରା ତାଙ୍କର ବୃଦ୍ଧ ଆଙ୍ଗୁଠି କାଟି ଗୁରୁଦେବଙ୍କୁ ଦକ୍ଷିଣା ସ୍ୱରୂପ ପ୍ରଦାନ କଲେ। ଏକଲବ୍ୟ ତାଙ୍କର ନିଷ୍ଠା, ସାହସ ତଥା ଗୁରୁଭକ୍ତି ପରାକାଷ୍ଠା ପାଇଁ ଗୁରୁ ଭକ୍ତିର ଜ୍ୱଳନ୍ତ ଉଦାହରଣ ପାଲଟି ଗଲେ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତୀୟ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# 'ଶ୍ରୀକୃଷ୍ଣଙ୍କ ବଂଶୀ ଓ ତାହାର ପରମ ତତ୍ତ୍ୱ'



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୀଳା କରିଥିଲେ।ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ।ଏଠାରେ ପଂରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ। ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ। ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ। ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ। କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ।ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ।

ପ୍ରଣବର ପ୍ରତୀକ ହେଉଛନ୍ତି ବଂଶୀ । ଏହା ହେଉଛନ୍ତି ସେହି ବଂଶୀ ଯିଏ ଯମୁନା ତଟରେ ପ୍ରିୟତମ ଶ୍ରୀକୃଷ୍ଣଙ୍କ ସହ ମିଶିବା ପାଇଁ ବ୍ରଜାଙ୍ଗନା ଗୋପୀମାନଙ୍କୁ ଆକର୍ଷଣ କରିଥିଲା । ବଂଶୀର ଦିବ୍ୟ



ଲହରୀ ଅତିବ ମନମୋହକ ଥିଲା । ତାର ଶକ୍ତି ଥିଲା ଅଦ୍ଭୁତ । ଯେତେବେଳେ ଏହା କର୍ଣ୍ଣ ଗହ୍ୱର ଦେଇ ହୃଦୟ କନ୍ଦରକୁ ପ୍ରବେଶ କରୁଥିଲା, ସେତେବେଳେ ତାହା ଶ୍ରୋତାର ସକଳ ପ୍ରିୟ ସମ୍ପର୍କ, ଜଗତ ଏବଂ ଏପରିକି ତା ନିଜକୁ ମଧ ଭୁଲାଇ ଦେଉଥିଲା । ଏହା ଶ୍ରବଣକର୍ତ୍ତା କୁ ଆନନ୍ଦରେ ନଚାଉଥିଲା ଓ ତାର ହୃଦୟରେ ବିମଳ ପ୍ରେମ ଭାବ ଜାଗ୍ରତ କରୁଥିଲା । ଆଜି ଆମେ ପ୍ରଭୁ ପରମ ପୁରୁଷ ଶ୍ରୀକୃଷ୍ଣଙ୍କ ବଂଶୀ ଉପରେ କିଛି ମହତ୍ତ୍ୱପୂର୍ଣ୍ଣ ବିଷୟରେ ଜାଣିବା

ଏହି ଦିବ୍ୟ ବଂଶୀନାଦ ହୃଦୟକୁ ରୋମାଞ୍ଚିତ କରୁଥିଲା ଓ ଅତିଶୟ ଆନନ୍ଦରେ ଉଲ୍ଲସିତ କରି ନୂତନ ଜୀବନ ଓ ଆନନ୍ଦ ସଂଚାର କରୁଥିଲା । ଏହା ସମସ୍ତ ପ୍ରାଣୀର ହୃଦୟରେ ଭଗବତ ମାଦକତା ଭରି ଦେଉଥିଲା, ଏପରିକି ଜଡ ବସ୍ତୁରେ ମଧ ଜୀବନ ସଂଚାର କରୁଥିଲା। ଧ୍ୱନୀର ମଧୁରତାରେ ପଟାନ୍ତର ନଥିଲା । କୃଷ୍ଣଙ୍କ ବଂଶୀ ଧ୍ୱନୀ ଯିଏ ଥରେ ଶୁଣିଛି ସ୍ୱର୍ଗର ଅମୃତ ଅଥବା ମୋକ୍ଷର ଆନନ୍ଦ ପ୍ରତି ସେ ସେତେଟା ଧାନ ଦେବ ନାହିଁ । ବଂଶୀ ଓ ଏହାର ଧ୍ୱନୀ ଗୋପୀମାନଙ୍କ ହୃଦୟକୁ ବିମୋହିତ କରିରଖିଥିଲା । ସେମାନେ ନିଜ ଅଧିକାରରେ ରହି ପାରୁ ନଥିଲେ । ସଂସାର ତାଙ୍କ ପାଇଁ କୌଣସି ମହତ୍ତ୍ୱ ରଖୁନଥିଲା । ସେମାନେ କୃଷ୍ଣଙ୍କ ଆଡ଼କୁ ଦୁର୍ବାର ଭାବରେ ଟାଣି ହେଲା ଭଳି ଅନୁଭବ କରୁଥିଲେ । ଗୃହ ପରିତ୍ୟାଗ କରିବା ପାଇଁ ସେମାନଙ୍କର ନା ଥିଲା ଲଜ୍ଜା ନା ଥିଲା ଭୟ । ସେମାନଙ୍କ ପାଖରେ ଥିଲା ଏକ ଜାଗ୍ରତ ହୃଦୟ । ସେମାନଙ୍କ ମନ ଏହି ସଂସାରରେ ନଥିଲା । ସେମାନଙ୍କ ସ୍ୱାମୀ ଓ ଭାଇମାନେ ବୃଥାରେ ତାଙ୍କର ଗତିରୋଧ କରୁଥିଲେ । ଭଗବାନଙ୍କ ଦିବ୍ୟ ପ୍ରେମର ତେଜସ୍ୱିନୀ ସ୍ରୋତକୁ କିଏ ବା ଗତିରୋଧ କରି ପାରିବ .....!! ଯେଉଁ ପ୍ରେମଭାବ ଗୋପୀମାନେ କୃଷ୍ଣଙ୍କ ପ୍ରତି ପୋଷଣ କରିଥିଲେ ତାହା ଥିଲା ଦିବ୍ୟପ୍ରେମ । ଏହା ଥିଲା ହୃଦୟର ମିଳନ । ଏହା କୌଣସି ଭୌତିକ ମିଳନର ଆକର୍ଷଣ ନଥିଲା । ଏହାଥିଲା ପରମାତ୍ମଙ୍କ ସହ ମିଶିବା ପାଇଁ ଜୀବାତ୍ମାର ଅଭିଳାଷ। ଜୀବାତ୍ମାର ପରମାତ୍ମଙ୍କ ସହ ମିଳିତ ହେବାର ଏକ ପ୍ରକ୍ରିୟା । ପୂର୍ବ ଜୀବନରେ ଗୋପୀମାନେ ଥିଲେ ଦଣ୍ଡକାରଣ୍ୟର ସନ୍ଥ । ସେମାନେ ପ୍ରଭୁ ରାମଚନ୍ଦ୍ରଙ୍କୁ ଆଲିଙ୍ଗନ କରିବାକୁ ଇଚ୍ଛା ପୋଷଣ କରିଥିଲେ।

ପରଜନ୍ମରେ ଏହି ଇଚ୍ଛା ସଫଳ ହେବ ବୋଲି ସେମାନଙ୍କୁ ପ୍ରତିଶ୍ରୁତି ମିଳିଥିଲା । କୃଷ୍ଣ ଅବତାରରେ ସେମାନେ ପରମାତ୍ମଙ୍କ ସହ ମିଳିଥିଲେ ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୮୨୪୯୫୦୨୭୭୬

# ସାଧୁ ଯେ ମଳୟ ପବନ



ଶ୍ରୀ ହରି ଗୁରବୈଷ୍ଣବ ଆଶ୍ରିତ ଅତୀଶ

ଶ୍ରୀ କୃଷ୍ଣଦାସ କବିରାଜ ଗୋସ୍ୱାମୀ ସ୍ୱରଚିତ ଶ୍ରୀଚୈତନ୍ୟ ଚରିତାମୃତରେ ବର୍ଣ୍ଣନା କରାଯାଇଛି ଠାକୁର ହରିଦାସଙ୍କ ଉପରେ - "ହରିଦାସର ଗୁଣ ଗଣ ଅସଂଖ୍ୟ ଅପାର। କହେ କୋନ ଅଂଶ ବର୍ଣ୍ଣ ନେହି ପାୟ ପାର।' ଶ୍ରୀଲ ହରିଦାସ ଠାକୁରଙ୍କ ମହିମା ଅସଂଖ୍ୟ ଓ ଅପାର ତାହା କେହି ବର୍ଣ୍ଣନା କରିପାରିବେ ନାହିଁ ଅସଂଖ୍ୟ ଲୀଳା ମାନଙ୍କ ଭିତରୁ କିପରି ଏକ ବେଶ୍ୟାର ଉଦ୍ଧାର କରିଛନ୍ତି ତାହା ଶ୍ରୀଚୈତନ୍ୟ ଚରିତାମୃତରେ ରହିଛି। ହରିଦାସ ଠାକୁର ବେନାପୋଲ ଗ୍ରାମର ଶେଷ ମୁଣ୍ଡରେ ଏକ କୁଟୀର ନିର୍ମାଣ କରି କୁଟୀର ଆଗରେ ଏକ ତୁଳସୀ ଚଉରା ରଖି ତାଙ୍କ ପାଖରେ ପ୍ରତିଦିନ ୩ ଲକ୍ଷ ମହାମନ୍ତ୍ର ଜପ କରୁଥିଲେ। ସେହି ଗ୍ରାମର ଜମିଦାର ଥିଲେ ରାମଚନ୍ଦ୍ର ଖାଁ ସେ ସାଧୁ ବୈଷ୍ଣବ ମାନଙ୍କର ଘୋର ବିରୋଧୀ ଓ ଧର୍ମ ବିରୋଧୀ। ସେ ଦେଖିଲା ମୁଁ ଏହି ଗ୍ରାମର ଜମିଦାର ହୋଇ ମଧ ଲୋକମାନେ ମତେ ଶ୍ରଦ୍ଧା ସମ୍ମାନ ନକରି ସେ ଭିକାରୁ ସାଧୁ ହରିଦାସକୁ ଭକ୍ତି କରୁଛନ୍ତି। ମୁଁ ଯଦି ତାହାର ଚରିତ୍ର ଖରାପ କରିଦିଅ ଗ୍ରାମବାସୀମାନଙ୍କ ଆଗରେ ତାହେଲେ ସେମାନେ ମତେ ସମ୍ମାନ ଦେବେ। ସେ ଠାକୁର ହରିଦାସଙ୍କ ଦୋଷ ଖୋଜିବାକୁ ଲାଗିଲା ହେଲେ ସେ କୌଣସି ଦୋଷ ହରିଦାସଙ୍କ ପାଇଲା ନାହିଁ କ'ଣ କରିବ ଭାବି ଭାବି ଶେଷରେ ଚିନ୍ତାକଲା ଗୋଟିଏ ସୁନ୍ଦରୀ ବେଶ୍ୟାକୁ ହରିଦାସଙ୍କ ପାଖକୁ ପଠାଇ ତାଙ୍କ ଚରିତ୍ର ନଷ୍ଟ କରିବ ସୁନ୍ଦରୀ ମେନକାର ଘୁଁଘୁର ଶବ୍ଦରେ ତପସ୍ୱୀ ବିଶ୍ୱାମିତ୍ରଙ୍କ ହଜାର ବର୍ଷର ତପସ୍ୟା ନଷ୍ଟ ହୋଇଥିଲା ସେହିପରି ଦୁଇ ଦିନର ବୈରାଗୀ ହରିଦାସର କଥା ବା କ'ଣ? କାରଣ କାମି ପୁରୁଷ ନିଜ ଧନ ସମ୍ପତ୍ତିକୁ ତୁଛ କରି ନାରୀ ସଙ୍ଗ କରିବାକୁ ଇଚ୍ଛାକରେ। ନାରୀର କଟାକ୍ଷ ବାଣରେ ଘାଇଲା ହୋଇ ଇନ୍ଦ୍ର ସମାନ ପଦ ଓ ଐଶ୍ୱର୍ଯ୍ୟକୁ ତୁଛକରି ନାରୀ ସଙ୍ଗ ପାଇବା ପାଇଁ ବ୍ୟାକୁଳିତ ହୁଏ। ଏହା ଭାବି ସବୁଠାରୁ ସୁନ୍ଦର ବେଶ୍ୟା ଲକ୍ଷେ ହୀରାକୁ ହରିଦାସ ଠାକୁରଙ୍କ ବୈରାଗୀ ଧର୍ମକୁ ନଷ୍ଟ କରିବାକୁ କହିଲା। ସେ ସୁନ୍ଦର ବେଶ୍ୟା ନିଜ ରୂପ ଯୌବନର ଗର୍ବରେ ଚୁର ହୋଇ କହିଲା ମୁଁ ତିନି ଦିନ ଭିତରେ ବୈରାଗୀ ଠାକୁର ହରିଦାସଙ୍କ ଚିତ୍ତକୁ ହରଣ କରି ଭଜନରୁ ହଟାଇ ମୋର ଠାରେ ଆସକ୍ତ କରିଦେବି। ଏହା ଶୁଣି ରାମଚନ୍ଦ୍ର ଖାଁ କହିଲା ମୁଁ ତୁମ ସହିତ ମୋର ଗୋଟେ ଦୂତକୁ ପଠାଇ ଦେବି । ସେ ତୁମ ଦୁଇଜଣଙ୍କୁ ଅସଂଯତ ଅବସ୍ଥାରେ ଧରି ମୋର ପାଖକୁ ନେଇ ଆସିବ। ଏହା ଶୁଣି ଲକ୍ଷେ ହୀରା କହିଲା - ମୁଁ ଗୋଟ ଦିନ ହରିଦାସକୁ ଭୋଗ କରିସାରେ ଦ୍ୱିତୀୟ ଦିନ ତୁମେ ଦୂତ ପଠାଇବ ରାମଚନ୍ଦ୍ର ଖାଁ ଏହି କଥା ଶୁଣି ସ୍ୱୀକୃତି ଦେଲା। ସେ ଦିନ ରାତିରେ ବେଶ୍ୟା ଲକ୍ଷେ ହୀରା ସୁନ୍ଦର ଢ଼ଙ୍ଗରେ ସଜବାଜ ଭାବ ବିଭୋର ହୋଇ ଶ୍ରୀଲ ହରିଦାସ ଠାକୁରଙ୍କ ଭଜନ କୁଟୀରରେ ଯାଇ ପହଞ୍ଚିଲା। ଏହି ସମୟରେ ଠାକୁର ହରିଦାସ ଆନନ୍ଦରେ ଭାବ ବିଭୋର ହୋଇ ଶ୍ରୀ ମହାମନ୍ତ୍ର ଉଚ୍ଚାରଣ ପୂର୍ବକ ଜପ କରୁଥାନ୍ତି ଓ ଏହି ସମୟରେ ଲକ୍ଷେ ହୀରା ଦେଖିଲା କୁଟୀର ବାହାରେ ତୁଳସୀ ଚଉରା ରହିଛି ତାକୁ ସେ ପ୍ରଣାମ କଲା ଓ କୁଟୀର ଦ୍ୱାର ପାଖରେ ସେ ନାମଚର୍ଯ୍ୟ ଶ୍ରୀ ହରିଦାସଙ୍କୁ ପ୍ରଣାମ କଲା। ଶ୍ରୀନାମ ପ୍ରଭାବରୁ କିମ୍ବ ଅଭିନୟ ଦୃଷ୍ଟିରୁ ହୋଇପାରେ କିନ୍ତୁ ଶ୍ରୀ ତୁଳସୀ ଓ ବୈଷ୍ଣବ ପ୍ରବର ଶ୍ରୀଲ ହରିଦାସ ଠାକୁରଙ୍କୁ ପ୍ରଣାମ କରି ସଦା ପାପଚାର କରୁଥିବା ବେଶ୍ୟା ଭକ୍ତିର ଦୁଇ ଅଙ୍ଗକୁ ପାଳନ କରିଦେଲା। ଲକ୍ଷେ ହୀରା ଧୀରେ ଧୀରେ କୁଟୀର ଭିତରକୁ ଯାଇ ନିଜ ବସ୍ତ୍ର ଅଳ୍ପ ଖୋଲି ଅଙ୍ଗ ପ୍ରଦର୍ଶନ ପୂର୍ବକ କହିଲା ଠାକୁର ଆପଣ ବହୁତ ସୁନ୍ଦର ଆପଣଙ୍କୁ ଦେଖି କୋଉ ନାରୀ ସମ୍ଭାଳି ରହିପାରିବ ମୋର ବହୁତ ଇଚ୍ଛା ହେଉଛି ଆପଣଙ୍କ ଅଙ୍ଗ ସଙ୍ଗ କରିବା ପାଇଁ ଏହା ଶୁଣି ଠାକୁର ହରିଦାସ କହିଲେ ମୁଁ ତୁମର କାମନା ଅବଶ୍ୟ ପୂର୍ଣ୍ଣ କରିବି କିନ୍ତୁ ମୋର ନିୟମିତ ନାମ ଜପ ସଂଖ୍ୟା ପୂର୍ଣ୍ଣ କରିସାରେ ତୁମେ ଏହିଠାରେ ବସି ନାମ ଶ୍ରବଣ କର ଏହା କହି ଠାକୁର ହରିଦାସ ନାମ ଜପ କଲେ। ଠାକୁର ହରିଦାସ ବେଶ୍ୟାର ଖରାପ ଅଭିଳାଷକୁ ଦୃଷ୍ଟି ନ ଦେଇ ତାକୁ କୃପା ପ୍ରଦାନ କଲେ ଭୁବନ ମଙ୍ଗଳକରି ଶ୍ରୀ ହରିନାମ ଶ୍ରବଣ କରାଇଲେ। ଠାକୁର ହରିଦାସଙ୍କ ଦୃଢ଼ ବିଶ୍ୱାସ ଥିଲା ହରିନାମ ଉପରେ ଯାହାକୁ ଶ୍ରବଣ କରିବା ଦ୍ୱାରା ଏହି କଳୁଷିତ ଚିନ୍ତା ରଖିଥିବା କାମିନୀ ନାରୀ ମନରୁ ସବୁ କାଳିମା ହଟିଯିବ ଓ ନିଜେ ମତେ ନାମତତ୍ତ୍ୱ, ବିଷୟରେ ଜାଣିବା ପାଇଁ ଜିଜ୍ଞାସା କରିବ। ସେ ଦିନ ସାରା ରାତି ସୁନ୍ଦରୀ ହରିଦାସଙ୍କ ପାଖରେ ବସି ପବିତ୍ର ହରିନାମ ଶ୍ରବଣ କଲା ଶୁଦ୍ଧ ଭକ୍ତ ଠାରୁ ଏହିପରି ସକାଳ ହୋଇଗଲା ନାମ ଜପ ସରିଲା ନାହିଁ ସେ ରାତିରେ ଆସିବା କହି ଚାଲିଗଲା। ସକାଳେ ରାମଚନ୍ଦ୍ର ଖାଁ ସହିତ ଦେଖକରି କହିଲା ଠାକୁର ହରିଦାସ କଥା ଦେଇଛନ୍ତି ଆଜି ମୋର ଅଭିଳାଷ ପୂର୍ଣ୍ଣ କରିବେ। ସେ ଦିନ ରାତିରେ ପୁଣି ଥରେ ସେ ଆସିଲା ହରିଦାସ କହିଲେ ଟିକେ ବସ ମୁଁ ନାମଜପ କରିସାରେ ଲକ୍ଷେ ହୀରା ବସିଲା ଓ ଶ୍ରୀହରିନାମ ଶ୍ରବଣ କଲା ଏହିପରି ସେ ଦିନ ରାତି ମଧ ବିତିଗଲା ହେଲେ ନାମ ଜପ ହରିଦାସ ଠାକୁରଙ୍କ ସାରିଲା ନାହଁ ବେଶ୍ୟା ଜିଦି କରି କହିଲା ମୋର ଇଚ୍ଛା ତାହାଲେ ଆପଣ ପୂର୍ଣ୍ଣ କରିବେ ନାହିଁ ଠାକୁର କହିଲେ ଆଜି ହିଁ ତାହା ପୂର୍ଣ୍ଣ ହେବ ତୁମେ ରାତିରେ ଆସ। ଧନ୍ୟ ହରିଦାସ ଯେ ତାଙ୍କର ପତନ ପାଇଁ ଆସିଲା ତାର କଲ୍ୟାଣ ପାଇଁ ଏତେ ଚେଷ୍ଟା ଶ୍ରୀ ଠାକୁର ହରିଦାସଙ୍କ ମୁଖରୁ ଶ୍ରୀହରିନାମ ଶ୍ରବଣ ତୁଳସୀଙ୍କୁ ପ୍ରଣାମ ବୈଷ୍ଣବ ପ୍ରଣାମ ସହିତ ବୈଷ୍ଣବର ଭଜନ କୁଟୀରକୁ ଆସିବା ଓ ସେଠାରେ କିଛି ସମୟ ବସିବା ଯୋଗୁଁ ସେ ହରିନାମର ମଦିରା ସେ ବେଶ୍ୟା ଲକ୍ଷେ ହୀରା ଉପରେ ଚଢ଼ିଗଲା ସେ ଦିନ ରାତିରେ ଆସି ନିଦରେ ଘୁମାଇ ଘୁମାଇ ମହାମନ୍ତ୍ର ଜପ କରିବାକୁ ଲାଗିଲା। ହଠାତ୍ ସେ ଚମକି ଉଠିଲା ଏ କ'ଣ ମୁଁ କରୁଛି ମୋର ପାଟିରୁ ଏହି ଦିବ୍ୟ ନାମ କିପରି ପଶୁଛି ମୋର ମନରୁ କାମ ରୂପୀ ପାପ ଚିନ୍ତା ଚାଲି ଯାଉଛି ମୋର ସହିତ କ'ଣ ହେଉଛି ମୋ ପରି ପାପୀ ଚଣ୍ଡାଳୁଣୀକୁ ଦୟା କଲେ ଏହି ମହାପୁରୁଷ ଯାହାର ଚରିତ୍ର ମୁଁ ନଷ୍ଟ କରିବାକୁ ଆସିଥିଲି ହେଲା ସେ ମୋର ଏହି ଖରାପ ଚରିତ୍ରକୁ ଶୋଧନ କରିଦେଲେ ଏହା କହି ଠାକୁର ହରିଦାସଙ୍କ ପାଦ ତଳେ ଲମ୍ବ ହୋଇ ପଡ଼ିଗଲା ଲକ୍ଷେ ହୀରା ମୋର ଉଦ୍ଧର କର ଠାକୁର।



ତାର ଏହି ଅବସ୍ଥା ଦେଖି ଦୟା ହେଲା ହରିଦାସଙ୍କର କହିଲେ ମୁଁ ତୁମକୁ ସ୍ୱୀକାର କରିସାରିଛି ମୁଁ ଆଗରୁ ଜାଣିଥିଲି ରାମଚନ୍ଦ୍ର ଖାଁ ଏହି ଷଡ଼ଯନ୍ତ୍ର କଥା କିନ୍ତୁ ତୁମକୁ ଉଦ୍ଧାର କରିବା ପାଇଁ ମୁଁ ଏଠାରେ ରହିଥିଲି ତୁମେ ପାପ କର୍ମରେ ରୋଜଗାର କରିଥିବା ଧନକୁ ବ୍ରାହ୍ମଣ ମାନଙ୍କୁ ଦାନ ଦେଇ ଲଣ୍ଡିତ ମସ୍ତକ ହୋଇ ଧଳା ଲଉଗା ପିନ୍ଧି ଏହି କୁଟୀରରେ ଆସିରୁହ ସବୁଦିନ ତୁଳସୀ ମହାରାନୀକୁ ସେବା କରିବ ଭିକ୍ଷା କରି ଭୋଜନ କରିବ ଓ ସବୁଦିନ ଏକ ଲକ୍ଷ ହରିନାମ ଜପ କରିବ ଏହା କହି ଠାକୁର ହରିଦାସ ନାମ କୀର୍ତ୍ତନକରି ସେଠାରୁ ଅନ୍ୟତ୍ର ଚାଲିଗଲେ। ଯେଉଁ ବେଶ୍ୟାକୁ ଦେଖିଲେ ଲୋକ ସାଧୁ ବ୍ରାହ୍ମଣ ଛି ଛି କରୁଥିଲେ ଶୁଦ୍ଧ ଭକ୍ତର ସଙ୍ଗ ପାଇ ସେ ଶୁଦ୍ଧ ହୋଇଗଲା। ପରବର୍ତ୍ତୀ କାଳରେ ଅନେକ ଭଗବାନ ଭକ୍ତ ସାଧୁ ଓ ସନ୍ଥ ତାଙ୍କ ସତସଙ୍ଗ ପାଇଁ ତାଙ୍କ ପାଖକୁ ଆସିଲେ ଧନ୍ୟ ଶ୍ରୀହରିନାମ ଧନ୍ୟ ଠାକୁର ହରିଦାସ ଯାହାଙ୍କ କୃପାରୁ ବେଶ୍ୟା ଭଳି ବୃତ୍ତି କରୁଥିବା ନାରୀ ପରମ ଭାଗବତ ହୋଇଗଲା

ଯାହାକୁ ସଭିଏଁ ହୀରା ବାଇ ବୋଲି ଭକ୍ତି ଶ୍ରଦ୍ଧାରେ ଡାକିବାକୁ ଲାଗିଲେ ଯେପରି ମଳୟ ପବନ ବହିଲେ ଲିମ୍ବଗଛ ଦିବ୍ୟ ଚନ୍ଦନ ବୃକ୍ଷରେ ପରିଣତ ହୁଏ ସେହିପରି ସାଧୁସଙ୍ଗ ରୂପୀ ମଳୟ ଲାଗି ବେଶ୍ୟା ରୂପୀ ତିକ୍ତ ସୁଗନ୍ଧ ବିହୀନ ଲିମ୍ବ ଦେହରୂପୀ ଓଲଟ ବୃକ୍ଷ ସାଧୁ ରୂପୀ ମଳୟ ପବନ ସ୍ପର୍ଶରେ ଶୀତଳ ମଳୟଗିରି ଚନ୍ଦନ ହୋଇଗଲା ସେଥିପାଇଁ ଶ୍ରୀମଦ ଭାଗବତ କହିଲେ ସାଧୁ ସଙ୍ଗତେ ସଙ୍ଗ ଯାର, ପବିତ୍ର ହୁଏ ତା ଶରୀର। ନିତାଇ ଗୌର ହରିବୋଲ।

ଦୂରଭାଷ : ୬୩୭୨୧୫୮୦୫୨୪

# ଟେକ୍ସାସ ବନ୍ୟା ମୃତ୍ୟୁସଂଖ୍ୟା ୧୦୦ ପାର୍



ନୂଆଦିଲ୍ଲୀ ୦୯/୦୭ : ଟେକ୍ସାସରେ ହୋଇଥିବା ଭୟଙ୍କର ବନ୍ୟାରେ ମୃତ୍ୟୁ ସଂଖ୍ୟା ୧୦୯କୁ ବୃଦ୍ଧି ପାଇଛି । କାରଣ ବନ୍ୟାରେ ଏପର୍ଯ୍ୟନ୍ତ ଚାରି ଦିନ ହେବ ୧୬୦ ରୁ ଅଧିକ ଲୋକ ଏପର୍ଯ୍ୟନ୍ତ ନିଖୋଜ ଅଛନ୍ତି । ମଙ୍ଗଳବାର (୮ ଜୁଲାଇ) ରାଜ୍ୟପାଳ ଗ୍ରେଗ୍ ଆବୋଟ୍ କହିଛନ୍ତି । ରେସ୍କ୍ୟୁ ଟିମ୍ ଜୋରଦାର ଅପରେସନ ଜାରି ରଖିଛନ୍ତି । କିନ୍ତୁ ଖରାପ ପାଗ ହେତୁ ନିଖୋଜଙ୍କୁ ଖୋଜିବା ସହ ଉଦ୍ଧାର କରିବାରେ ବାଧା ସୃଷ୍ଟି ହୋଇଥିଲା। ଆବୋଟ୍ ଚେତାବନୀ ଦେଇ କହିଛନ୍ତି ଯେ ନିଖୋଜ ଆଗକୁ ମୃତ୍ୟୁ ସଂଖ୍ୟା ବଢ଼ିପାରେ । କେବଳ କେର୍ କାଉଣ୍ଟି ଅଞ୍ଚଳରେ, ୧୬୧ ଜଣ ନିଖୋଜ ଅଛନ୍ତି ବୋଲି ଆବୋଟ୍ ସ୍ପଷ୍ଟ କରିଛନ୍ତି। ଗତ ସପ୍ତାହରେ ପ୍ରବଳ ବର୍ଷା ହେତୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଶୁକ୍ରବାର ସକାଳୁ ଟେକ୍ସାସରେ ଘରେ ଘରେ ଆଣ୍ଠୁଏ ଉଚ୍ଚର ପାଣି ପଶିଥିଲା। ଏମିତିକି ହସ୍ପିଟାଲ ପରିସରରେ ବି ପାଣି ପଶିଯାଇଥିଲା । କେର କାଉଣ୍ଟି, ଯାହା ପ୍ରାୟତଃ "ଫ୍ଲାସ୍ ଫ୍ଲଡ୍ ଆଲି" ନାମରେ ପରିଚିତ ସେହି ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ଏଠାରେ ୯୪ ଜଣଙ୍କ ମୃତ୍ୟୁ ହୋଇଛି ।

ମୃତକଙ୍କ ମଧ୍ୟରେ ଅତି କମରେ ୨୭ ଜଣ ଯୁବତୀ ଅଛନ୍ତି । ଆଉ କିଛି ଗୁଆଡାଲୁପ୍ ନଦୀ କୂଳରେ ଥିବା ଖ୍ରୀଷ୍ଟିଆନ୍ ଗ୍ରୀଷ୍ମକାଳୀନ ଶିବିର କ୍ୟାମ୍ପ ମିଷ୍ଟିକ୍ ରେ ରହୁଥିଲେ । ସେତିକିବେଳେ ବନ୍ୟା ପାଣି ମାଡ଼ିଆସିଥିଲା । ନଦୀ କୂଳ ଭାଙ୍ଗିବା ସମୟରେ ସେମାନେ ସେମାନ କ୍ୟାବିନରେ ଶୋଇଥିଲେ ।

ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା, ପାଞ୍ଚ ଜଣ କ୍ୟାମ୍ପର, ଜଣେ ପରାମର୍ଶଦାତା ଓ ଶିବିର ସହିତ ଜଡ଼ିତ ନଥିବା ପିଲା ବି ନିଖୋଜ ଅଛନ୍ତି । ସେପଟେ ଆଗକୁ ଆହୁରି ବର୍ଷା ହେବାର ପୂର୍ବାନୁମାନ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଜଳବନ୍ଦୀ ଏରିଆରେ ହେଲିକପ୍ଟର, ଡ୍ରୋନ୍, ସନ୍ଧାନୀ କୁକୁର ଓ ଡଙ୍ଗା ବ୍ୟବହାର କରି ଫସିହିଥିବା ଲୋକଙ୍କୁ ଉଦ୍ଧାର କରାଯାଇଛି ।



## ଦୁର୍ଘଟଣା ପରେ ଜଳିଗଲା ଯୁଦ୍ଧ ବିମାନ: ୨ ମୃତ

● ୫ ମାସ ଭିତରେ ତୃତୀୟ ଜାଗୁଆର ବିମାନର ଦୁର୍ଘଟଣା

**ଜୟପୁର,୯।୭:** ରାଜସ୍ଥାନର ଚୁରୁ ଜିଲ୍ଲାର ରତନଗଡ଼ ସହର ନିକଟରେ ଆଜି ଅପରାହ୍ନରେ ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ସହ ଜଳିଯିବା ଫଳରେ ଏଥିରେ ମୋଟ ୨ ଜଣଙ୍କର ମୃତ୍ୟୁ ହୋଇଛି। ସ୍ଥାନୀୟ ଭାନୁଦା ଗାଁ ନିକଟରେ ଉକ୍ତ ଜାଗୁଆର ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ଭାରତୀୟ ବାୟୁସେନା (ଆଇଏଏଫ୍) ପାଇଲଟ ଅଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ୍ ଓ ଜିଲ୍ଲାପାଳ ଅଭିଷେକ ସୁରାନା ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ଦୁର୍ଘଟଣା ପରେ ଦୁଇ ମୃତକଙ୍କ ଶରୀର ଖଣ୍ଡବିଖଣ୍ଡିତ ହୋଇପଡ଼ିଥିବା ପ୍ରାଥମିକ ତଦନ୍ତ ରିପୋର୍ଟରୁ ଜଣାପଡ଼ିଛି। ଏଥିସହ ଗତ ୫ ମାସ ମଧ୍ୟରେ ଏହା ତୃତୀୟ ଜାଗୁଆର ବିମାନ ଯାହା ଦୁର୍ଘଟଣାଗ୍ରସ୍ତ ହୋଇଛି। ଏ ସଂକ୍ରାନ୍ତରେ ଭାରତୀୟ ବାୟୁସେନା ପକ୍ଷରୁ ଜାରି ସୂଚନାରେ କୁହାଯାଇଛି ଯେ ବିମାନଟି ନିୟମିତ ଅଭ୍ୟାସ ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଏଥିରେ ଦୁଇ ଜଣ ପାଇଲଟ୍ ମୃତ୍ୟୁବରଣ କରିଥିବା ବେଳେ ସାଧାରଣ ଜନତାଙ୍କର କୌଣସି କ୍ଷତି ଘଟିନାହିଁ। ଏହି ବିମାନର ଦୁର୍ଘଟଣା ପଛର କାରଣ ଜାଣିବା ସକାଶେ ଏକ ଇନ୍‌କ୍ୱାରୀ କମିଟି ଗଠନ କରାଯାଇଛି। ସୂଚନାଯୋଗ୍ୟ ଯେ ଗତ ମାର୍ଚ୍ଚ ୭ ତାରିଖରେ ଏକ ଜାଗୁଆର ବିମାନ ଅମ୍ବାଲାଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ପରେ ଏହି ଦୁର୍ଘଟଣା ପଛରେ ଉକ୍ତ ଲଢୁଆ ବିମାନର ଯାନ୍ତ୍ରିକ ତ୍ରୁଟି କାରଣ ଥିଲା ବୋଲି ଜଣାପଡ଼ିଥିଲା। ସେହିପରି ଗତ ଏପ୍ରିଲ୍ ୨ ତାରିଖରେ ଅନ୍ୟ ଏକ ଦୁଇ ସିଟ୍ ବିଶିଷ୍ଟ ଜାଗୁଆର ବିମାନ ଗୁଜରାଟର ଜାମନଗରଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିବା ବେଳେ ଏଥିରେ ୨ ଜଣ ପାଇଲଟ୍‌ଙ୍କ ମଧ୍ୟରୁ ଜଣେ ମୃତ୍ୟୁବରଣ କରିଥିଲେ।

## ଫେରାର୍ ଅଭିଯୁକ୍ତଙ୍କ ଭାରତ ପ୍ରତ୍ୟର୍ପଣ

## ପଳାତକ ମୋନିକାଙ୍କୁ ବାନ୍ଧିଲା ସିବିଆଇ



**ଭୁବନେଶ୍ୱର,୯।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ଯାଞ୍ଚ ବ୍ୟୁରୋକୁ ବଡ଼ ସଫଳତା। ଆର୍ଥିକ ହେରଫେର୍ ମାମଲାରେ ଅଭିଯୁକ୍ତ ମୋନିକା କାପୁରଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଛି । ଆମଦାନୀ-ରପ୍ତାନୀ ଠକେଇ କେସ୍‌ରେ ୨୦୦୨ ମସିହା ଅର୍ଥାତ୍ ୨୫ ବର୍ଷ ହେଲା ଫେରାର ଥିଲେ ମୋନିକା କାପୁର। ସିବିଆଇ ଟିମ୍ ଆମେରିକାରେ ଫେରାର୍ ଅଭିଯୁକ୍ତଙ୍କୁ ହେପାଜତରେ ନେଇ ପଚରାଉଚରା କରିଥିଲା। ଆମେରିକାନ୍ ଏୟାରଲାଇନ୍ସର ବିମାନ ଯୋଗେ ଭାରତ ଅଣାଯାଉଛି । ବୁଧବାର ଅର୍ଥାତ୍ ଆଜି ରାତିରେ ସେ ସ୍ୱଦେଶ ପହଞ୍ଚିବେ । ୟୁନାଇଟେଡ୍ ଷ୍ଟେଟ୍ସ ଡିଷ୍ଟ୍ରିକ୍ଟ କୋର୍ଟ ଫର୍ ଦି ଇଷ୍ଟର୍ଣ୍ଣ ଡିଷ୍ଟ୍ରିକ୍ଟ ଅଫ୍ ନ୍ୟୁୟର୍କ ଭାରତ ଏବଂ ଆମେରିକା ମଧରେ ଦ୍ୱିପାକ୍ଷିକ ସନ୍ଧି ଆଧାରରେ ମୋନିକା କାପୁରଙ୍କୁ ପ୍ରତ୍ୟର୍ପଣ ମଞ୍ଜୁରି ମିଳିଛି । ସେ ଭାରତ ଫେରିବା ପରେ ତାଙ୍କୁ ପ୍ରତାରିତ କିମ୍ବା ତାଙ୍କ ବିରୋଧରେ ଆତ୍ମସମର୍ପଣ ଓ୍ୱାରେଣ୍ଟ ଜାରି କରାଯିବ ଦାବି ଖାରଜ କରିଥିଲେ ବିଦେଶ ମନ୍ତ୍ରୀ । ଆମଦାନି-ରପ୍ତାନିରେ ବଡ଼ ଧରଣ ଠକେଇ କରି ୧୯୯୮ରେ ମୋନିକା କପୁର ଆମେରିକା ଫେରାର୍ ହୋଇଯାଇଥିଲେ । ଏହି ଆର୍ଥିକ ହେରଫେର ମାମଲାରେ ମୋନିକାଙ୍କ ଦୁଇ ଭାଇ ରାଜନ ଖାନ୍ନ ଓ ରାଜୀବ ଖାନ୍ନା ସାମିଲ୍ ଥିଲେ । ଭାଇ-ଭଉଣୀ ମିଶି ପ୍ରଥମେ ଅଳଙ୍କାର ବ୍ୟବସାୟ ପାଇଁ ଜାଲ୍ କାଗଜ ପତ୍ର ତିଆରି କରିଥିଲେ । ପରେ ଏହି ଜାଲ୍ ପ୍ରମାଣ ପତ୍ର ମାଧମରେ ଷଡ଼ଯନ୍ତ୍ର କରି ଶୁଳ୍କମୁକ୍ତ ସୁନା ଆମଦାନି କରିଥିଲେ। ଏହାଦ୍ୱାର ଭରତ ସରକାରଙ୍କ କୋଷାଗାରକୁ ୬,୭୯,୦୦୦ ଆମେରିକୀୟ ଡଲାରରୁ ଅଧିକ କ୍ଷତି ହୋଇଥିଲା । ଜଣେ ଅଧିକାରୀ କହିଛନ୍ତି, ଦୁଇ ଦେଶ ମଧରେ ପ୍ରତ୍ୟର୍ପଣ ସନ୍ଧି ଅନୁଯାୟୀ, ୨୦୧୦ ଅକ୍ଟୋବରରେ ମୋନିକା କାପୁର ପ୍ରତ୍ୟର୍ପଣ ନେଇ ଭାରତ ସରକାର ଆମେରିକା ସହ ସମ୍ପର୍କ କରିଥିଲେ ।

● ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳା ନବୀକରଣ ଟେଣ୍ଡର ରଦ୍ଦ

## ୬୦ ଲକ୍ଷର କାମ ବନ୍ଦ କଲା ପିଡବ୍ଲୁଡି



**ନୂଆଦିଲ୍ଲୀ,୯।୭:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ବଙ୍ଗଳାର ଟେଣ୍ଡର ବାତିଲ କରାଯାଇଛି। ପ୍ରଶାସନିକ କାରଣ ଦର୍ଶାଇ ପିଡବ୍ଲୁଡି ୬୦ ଲକ୍ଷ ଟଙ୍କାର ଟେଣ୍ଡର ବାତିଲ କରିଛି। ମୁଖ୍ୟମନ୍ତ୍ରୀଙ୍କ ରାଜନିବାସ ମାର୍ଗ ବଙ୍ଗଳା ନମ୍ବର ୧/୮ ର ନବୀକରଣରେ ବୈଦ୍ୟୁତିକ କାର୍ଯ୍ୟ ପାଇଁ ଟେଣ୍ଡର ୪ ଜୁଲାଇରେ ଖୋଲାଯାଇଥିଲା। ଏଥିରେ ୧୪ ଟି ଏସି, ୯ ଲକ୍ଷ ଟଙ୍କାର ଟିଭି, ୬ ଲକ୍ଷ ଟଙ୍କାର ଲାଇଟ୍ ଏବଂ ଅନ୍ୟାନ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ ଥିଲା। ଡକ୍ୟୁମେଣ୍ଟ ଅନୁଯାୟୀ, ୬୦ ଲକ୍ଷ ଟଙ୍କାର ଚୁକ୍ତିନାମା ବାତିଲ କରାଯାଇଛି। ଏହା ଅଧୀନରେ, ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ବିଭିନ୍ନ ଉପକରଣ ମଧ୍ୟ ରଖା ଯିବାର ଥିଲା। ଏଥିରେ ୧୪ଟି ଏୟାର କଣ୍ଡିସନର, ଟେଲିଭିଜନ ଏବଂ ବୈଦ୍ୟୁତିକ ଉପକରଣ ଅନ୍ତର୍ଭୁକ୍ତ ଥିଲା। ଲୋକ ନିର୍ମାଣ ବିଭାଗ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କୁ ରାଜ ନିବାସ ମାର୍ଗରେ ଦୁଇଟି ବଙ୍ଗଳା ଆବଣ୍ଟିତ କରିଥିଲା। ଗୋଟିଏ ତାଙ୍କ ବାସଭବନ ପାଇଁ ଏବଂ ଅନ୍ୟଟି ଶିବିର କାର୍ଯ୍ୟାଳୟ ପାଇଁ। ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ଗୁପ୍ତା କ୍ୟାମ୍ପ ଅଫିସ ଉଦଘାଟନ କରିଥିଲେ। ଅନ୍ୟପକ୍ଷରେ, ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାକୁ ନେଇ ରାଜନୀତି ମଧ୍ୟ ଚାଲିଛି। ଆମ ଆଦମୀ ପାର୍ଟି ମୁଖ୍ୟମନ୍ତ୍ରୀଙ୍କ ବଙ୍ଗଳାକୁ 'ମାୟାମହଲ' ନାମ ଦେଇଛି। ଆପ ଟାର୍ଗେଟ କରି କହିଛି ଯେ ଦିଲ୍ଲୀବାସୀ ବୃଦ୍ଧି ପାଉଥିବା ମୁଦ୍ରାସ୍ଫୀତି ଏବଂ ଘରୋଇ ସ୍କୁଲଗୁଡ଼ିକର ବର୍ଦ୍ଧିତ ଫି ଦ୍ୱାରା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ, ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା କୋଟି କୋଟି ଟଙ୍କା ବ୍ୟୟରେ ବଙ୍ଗଳାର ମରାମତି କରୁଛନ୍ତି, ଯେଉଁଥିରେ ଲକ୍ଷ ଲକ୍ଷ ଟଙ୍କାର ଏସି, ଝୁମର ଏବଂ ଲାଇଟ୍ ଲଗାଯିବ।

## ସ୍କୁଲ ଭ୍ୟାନ ଉପରେ ମାଡିଗଲା ଟ୍ରେନ: ୩ଜଣଙ୍କର ମୃତ୍ୟୁ



**ତାମିଲନାଡୁ,୯।୭:** ତାମିଲନାଡୁରେ ସ୍କୁଲ ଭ୍ୟାନ୍ ଉପରେ ଟ୍ରେନ୍ ମାଡ଼ିଯିବାରୁ ୩ ଜଣ ଛାତ୍ରଙ୍କର ମୃତ୍ୟୁ ହୋଇଯାଇଛି ଏବଂ ଆହୁରି ଅନେକ ଛାତ୍ର ଆହତ ହୋଇଛନ୍ତି। କୁଡ଼ାଲୋର ନିକଟସ୍ଥ ସୀମଙ୍କୁପ୍ପମରେ ଏହି ଦୁର୍ଘଟଣା ହୋଇଛି। ଦୁର୍ଘଟଣା ସମୟରେ ସ୍କୁଲ ଭ୍ୟାନ୍‌ରେ ୫ ଜଣ ଛାତ୍ର ଏବଂ ଡ୍ରାଇଭର ଥିଲେ। ମିଳିଥିବା ସୂଚନାନୁଯାୟୀ ସ୍କୁଲ୍ ଭ୍ୟାନ୍‌ଟି ଏକ ଖୋଲା ରେଲୱେ ଗେଟ୍ ଅତିକ୍ରମ କରୁଥିବାବେଳେ ଏହାକୁ ଟ୍ରେନ୍ ଧକ୍କା ଦେଇଥିଲା ଏବଂ ପ୍ରାୟ ୫୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ସ୍ଥାନୀୟ ବାସିନ୍ଦାମାନେ ରେଳ ଧାରଣାରେ ୨ ଜଣ ଛାତ୍ରଙ୍କ ମୃତଦେହ ପାଇବାପରେ ତୁରନ୍ତ କର୍ତ୍ତୃପକ୍ଷମାନଙ୍କୁ ଜଣାଇଥିଲେ। ଅନ୍ୟ ଜଣେ ଛାତ୍ରଙ୍କର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ରେଳବାଇ ବିଭାଗ ଏବଂ ସ୍ଥାନୀୟ ପୁଲିସ ଅଧିକାରୀ ଉକ୍ତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ରେଳବାଇ ପକ୍ଷରୁ ଜାରି ହୋଇଥିବା ବିବୃତି ଅନୁଯାୟୀ ଭ୍ୟାନ୍‌ଟି ଏକ ମାନବ ପରିଚାଳିତ ଟ୍ରାକ୍ ଅତିକ୍ରମ କରୁଥିବା ସମୟରେ ଏହାକୁ ଟ୍ରେନ୍ ନମ୍ବର ୫୬୮୧୩ ଧକ୍କା ଦେଇଥିଲା । ମେଡିକାଲ ଉପକରଣ ସହ ଏକ ରିଲିଫ୍ ଟ୍ରେନ୍‌କୁ ଉକ୍ତ ସ୍ଥଳକୁ ପଠାଯାଇଥିଲା। ଏଥିସହ ଡିଆରଏମ୍ (ଡିଭିଜନାଲ ରେଲୱେ ମ୍ୟାନେଜର) ଏବଂ ବ୍ରାଞ୍ଚ୍ ଅଫିସରମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ଉତ୍ତରପ୍ରଦେଶରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା, ୨ ମୃତ

**ଉତ୍ତରପ୍ରଦେଶ,୯।୭:** ଉତ୍ତରପ୍ରଦେଶ ହାପୁଡ଼ ଜିଲ୍ଲାର ବାଇପାସ ରୋଡରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଲୋକ ଆହତ ହୋଇଛନ୍ତି । ସୂଚନା ପାଇବା ମାତ୍ରେ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରିଥିବାବେଳେ ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଇଛି ।

ସୂଚନାନୁଯାୟୀ, ନୈନିତାଲରୁ ଫେରୁଥିବାବେଳେ ଏପରି ଅଘଟଣ ଘଟିଥିଲା। ଏକ ଦ୍ରୁତଗାମୀ କାର ନିୟନ୍ତ୍ରଣ ହରାଇ ଡିଭାଇଡରରେ ଧକ୍କା ହୋଇ ଓଲଟି ପଡିଥିଲା । ସେହି ସମୟରେ ଦିଲ୍ଲୀ ନିବାସୀ ଶୋଏବ, ଫୈଜ, ସାହିଲ, ଅଲ୍ଲୀ ଏବଂ ହର୍ଷିତ ଗୁପ୍ତା ରହିଥିବା ପୋଲିସ ସୂତ୍ରରୁ ଜଣାପଡିଛି । ଫଳରେ ଘଟଣାସ୍ଥଳରେ ୨ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟମାନେ ଆହତ ହୋଇଥିଲେ ।

## ଭୂସ୍ଖଳନରୁ ୬୭ ଜଣଙ୍କୁ ବଞ୍ଚାଇଲା କୁକୁର

**ମଣ୍ଡି,୯।୭:** ହିମାଚଳ ପ୍ରଦେଶର ବିଭିନ୍ନ ସ୍ଥାନରେ ଗତ ଜୁନ୍ ୩୦ ଏବଂ ଜୁଲାଇ ୧ରେ ଲଗାତର ୩୦ ଘଣ୍ଟା ଧରି ବର୍ଷା ହୋଇଥିଲା, ଯାହାଫଳରେ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଏବଂ ବନ୍ୟାସ୍ଥିତି ଦେଖାଦେଇଥିଲା। ତେବେ ମଣ୍ଡି ଜିଲା ଧର୍ମପୁର ବ୍ଲକ୍‌ର ସିୟାଠୀ ଗ୍ରାମରେ ଏକ କୁକୁର ଜୋର୍‌ରେ ଅନେକ ସମୟ ପାଇଁ ଭୁକିବାରୁ ଗ୍ରାମର ୬୭ ଜଣଙ୍କର ଜୀବନ ବଞ୍ଚି ଯାଇଥିଲା।

ଗ୍ରାମରେ ରହୁଥିବା ନରେନ୍ଦ୍ରଙ୍କ କହିବା ଅନୁଯାୟୀ, ଗତ ୩୦ ତାରିଖ ରାତିରେ ତାଙ୍କ କୁକୁର ଘରର ଦ୍ୱିତୀୟ ମହଲାରେ ଶୋଇଥିଲା। ତେବେ ଅଧ ରାତିରେ କୁକୁରଟି ଜୋର୍‌ରେ ବହୁ ସମୟ ଧରି ଭୁକିବାକୁ ଲାଗିଥିଲା। କୁକୁରର ଭୁକିବା ଶବ୍ଦ ଶୁଣି ନରେନ୍ଦ୍ର ଉଠିଯାଇଥିଲେ ଏବଂ ସେ ଦ୍ୱିତୀୟ ମହଲାକୁ ଯାଇ ଦେଖିବା ବେଳକୁ ତାଙ୍କ ଘରର କାନ୍ଥ ଫାଟିଯାଇଥିଲା ଏବଂ ଉକ୍ତ ଫାଟରୁ ଘର ମଧ୍ୟକୁ ପାଣି ପଶୁଥିଲା। ନରେନ୍ଦ୍ର ତୁରନ୍ତ ବିଚଳିତ ହୋଇ ନିଜ କୁକୁର ସହ ତଳକୁ ଯାଇ ପରିବାରର ଅନ୍ୟମାନଙ୍କୁ ଉଠାଇଥିଲେ। ଏହାପରେ ସେ ପଡ଼ୋଶୀ ଏବଂ ଗ୍ରାମର ଅନ୍ୟ ଲୋକଙ୍କୁ ଉଠାଇ ଲଗାଣ ବର୍ଷା ଯୋଗୁ ଘରଗୁଡ଼ିକର କାନ୍ଥ ଫାଟି ପାଣି ପଶୁଥିବା ନେଇ ସତର୍କ କରାଇଥିଲେ। ଫଳରେ ଭୂସ୍ଖଳନ ଭୟରେ ଗ୍ରାମବାସୀ ତୁରନ୍ତ ସେମାନଙ୍କ ଘରଛାଡ଼ି ନିକଟସ୍ଥ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ଏହାର କିଛି ସମୟ ପରେ ସିଆଠୀ ଗ୍ରାମରେ ଭୂସ୍ଖଳନ ଘଟିଥିଲା, ଯାହାଫଳରେ ଗ୍ରାମର ଅଧିକାଂଶ ଘର ମାଟିରେ ମିଶିଯାଇଥିଲା।



## ମୋଦିଙ୍କୁ ନାମ୍ବିଆର ସର୍ବୋଚ୍ଚ ନାଗରିକ ସମ୍ମାନ



**ବ୍ରାସିଲିଆ/ୱିଣ୍ଡହୋକ୍,୯।୭:** ସମ୍ପ୍ରତି ୫ଟି ଦେଶ ଗସ୍ତରେ ଥିବା ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କ୍ରମାଗତ ଦୁଇ ଦିନରେ ଦୁଇଟି ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ ପ୍ରଦାନ କରାଯାଇଛି। ମଙ୍ଗଳବାର ବ୍ରାସିଲିଆଠାରେ ତାଙ୍କୁ ବ୍ରାଜିଲର ସର୍ବୋଚ୍ଚ ନାଗରିକ ସମ୍ମାନ 'ଗ୍ରାଣ୍ଡ କଲାର୍ ଅଫ୍ ଦି ନ୍ୟାସନାଲ୍ ଅର୍ଡର ଅଫ୍ ଦି ସଦର୍ନ କ୍ରସ୍' ପ୍ରଦାନ କରାଯାଇଛି। ବ୍ରାଜିଲର ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଦା ସିଲ୍ଭା ଆଲଭୋରାଡା ପ୍ୟାଲେସ୍‌ରେ ଏକ ସ୍ୱତନ୍ତ୍ର ସମାରୋହରେ ଶ୍ରୀ ମୋଦିଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ-ବ୍ରାଜିଲ ଦ୍ୱିପାକ୍ଷିକ ସମ୍ପର୍କକୁ ମଜବୁତ କରିବା ଏବଂ ବିଶ୍ୱମଞ୍ଚରେ ଉଭୟ ଦେଶର ସହଯୋଗକୁ ବୃଦ୍ଧି କରିବାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅବଦାନକୁ କୃତଜ୍ଞତା ସ୍ୱରୂପ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଆଜି ୱିଣ୍ଡ୍‌ହୋକ୍‌ଠାରେ ନାମ୍ବିଆ ରାଷ୍ଟ୍ରପତି ନେତୁମ୍ବୋ ନନ୍ଦୀ-ନଦାଇତୱା ପ୍ରଧାନମନ୍ତ୍ରୀଙ୍କୁ ଉକ୍ତ ଦେଶର ସର୍ବୋଚ୍ଚ ନାଗରିକ ସମ୍ମାନ 'ଅର୍ଡର ଅଫ୍ ଦି ମୋଷ୍ଟ ଆନସିଏଣ୍ଟ ୱେଲୱିଟସିଆ ମିରାବିଲିସ୍' ପ୍ରଦାନ କରିଛନ୍ତି। ଏହି ପୁରସ୍କାର ପାଇବାରେ ଶ୍ରୀ ମୋଦି ହେଉଛନ୍ତି ପ୍ରଥମ ଭାରତୀୟ ନେତା। ଏହି ପୁରସ୍କାର ଗ୍ରହଣ କରି ପ୍ରଧାନମନ୍ତ୍ରୀ ଏହି ସମ୍ମାନ ଭାରତର ୧.୪ କୋଟି ଲୋକଙ୍କୁ ଏବଂ ଭାରତ ଓ ନାମିବିଆ ମଧ୍ୟରେ ଥିବା ଐତିହାସିକ ତଥା ସ୍ଥାୟୀ ସମ୍ପର୍କ ପ୍ରତି ଉତ୍ସର୍ଗ କରିଥିଲେ। ଏହି ସମ୍ମାନ ପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ନନ୍ଦୀ-ନଦାଇତୱା ଏବଂ ନାମ୍ବିଆର ଜନସାଧାରଣଙ୍କୁ ହୃଦୟରୁ କୃତଜ୍ଞତା ବ୍ୟକ୍ତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କୁ ଏହି ପୁରସ୍କାରକୁ ଭାରତ ଏବଂ ନାମ୍ବିଆ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ଏକ ମାଇଲଖୁଣ୍ଟ ବୋଲି କହିଛନ୍ତି। ଏହା ସ୍ୱତନ୍ତ୍ର ଦ୍ୱିପାକ୍ଷିକ ଭାଗିଦାରୀକୁ ଅଧିକ ଉଚ୍ଚତାକୁ ନେବା ପାଇଁ ଉଭୟ ଦେଶର ଯୁବ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହେବ ବୋଲି ଶ୍ରୀ ମୋଦି ଆଶା ବ୍ୟକ୍ତ କରିଛନ୍ତି। ଏହା ପୂର୍ବରୁ ଶ୍ରୀ ମୋଦି ବ୍ରାଜିଲ୍ ରାଷ୍ଟ୍ରପତି ଲୁଲାଙ୍କ ସହ ବ୍ରାସିଲିଆରେ ଏକ ଦ୍ୱିପାକ୍ଷିକ ବୈଠକରେ ମିଳିତ ଭାବେ ବ୍ୟାପକ ଆଲୋଚନା କରିଥିଲେ। ଉଭୟ ନେତା ବାଣିଜ୍ୟ, ପ୍ରତିରକ୍ଷା, ସୁରକ୍ଷା, ନବୀକରଣୀୟ ଶକ୍ତି, କୃଷି, ସ୍ୱାସ୍ଥ୍ୟ, ମହାକାଶ, ପ୍ରଯୁକ୍ତିବିଦ୍ୟା ଏବଂ ଜନ-ସମ୍ପର୍କ କ୍ଷେତ୍ରରେ ସହଯୋଗ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଆଗାମୀ ପାଞ୍ଚ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟକୁ ୨୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଉଭୟ ଦେଶ ଲକ୍ଷ୍ୟ ରଖିଛନ୍ତି।

## ଟ୍ରମ୍ପଙ୍କୁ ଡ୍ରୋନ ହମଲାର ଧମକ

### ଇରାନର ବରିଷ୍ଠ ଅଧିକାରୀଙ୍କ ଖୋଲା ଚେତାବନୀ



**ତେହେରାନ/ୱାଶିଂଟନ, ୯।୭:** ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଖାମେନେଇଙ୍କ ଘନିଷ୍ଠ ପରାମର୍ଶଦାତା ଜାଭାଦ ଲାରିଜାନୀ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜୀବନ ନେଇ ଖୋଲାଖୋଲି ଧମକ ଦେଇଛନ୍ତି। ଲାରିଜାନୀ କହିଛନ୍ତି, ଟ୍ରମ୍ପ ଯେତେବେଳେ ତାଙ୍କ ଫ୍ଲୋରିଡାସ୍ଥିତ ବିଳାସପୂର୍ଣ୍ଣ ବାସଭବନ ମାର-ଏ-ଲାଗୋରେ ସୂର୍ଯ୍ୟକିରଣରେ ଶୋଇଥାଆନ୍ତି, ସେତେ ବେଳେ ଏକ ଛୋଟ ଡ୍ରୋନ ତାଙ୍କ ଉପରେ ଆକ୍ରମଣ କରିପାରେ। ଇରାନ ଇଣ୍ଟରନ୍ୟାସନାଲ ସୂତ୍ର ଅନୁସାରେ, ଲାରିଜାନୀ ଏକ ଟେଲିଭିଜନ ସାକ୍ଷାତକାରରେ କହିଛନ୍ତି, "ଟ୍ରମ୍ପଙ୍କ କାର୍ଯ୍ୟ ତାଙ୍କୁ ଏକ ଲକ୍ଷ୍ୟସ୍ଥଳରେ ପରିଣତ କରିଛି। ତାଙ୍କୁ ଗୁଳି କରିବା ବା ଡ୍ରୋନ ଆକ୍ରମଣ କରିବା ବହୁତ ସହଜ।" ଏହି ଧମକ ଏକ ସମୟରେ ଆସିଛି ଯେତେବେଳେ 'ବ୍ଲଡ ପ୍ୟାକ୍ଟ' ବା 'ଆହଦେ ଖୁନ' ନାମକ ଏକ ଅନଲାଇନ ପ୍ଲାଟଫର୍ମ ଖାମେନେଇଙ୍କ ଅପମାନ ଓ ତାଙ୍କ ଜୀବନକୁ ବିପଦରେ ପକାଉଥିବା ଲୋକଙ୍କ ବିରୁଦ୍ଧରେ 'ପ୍ରତିଶୋଧ' ପାଇଁ ଅର୍ଥ ସଂଗ୍ରହ କରୁଛି। ଏହି ପ୍ଲାଟଫର୍ମ ଦାବି କରିଛି ଯେ ଏହା ଏପର୍ଯ୍ୟନ୍ତ ୨୭ ମିଲିୟନ ଡଲାରରୁ ଅଧିକ ଅର୍ଥ ସଂଗ୍ରହ କରିସାରିଛି ଏବଂ ଏହାର ଲକ୍ଷ୍ୟ ୧୦୦ ମିଲିୟନ ଡଲାର ଜମା କରିବା। ପ୍ଲାଟଫର୍ମରେ ପ୍ରକାଶିତ ଏକ ବିବୃତିରେ କୁହାଯାଇଛି, "ଆମେ ସେମାନଙ୍କୁ ଇନାମ ଦେବୁ ଯେଉଁମାନେ ଆଲ୍ଲାଙ୍କ ଶତ୍ରୁ ଓ ଖାମେନେଇଙ୍କ ଜୀବନକୁ ବିପଦରେ ପକାଉଥିବା ଲୋକଙ୍କୁ ନ୍ୟାୟ ଆଣିବେ।" ଇରାନର ରିଭୋଲ୍ୟୁସନାରୀ ଗାର୍ଡସ ସହ ଜଡ଼ିତ ଫାର୍ସ ନ୍ୟୁଜ ଏଜେନ୍ସି ଏହି ଅଭିଯାନର ଆରମ୍ଭକୁ ସମର୍ଥନ କରିଛି ଏବଂ ଧାର୍ମିକ ସମୂହମାନଙ୍କୁ ପଶ୍ଚିମୀ ଦେଶମାନଙ୍କ ଦୂତାବାସ ଓ ସହରର ମୁଖ୍ୟ ସ୍ଥାନମାନଙ୍କରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଆହ୍ୱାନ ଦେଇଛି।

## ପାନ୍ନା ବ୍ୟାଘ୍ର ସଂରକ୍ଷଣରେ ଶେଷ ନିଶ୍ୱାସ ତ୍ୟାଗ କଲା 'ବତ୍ସଳା'

**ଭୋପାଳ,୯।୭:** ପ୍ରାଣ ହରାଇଲା ଏସିଆର ସବୁଠାରୁ ବୟସ୍କା ହାତୀ । ୧୦୦ ବର୍ଷୀୟା ବତ୍ସଳାର ମୃତ୍ୟୁ ହୋଇଛି। ଦାଦି ଓ ଦାଇ ମା ନାମରେ ବେଶ ପରିଚିତ ଥିଲା ବତ୍ସଳା । ମଙ୍ଗଳବାର ମଧ୍ୟପ୍ରଦେଶର ପାନ୍ନା ବ୍ୟାଘ୍ର ସଂରକ୍ଷଣରେ ବହୁ ଅଙ୍ଗ ଅକାମୀ ହୋଇ ଯିବାରୁ ଶେଷ ନିଶ୍ୱାସ ତ୍ୟାଗ କରିଛି ବତ୍ସଳା । ଅନେକ ଦିନ ଧରି ସେ ରୋଗାକ୍ରାନ୍ତ ଥିଲା । କେରଳର ନିଲାମ୍ବୁର ଜଙ୍ଗଲରେ ଜନ୍ମଗ୍ରହଣ କରିଥିବା ବତ୍ସଳା କାଠ ବ୍ୟବସାୟରେ ଜଣେ କାର୍ଯ୍ୟରତ ହାତୀ ଭାବରେ ଯାତ୍ରା ଆରମ୍ଭ କରିଥିଲ। । ୧୯୭୧ ମସିହାରେ, ମଧ୍ୟପ୍ରଦେଶର ହୋଶଙ୍ଗାବାଦକୁ ତା ପରେ ୧୯୯୩ରୁ ପାନ୍ନା ବ୍ୟାଘ୍ର ଅଭୟାରଣ୍ୟରେ ସେ ରହିଆସୁଥିଲା। ସେଠାରେ ବାଘମାନଙ୍କୁ ଟ୍ରାକିଂ କରିବାରେ, ବନ୍ୟପ୍ରାଣୀ ସଂରକ୍ଷଣରେ ତାର ଗୁରୁତ୍ୱପୂର୍ଣ୍ଣ ଅବଦାନ ଥିଲା ।



## ପାକିସ୍ତାନ ଓ ବାଂଲାଦେଶରେ ବଢ଼ୁଛି ଚୀନ୍ ଦବଦବା




**ନୂଆଦିଲ୍ଲୀ,୯।୭:** ପାକିସ୍ତାନ ବର୍ଷ ବର୍ଷ ଧରି ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ର ରଚୁଛି ଏବଂ ଚୀନ୍ ମଧ୍ୟ ଏଥିରେ ଭୂମିକା ଗ୍ରହଣ କରିଛି । ପାକିସ୍ତାନ ଏବଂ ଚୀନ୍ ପରସ୍ପରକୁ ଭେଟିବା ଭାରତର ସୁରକ୍ଷା ପାଇଁ ବିପଦ ହୋଇପାରେ। ଏହି ପ୍ରସଙ୍ଗରେ ସେନା ମୁଖ୍ୟ ସିଡିଏସ୍ ଅନିଲ ଚୌହାନ ପ୍ରତିକ୍ରିୟା ରଖି କହିଛନ୍ତି, ପାକିସ୍ତାନ ଗତ ପାଞ୍ଚ ବର୍ଷ ମଧ୍ୟରେ ଚୀନ୍ ଠାରୁ ୭୦ ରୁ ୮୦ ପ୍ରତିଶତ ଅସ୍ତ୍ରଶସ୍ତ୍ର ଏବଂ ଉପକରଣ ପାଇଛି । କେବଳ ଏତିକି ନୁହେଁ ବାଂଲାଦେଶ ଏବଂ ପାକିସ୍ତାନରେ ଚୀନର ବଢ଼ୁଥିବା ଦବଦବା ଉପରେ ବି ସିଡିଏସ୍ ଚୌହାନ ପ୍ରତିକ୍ରିୟା ରଖିଛନ୍ତି । ରିପୋର୍ଟ ଅନୁଯାୟୀ, ସେ କହିଛନ୍ତି, "ହିନ୍ଦ ମହାସାଗର କ୍ଷେତ୍ରର ଦେଶଗୁଡ଼ିକର ଆର୍ଥିକ ସଙ୍କଟ ସେମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରିପାରେ । ଏହା ଯୋଗୁଁ ବାହ୍ୟ ଶକ୍ତିଗୁଡ଼ିକୁ ସେମାନଙ୍କର ପ୍ରଭାବ ବୃଦ୍ଧି କରିବାର ସୁଯୋଗ ମିଳିଛି । ଏହା ଭାରତକୁ ମଧ୍ୟ ପ୍ରଭାବିତ କରିପାରିବ ।" ସିଡିଏସ୍ ଚୌହାନ କହିଛନ୍ତି, "ଦକ୍ଷିଣ ଏସିଆରେ ବାରମ୍ବାର ସରକାର ପରିବର୍ତ୍ତନ ସହିତ, ଭୂରାଜନୈତିକ ସମୀକରଣ ଏବଂ ଆଦର୍ଶ ଦୃଷ୍ଟିକୋଣ ମଧ୍ୟ ପରିବର୍ତ୍ତନ ହେଉଛି, ଯାହା ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ । ସେହିପରି ବ୍ୟକ୍ତିଗତ ଲାଭ ପାଇଁ ଚୀନ୍, ପାକିସ୍ତାନ ଏବଂ ବାଂଲାଦେଶ ନିକଟତର ହେଉଛନ୍ତି, ଯାହା ଭାରତର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ ।

## ଉଦଘାଟନ ପୂର୍ବରୁ ଭାସିଗଲା ନବନିର୍ମିତ ରାସ୍ତା



**ନୂଆଦିଲ୍ଲୀ,୯।୭:** ରାଜସ୍ଥାନର ଝୁନଝୁନୁ ଜିଲ୍ଲାରେ ଉଦଘାଟନ ଅପେକ୍ଷାରେ ଥିବା ଏକ ନବନିର୍ମିତ ରାଜ୍ୟ ରାଜପଥ ଭାସି ଯାଇଛି । ଜିଲ୍ଲାର ଉଦୟପୁରବତୀର ବାଘୁଲି ନାମକ ଏକ ଅଞ୍ଚଳ ଦେଇ ଯାଇଥିବା କଟଲି ନଦୀର ପ୍ରବାହ ପ୍ରବଳ ହୋଇଯାଇଥିଲା ଏବଂ ରବିବାର ପ୍ରବଳ ବର୍ଷା ପରେ ଜଳସ୍ତର ମଧ୍ୟ ବୃଦ୍ଧି ପାଇଥିଲା। ପାଣିପାଗ କାର୍ଯ୍ୟାଳୟ କହିଛି ଯେ ଏହି ଅଞ୍ଚଳରେ ୮୬ ମିମି ବର୍ଷା ହୋଇଛି । ନଦୀର ପ୍ରବଳ ସ୍ରୋତ ହେତୁ ନୂତନ ଭାବରେ ନିର୍ମିତ ରାସ୍ତାକୁ ଧକ୍କା ଦେଇ ଭାଙ୍ଗିଦେଇଥିଲା । ଏଥି ସହ ଜାଣିରଖନ୍ତୁ ଯେ, କଟଲି ଏକ ଋତୁକାଳୀନ ନଦୀ ଯାହା ସିକର ଝୁନଝୁନୁ ଏବଂ ଚୁରୁ ଜିଲ୍ଲା ଦେଇ ପ୍ରବାହିତ ହୁଏ । ନିକଟରେ ଏହି ନଦୀରେ ଜବରଦଖଲ ବୃଦ୍ଧି ପାଇଛି। ରାଜ୍ୟ ପ୍ରଶାସନ ନଦୀକୁ ଜବରଦଖଲ ଏବଂ ବେଆଇନ ବାଲି ଏବଂ ପଥର ଖଣି ମୁକ୍ତ କରିବା ପାଇଁ ଏକ ଅଭିଯାନ ମଧ୍ୟ ଆରମ୍ଭ କରିଥିଲା ।

# ରୁଟ୍‌ଙ୍କୁ ହଟାଇ ହ୍ୟାରି ବ୍ରୁକ୍ ନମ୍ବର ୧ ବ୍ୟାଟର



## ଶୀର୍ଷ ୧୦ରେ ଗିଲ୍-ସ୍ମିଥ୍‌ଙ୍କ ଏଣ୍ଟ୍ରି

**ନୂଆଦିଲ୍ଲୀ,୯।୭:** ଆଇସିସିର ସଦ୍ୟତମ ଟେଷ୍ଟ ରାଙ୍କିଂରେ ଇଂଲଣ୍ଡ ବ୍ୟାଟର ହ୍ୟାରି ବ୍ରୁକ୍ ନମ୍ବର ୱାନ୍ ବ୍ୟାଟର ହୋଇଛନ୍ତି। ସେ ନିଜର ଟିମ୍‌ମେଟ୍ ଜୋ ରୁଟ୍‌ଙ୍କୁ ହଟାଇ ଏହି ସ୍ଥାନ ହାସଲ କରିଛନ୍ତି । ବ୍ରୁକ୍ ଏଜବାଷ୍ଟନ ଟେଷ୍ଟରେ ଭାରତ ବିପକ୍ଷରେ ପ୍ରଥମ ଇନିଂସରେ ୧୫୮ ରନ୍ କରିଥିଲେ। ନୂଆ ରାଙ୍କିଂରେ ଜୋ ରୁଟ୍ ଦ୍ୱିତୀୟ ସ୍ଥାନକୁ ଖସି ଆସିଛନ୍ତି । ସେ ବ୍ରୁକ୍‌ଙ୍କଠାରୁ ୧୮ ରେଟିଂ ପଏଣ୍ଟ ପଛରେ ଅଛନ୍ତି । ତାଙ୍କ ବ୍ୟତୀତ ଭାରତୀୟ ଟେଷ୍ଟ କ୍ୟାପ୍ଟେନ ଶୁଭମନ୍ ଗିଲ୍ ଓ ଇଂଲଣ୍ଡ ବ୍ୟାଟର ଜେମି ସ୍ମିଥ୍‌ଙ୍କ ରାଙ୍କିଂରେ ସୁଧାର ଆସିଛି । ଗିଲ୍ ୧୫ ସ୍ଥାନ ଉପରକୁ ଉଠି କ୍ୟାରିୟରର ବେଷ୍ଟ ରାଙ୍କିଂ ପଏଣ୍ଟ ହାସଲ କରିଛନ୍ତି । ସେ ବ୍ୟାଟିଂ ରାଙ୍କିଂରେ ଷଷ୍ଠ ସ୍ଥାନରେ ପହଞ୍ଚିଛନ୍ତି । ଅନ୍ୟପଟେ ସ୍ମିଥ୍ ମଧ୍ୟ ଶୀର୍ଷ ୧୦ରେ ପହଞ୍ଚିଛନ୍ତି । ଗିଲ୍ ଏଜବାଷ୍ଟନ ଟେଷ୍ଟର ପ୍ରଥମ ଇନିଂସରେ ୨୬୯ ଓ ୧୬୧ ରନ୍ କରିଥିଲେ । ଏହା ବଳରେ ଇଂଲଣ୍ଡକୁ ୩୩୬ ରନରେ ପରାସ୍ତ କରି ଭାରତ ସିରିଜର ପ୍ରଥମ ବିଜୟ ହାସଲ କରିଥିଲା । ଟେଷ୍ଟ ରାଙ୍କିଂରେ ବ୍ରୁକଙ୍କ ପରେ ରୁଟ୍ (ଦ୍ୱିତୀୟ), କେନ୍ ୱିଲିୟମସନ (ତୃତୀୟ), ଯଶସ୍ୱୀ ଜୟସ୍ୱାଲ (ଚତୁର୍ଥ) ଓ ଷ୍ଟିଭ୍ ସ୍ମିଥ୍ (ପଞ୍ଚମ) ନମ୍ବରରେ ଅଛନ୍ତି । ଶୀର୍ଷ ୧୦ରେ ଗିଲ୍ ଓ ଜୟସ୍ୱାଲଙ୍କ ସହ ରିଷଭ ପନ୍ତ ବି ଅଛନ୍ତି । ରିଷଭ ପନ୍ତ ଅଷ୍ଟମ ସ୍ଥାନରେ ଅଛନ୍ତି । ସପ୍ତମ ସ୍ଥାନରେ ଦ.ଆଫ୍ରିକାର ତେମ୍ବା ବଭୁମା, ନବମ ସ୍ଥାନରେ କାମିନ୍ଦୁ ମେଣ୍ଡିସ୍ ଓ ଦଶମ ସ୍ଥାନରେ ଇଂଲଣ୍ଡର ଜେମି ସ୍ମିଥ୍ ଅଛନ୍ତି । ଭାରତର ଅନୁଭବୀ ଖେଳାଳି ରବିନ୍ଦ୍ର ଜାଡେଜା ଟେଷ୍ଟ ଅଲରାଉଣ୍ଡର୍ସ ସୂଚୀରେ ଶୀର୍ଷ ସ୍ଥାନରେ ଅଛନ୍ତି । ଅନ୍ୟପଟେ ଜଶପ୍ରିତ ବୁମରା ମଧ୍ୟ ଟେଷ୍ଟ ବୋଲର ରାଙ୍କିଂରେ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି । ସେହିପରି ମହମ୍ମଦ ସିରାଜଙ୍କୁ ଇଂଲଣ୍ଡ ବିପକ୍ଷରେ ଭଲ ପ୍ରଦର୍ଶନ ଫାଇଦା ହୋଇଛି । ସଦ୍ୟ ରାଙ୍କିଂରେ ସେ ୬ ସ୍ଥାନ ଉପରକୁ ଉଠି ୨୨ତମ ସ୍ଥାନରେ ଅଛନ୍ତି ।

# ଯଶ ଦୟାଲଙ୍କ ବିରୋଧରେ

# ଯୁବତୀଙ୍କୁ ଯୌନ ଶୋଷଣ ଅଭିଯୋଗ



**ନୂଆଦିଲ୍ଲୀ,୯।୭:** ବଡ଼ିଲା ଆରସିବି ବୋଲର ଯଶ ଦୟାଲଙ୍କ ମୁସ୍କିଲ । ଯଶଙ୍କ ବିରୋଧରେ ଥାନାରେ ଜଣେ ଯୁବତୀଙ୍କୁ ଯୌନ ଶୋଷଣ କରିବା ଅଭିଯୋଗରେ ମାମଲା ରୁଜୁ ହୋଇଛି । ଗାଜିଆବାଦ ଅଞ୍ଚଳରେ ରହୁଥିବା ଜଣେ ଯୁବତୀ ତାଙ୍କ ଉପରେ ଦୁଷ୍କର୍ମ ଅଭିଯୋଗ ଆଣିଛନ୍ତି । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଯୁବତୀଙ୍କ ଅଭିଯୋଗ ଅନୁଯାୟୀ, ବିବାହର ପ୍ରତିଶ୍ରୁତି ଦେଇ ଆର୍ଥିକ, ମାନସିକ ଓ ଶାରୀରିକ ଶୋଷଣ କରିଛନ୍ତି ଯଶ । ପୀଡ଼ିତାଙ୍କ ମୁତାବକ ଯଶ ଦୟାଲ ଦୀର୍ଘ ସମୟ ପର୍ଯ୍ୟନ୍ତ ତାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସଂପର୍କ ରଖି ଆସିଥିଲେ । ଏମିତି ୫ ବର୍ଷ ଧରି ଯଶ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସିଥିଲେ । ଯୁବତୀ ଜଣକ ଅଭିଯୋଗ କରିଛନ୍ତି ଯେ, ଯଶ ଦୟାଲ ତାଙ୍କ ବ୍ୟତୀତ ଆହୁରି ଅନେକ ଯୁବତୀଙ୍କ ସହ ସଂପର୍କରେ ଥିଲେ । ଏହି ସମୟରେ ପୀଡ଼ିତା ପୋଲିସକୁ ହ୍ୱାଟ୍ସଆପ୍ ଚାଟ୍ର ସ୍କ୍ରିନସର୍ଟ, ଭିଡିଓ କଲ୍ ଓ ଫଟୋର ପ୍ରମାଣ ଦେଇଥିଲେ । ପୋଲିସ ମାମଲାରେ କେସ୍ ରୁଜୁ କରିଛି । ଅନ୍ୟପଟେ ଯଶ ଦୟାଲଙ୍କ ବାପା କହିଛନ୍ତି, ସେ ଏହି ଯୁବତୀଙ୍କୁ ଜାଣି ନାହାନ୍ତି କି ଚିହ୍ନି ନାହାନ୍ତି । ଏହି ଝିଅ କଣ ପାଇଁ ଅଭିଯୋଗ ଲଗାଉଛି ତାହା ଆମେ ବୁଝିପାରୁନାହୁଁ । ତେବେ ପୀଡିତା ମହିଳା ଜୁନ ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ହେଲ୍ପଲାଇନରେ ଅଭିଯୋଗ କରିଥିଲେ । ସୂଚନାଯୋଗ୍ୟ, ଯଶ ଦୟାଲ ଆଇପିଏଲ ୨୦୨୫ରେ ଆରସିବି ତରଫରୁ ଖେଳୁଥିଲେ । ସେ ୧୫ଟି ମ୍ୟାଚରେ ୧୩ଟି ୱିକେଟ ନେଇଛନ୍ତି । ସେ ସମସ୍ତ ଘରୋଇ ଫର୍ମାଟରେ ଉତ୍ତର ପ୍ରଦେଶକୁ ପ୍ରତିନିଧିତ୍ୱ କରିଛନ୍ତି ।

# ଲର୍ଡସ୍‌ରେ ବାଉନ୍ସି ପିଚ୍: ନେଟ୍‌ସରେ ଗର୍ଜିଲେ ବୁମ୍‌ରା



ଭାରତ ଖେଳିଛି ୧୯, ଜିତିଛି ୩

**ଲଣ୍ଡନ,୯।୭:** ହେଡିଂଲେ ଟେଷ୍ଟକୁ ହାରିବା ପରେ ଏଜ୍‌ବାଷ୍ଟନ୍‌ରେ ଜବରଦସ୍ତ ବିଜୟ ହାସଲ କରି ଇଂଲଣ୍ଡର ମୁଣ୍ଡବ୍ୟଥା ବଢ଼ାଇ ଦେଇଛି ଶୁବମନ୍ ଗିଲ୍‌ଙ୍କ ଯୁବ ଭାରତୀୟ କ୍ରିକେଟ୍ ବାହିନୀ। ଐତିହାସିକ ଲର୍ଡସ ଷ୍ଟାଡିୟମ୍‌ରେ ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବା ତୃତୀୟ ଟେଷ୍ଟ୍ ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ଏହି ରେକର୍ଡଭରା ତଥା ସଫଳ ଲେଉଟାଣି ଘରୋଇ ଇଂଲଣ୍ଡକୁ ତା'ର ରଣନୀତି ବଦଳାଇବାକୁ ବାଧ୍ୟ କରିଛି। ଅନେକ ସମୟରେ ଭାରତୀୟ ଉପମହାଦେଶୀୟ ଦଳଗୁଡ଼ିକ ବିରୋଧରେ ନିଜ ଆବଶ୍ୟକ ମୁତାବକ ପିଚ୍ ତିଆରି କରୁଥିବା ଅଭିଯୋଗ ଆଣୁଥିବା ଇଂଲଣ୍ଡ ଏବେ ଲର୍ଡସରେ ନିଜ ମନ ମତାଣିଆ ପିଚ୍ ପ୍ରସ୍ତୁତ କରିବାକୁ ଯୋଜନା କରିଛି। ସେଥିପାଇଁ ଏହି ମ୍ୟାଚ୍ ଆରମ୍ଭ ହେବାର ତିନି ଦିନ ପୂର୍ବରୁ ଲର୍ଡସ ପିଚ୍‌କୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। 'ବାଜ୍‌ବଲ୍' ଶୈଳୀରେ ଟେଷ୍ଟ୍ ମ୍ୟାଚ୍ ଖେଳୁଥିବା ଇଂଲଣ୍ଡ ସହଜ ବ୍ୟାଟିଂ ପାଇଁ ବର୍ମିଂହାମର ଏଜ୍‌ବାଷ୍ଟନ୍‌ରେ ଏକବାର ସମତଳ ପିଚ୍ କରିଥିଲା। ହେଲେ ଏହା ତା' ପାଇଁ ବୁମେରାଂ ସାବ୍ୟସ୍ତ ହୋଇଥିଲା। ଭାରତୀୟ ଖେଳାଳିମାନେ ଏହି ପିଚ୍‌ର ପୂରା ଫାଇଦା ଉଠାଇ ଇଂଲଣ୍ଡକୁ ତାରି ଜାଲରେ ଫସାଇ ଦେଇଥିଲେ।

# ସିରାଜ-ଆକାଶ ଯୋଡ଼ିଙ୍କୁ ନେଇ ଆଶା



**ନୂଆଦିଲ୍ଲୀ,୯।୭:** ଭାରତର ବର୍ମିଂହାମ ବିଜୟରେ ନୂଆ ଦ୍ରୁତ ବୋଲର୍ ଯୋଡ଼ି ମହମ୍ମଦ ସିରାଜ ଓ ଆକାଶ ଦୀପ ନିର୍ଣ୍ଣାୟକ ଭୂମିକା ନେଇଛନ୍ତି। ସିରାଜଙ୍କ ୬ ୱିକେଟ୍ ସଫଳତା ବଳରେ ପ୍ରଥମ ପାଳିରେ ଇଂଲଣ୍ଡକୁ ଭାରତକୁ ୪୦୭ ରନ୍‌ରେ ଅଲ୍‌ଆଉଟ୍ କରି ଦେଇଥିଲା। ଦ୍ୱିତୀୟ ପାଳିରେ ଆକାଶ ଦୀପଙ୍କ ୬ ୱିକେଟ୍ ସଫଳତା ବଳରେ ଏଠାରେ ପ୍ରଥମ ଥର ବିଜୟୀ ହୋଇଥିଲା। ପ୍ରଥମ ପାଳିରେ ୪ ୱିକେଟ୍ ନେଇଥିବା ଆକାଶ ଦୀପ ୧୮୭ ରନ୍ ଦେଇ ୧୦ ୱିକେଟ୍ ନେଇଥିଲେ। ଯାହା ତାଙ୍କ ଟେଷ୍ଟ୍ ଜୀବନର ଶ୍ରେଷ୍ଠ ବୋଲିଂ ଚିତ୍ର ଥିଲା। ସିରାଜ ମଧ୍ୟ ନିଜ ଖେଳ ଜୀବନର ଚତୁର୍ଥ ପାଞ୍ଚ ୱିକେଟ୍ ସଫଳତା ପାଇଥିଲେ। ଉଭୟ ମିଶି ୭୨.୪ ଓଭର ବୋଲିଂ କରି ୩୧୪ ବିନିମୟରେ ଇଂଲଣ୍ଡର ୨୦ରୁ ୧୭ ୱିକେଟ୍ କବଜା କରିଥିଲେ। ପ୍ରଥମ ପାଳିରେ ଇଂଲଣ୍ଡର ସମସ୍ତ ୧୦ ୱିକେଟ୍ ଏହି ଦୁଇଜଣ ଅକ୍ତିଆର କରିଥିଲେ। ବୁମ୍‌ରାଙ୍କ ଅନୁପସ୍ଥିତିରେ ଏହି ଦୁଇ ଜଣ ହିଁ ଭାରତୀୟ ବୋଲିଂର ମଙ୍ଗ ସମ୍ଭାଳିଥିଲେ। ଏଣୁ ଲର୍ଡସରେ ଗୁରୁବାରଠାରୁ ଖେଳାଯିବାକୁ ଥିବା ତୃତୀୟ ଟେଷ୍ଟରେ ଉଭୟଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ଆଶା କରାଯାଇଛି। ଏହି ମ୍ୟାଚ୍‌ରେ ବୁମ୍‌ରା ଫେରିବେ ବୋଲି ଅଧିନାୟକ ଶୁବମନ ଗିଲ୍ ସୂଚନା ଦେଇଛନ୍ତି। ସେଥିପାଇଁ ସିରାଜ-ଆକାଶ ଦୀପ ଓ ବୁମ୍‌ରା ଇଂଲଣ୍ଡକୁ ପୁଣି ଥରେ ପରୀକ୍ଷାରେ ପକାଇବେ ବୋଲି ବିଶେଷଜ୍ଞମାନେ ଅନୁମାନ କରିଛନ୍ତି। ସିରାଜଙ୍କ କ୍ୟାଚ୍ ସବୁଠୁ ସ୍ମରଣୀୟ: ଗିଲ୍ ବର୍ମିଂହାମ ଟେଷ୍ଟ୍ ଜିତି ଭାରତୀୟ ଖେଳାଳିମାନେ ଐତିହାସିକ ସଫଳତା ହାସଲ କରିଛନ୍ତି। ୫୮ବର୍ଷର ପରାଜୟ ଧାରା ଭାଙ୍ଗି ପ୍ରଥମ ଥର ପାଇଁ ଏହି ଷ୍ଟାଡିୟମ୍‌ରେ ବିଜୟର ବାନା ଉଡ଼ାଇବା ପରେ ସାରା ଜୀବନ ପାଇଁ ଅଭୁଲା ମୁହୂର୍ତ୍ତ ସାଉଣ୍ଟିଛନ୍ତି। ଅଧିନାୟକତ୍ୱର ପ୍ରଥମ ବିଜୟ ପୁଣି ଏଥିରେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇବା ଅଧିନାୟକ ଶୁବମନ୍ ଗିଲ୍‌ଙ୍କ ପାଇଁ ସ୍ୱତନ୍ତ୍ର ଅନୁଭୂତି ପାଲଟିଛି। ବ୍ୟକ୍ତିଗତ ଭାବେ ପ୍ରଥମ ପାଳିରେ ଦ୍ୱିଶତକ ଏବଂ ଦ୍ୱିତୀୟ ପାଳିରେ ଶତକ ସହ ମୋଟ ୪୩୦ ରନ୍ କରିଛନ୍ତି ଗିଲ୍। ସେହିଭଳି ଯୁବ ବୋଲର ଆକାଶ ଦୀପ ୧୦ ୱିକେଟ୍ ସଫଳତା ହାସଲ କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ତେବେ ଏସବୁ ନୁହେଁ ବରଂ ଶେଷ ଦିନରେ ରବୀନ୍ଦ୍ର ଜାଡ଼େଜାଙ୍କ ବୋଲିଂରେ ମହମ୍ମଦ ସିରାଜ ବ୍ରାଏଡନ୍ କାର୍ସଙ୍କର ଗୋଟିଏ ହାତରେ ନେଇଥିବା କ୍ୟାଚ୍ ତାଙ୍କ ପାଇଁ ବର୍ମିଂହାମ ଟେଷ୍ଟର ସବୁଠୁ ସ୍ମରଣୀୟ ମୁହୂର୍ତ୍ତ ହୋଇ ରହିବ ବୋଲି କହିଛନ୍ତି ଗିଲ୍।

# ଗୌତମଙ୍କୁ ଇଙ୍ଗିତ କରି ଋଷଭ କହିଲେ

# 'ସବୁ ଭୁଲ ମୋ ଦ୍ୱାରା କରାଇ ଥାଆନ୍ତି'

**ନୂଆଦିଲ୍ଲୀ,୯।୭:** ଭାରତୀୟ କ୍ରିକେଟ୍ ଦଳର ପ୍ରଶିକ୍ଷକ ଗୌତମ ଗମ୍ଭୀର ଅନେକ କ୍ରିକେଟରଙ୍କ ସହିତ କପିଲ ଶର୍ମାଙ୍କ କମେଡି ସୋ' 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ ସୋ ସିଜନ୍ ୩' ପହଞ୍ଚିଥିଲେ। ଏହି ସୋ'ରେ ଯୁଜଭେନ୍ଦ୍ର ଚହଲ୍, ଋଷଭ ପନ୍ତ ଏବଂ ଅଭିଷେକ ଶର୍ମା ଅତିଥି ଭାବରେ ଉପସ୍ଥିତ ହୋଇ ଖୁବ ମଜାମସ୍ତି କରିଥିଲେ। ଏହି ସମୟରେ ରିଷଭ ପନ୍ତ ଗୌତମ ଗମ୍ଭୀରଙ୍କ ବିଷୟରେ ଆଲୋଚନା କରି ସମସ୍ତଙ୍କୁ ହସାଇଥିଲେ। କପିଲ ଶର୍ମା ସୋ' ସମୟରେ ଖେଳାଳିମାନଙ୍କୁ ପଚାରିଥିଲେ ଯେ ଡ୍ରେସିଂ ରୁମର ପରିବେଶ କିପରି ଥାଏ? କପିଲଙ୍କ ପ୍ରଶ୍ନ ଶୁଣି ଋଷଭ ପନ୍ତ ହସିହସି ଗୌତମ ଗମ୍ଭୀରଙ୍କ ଆଡ଼କୁ ଇଙ୍ଗିତ କରି କହିଲେ- 'ସମସ୍ତ ଭୁଲ କାମ ମୁଁ କରେ।ସେମିତି କହିବାକୁ ଗଲେ ଡ୍ରେସିଂ ରୁମର ପରିବେଶ ସବୁବେଳେ ଭଲ ଥାଏ କିନ୍ତୁ ଏହା ମ୍ୟାଚ୍ କିପରି ହୋଇଛି ତାହା ଉପରେ ନିର୍ଭର କରେ। ମ୍ୟାଚ ଚାଲିଥିବା ସମୟରେ ସମସ୍ତେ ଚିନ୍ତାରେ ଥାଆନ୍ତି।' ଋଷଭ ପନ୍ତଙ୍କ କଥାକୁ ସମର୍ଥନ କରି ଗୌତମ ଗମ୍ଭୀର କପିଲ ଶର୍ମାଙ୍କୁ କହିଥିଲେ ତୁମ ପରି ସମାନ ପରିସ୍ଥିତି ଆମର ବି ଅଛି। ଯଦି ସୋ' ଭଲ ନହୁଏ ତେବେ ତୁମେ ବାହାରକୁ ଯିବ। ସେହିପରି, ଯଦି ଦଳ ଭଲ ନ ଖେଳେ ତେବେ ମୁଁ ବାହାରକୁ ଯିବି।' 'ଦି ଗ୍ରେଟ୍ ଇଣ୍ଡିଆନ୍ କପିଲ ସୋ ୩' ଜୁନ୍ ୨୧ ରୁ ନେଟଫ୍ଲିକ୍ସରେ ଆରମ୍ଭ ହୋଇଯାଇଛି। ଯେଉଁଥିରେ ସଲମାନ ଖାନ ପ୍ରଥମ ଅତିଥି ଭାବରେ ନଜର ଆସିଥିଲେ। ପ୍ରାୟ ପାଞ୍ଚ ବର୍ଷ ପରେ ଏଥର ନବଜୋତ ସିଂହ ସିଦ୍ଧୁ ମଧ୍ୟ ସୋ'କୁ ଫେରିଛନ୍ତି।

# ୱିମ୍ବଲଡନ୍ ଟେନିସ୍‌ରେ ପ୍ରଥମ ଥର ସେମିରେ ଟେଲର ଫ୍ରିଜ୍



**ଲଣ୍ଡନ,୯।୭:** ଆମେରିକାର ଟେଲର ଫ୍ରିଜ୍ ପ୍ରଥମ ଥର ଲାଗି ୱିମ୍ବଲଡନ୍ ଟେନିସ୍ ପ୍ରତିଯୋଗିତାର ସେମିଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ପଞ୍ଚମ ମାନ୍ୟତାପ୍ରାପ୍ତ ଫ୍ରିଜ୍ ୬-୩, ୬-୪, ୧-୬, ୭-୬ ସେଟ୍‌ରେ ସପ୍ତଦଶ ମାନ୍ୟତାପ୍ରାପ୍ତ ରୁଷିଆର କାରେନ ଖାଚାନୋଭଙ୍କୁ ମାତ୍ ଦେଇଛନ୍ତି। ଏଥିସହ ୟୁଏସ୍ ଓପନ୍ ଫାଇନାଲିଷ୍ଟ ଫ୍ରିଜ୍ ୨୦୧୮ (ଜନ୍ ଇଜ୍‌ନର) ପରେ ପ୍ରଥମ ଆମେରିକୀୟ ପୁରୁଷ ଖେଳାଳି ଭାବେ ଗ୍ରାସ୍‌କୋର୍ଟ ସ୍ଲାମ୍ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ସେ ମଧ୍ୟ ଫ୍ରାନ୍‌ସେସ୍ ଟିଆଫୋ ଓ ବେନ୍ ସେଲଟନ୍‌ଙ୍କ ପରେ ତୃତୀୟ ଆମେରିକା ପୁରୁଷ ଖେଳାଳି ଭାବେ ଅନେକ ବାର ଗ୍ରାଣ୍ଡସ୍ଲାମ ସେମିଫାଇନାଲ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମ ଆମେରିକୀୟ ପୁରୁଷ ଭାବେ ମଧ୍ୟ ନନ୍-ହାର୍ଡକୋର୍ଟ ଗ୍ରାଣ୍ଡ ସ୍ଲାମ୍ ସେମିଫାଇନାଲ୍‌ରେ ପହଞ୍ଚିଛନ୍ତି। ମହିଳା ଏକକ ସେମିଫାଇନାଲ୍‌ରେ ବିଶ୍ୱର ଏକ ନମ୍ବର ଆରିନା ସାବାଲେଙ୍କା ତୃତୀୟ ଥର ଲାଗି ପ୍ରବେଶ କରିଛନ୍ତି। ମଙ୍ଗଳବାର କ୍ୱାର୍ଟରଫାଇନାଲ୍‌ରେ ୩ ଗ୍ରାଣ୍ଡ ସ୍ଲାମ୍ ବିଜୟିନୀ ତଥା ଫ୍ରେଞ୍ଚ ଓପନ୍ ଫାଇନାଲିଷ୍ଟ ସାବାଲେଙ୍କା ୪-୬, ୬-୨, ୬-୪ ସେଟ୍‌ରେ ଜର୍ମାନୀର ଲୌରା ସିଗମୁଣ୍ଡଙ୍କୁ ପରାସ୍ତ କରିଥିଲେ। ଏହି ବେଲାରୁଷ ମହିଳା ପ୍ରଥମ ସେଟ୍ ହାରିବା ପରେ ପ୍ରତ୍ୟାବର୍ତ୍ତନ କରି ପରବର୍ତ୍ତୀ ଦୁଇ ସେଟ୍ ଜିତି ପ୍ରଥମ ୱିମ୍ବଲଡନ୍ ଟ୍ରଫି ବିଜୟ ଦିଗରେ ଗୋଟିଏ ପାଦ ଆଗକୁ ବଢ଼ିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜିଠୁ...

ତେଲ ମିଳିବା କଷ୍ଟ ହେବ। ଥରେ ସପ୍ଲାଏ ଚେନ ଭାଙ୍ଗିଲେ ସଜାଡ଼ିବାକୁ ସମୟ ଲାଗିବ। ନର୍ମାଲ ହେବାକୁ ଦୁଇରୁ ତିନି ଦିନ ଲାଗିଯିବ। କେବିକେ ଜିଲ୍ଲାଗୁଡ଼ିକ ସର୍ବାଧିକ କ୍ଷତିଗ୍ରସ୍ତ ହେବେ ବୋଲି ସଂଘର ସଭାପତି ସଂଜୟ ଲାଠ କହିଛନ୍ତି।

### ସମାଜର...

ଆଇଆଇଟି ଦିଲ୍ଲୀ ଉର୍ଜା ଶିକ୍ଷା ପାଇଁ ଭବିଷ୍ୟତର ପଥ ସୃଷ୍ଟି କରିବା ପାଇଁ ଏକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛି, ଯାହା ପ୍ରଶଂସନୀୟ। ଏହି ପଦକ୍ଷେପ ସାମଗ୍ରିକ ଶିକ୍ଷା ପାଠ୍ୟକ୍ରମ ସହ ଶକ୍ତି ଶିକ୍ଷାକୁ ସମନ୍ୱିତ କରିବା ପାଇଁ ଏକ ଦୀର୍ଘ ଯାତ୍ରାର ମୂଳଦୁଆ। ଏହି ଅବସରରେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏକ ଉତ୍ତମ ଉର୍ଜା ଶିକ୍ଷା ପାଠ୍ୟକ୍ରମ ସୃଷ୍ଟି କରିବାରେ ଯୋଗଦାନ ରଖିବାକୁ ଆଇଆଇଟି ଦିଲ୍ଲୀକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ଏହାଛଡ଼ା ଆଉ ଏକ ପୃଥକ କାର୍ଯ୍ୟକ୍ରମ ଅନୁଯାୟୀ ଗୁଜରାଟର କେଭାଡିଆରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଜୁଲାଇ ୧୦ରୁ ୧୧ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଦୁଇଦିନିଆ କୁଳପତି ସମ୍ମିଳନୀ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଡକ୍ଟର ସୁକାନ୍ତ ମଜୁମଦାର ଓ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୨୯ ଜୁଲାଇ ୨୦୨୫ରେ ଜାତୀୟ ଶିକ୍ଷା ନୀତି-୨୦୨୦ କ୍ରିୟାନ୍ୱୟନର ୫ ବର୍ଷ ପୂର୍ତ୍ତି ହେବ। ଏହାର ଅଂଶବିଶେଷ ଭାବେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକର ଶୀର୍ଷ ନେତୃତ୍ୱମାନଙ୍କୁ ନେଇ ସାଙ୍ଗଠନିକ ପ୍ରଗତି ସମୀକ୍ଷା କରିବା ସହ ସାମୂହିକ ଭାବେ ଆଗାମୀ ଦିନର କାର୍ଯ୍ୟପନ୍ଥା ଉପରେ ବିଚାରବିମର୍ଶ ହେବ। ଦୁଇ ଦିନ ଧରି ତିନୋଟି ପ୍ରମୁଖ କ୍ଷେତ୍ର ଯଥା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ନୀତି ଅନୁସାରେ ଆଗାମୀ ଦିନର ଲକ୍ଷ୍ୟ, ତା' ଉପରେ ରଣନୈତିକ ସହଯୋଗ ଉପରେ ଆଲୋଚନା ହେବ। ସାଙ୍ଗଠନିକ ନବସୃଜନ, ସକ୍ଷମ ପରିବେଶ ଓ ମିଳିତ ଆହ୍ୱାନ ଉପରେ ସମକକ୍ଷ ଶିକ୍ଷା ଏବଂ ଜ୍ଞାନର ଆଦାନପ୍ରଦାନ ଉପରେ ଶିକ୍ଷାବିତଙ୍କ ମଧ୍ୟରେ ଆଲୋଚନାକୁ ପ୍ରୋତ୍ସାହିତ କରାଯିବ। ସେହିପରି ୨୦୪୭ର ବିଶ୍ୱ ଶୈକ୍ଷିକ ଦୃଶ୍ୟପଟ୍ଟ ପାଇଁ ଆଗୁଆ ଯୋଜନା ଏବଂ ପ୍ରସ୍ତୁତି ଉପରେ ଚର୍ଚ୍ଚା ହେବ। ଏହି ସମ୍ମିଳନୀ ଉଚ୍ଚଶିକ୍ଷାର ପ୍ରମୁଖ ଦିଗ ଯଥା ଶିକ୍ଷାଦାନ, ଗବେଷଣା, ଜାତୀୟ ଶିକ୍ଷା ନୀତିର ପ୍ରମୁଖ ସ୍ତମ୍ଭ ସହିତ ଦୁଇ ଦିନ ଧରି ୧୦ଟି ବିଷୟବସ୍ତୁ ଅଧିବେଶନ ମାଧ୍ୟମରେ ବିଚାରବିମର୍ଶ ହେବ।

### ଚଳିତ...

ଅଧିକ ପଦକ୍ଷେପ ନିଆଯିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଖଣି ଅଞ୍ଚଳରେ ଜଙ୍ଗଲ ସମ୍ପଦର ଅଭିବୃଦ୍ଧି, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜରିଆରେ ସ୍ଥାନୀୟ ଲୋକଙ୍କ ଜୀବିକା ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ଖଣି ଅଞ୍ଚଳର ବିକାଶ ପାଇଁ ରହିଥିବା ବିଭିନ୍ନ ଯୋଜନାର କନ୍‌ଭର୍ଜେନ୍ସ ମାଧ୍ୟମରେ ଏହା ହାସଲ କରାଯାଇପାରିବ ବୋଲି କହିଛନ୍ତି। ଏଥିପାଇଁ ଓଏମସି ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

ଓଏମସି ପକ୍ଷରୁ ଏକ ପେଲେଟ୍ ପ୍ଲାଣ୍ଟ ସ୍ଥାପନ ପାଇଁ ମୁଖ୍ୟମନ୍ତ୍ରୀ ପୂର୍ବରୁ ଦେଇଥିବା ପ୍ରସ୍ତାବ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଏଥିପାଇଁ ଭାରତ ସରକାରଙ୍କର ମେକନ୍ ନାମକ ସଂସ୍ଥାକୁ ଟେକ୍‌ନୋ ଇକୋନୋମିକ୍ ଫିଜିବିଲିଟି ରିପୋର୍ଟ ପ୍ରସ୍ତୁତି ଦାୟିତ୍ୱ ଦିଆଯାଇଛି। ପେଲେଟ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଏକ ସ୍ୱତନ୍ତ୍ର ପ୍ରୋଜେକ୍ଟ କମିଟି ମଧ୍ୟ ଗଠନ କରାଯାଇଛି। ସମସ୍ତ ପ୍ରକ୍ରିୟା ସରିବା ପରେ ଆସନ୍ତା ବର୍ଷ ମେ' ସୁଦ୍ଧା ଏହି ପ୍ରକଳ୍ପ ଆରମ୍ଭ ହେବ ବୋଲି ବୈଠକରୁ ଜଣାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀ ଓଏମସିର ପରିଚାଳନା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ସହ ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ଦକ୍ଷ ବ୍ୟକ୍ତିମାନଙ୍କୁ ନିଯୁକ୍ତି ଦେବା ସକାଶେ ପରାମର୍ଶ ଦେଇଥିଲେ। ବୈଠକରେ ଇସ୍ପାତ ଓ ଖଣି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଓ ଓଏମ୍‌ସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଡିଜିଙ୍କ...

ଜଣଙ୍କ ଏହି ଟଙ୍କା ଲୁଟିଛନ୍ତି? କିଛି ମହିଳା ମଧ୍ୟ ଠକେଇର ଶିକାର ହୋଇଥିବା ଅଭିଯୋଗ ସାମ୍ନାକୁ ଆସିଛି। କେବଳ ଚାକିରି ନୁହେଁ, ବରଂ ଜିଲ୍ଲା ଭିତରେ ଟ୍ରାନ୍ସଫର ପୋଷ୍ଟିଂ କରିବାକୁ କହି କୋଟି କୋଟି ଟଙ୍କାର ଦୁର୍ନୀତି କରିଥିବା ଖବର ମଧ୍ୟ ସାମ୍ନାକୁ ଆସିଛି। ହେଲେ ବାବୁଙ୍କ ଏହି କଳାକର୍ମକୁ ଚାପିବାକୁ ଏବେ ଆରମ୍ଭ ହୋଇଛି ଭରପୂର ଉଦ୍ୟମ। କାରଣ ଏହି ହାବିଲଦାର ଜଣଙ୍କ ହେଉଛନ୍ତି ଜଣେ ସ୍ଥାନୀୟ ବିଧାୟକଙ୍କ ଶଳା। ନିଲମ୍ବିତ ହେବା ପରେ ଏବେ ବିଧାୟକଙ୍କ ସରକାରୀ ବାସଭବନରେ ସେ ରହୁଛନ୍ତି। ତେବେ ତାଙ୍କ ବିରୋଧରେ ଗଣ୍ଡା ଗଣ୍ଡା ପ୍ରମାଣ ସାମ୍ନାକୁ ଆସିବା ପରେ କିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ତାହା ଏବେ ଦେଖିବାକୁ ବାକି ରହିଲା।

### ଭୁଶୁଡ଼ିଲା...

ହୋଇଯାଇଥିବା ପୋଲର ଏକ ଅଂଶ ଉପରେ ଝୁଲି ରହିଥିବା ଦେଖିବାକୁ ମିଳିଛି। ଦୁର୍ଘଟଣାର ପାଖାପାଖି ୮ ଘଣ୍ଟା ପରେ ବି ଉକ୍ତ ଟ୍ୟାଙ୍କର୍‌ଟି ସେମିତି ଝୁଲି ରହିଥିବା ବେଳେ ଚାଳକ ଜଣଙ୍କ ନିଜ ଜୀବନ ବଞ୍ଚାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ମହିସାଗର ନଦୀ ପାଣିରେ ପଡ଼ିଥିବା ଏକ ଟ୍ରକ୍‌କୁ ଉଦ୍ଧାର କରିବା ସକାଶେ କ୍ରେନ୍ ଓ ୩ଟି ଜେସିବି ଉଦ୍ୟମ କରୁଥିଲେ ମଧ୍ୟ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଏହାକୁ ଉଦ୍ଧାର କରାଯାଇପାରିନାହିଁ। ଉକ୍ତ ପୋଲ ଦେଇ ଦୈନିକ ହଜାର ହଜାର ସଂଖ୍ୟାରେ ଯାନବାହନ ଯାତାୟାତ କରୁଥିବାରୁ ଏହା ଚାପରେ ପୋଲଟି ଭୁଶୁଡ଼ି ପଡ଼ିଥିବା କୁହାଯାଉଛି। ସେହିପରି ଏହି ପୋଲ ଉପରୁ ଚାପ କମାଇବା ସକାଶେ ୩ ମାସ ତଳେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟେଲ୍ ଏକ ନୂଆ ପୋଲ ନିର୍ମାଣ ପାଇଁ ୨୧୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ଭୁଶୁଡ଼ି ପଡ଼ିଥିବା ପୋଲଟି ୧୯୮୧ ମସିହାରେ ନିର୍ମାଣ ହୋଇଥିବା ବେଳେ ୧୯୮୫ ମସିହାରେ ଲୋକାର୍ପିତ ହୋଇଥିଲା। ତେବେ ପୋଲର ଶୋଚନୀୟ ଅବସ୍ଥା ଦୃଷ୍ଟିରୁ ଗତ ୨୦୧୭ରେ କଂଗ୍ରେସ ପକ୍ଷରୁ ଏହା ଉପରେ ଭାରୀଯାନ ଚଳାଚଳକୁ ବନ୍ଦ କରିବା ସକାଶେ ଦାବି କରାଯାଇଥିଲା। ଦୁର୍ଘଟଣା ପରେ ଅଗ୍ନିଶମ କର୍ମଚାରୀଙ୍କ ତତ୍ପରତା ଯୋଗୁଁ ୩ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିଲା। ସେହିପରି ଗମ୍ଭୀରା ସେତୁ ଭୁଶୁଡ଼ି ପଡ଼ିବାର ସବୁଠାରୁ ବଡ଼ ପ୍ରଭାବ ଭଦୋଦରା ଏବଂ ଆନନ୍ଦ ମଧ୍ୟରେ ଯାତାୟାତ ଉପରେ ପଡ଼ିଛି। ଏହି ସେତୁ ଉପରୋକ୍ତ ଦୁଇ ଜିଲ୍ଲା ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ସଂଯୋଗକାରୀ ରାସ୍ତା ଥିଲା। ଏବେ ସେତୁ ନ ଥିବାରୁ ଲୋକଙ୍କୁ ପ୍ରାୟ ୪୦ କିମି ଅତିରିକ୍ତ ରାସ୍ତା ବଦଳାଇ ବିକଳ୍ପ ରାସ୍ତା ନେବାକୁ ପଡ଼ିବ। ସେତୁ ଭୁଶୁଡ଼ିବା ପରେ ପୁଲିସ୍ ତୁରନ୍ତ ଯାତାୟାତକୁ ସ୍ଥାନାନ୍ତର କରିଥିଲା। କିନ୍ତୁ ଉଭୟ ପାର୍ଶ୍ୱରେ ଯାନବାହନର ଲମ୍ବା ଧାଡ଼ି ଦେଖିବାକୁ ମିଳିଛି। ବର୍ତ୍ତମାନ ସେତୁ ଭୁଶୁଡ଼ିବାର କାରଣ ବିଷୟରେ କୌଣସି ସ୍ପଷ୍ଟ ସୂଚନା ନାହିଁ। କିନ୍ତୁ ଲଗାଣ ବର୍ଷା ଓ ପୋଲର ଜରାଜୀର୍ଣ୍ଣ ଅବସ୍ଥା ଯୋଗୁଁ ଏହା ଭୁଶୁଡ଼ି ପଡ଼ିଥିବା ଅନୁମାନ କରାଯାଉଛି। ଜିଲ୍ଲା ପ୍ରଶାସନ ଏହି ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି ଏବଂ ପ୍ରାଥମିକତା ଭିତ୍ତିରେ ପୁନଃନିର୍ମାଣ ପାଇଁ ଏକ ଯୋଜନା ମଧ୍ୟ ପ୍ରସ୍ତୁତ କରାଯାଉଛି।

### ଖୁବଶୀଘ୍ର ...

ଦେଇ ଦଳ ପାଇଁ ନୂଆ ଟିମ୍ କାର୍ଯ୍ୟ କରିବ ବୋଲି ସେ କହିଛନ୍ତି। ଚତୁର୍ଥ ଥର ଦଳର ଦାୟିତ୍ୱ ନେବା ପରେ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି ମନମୋହନ। ସରକାରଙ୍କ ପଛରେ ଖୁଣ୍ଟ ଭଳି ଛିଡ଼ା ହେବ ଦଳ ଓ ସାଇନ ବୋର୍ଡ ପାର୍ଟିରୁ ସରକାର ଗଢ଼ିଛି ବିଜେପି। ତେଣୁ ବିଜେପି ସରକାର ଲମ୍ବା ଇନିଂସ ଖେଳିବ। ୨୦୩୬ ଓ ୨୦୪୭ ମସିହା ବି ଦେଖିବ ବିଜେପି ସରକାର ବୋଲି ସେ ଦାବି କରିଛନ୍ତି।

### ବ୍ୟାସନଗର...

ନେତାମାନେ ଏତେ ବଡ଼ କାଣ୍ଡ ଘଟାଇଦେଲେ, ହେଲେ ନବୀନ ପଟ୍ଟନାୟକ ନିରବ। ସବୁବେଳେ ଆଇନ ତା' ବାଟରେ କାମ କରିବ ବୋଲି କହୁଥିବା ନେତା ଏହି ଘଟଣାରେ କାହିଁକି ନିରବତା ଅବଲମ୍ବନ କରି ନିଜ ଦଳର ଗୁଣ୍ଡା ଶ୍ରେଣୀୟ ନେତାଙ୍କୁ ସାହସ ଦେଉଛନ୍ତି ସେନେଇ ପ୍ରଶ୍ନ ଉଠୁଛି। ଯେତେବେଳେ ବିଏମସିର ଅତିରିକ୍ତ କମିଶନଙ୍କ ଉପରେ ଆକ୍ରମଣ ହୋଇଥିଲା ସେତେବେଳେ ନବୀନ ମୁମ୍ବାଇର ହସ୍ପିଟାଲ ବେଡରୁ ବେଶ୍ ସକ୍ରିୟ ହୋଇଥିଲେ। ହେଲେ ଏବେ ସେ ଡାକ୍ତରଖାନାରୁ ରିଲିଜ ହୋଇଯାଇଥିଲେ ବି ବ୍ୟାସନଗର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସପକ୍ଷରେ ପଦୁଟିଏ ନ କହିବା ତାଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠିଛି। ବିଜେଡି ନେତାଙ୍କ ପାଇଁ ଆଇନ ଗୋଟିଏ ଓ ଶାସକ ଦଳ ପାଇଁ ଆଇନ ଆଉ ଗୋଟେ କି ବୋଲି କିଛି ବୁଦ୍ଧିଜୀବୀ ନବୀନଙ୍କୁ ପ୍ରଶ୍ନ କରିଛନ୍ତି। ଯଦି ଓଏଏସ ଅଫିସରଙ୍କୁ ଆକ୍ରମଣରେ ହାତ ଥିବା ଅଭିଯୋଗରେ ବିଜେପି ନେତା ଜଗନ୍ନାଥ ପ୍ରଧାନ ଗିରଫ ହେଲେ। ବ୍ୟାସନଗରରେ ଓଆରଏସ ଅଫିସରଙ୍କ ଉପରେ ଆକ୍ରମଣରେ ଯାହାର ହାତ ଅଛି, ତାଙ୍କୁ କାହିଁକି ସୁରକ୍ଷା ଦିଆଯାଉଛି। ସେହିଭଳି ଏହି ଘଟଣାରେ ଓଏଏସ ସଂଘର ଆଭିମୁଖ୍ୟ ମଧ୍ୟ ସନ୍ଦେହ ଘେରରେ। ବିଏମସି ଅତିରିକ୍ତ କମିଶନରଙ୍କ ପାଇଁ ଓଏଏସ ସଂଘକୁ ସମର୍ଥନ କଲା ଓଆରଏସ ସଂଘ। ହେଲେ ବ୍ୟାସନଗର ଘଟଣାରେ ଓଆରଏସ ଅଫିସର ବିଜେଡି ନେତାଙ୍କ ଦ୍ୱାରା ନିର୍ଯ୍ୟାତିତ ହୋଇଥିଲେ ମଧ୍ୟ ଓଏଏସ ସଂଘ ଚୁପ ବସିଛି। କେବଳ ଏହି ଘଟଣାକୁ ଦୁଇ ଧାଡିରେ ନିନ୍ଦା କରି ଦାୟିତ୍ୱ ତୁଲାଇ ଦେଲା ସଂଘ। ଓଆରଏସ ସଂଘ ବି ନିଜ କାର୍ଯ୍ୟାନୁଷ୍ଠାନ ଦାବି କରି ଚୁପ ବସିପଡିଲା। ଜଣେ ଅଫିସରଙ୍କ ପ୍ରତି ଏତେ ଦରଦ, ସେପଟେ ଆଉ ଜଣେ ଅଫିସରଙ୍କୁ ମାନସିକ ସ୍ତରରେ ନିର୍ଯ୍ୟାତିତ ହେବାକୁ ଛାଡିଦେବା ସଂଘର କି ନୈତିକତା ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରୁଛନ୍ତି।

# ଭୁବନେଶ୍ୱରରେ ହେବ ଏସୀୟ ଟିଟି

**ଭୁବନେଶ୍ୱର, ୯।୭ :** ଭୁବନେଶ୍ୱରରେ ପୁଣି ଏକ ବଡ଼ କ୍ରୀଡ଼ା ପ୍ରତିଯୋଗିତା ହେବାକୁ ଯାଉଛି। ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ କଳିଙ୍ଗ ଷ୍ଟାଡିୟମ୍‌ରେ ଏସୀୟ ଟିମ୍ ଟେବୁଲ୍ ଟେନିସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ସମ୍ପର୍କରେ ସୂଚନା ଦେଇଛନ୍ତି କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର। ରବିବାର ଲକ୍ଷ୍ମୀସାଗରସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର୍ ହଲ୍‌ରେ ଅନୁଷ୍ଠିତ ବିଟିଟିଏ ରାଜ୍ୟ ମାନ୍ୟତା ଟେବୁଲ୍ ଟେନିସ୍ ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ଶ୍ରୀ ମହାପାତ୍ର ସାମ୍ବାଦିକମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ଆୟୋଜନ କରିବା



ଫଳରେ ଓଡ଼ିଶାରେ ଟେବୁଲ୍ ଟେନିସ୍ ଖେଳ ପ୍ରତି ଆକର୍ଷଣ ବଢ଼ିବ ଏବଂ ଏହାର ପ୍ରଚାର ପ୍ରସାର ଫଳରେ ନୂଆ ପିଢ଼ିର ଖେଳାଳି ଖେଳକୁ କ୍ୟାରିୟର୍ କରିବାକୁ ଆସିବେ ବୋଲି ସେ ମତ ଦେଇଥିଲେ। 'ସମ୍ବାଦ'କୁ ମିଳିଥିବା ସୂଚନା ଅନୁସାରେ ଏହି ମର୍ଯ୍ୟାଦାଜନକ ପ୍ରତିଯୋଗିତାରେ ଏସୀୟ ମହାଦେଶର ୨୨ରୁ ୨୫ ଦେଶର ଖେଳାଳି ଅଂଶଗ୍ରହଣ କରିବେ। ଚୀନ, ଜାପାନ, କୋରିଆ ଆଦିରୁ ସଫଳ ଟିଟି ଖେଳାଳି ବି ଆସିବାକୁ ଯାଉଛନ୍ତି। ଗତବର୍ଷ ଡିସେମ୍ବରରୁ ଏହା ଭାରତକୁ ଏହା ଆୟୋଜନ ଅଧିକାର ମିଳିଥିଲେ ମଧ୍ୟ ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। ଚଳିତ ମାସରେ ଏକ ଏସୀୟ ପ୍ରତିନିଧି ଦଳ ଭୁବନେଶ୍ୱରରେ ଭେନ୍ୟୁ ଓ ଅନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପରିଦର୍ଶନ କରିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଓଡ଼ିଶା ରାଜ୍ୟ ଟେବୁଲ୍ ଟେନିସ୍ (ଓଷ୍ଟା)ର ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ପ୍ରକାଶ କରିଛନ୍ତି।

## ଆମ୍ବୁଲାନ୍ସ ଧକ୍କାରେ ଜଣେ ମୃତ, ୧ ଆହତ



**ରାଇଘର, ୯।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଗଞ୍ଜାପାରା ଠାରେ ଆମ୍ବୁଲାନ୍ସ ଧକ୍କାରେ ଜଣେ ମୃତ ଜଣେ ଆହତ ସୂଚନା ଅନୁଯାଇ ଡୁମରଡ଼ିହି ଗ୍ରାମର ମଙ୍ଗଳ ଲୋହାର ଏବଂ ବିଜୟ ଗଣ୍ଡ ଦୁଇଜଣ ଏକ ମଟରସାଇକେଲ ଯୋଗେ ରାଇଘର ରୁ ନିଜ ଘରକୁ ଯାଉଥିବା ବେଳେ ଆଗ ଆଡୁ ହାଟଭରଣ୍ଡି ମେଡିକାଲ ରୁ ଏକ ଆମ୍ବୁଲାନ୍ସ ରାଇଘରକୁ ଯାଉଥିଲା ଉଭୟ ପରସ୍ପର କୁ ଧକ୍କାହେବା ଫଳରେ ଦୁଇଜଣ ଘୋଷାଡ଼ି ହୋଇ ୧୦୦ ମିଟର ଦୁରକୁ ଛିଟିକି ପଡିଥିଲା ଘଟଣାସ୍ଥଳରେ ବିଜୟ ମାଝୀଙ୍କ ମୃତ୍ୟୁ ଘଟିଛି ଏବଂ ମଙ୍ଗଳ ଲୋହରା ଆହତ ହୋଇ ରାଇଘର ମେଡିକାଲ ଭର୍ତି, ଘଟଣା ସ୍ଥଳରେ ରାଇଘର ପୋଲିସ ପହଞ୍ଚି ଦୁର୍ଘଟଣା ଘଟେଇଥିବା ଆମ୍ବୁଲାନ୍ସକୁ ଜବତ କରି ଥାନାରେ ରଖିଛି।

## ଦିଲ୍ଲୀପ ପାତ୍ର ହତ୍ୟା ଅଭିଯୁକ୍ତ ଗିରଫ

● ଗାଡି, ମୋବାଇଲ, ରକ୍ତ ଭିଜା ପୋଷାକ,ଖଣ୍ଡା ଜବତ୍



**ବ୍ରହ୍ମପୁର, ୯।୭ (ସଂଚାର ବ୍ୟୁରୋ):**ସ୍ଥାନୀୟ ଗୋଳନ୍ଥରା ଥାନା ଅଧିନସ୍ଥ ଶିଙ୍ଗାବାଡି ଗ୍ରାମରେ ଘଟିଥିବା ଦିଲ୍ଲୀପ ପାତ୍ର ହତ୍ୟା ମାମଲାରେ ପୋଲିସ୍ ଅଭିଯୁକ୍ତକୁ କାବୁ କରିବାରେ ସଫଳ ହୋଇଛି। ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ଉକ୍ତ ଗ୍ରାମର ପୀତବାସ ସାହୁ(୩୮)କୁ ପୋଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ଗୋଟିଏ ମୋଟର ସାଇକେଲ, ମୋବାଇଲ,ରକ୍ତ ଭିଜା ପୋଷାକ ସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ୍ କରାଯାଇଛି। ସୂଚନା ମୁତାବକ ମୃତ ଦିଲ୍ଲୀପ ପାତ୍ର ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ବାଇକ ଦୁର୍ଘଟଣା ଘଟିଥିଲା। ସେଥିରେ ଉପରୋକ୍ତ ଅଭିଯୁକ୍ତ ଜଣକ ଆହତ ହୋଇଥିଲେ। ଯାହାକୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ମୁଣ୍ଡ ଟେକିଥିଲା। ଅଭିଯୁକ୍ତ ପୀତବାସକୁ କ୍ଷତି ପୂରଣ ଦେବା ଲାଗି ଦିଲ୍ଲୀପ ପ୍ରତିଶ୍ରୁତି ଦେଇ ତାହା ପୂରଣ କରିନଥିଲେ। ପରେ ସେ ହତ୍ୟା ଷଡଯନ୍ତ୍ର ରଚିଥିଲା। ଏହା ପରେ ଘରକୁ ଯାଇ ଟଙ୍କା ମାଗିବା ପରେ ଆକ୍ରମଣ ସହ ଘର ବାହାରକୁ ଟାଣିଆଣି ଦିଲ୍ଲୀପକୁ ଖଣ୍ଡାରେ ହାଣି ହତ୍ୟା କରିଥିଲା। ଏଥିରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତକୁ ଗିରଫ କରିବାକୁ ଯୋଜନା କରିବା ସହ ତଦନ୍ତ ଜାରି ରହିଥିବା ପୋଲିସ୍ କହିଛି।

## ଆକ୍ସନ୍ ମୁଡ୍‌ରେ ପ୍ରଶାସନ, ବାଲି ଡିପୋ ସିଲ୍



**ବ୍ରହ୍ମପୁର, ୯।୭ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ନିକଟସ୍ଥ ତଥା କୁକୁଡାଖଣ୍ଡି ବ୍ଲକ୍ ଅନ୍ତର୍ଗତ ଶ୍ରୀକ୍ଷେତ୍ର ବିହାରରେ ଥିବା ଏକ ବାଲି ଡିପୋରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ବ୍ରହ୍ମପୁର ଖଣି ବିଭାଗ ଅଧିକାରୀ,କୁକୁଡ଼ାଖଣ୍ଡି ତହସିଲଦାର ଓ ନିମଖଣ୍ଡି ପୋଲିସ୍ ମିଳିତ ଭାବେ ବାଲି ଡମ୍ପିଂ କରାଯାଇଥିବା ସ୍ଥାନରେ ରେଡ୍ କରିଥିଲେ। ପରେ ବେଆଇନ ଭାବେ ବାଲି ଗଚ୍ଛିତ ରଖାଯାଇଥିବା ସ୍ଥାନକୁ ସିଲ୍ କରାଯାଇଥିଲା। ଏଥିରେ ପାଖାପାଖି ୧ ଶହ ଲୋଡ଼ ବାଲି ଥିବା ସୂଚନା ମିଳିଛି। ଭାରି ଯାନ ଅଂଚଳ ମଧ୍ୟ ଦେଇ ଯାଉଥିବାରୁ ରାସ୍ତା ଖରାପ ହେବା ସହ ଲୋକେ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇ ଆସୁଥିଲା। ପରେ ଆକ୍ସନ୍ ମୁଡ୍ କୁ ଆସି ବିଭାଗୀୟ ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଗଞ୍ଜାମ ଜିଲ୍ଲାରେ ବେଆଇନ ଭାବେ ଚୋରା ବାଲି ଚାଲାଣ ହେଉଥିବା ଖବର ବହୁବାର ସାମ୍ନାକୁ ଆସିଛି। ବିଭିନ୍ନ ସମୟରେ ଅନେକ ବାଲି ଗାଡିକୁ ଅଟକାଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଇଛି। ତେବେ କିଛି ବ୍ୟବସାୟୀ ଚୋରାରେ ବାଲି ଆଣି ବିଭିନ୍ନ ଅଂଚଳରେ ଗଚ୍ଛିତ ରଖି ଅଧିକ ଦରରେ ବ୍ୟବସାୟ କରି ଆସୁଥିବା ମଧ୍ୟ ଖବର ମିଳୁଥିଲା। ଏବେ ସ୍ଥାନୀୟ ପ୍ରଶାସନ ଆକ୍ସନ୍ ମୁଡ୍ କୁ ଆସିଛି।

### ନିରାମୟ ବଦଳରେ ବାହାର ଔଷଧ ଲେଖିବା ଘଟଣାର ତଦନ୍ତ

# ଦୁଇ ବରିଷ୍ଠ ଅଧିକାରୀଙ୍କ ଦୀର୍ଘ ସମୟ ଛାନଭିନ୍

### ସ୍ଥାନୀୟ ଲୋକଙ୍କ ଅଭିଯୋଗକୁ ଆଧାର କରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ତଦନ୍ତ

### କେବେ ନଜର ପଡିବ ବେଆଇନ ପାଥୋଲାବ ଉପରେ?



**କାକଟପୁର/ଅସ୍ତରଙ୍ଗ, ୯।୭ (ସଂଚାର ବ୍ୟୁରୋ):** ଗତ କିଛି ଦିନ ତଳେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡକ୍ଟର ଶୁଭ୍ରଜିତ ମାହାରୀଙ୍କ ନାଁରେ ଅଭିଯୋଗ ଆସିଥିଲା, ଯାହାକୁ ନେଇ ପୁରୀ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବୁଧବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨ଜଣିଆ ଟିମ୍ ପହଂଚି ପୁଙ୍ଖାନୁପୁଙ୍ଖ ତଦନ୍ତ କରିବା ସହିତ ଡକ୍ଟର ଙ୍କ ଠାରୁ ବିଭିନ୍ନ ବିଷୟରେ ବୁଝିଛନ୍ତି।

ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଗୋଷ୍ଠୀ କେନ୍ଦ୍ରରେ କାର୍ଯ୍ୟରତ ଡକ୍ଟର ଶୁଭ୍ରଜିତି ମାହାରୀଙ୍କ ନାମରେ ସ୍ଥାନୀୟ ଅଞ୍ଚଳର କିଛି ଲୋକଙ୍କ ଅଭିଯୋଗ ଅନୁଯାୟୀ ଡକ୍ଟର ଜଣକ ଅସ୍ତରଙ୍ଗ ବ୍ଲକ ନିକଟବର୍ତ୍ତୀ ବ୍ଲକ ଅଂଚଳରେ ଫିଜିଓ ଥେରାପି କ୍ଲିନିକି କରି ରୋଗୀଙ୍କୁ କ୍ଲିନିକ ଯିବାକୁ ପରାମର୍ଶ ଦେଉଛନ୍ତି। ଏହା ସହ ନିରାମୟ ଔଷଧ ବଦଳରେ ବାହାର ଔଷଧ ଲେଖୁଛନ୍ତି ବୋଲି ସ୍ଥାନୀୟ ଲୋକ ଲିଖିତ ଆକାରରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଜଣାଇଥିଲେ। ତଦନ୍ତକାରୀ ଅଧିକାରୀ ଅତିରିକ୍ତ ଜିଲ୍ଲାସ୍ୱାସ୍ଥ୍ୟ ଅଧିକାରୀ ଲଲାଟେନ୍ଦୁ ମିଶ୍ର ଓ ମାନସ ରଞ୍ଜନ ଦାଶ ବୁଧବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡକ୍ଟର ସଞ୍ଜୟ ପ୍ରଧାନ, ଡକ୍ଟର ଶୁଭ୍ରଜିତି ମାହାରୀଙ୍କ ଉପସ୍ଥିତରେ ଅଭିଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଘଟଣା ସମ୍ପର୍କରେ ଆଲୋଚନା ହୋଇଥିଲା।

କିନ୍ତୁ ତଦନ୍ତ କାରୀ ଅଧିକାରୀ ବିଭିନ୍ନ ଦିଗକୁ ନେଇ ତଦନ୍ତ କରିଥିବା ବେଳେ ଏ ସମ୍ପର୍କରେ ସେ ଉଚ୍ଚସ୍ତରୀୟ ଅଧିକାରୀଙ୍କୁ ଜଣାଇବେ ବୋଲି ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ ମିଶ୍ର ସୂଚନା ଦେଇଥିଲେ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ସମେତ ବିଭିନ୍ନ ଗାଁରେ ଛତୁ ଫୁଟିଲା ଭଳି ବେଆଇନି ପାଥୋଲୋଜି ପରୀକ୍ଷାଗାର କାମ କରୁଛି। ବର୍ଷ ତମାମ ବେଆଇନି ଭାବେ ଚାଲିଥିବା ଏହି ପାଥୋଲାବ ଗୁଡିକ ପ୍ରତି ଅନୁକମ୍ପା ଥିବାରୁ ତଦନ୍ତ ହେଉନାହିଁ। ଆଉ ରୋଗୀ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି।



## ନବରଙ୍ଗପୁରରେ ଭାରତ ବନ୍ଦର ପ୍ରଭାବ

**ନବରଙ୍ଗପୁର, ୯।୭ (ସଂଚାର ବ୍ୟୁରୋ):** ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଭାରତ ବନ୍ଦ ପାଳନ କରାଯାଉଥିବା ବେଳେ ଏହାର ପ୍ରଭାବ ନବରଙ୍ଗପୁର ଜିଲ୍ଲାରେ ଦେଖିବାକି । ନବରଙ୍ଗପୁର ଓ ଉମରକୋଟ ରାଇଘର ସହର ସମେତ ଜିଲ୍ଲାର ୧୦ଟି ବ୍ଲକରେ ଦେଖିବାକୁ ମିଳିଛି ବନ୍ଦର ପ୍ରଭାବ । ନବରଙ୍ଗପୁର ସହରର ମଧ୍ୟ ଦେଇଯାଇ ଥିବା ୨୬ ନମ୍ବର ଜାତୀୟ ରାଜପଥକୁ ପ୍ରତିବାଦକାରୀଙ୍କ ଦ୍ୱାରା ଅବରୋଧ କରାଯାଇଛି। ଏହାସହ ନବରଙ୍ଗପୁର ସହରର ଚାଉଁରିଆଗୁଡା ଛକ, ମାଝୀଗୁଡା ଛକ ଓ ହିର୍ଲି ଠାରେ ପ୍ରତିବାଦକାରୀଙ୍କ ଦ୍ୱାରା ରାସ୍ତା ଅବରୋଧ କରାଯାଇଛି । ଯାହାଫଳରେ ସହର ମଧ ଦେଇ ଗାଡି ମୋଟର ଚଳାଚଳ ବନ୍ଦ ରହିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଅଟକିଛି ଶହ ଶହ ସଂଖ୍ୟାରେ ଗାଡି। ଯାହାଫଳରେ ସାଧାରଣ ଜନତା ହଇରାଣ ହେଉଥିବା ଦେଖିବାକୁ ମିଳିଛି। ସହରର ସମସ୍ତ ଦୋକାନ ବଜାର ବନ୍ଦ ରହିଛି।

## ଡ୍ରାଇଭର ମହାସଂଘଙ୍କ 'ଷ୍ଟିଅରିଂ ଛାଡ' ଆନ୍ଦୋଳନକୁ ପ୍ରେସ କ୍ଲବ୍‌ର ସମର୍ଥନ



**ବୋରିଗୁମ୍ମା, ୯।୭ (ସଂଚାର ବ୍ୟୁରୋ):** ଓଡିଶା ଡ୍ରାଇଭର ମହାସଂଘ ତରଫରୁ "ଷ୍ଟେରିଙ୍ଗ ଛାଡ" ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚି ଛି । କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ରେ ମଧ୍ୟ ଅନ୍ଦୋଳନ ଜୋର୍ ସୋର ରେ ଚାଲିଛି । ଏହି ଆନ୍ଦୋଳନ କୁ ବୋରିଗୁମ୍ମା ପ୍ରେସ କ୍ଲବ୍ ତରଫରୁ ସମର୍ଥନ ଜଣା ଯାଇଛି । ସାତ ଦଫା ଦାବି ରେ ଡ୍ରାଇଭର ମହା ସଂଘ ଅନିର୍ଦ୍ଧିଷ୍ଟ କାଳ ପାଇଁ ଧାରଣା ରେ ବସିଛନ୍ତି । ବୋରିଗୁମ୍ମା ଡ୍ରାଇଭର ସଂଘ ଙ୍କ ବାର୍ତ୍ତା ଗଣମାଧ୍ୟମ ସାହାଯ୍ୟ ରେ ସରକାରଙ୍କ ପାଖକୁ ପହଞ୍ଚାଇବା ପାଇଁ ପ୍ରେସ କ୍ଲବ୍ ସବୁବେଳେ ସାଥିରେ ରହିଛି ବୋଲି ପ୍ରେସ କ୍ଲବ୍ ସଭାପତି ବିଜୟ ନାରାୟଣ ସାହୁ ପ୍ରତିକ୍ରିୟା ଦେଇଛନ୍ତି । ପ୍ରେସ କ୍ଲବର ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ନିଜ ଉପସ୍ଥିତି ଜାହିର କରିବା ସହ ଡ୍ରାଇଭର ଭାଇଙ୍କ ଧାରଣାକୁ ସମର୍ଥନ କରିଥଲେ । ଡ୍ରାଇଭର ହେଉଛନ୍ତି ଦେଶର ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ତେଣୁ ସେମାନଙ୍କ ନ୍ୟାର୍ଯ୍ୟ ଦାବୀ ଉପରେ ସରକାର ଗୁରୁତ୍ୱ ଦେବା କୁ ପଡ଼ିବ ବୋଲି ପ୍ରେସ କ୍ଲବ୍ ସଦସ୍ୟ ପ୍ରତିକ୍ରିୟା ଦେଇଛନ୍ତି ।

## ସାହାସପୁରରେ ଦଧିବାମନଜୀଉଙ୍କ ବାର୍ଷିକ ଉତ୍ସବ ପାଳିତ

**ମାହାଙ୍ଗା, ୯।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ପଣସପୁର ପଞ୍ଚାୟତ ଅର୍ନ୍ତଗତ ସାହାସପୁର ଠାରେ ଦଧିବାମନଜୀଉଙ୍କ ଷଷ୍ଠତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଶ୍ରୀ ଶ୍ରୀ ଦଧିବାମନଜୀଉଙ୍କ ସୁନାବେଶରେ ସଜ୍ଜିତ କରିବା ସହ ହୋମଯଜ୍ଞ ଓ ଶ୍ରୀ ଜୀଉଙ୍କ ପୂଜାର୍ଚ୍ଚନା ବିଧି ଓ ବିଧାନ ସହିତ ଅନୁଷ୍ଠିତ ହୋଇଥିଲା। ସକାଳ ସମୟରେ ଆଳତୀ, ନୀତିକାନ୍ତି ସମ୍ପର୍ଣ୍ଣ କରାଯାଇଥିଲା ବେଳେ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ବୈରାଗୀ ଚରଣ ସାହୁ ଓ ସତ୍ୟ ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଉଥିଲା ବେଳେ ସୁବାଷ ସାହୁ, ତୀର୍ଥଦାସ ସାହୁ ଏବଂ ଗ୍ରାମବାସୀମାନେ ସହଯୋଗ କରିଥିଲେ।

## ମୁଖ୍ୟରାସ୍ତାରେ ଗର୍ଜିଲେ ଅଙ୍ଗନବାଡି କର୍ମୀ,ସହାୟିକା ଓ ପାଚିକା




**କାକଟପୁର/ଅସ୍ତରଙ୍ଗ, ୯।୭ (ସଂଚାର ବ୍ୟୁରୋ):** ସର୍ବ ଭାରତୀୟ ଧର୍ମଘଟ ଡାକରା ଦେଇଛି ଶ୍ରମିକ ସଂଗଠନ ଓ ବାମପନ୍ଥୀ ଦଳ। ୧୭ଦଫା ଦାବୀ ନେଇ ୫ଟି ବାମପନ୍ଥୀ ଦଳ ଓ ୧୦ଟି କେନ୍ଦ୍ରୀୟ ଟ୍ରେଡ଼ ୟୁନିୟନ ଓ ସ୍ୱାଧୀନ ସର୍ବଭାରତୀୟ ଫେଡେରେସେନକୁ ନେଇ ଗଠିତ ଟ୍ରେଡ଼ ୟୁନିୟନ ମିଳିତ ମଞ୍ଚ ଆନ୍ଦୋଳନ କରିଛି।

ଏହି ଆନ୍ଦୋଳନରେ ପୁରୀ ଜିଲ୍ଲା କାକଟପୁର ବ୍ଲକର ଅଙ୍ଗନବାଡି ସଭାନେତ୍ରୀ ପ୍ରିୟମ୍ବଦା ମିଶ୍ର, ସମ୍ପାଦିକା ଲଳିତା ଦେଈଙ୍କ ନେତୃତ୍ୱରେ ୧୮୦ରୁ ଉର୍ଦ୍ଧ୍ୱ ଅଙ୍ଗନବାଡି ଓ ସହାୟିକା, ଅସ୍ତରଙ୍ଗ ବ୍ଲକର ସଭାନେତ୍ରୀ ବୈଜୟନ୍ତୀ ପଣ୍ଡା, ସମ୍ପାଦିକା ବିନୋଦିନୀ ଛାଟୋଇଙ୍କ ନେତୃତ୍ୱରେ ୧୭୮ଟି କେନ୍ଦ୍ରର ଅଙ୍ଗନବାଡି ଓ ସହାୟିକା ସାମିଲ ହୋଇଥିବା ବେଳେ ଦାବୀ ଗୁଡିକ ମଧ୍ୟରେ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ, ସ୍କିମ ୱାର୍କର ଯଥା ଅଙ୍ଗନବାଡି, ଆଶା ଓ ଗ୍ରାମ ପଞ୍ଚାୟତ ୱାର୍କରଙ୍କୁ ୱାର୍କର ମାନ୍ୟତା, ସର୍ବନିମ୍ନ ମଜୁରୀ ମାସିକ ୨୬ହଜାର ଟଙ୍କା, ପୁରୁଣା ପେନସନ ଲାଗୁ କରିବା, ରାଷ୍ଟ୍ରୀୟ ଉଦ୍ୟୋଗ ଘରୋଇକରଣ ସହ ଅନେକ ଦାବୀ ନେଇ ବିଶାଳ ଶୋଭାଯାତ୍ରା ଅସ୍ତରଙ୍ଗ ଜାଗୁଳାଇ ଠାରୁ ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଓ କାକଟପୁରରେ ମେଡିକାଲ ଛକ ଠାରୁ କାକଟପୁର ବ୍ଲକ ପର୍ଯ୍ୟନ୍ତ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ଭାରତ ବନ୍ଦ ଫଳରେ ବ୍ୟାଙ୍କିଙ୍ଗ, ଫାଇନାନ୍ସ ସେକ୍ଟର, ପରିବହନ ବିଭାଗ ପ୍ରଭାବିତ ହେବା ସହ ଯାତ୍ରୀମାନେ ଯାତାୟାତ କିଛି ମାତ୍ରାରେ ପ୍ରଭାବିତ ହୋଇଛନ୍ତି।

## ବେଗୁନିଆ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ



**ଗୋପ, ୯।୭ (ସଂଚାର ବ୍ୟୁରୋ):** ଗୋପ ବ୍ଲକ ବେଗୁନିଆ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପରିସରରେ ୭୬ ତମ ବନ ମହୋତ୍ସବ ସପ୍ତାହ -୨୦୨୫ ମହାସମାରୋହରେ ପାଳିତ ହୋଇଯାଇଛି। ବେଗୁନିଆ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସ୍ନେହଲତା ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପରିବେଶବିତ ପ୍ରାଧାପକ ପ୍ରକାଶ ଚନ୍ଦ୍ର ଖଟୋଇ, ଉତ୍ସର୍ଗ ପରିବାର ସମ୍ପାଦକ ବିଷ୍ଣୁ ମୋହନ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷରୋପଣ ଆବଶ୍ୟକତା ସମ୍ପର୍କରେ ପ୍ରତ୍ୟକ ଛାତ୍ର ଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଧରିତ୍ରୀ ମା ପାଇଁ ଗଛଟିଏ ଲଗାଇ ତାର ଯତ୍ନନେବାକୁ ପରାମର୍ଶ ଦେଇଥିଲେ। ଆଲୋଚନା ଚକ୍ର ପରେ ଛାତ୍ରଛାତ୍ରୀ ମାନଙ୍କଦ୍ୱାରା ବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଚାରା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ମମତା ମହାନ୍ତି ସମିତା ରାଉତରାୟ, ମାନସୀ ସାହୁ, ଗାୟତ୍ରୀ ଦାଶ ଏବଂ ଉତ୍ସର୍ଗ ପରିବାର ସଦସ୍ୟ ଦୀପ୍ତି ରଞ୍ଜନ ପ୍ରଧାନ ଓ ଜଗନ ବେହେରା ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୁଥସ୍ତରୀୟ ଅଧିକାରୀଙ୍କୁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ



**ନବରଙ୍ଗପୁର, ୯।୭ (ସଂଚାର ବ୍ୟୁରୋ):** ନିର୍ବାଚନ ସଂକ୍ରାନ୍ତୀୟ ଜାତୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଯାୟୀ ନବରଙ୍ଗପୁର ଜିଲାରେ ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଚଳିତ ମାସ ଜୁଲାଇ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟାୟ କ୍ରମେ ତାଲିମ ଦିଆଯିବ। ଝରିଗାଁ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ୭୪ ଝରିଗାଁ ବିଧାନସଭା ନିର୍ବାଚନ ମଣ୍ଡଳୀ ବୁଥ ସ୍ତରୀୟ ଅଧିକାରୀଙ୍କୁ ୮ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ୨୫୫ ଜଣଙ୍କୁ ତାଲିମ ପ୍ରଦାନ କରାଯିବ।

ବୁଧବାର ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୩୬ ଓ ଝରିଗାଁ ବିଧାନ ସଭା ନିର୍ବାଚନ ମଣ୍ଡଳୀରୁ ୫୦ ଜଣ ତାଲିମ ନେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ତଥା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତପନ ଖୁଣ୍ଟିଆ ସମେତ ଝରିଗାଁ ମଧୁସୂଦନ ମାଝୀ, ଉମରକୋଟ ବିଡି ଓ ମନୋଜ କୁମାର ମେହେର, ଚନ୍ଦାହାଣ୍ଡି ବିଡିଓ ଚୟନୁ ଗଣ୍ଡ ଓ ବିଏଲଓ ସୁପରଭାଇଜର ସତ୍ୟବ୍ରତ କର ତାଲିମ ପ୍ରଦାନ କରିଥିଲେ। ପରେ ଶିବିରରେ ଯୋଗଦେଇଥିବା ଅଧିକାରୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ତେନ୍ତୁଳିଖୁଣ୍ଟି ବ୍ଲକ୍ ଠାରେ ୭୫ ନବରଙ୍ଗପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ୪୧ ଜଣ ବୁଥ ସ୍ତରୀୟ ଅଧିକାରୀଙ୍କୁ ତାଲିମ ପ୍ରଦାନ କରାଯାଇଛି । ଏଥିରେ ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର ଓ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଯୋଗ ଦେଇଥିଲେ । ସେହିଭଳି ଡ଼ାବୁଗାଁ ବିଧାନସଭା ମଣ୍ଡଳୀ ପାଇଁ ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ପରିସରରେ ୫୦ ଜଣଙ୍କୁ ତାଲିମ ପ୍ରଦାନ କରାଯାଇଛି ।

## କଟୁରି ଚୋଟରେ ବ୍ୟବସାୟୀ ଗୁରୁତର ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ

**ବାଲିଅନ୍ତା, ୯।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ଥାନା ଅଧୀନ କଣ୍ଟିବରାହି ଗ୍ରାମର ରବିନ୍ଦ୍ର ପଟ୍ଟନାୟକଙ୍କୁ ପଡୋଶୀ ପରିବାରର ୪ ଜଣ ଅଭିଯୁକ୍ତ ପ୍ରାଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ରବିନ୍ଦ୍ରଙ୍କୁ ନିର୍ଘାତ ମାଡ଼ ମାରିବା ସହ କଟୁରିରେ ଜଣେ ଅଭିଯୁକ୍ତ ଆକ୍ରମଣ କରିଛି । ଖାଲି ସେତିକି ନୁହଁ ଏତିକିରେ ସେମାନଙ୍କ ରାଗ ଥମିନଥିଲା ଗଣ୍ଡଗୋଳର ୨୦ ମିନିଟ ପରେ ପୁଣି ମାଡ଼ ମାରିଥିବା ଅଭିଯୋଗରେ ଦର୍ଶାଯାଇଛ । ଏସଂକ୍ରାନ୍ତରେ ରବିନ୍ଦ୍ର ବାଲିଅନ୍ତା ଥାନାରେ ଅଭିଯୋଗ କରିଛନ୍ତି । ହେଲେ ବାଲିଅନ୍ତା ଥାନା ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ଦୂରର କଥା ଘଣ୍ଟ ଘୋଡାଉ ଥିବା ଜଣାଯାଇଛି । ଗଛ କଟାକୁ କେନ୍ଦ୍ରକରି ରବିନ୍ଦ୍ର ଏବଂ ପଡୋଶୀ ପରିବାର ମଧ୍ୟରେ ଗତକାଲି ଅପରାହ୍ନରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ପଡ଼ୋଶୀ ଘରର ଗୃହକର୍ତ୍ତାଙ୍କ ସମେତ ତାଙ୍କର ୩ ପୁଅ ମିଶି ରବିନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ । ଫଳରେ ରବିନ୍ଦ୍ରଙ୍କ ଗୋଡ଼, ଛାତି, ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଛି । ଏବେ ରବିନ୍ଦ୍ର ଚିକିତ୍ସାଧୀନ ଅଛନ୍ତି । ରବିନ୍ଦ୍ରଙ୍କ ଅଭିଯୋଗକୁ ଭିତ୍ତିକରି ଥାନାରେ ମାମଲା ରୁଜୁ ହୋଇଛି ।

## ଭାରତର ବିକାଶ ଏବଂ ଅର୍ଥନୈତିକ ଆହ୍ୱାନକୁ ନେଇ ସୋଆ ଆଇବିସିଏସ୍ ପକ୍ଷରୁ ଏଫ୍‌ଡିପି ଆୟୋଜିତ




**ଭୁବନେଶ୍ୱର, ୯।୭ (ସଂଚାର ବ୍ୟୁରୋ):** ବିଶ୍ୱର ୪ର୍ଥ ସର୍ବବୃହତ ଅର୍ଥନୈତିକ ଶକ୍ତି ଭାବେ ଭାରତ ଉଭା ହୋଇଥିବା ବେଳେ ଏହାର ଆନୁଷ୍ଠାନିକ ସ୍ଥିତିକୁ ସୁଦୃଢ଼ କରିବା ସହ ବିକଶିତ ଦେଶଗୁଡ଼ିକ ଅବଲମ୍ବନ କରୁଥିବା ଆନ୍ତର୍ଜାତିକ ମାନକୁ ଅନୁଶୀଳନ କରିବା ଆବଶ୍ୟକ ବୋଲି ଜଣେ ବିଶିଷ୍ଟ ବିଶେଷଜ୍ଞ କହିଛନ୍ତି।

ଭାରତୀୟ ବଜାରର ସଫଳତା ସ୍ପଷ୍ଟ ବାରି ହୋଇପାରୁଥିବା ବେଳେ ଆମର ଆନୁଷ୍ଠାନିକ ସ୍ଥିତିକୁ ସୁଦୃଢ଼ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ନୂଆଦିଲ୍ଲୀ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫରେନ୍ ଟ୍ରେଡ (ଆଇଆଇଏଫଟି)ର ଅର୍ଥନୈତିକ ଶାଖାର ପ୍ରଫେସର ତଥା ମୁଖ୍ୟ ଡକ୍ଟର ବସନ୍ତ କୁମାର ସାହୁ କହିଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) ପକ୍ଷରୁ ଆୟୋଜିତ ଫ୍ୟାକଲ୍ଟି ଡେଭଲପମେଣ୍ଟ ପ୍ରୋଗ୍ରାମରେ ବକ୍ତବ୍ୟ ରଖିବା ଅବସରରେ ଏହା କହିଛନ୍ତି ପ୍ରଫେସର ସାହୁ। ଆଇବିସିଏସ୍ ପକ୍ଷରୁ ଆୟୋଜିତ ଏଫଡିପିର ଶୀର୍ଷକ ଥିଲା 'ଭାରତର ବିକାଶ ଏବଂ ଅର୍ଥନୈତିକ ଆହ୍ୱାନ୍'।

କାର୍ଯ୍ୟକ୍ରମରେ ଆଇବିସିଏସ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ଅଧକ୍ଷତା କରି ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକର ଜାତୀୟ ସ୍ତରରେ ଅର୍ଥନୈତିକ ଆଲେଚନା ଏବଂ ନୀତି ସଚେତନତା ନିମନ୍ତେ ରହିଥିବା ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଆସୋସିଏଟ୍ ଡିନ୍ ପ୍ରଫେସର (ଡକ୍ଟର) ମନୋରଞ୍ଜନ ଦାଶ ବିଶ୍ୱର ୪ର୍ଥ ସର୍ବବୃହତ ଅର୍ଥନୀତି ଶକ୍ତି ଭାବେ ଭାରତ ଉଭା ହେବା ଏବଂ ଏ କ୍ଷେତ୍ରରେ ଅର୍ଥନୈତିକ ଆହ୍ୱାନ ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଆଇବିସିଏସ୍‌ର ଡକ୍ଟର ବିଭୁତି ଭୂଷଣ ମିଶ୍ର ଏବଂ ଡକ୍ଟର ପ୍ରୀତି ୱାଇ ଷଡ଼ଙ୍ଗୀ ପରିଚାଳନା କରିଥିବା ବେଳେ ଡକ୍ଟର ଧ୍ରୁତି ସୁନ୍ଦର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ସବୁଜ ଶାଖା ଓ ଓଡିଶା ପର୍ଯ୍ୟାବରଣ ସଂଗଠନ ତରଫରୁ ବନ ମହୋତ୍ସବ ପାଳିତ

## ବୃକ୍ଷ ବିନା ସୃଷ୍ଟି ତିଷ୍ଠିବା ଅସମ୍ଭବ




**କାକଟପୁର/ଅସ୍ତରଙ୍ଗ, ୯।୭ (ସଂଚାର ବ୍ୟୁରୋ):** ଗଛ ଆମ ଜୀବନ ଧନ, ଦିଏ ଆମକୁ ପାଣି ପବନ। ଏଭଳି ଏକ ବାର୍ତ୍ତା ନେଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ଶାଖା ଓ ଓଡିଶା ପର୍ଯ୍ୟାବରଣ ସଂରକ୍ଷଣ ତରଫରୁ ୭୬ତମ ବନ ମହୋତ୍ସବ ଅବସରରେ ଉପକୂଳକୁ ସୁରକ୍ଷା ପାଇଁ ଚାରା ରୋପଣ କରାଯାଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ଭଉରିଆଁ ନଦୀ ଆର୍ଦ୍ରଭୂମି ଅଞ୍ଚଳରେ ସ୍ଥାନୀୟ ଉପକୂଳ ସମୁଦାୟଙ୍କ ଉପସ୍ଥିତିରେ ଲୁଣା ଜଙ୍ଗଲ ଚାରା ଲଗାଇ ଏହି ଦିବସକୁ ପାଳନ କରାଯାଇଅଛି।

ଦେବୀ ମୁହାଣ ସଂଲଗ୍ନ ଭଉରିଆଁ ନଦୀ ଆର୍ଦ୍ରଭୂମି ଅଞ୍ଚଳରେ ଆୟୋଜିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଜନ ପ୍ରତିନିଧି, ରାଜନେତା, ପରିବେଶ କର୍ମୀ, ମହିଳା, ମତ୍ସ୍ୟଜୀବୀ ସମୂହ ସାମିଲ ହୋଇ ବନି, ରାଇ, ସିନ୍ଦୁକା, ଗରାଣୀ ଓ ବନ୍ଧାରି ପ୍ରଭୃତି ପ୍ରଜାତିର ୫୦୦ ରୁ ଉର୍ଦ୍ଧ୍ୱ ଚାରା ରୋପଣ କରିଥିଲେ। ଅତିଥି ଭାବରେ ଜଗତସିଂହପୁର ଲୋକସଭା ସାଂସଦଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଦିବାକର ଛାଟୋଇ, ଅସ୍ତରଙ୍ଗ ଗ୍ରାମ ପଞ୍ଚାୟତ ସରପଞ୍ଚ ରାମଚନ୍ଦ୍ର କାଣ୍ଡି ଯୋଗଦେଇ ଚାରା ରୋପଣ କରିବା ସହିତ ସ୍ଥାନୀୟ ସମୁଦାୟଙ୍କୁ ଉତ୍ସାହିତ କରିଥିଲେ। ଏଥିସହିତ ବନ ମହୋତ୍ସବ ପାଳନର ଗୁରୁତ୍ୱ ସାଙ୍ଗକୁ ସାମ୍ପ୍ରତିକ ପରିସ୍ଥିତିରେ ଉପକୂଳ ଅଞ୍ଚଳ ପାଇଁ ଲୁଣା ଜଙ୍ଗଲ ପରିସଂସ୍ଥାର ଗୁରୁତ୍ୱ ବିଷୟରେ ମତ ଦେଇ ଏହି ଦୁର୍ଲଭ ପରିସଂସ୍ଥା ସଂରକ୍ଷଣ ପାଇଁ ସକ୍ରିୟ ଉଦ୍ୟମ ପାଇଁ ପରିବେଶ କର୍ମୀମାନଙ୍କୁ ପ୍ରଶଂସା କରିଥିଲେ।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ୧୪ରୁ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବାକୁ ଥିବା ବେଳେ ଆଜି ଏଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ହୋଇଥିବା ଆଲୋଚନା ଅନୁସାରେ, ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ରାଷ୍ଟ୍ରପତି ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ), ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବେ। ସେହିପରି ୧୫ ତାରିଖ ପୂର୍ବାହ୍ନରେ ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ତ୍ରୟୋଦଶ ବାର୍ଷିକ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ପରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କଟକ ରେଭେନ୍ସା ବାଳିକା ଉଚ୍ଚ ବିଦ୍ୟାଳୟର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ଉକ୍ତ ଦିନ ଅପରାହ୍ଣରେ ରାଷ୍ଟ୍ରପତି କଟକ ତୁଳସୀପୁର ବିଜୁ ପଟ୍ଟନାୟକଛକ ସ୍ଥିତ ଶାରଳା ଭବନ ଯାଇ ଆଦିକବି ଶାରଳା ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ସେଠାରେ ଶାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଆଦିକବି ଶାରଳା ଦାସଙ୍କ ୬୦୦ତମ ଜୟନ୍ତୀରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିବେ। ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ମଧ୍ୟ 'କଳିଙ୍ଗ ରତ୍ନ ପୁରସ୍କାର-୨୦୨୪' ପ୍ରଦାନ କରିବେ।

ରାଷ୍ଟ୍ରପତି ୧୪ ତାରିଖ ଅପରାହ୍ଣରେ ନୂଆଦିଲ୍ଲୀରୁ ସ୍ୱତନ୍ତ୍ର ବାୟୁସେନା ବିମାନ ଯୋଗେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ୨ ଦିନ ଧରି ଭୁବନେଶ୍ୱର ସମେତ କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରି ସେ ଆସନ୍ତା ୧୫ ତାରିଖ ସଂଧ୍ୟାରେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ। ରାଷ୍ଟ୍ରପତିଙ୍କୁ ବିମାନବନ୍ଦର ନିକଟରୁ ପାଛୋଟି ଆଣିବା ଓ ପ୍ରତ୍ୟାବର୍ତ୍ତନ ସମୟରେ ମେଲାଣି ଦେବା ସହ ରାଜ ଭବନରେ ତାଙ୍କର ସାମୟିକ ରହଣି ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ଉତ୍ସବସ୍ଥଳରେ ଅଗ୍ନିଶମ ସେବା ବ୍ୟବସ୍ଥା, ସଡ଼କ ପଥରେ ଯାତ୍ରା ସମୟରେ କାର୍‌କେଡ୍ ପ୍ଲାନ, ଜରୁରୀକାଳୀନ ଡାକ୍ତରୀ ଓ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥା, କାର୍ଯ୍ୟକ୍ରମ ସ୍ଥଳକୁ ଯିବା ରାସ୍ତାର ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ, ରାସ୍ତାର ପରିଷ୍କାର ପରିଚ୍ଛନ୍ନତା, ଉତ୍ସବ ସ୍ଥଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ସହ ଯଥେଷ୍ଟ ସଂଖ୍ୟକ ଅତିରିକ୍ତ ଜେନେରେଟର ବ୍ୟବସ୍ଥା ନିର୍ଦ୍ଦେଶ ଦିଆଯାଇଛି। ବିଭିନ୍ନ ପ୍ରସ୍ତୁତି ପରିପ୍ରେକ୍ଷୀରେ ଆବଶ୍ୟକ ମତେ ବିକଳ୍ପ ବ୍ୟବସ୍ଥା ରଖାଯିବା ସହ ରାଷ୍ଟ୍ରପତିଙ୍କ ଗସ୍ତକୁ ସୁଚାରୁ ରୂପେ ସମ୍ପାଦନ ଦିଗରେ ମୁଖ୍ୟ ଶାସନ ସଚିବ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ବିଭାଗ ସତ୍ୟବ୍ରତ ସାହୁ, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ସଚିବ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ, କଟକ ଓ ଖୋର୍ଦ୍ଧା ଜିଲ୍ଲାପାଳ ଓ ଅନ୍ୟ ସମ୍ପୃକ୍ତ କାର୍ଯ୍ୟାଳୟର ଉଚ୍ଚ କର୍ତ୍ତୃପକ୍ଷମାନେ ବୈଠକରେ ଯୋଗଦେଇଥିଲେ।

**ପଞ୍ଚମ ଓ ଅଷ୍ଟମରେ ପରୀକ୍ଷା ପରିଚାଳନା ପରିବର୍ତ୍ତିତ**

# ଫେଲ୍ ହେଲେ ପୁଣି ଦେବେ ପରୀକ୍ଷା



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ଓଡ଼ିଶା ସରକାରଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଅଧିନିୟମ, ୨୦୧୦ ରେ ସଂଶୋଧନ କରାଯାଇ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର (ସଂଶୋଧନ) ଅଧିନିୟମ, ୨୦୨୫ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି । ନୂତନ ସଂଶୋଧନ ଅନୁଯାୟୀ ପ୍ରତ୍ୟେକ ଶିକ୍ଷାବର୍ଷ ଶେଷରେ ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶୃଙ୍ଖଳିତ ପରୀକ୍ଷା ବ୍ୟବସ୍ଥା ପ୍ରଚଳନ କରାଯିବ। ଏହି ପଦକ୍ଷେପ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅଧିକ ସକ୍ଷମ କରିବାକୁ ଚେଷ୍ଟା କରାଯିବ। ପରବର୍ତ୍ତୀ ଶ୍ରେଣୀକୁ ଯିବା ପୂର୍ବରୁ ଛାତ୍ରଟିଏ ଯେପରି ତାହାର ମୌଳିକ ଶିକ୍ଷାସ୍ତର ହାସିଲ୍ କରିପାରିବ ସେ ନେଇ ପ୍ରୟାସ କରାଯାଇଛି।

ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀଙ୍କୁ ଏବେ ବାର୍ଷିକ ପରୀକ୍ଷା ଦେବାକୁ ପଡ଼ିବ। ଯଦି କୌଣସି ପିଲା ଏହି ପରୀକ୍ଷାରେ ବିଫଳ ହୁଏ, ତେବେ ଫଳାଫଳ ଘୋଷଣାର ଦୁଇ ମାସ ମଧ୍ୟରେ ତାଙ୍କୁ ପୁନଃପରୀକ୍ଷା ପାଇଁ ସୁଯୋଗ ଦିଆଯିବ। ପୁନଃପରୀକ୍ଷା ପରେ ମଧ୍ୟ ଆବଶ୍ୟକୀୟ ପଦୋନ୍ନତି ମାନଦଣ୍ଡ ପୂରଣ କରିବାରେ ବିଫଳ ହେଉଥିବା ଛାତ୍ରଛାତ୍ରୀମାନଙ୍କୁ ସମାନ ଶ୍ରେଣୀରେ ରଖାଯିବ। ତେବେ ସଂଶୋଧନ ମାଧ୍ୟମରେ ସ୍ପଷ୍ଟ କରାଯାଇଛି ଯେ ପ୍ରାଥମିକ ଶିକ୍ଷା ସମାପ୍ତ ନ ହେବା ପର୍ଯ୍ୟନ୍ତ କୌଣସି ପିଲାଙ୍କୁ ବିଦ୍ୟାଳୟରୁ ବହିଷ୍କାର କରାଯିବ ନାହିଁ। ଏହି ସଂଶୋଧନ ଶିଶୁଙ୍କ ମାଗଣା ଓ ବାଧ୍ୟତାମୂଳକ ଶିକ୍ଷା ଅଧିକାର ଆଇନ, ୨୦୦୯ର ଧାରା ୩୮ ସହ ସମନ୍ୱିତ। ଏହା ଓଡ଼ିଶା ଗେଜେଟରେ ପ୍ରକାଶିତ ହେବା ପରେ କାର୍ଯ୍ୟକାରୀ ହେବ। ଏହି ପରିବର୍ତ୍ତନ ଶିକ୍ଷାଗତ ମାନ ବୃଦ୍ଧି କରିବା ସହ କୌଣସି ଶିଶୁ ଯେପରି ଶିକ୍ଷା ଅଧିକାରରୁ ବଞ୍ଚିତ ନହେବ ସେ ନେଇ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ।

## ଭିଜିଲାନ୍ସ ଜାଲରେ ଯୋଗାଣ ଅଧିକାରୀ ଗାଡ଼ିରୁ ୩ ଲକ୍ଷ ଟଙ୍କା ଜବତ

**ଛତ୍ରପୁର,୯।୭ (ସଂଚାର ବ୍ୟୁରୋ) :** ଭିଜିଲାନ୍ସ ଜାଲରେ ଗଞ୍ଜାମ ଜିଲା ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ପୁଷା ମୁଣ୍ଡା। ଛତ୍ରପୁର ନିକଟ ଜାତୀୟ ରାଜପଥରେ ତାଙ୍କ ଗାଡ଼ିରୁ ୩ ଲକ୍ଷ ଟଙ୍କା ଜବତ କରିଛି ବ୍ରହ୍ମପୁର ଭିଜିଲାନ୍ସ ବିଭାଗ। ସେ ଛତ୍ରପୁର ବ୍ୟାଙ୍କ କଲୋନୀ ଭଡ଼ା ଘରୁ ନିଜ ଘରୁ ଅଫିସ ଯାଉଥିବା ସମୟରେ ବ୍ରହ୍ମପୁର



ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ୩ ଦିନ ଧରି ଭିଜିଲାନ୍ସ ଟିମ୍ ତାଙ୍କୁ ନଜରରେ ରଖିଥିବା ସୂଚନା ମିଳିଛି। ତାଙ୍କ ଗାଡ଼ିରୁ ୫୦୦ ଟଙ୍କିଆ ୬ଟି ବ୍ୟାଣ୍ଡେଲରେ ଟଙ୍କା ଜବତ କରାଯାଇଛି। ବର୍ତ୍ତମାନ ଆଶୀର୍ବାଦ ଆପାର୍ଟମେଣ୍ଟରେ ଥିବା ତାଙ୍କ ଭଡ଼ା ଘରେ ପହଞ୍ଚି ଭିଜିଲାନ୍ସ ଚଢ଼ାଉ ଜାରି ରଖିଛି। ତାଙ୍କୁ ନୂଆପଡ଼ା ଜିଲାକୁ ଯୋଗାଣ ଅଧିକାରୀ ଭାବେ ବଦଳି ହୋଇଥିଲା।

**● ୩୫ ତମ ଡ୍ୟାସବୋର୍ଡ ସମୀକ୍ଷା**

# ସ୍ମାର୍ଟ ଗଭର୍ଣ୍ଣାନ୍ସ ଓ ତ୍ୱରିତ କାର୍ଯ୍ୟାନ୍ୱୟନକୁ ଗୁରୁତ୍ୱ



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୫ତମ ଡ୍ୟାସବୋର୍ଡ ସମୀକ୍ଷା ବୈଠକ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ନାଗରିକ-କୈନ୍ଦ୍ରିକ ଶାସନ ଉପରେ ଗୁରୁତ୍ୱ ଦିଆଯିବା ସହ ମୁଖ୍ୟ ସହରାଞ୍ଚଳ ବିକାଶ ପଦକ୍ଷେପଗୁଡ଼ିକରେ ପ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସେହିପରି ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରକୁ ଅଭିଯୋଗ ସମାଧାନ, ବାସ୍ତବ-ସମୟ ସହରାଞ୍ଚଳ ତଦାରଖ ଓ ବିଭିନ୍ନ ବିଭାଗ ମଧ୍ୟରେ ସୁଗମ ସମନ୍ୱୟ ପାଇଁ ସ୍ନାୟୁକେନ୍ଦ୍ର ଭାବେ ଅବସ୍ଥାପିତ କରାଯାଉଛି। ନାଗରିକଙ୍କ ଆବଶ୍ୟକତା ପ୍ରତି ପ୍ରତିକ୍ରିୟାଶୀଳତା ବୃଦ୍ଧି କରିବା ପାଇଁ ଆଇସିସିସିର କାର୍ଯ୍ୟକୁ ଆହୁରି ସୁଗମ କରିବାର ଆବଶ୍ୟକତା ଉପରେ ଶ୍ରୀମତୀ ପାଢୀ ଗୁରୁତ୍ୱାରୋପ କରିଛନ୍ତି।

ବୈଠକରେ ବିଭିନ୍ନ ସହରାଞ୍ଚଳ ଯୋଜନା ଅଧୀନରେ ବଜେଟ୍ ବ୍ୟବହାରର ସମୀକ୍ଷା , ସମୟୋଚିତ କାର୍ଯ୍ୟାନ୍ୱୟନ ଓ ସେବା ପ୍ରଦାନ ସୁନିଶ୍ଚିତ କରିବା ପାଇଁ ପାଣ୍ଠି ବିନିଯୋଗକୁ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସହରାଞ୍ଚଳ ପରିମଳ, ଜଳ ଯୋଗାଣ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଡିଜିଟାଲ୍ ସେବା ପ୍ରଦାନ ଉପରେ ଅଧିକ ଧ୍ୟାନ ଦିଆଯାଇଛି। ସାମ୍ପ୍ରତିକ କ୍ଷେତ୍ର ପରିଦର୍ଶନରୁ ମିଳିଥିବା ଅନ୍ତର୍ଦୃଷ୍ଟି ଓ ମତାମତ ଉପସ୍ଥାପନ କରାଯାଇ ଆଲୋଚନା କରାଯାଇଥିଲା, ଯାହା ଭୂମିଗତ ଚ୍ୟାଲେଞ୍ଜ ଏବଂ ଉନ୍ନତିର ସମ୍ଭାବ୍ୟ କ୍ଷେତ୍ରଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିବ। ପ୍ରମୁଖ ସଚିବ ଶ୍ରୀମତୀ ପାଢ଼ୀ ଅଧିକାରୀମାନଙ୍କୁ ନବସୃଜନଶୀଳ ଅଭ୍ୟାସ ଗ୍ରହଣ କରିବା, ଆନ୍ତଃ-ଏଜେନ୍ସି ସମନ୍ୱୟକୁ ସୁଦୃଢ଼ କରିବା ଓ ସମସ୍ତ ସ୍ତରରେ ଦାୟିତ୍ୱ ବଜାୟ ରଖିବା ପାଇଁ ଉତ୍ସାହିତ କରିଛନ୍ତି।

ଶ୍ରୀମତୀ ପାଢୀ ସଶକ୍ତ ସହର ଏବଂ ସ୍ଥିର ସହରାଞ୍ଚଳ ବ୍ୟବସ୍ଥା ପ୍ରତି ବିଭାଗର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଇଥିଲେ। ଏଥିସହ ସମସ୍ତ ଅଂଶୀଦାରଙ୍କୁ 'ବିକଶିତ ଓଡ଼ିଶା @୨୦୩୬'ର ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରି କାମ କରିବାକୁ ମଧ୍ୟ ସେ ପରାମର୍ଶ ଦେଇଛନ୍ତି।

# ଜଗନ୍ନାଥ ପ୍ରଧାନଙ୍କୁ ମିଳିଲା ଜାମିନ୍

- **ଜେଲ୍‌ରୁ ବାହାରିଲା ପରେ ସମର୍ଥକଙ୍କ ସ୍ୱାଗତ ସମ୍ବର୍ଦ୍ଧନା**
- **ସରକାର ଓ ଦଳର ସମ୍ମାନ ପାଇଁ କରିଥିଲେ ଆତ୍ମସମର୍ପଣ**

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କୁ ମିଳିଲା ଜାମିନ । ଖୋର୍ଦ୍ଧା ଜିଲ୍ଲା ଦୌରାଜଜ୍ କୋର୍ଟ ଜଗନ୍ନାଥ ପ୍ରଧାନଙ୍କ ଆବେଦନର ଶୁଣାଣି କରି ଜାମିନ ପ୍ରଦାନ କରିଛନ୍ତି। ୩୦ ହଜାର ଟଙ୍କା ଓ ଜଣେ ଜାମିନଦାରଙ୍କ ମୁଚାଲିକାରେ ଜାମିନ ମିଳିଛି। ଗତ ଗୁରୁବାର ରାତିରେ ଜଗନ୍ନାଥ ଭୁବନେଶ୍ୱର ଡିସିପି ଅଫିସରେ ଆତ୍ମସମର୍ପଣ କରିଥିଲେ। ଏହାପରେ ତାଙ୍କୁ ଗିରଫ କରିଥିଲା ପୁଲିସ। ଜାମିନ୍ ପରେ ଝାରପଡ଼ା ଜେଲରୁ ବାହାରିଲେ ଜଗନ୍ନାଥ। ବିଏମସିର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ ଆକ୍ରମଣ ଘଟଣାରେ ଜୁଲାଇ ୩ ତାରିଖରେ ଗିରଫ ହୋଇଥିଲେ ସେ। ଜେଲରୁ ବାହାରିବା ପରେ ତାଙ୍କ ସମର୍ଥକମାନେ ଫୁଲମାଳ ପକାଇ, ବାଣ ଫୁଟାଇ ସ୍ୱାଗତ କରିଥିଲେ। ଗତ ଗୁରୁବାର ରାତିରେ ସେ ଗିରଫ ହେବା ପରେ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ଜାମିନ ଆବେଦନ କରିଥିଲେ। କିନ୍ତୁ କୋର୍ଟରେ ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ୧୪ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା । ପୀଡ଼ିତଙ୍କ ବୟାନ ଓ ପ୍ରାଥମିକ ପ୍ରମାଣ ଆଧାରରେ ତାଙ୍କୁ ଗିରଫ କରିଥିଲା ପୁଲିସ। ଜଗନ୍ନାଥଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଦଫା ୧୨୧ (୧), ୧୨୧ (୨), ୧୩୨,



୧୮୯(୨), ୧୯୦, ୩(୫), ୩୦୪/ ୩୩୩, ୩୫୧(୨), ୫୪/୬୧(୨) ଏବଂ ଦଫା ୬୨ ଲାଗିଥିଲା। ଗତ ଜୁନ ୩୦ ତାରିଖରେ ବିଏମସି କାର୍ଯ୍ୟାଳୟରେ ଜନଅଭିଯୋଗ ଶୁଣାଣି ସମୟରେ ଅତିରିକ୍ତ କମିଶନର ରତ୍ନାକର ସାହୁଙ୍କ ଉପରେ ୬-୭ ଜଣଙ୍କ ଏକ ଗୋଷ୍ଠୀ ଆକ୍ରମଣ କରିଥିଲେ। ସାହୁ ଅଭିଯୋଗ କରିଥିଲେ ଯେ, ଆକ୍ରମଣକାରୀମାନେ ତାଙ୍କୁ କଲରରୁ ଧରି ଟାଣି ନେଇ ମାରପିଟ କରିଥିଲେ ଏବଂ ଜଗନ୍ନାଥ ପ୍ରଧାନଙ୍କ ନାଁରେ ଅପମାନଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ କରିଥିଲେ। ଏହି ଘଟଣାରେ ପୋଲିସ ପୂର୍ବରୁ ୫ ଜଣଙ୍କୁ ଗିରଫ କରିଥିଲା, ଯେଉଁମାନଙ୍କ ମଧ୍ୟରେ ବିଜେପି କର୍ପୋରେଟର ଜୀବନ ରାଉତ, ରଶ୍ମି ରଞ୍ଜନ ମହାପାତ୍ର, ଦେବାଶିଷ ପ୍ରଧାନ, ସଚିକାନ୍ତ ସ୍ୱାଇଁ ଓ ସଞ୍ଜୀବ ମିଶ୍ର ରହିଥିଲେ। ଏହି ମାମଲାରେ ଓଏଏସ ସଂଘ ଜଗନ୍ନାଥଙ୍କୁ 'ମୁଖ୍ୟ ଅଭିଯୁକ୍ତ' ଓ 'ମାଷ୍ଟରମାଇଣ୍ଡ' ଭାବେ ଚିହ୍ନଟ କରି ତାଙ୍କ ତୁରନ୍ତ ଗିରଫ ଦାବି କରିଥିଲା। ସଂଘ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଏକ ଦାବିପତ୍ର ଦେଇ ୩ ଦିନର ଅଲଟିମେଟମ ଜାରି କରିଥିଲା, ଯେଉଁଥିରେ ପ୍ରଧାନଙ୍କ ଗିରଫ ସହ ସମସ୍ତ ଫିଲ୍ଡ ଅଧିକାରୀଙ୍କ ପାଇଁ ସୁରକ୍ଷା ଓ ଘଟଣାର ସର୍ବସାଧାରଣ ନିନ୍ଦା ଦାବି କରାଯାଇଥିଲା। ଏହା ସହିତ ଓଏଏସ ଅଧିକାରୀମାନେ ରାଜ୍ୟର ସବୁ ଜିଲ୍ଲାରେ ସମୂହ ଛୁଟିରେ ଯାଇ ପ୍ରଶାସନିକ କାର୍ଯ୍ୟକୁ ପ୍ରଭାବିତ କରିଥିଲେ। ବାଧ୍ୟ ହୋଇ ସରକାର ଓ ଦଳର ସମ୍ମାନ ରକ୍ଷା କରିବାକୁ ଜଗନ୍ନାଥ ଆତ୍ମସମର୍ପଣ କରିଥିଲେ।

# ପୁରୀରେ ବାର୍ଡଫ୍ଲୁ ଆତଙ୍କ: ମଲେ ୩ ହଜାର କୁକୁଡ଼ା





**ସ୍ୱତନ୍ତ୍ର ଡାକ୍ତରୀ ଟିମ୍‌ର ତଦନ୍ତ**

**ପିପିଲି,୯।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲାର ଡେଲାଙ୍ଗ ଅଞ୍ଚଳରେ ବାର୍ଡଫ୍ଲୁ ସନ୍ଦେହ ଯୋଗୁ ଆତଙ୍କ ଖେଳିଯାଇଛି। ଏହି ଘଟଣାର ଗୁରୁତ୍ୱ ଦେଖି ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଡେଲାଙ୍ଗରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ, ଏଯାଏ ଏହି ଅଞ୍ଚଳରେ ପ୍ରାୟ ୩ ହଜାର କୁକୁଡ଼ାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ବିଭିନ୍ନ କୁକୁଡ଼ା ଫାର୍ମରୁ ମଳ ଓ ଲାଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛନ୍ତି। ଏଥିସହ ପ୍ରଶାସନ ତରଫରୁ ପରିସ୍ଥିତି ନିୟନ୍ତ୍ରଣ କରିବା ପାଇଁ ୩ଜଣିଆ ରାପିଡ୍ ରେସ୍‌ପନ୍ସ ଟିମ୍ (ଆରଆରଟି) ଗଠନ କରାଯାଇଛି। ସ୍ଥାନୀୟ ଜନସାଧାରଣ ଓ କୁକୁଡ଼ା ଫାର୍ମ ମାଲିକମାନଙ୍କ ମଧ୍ୟରେ ଏହି ଘଟଣାକୁ ନେଇ ଉଦ୍‌ବେଗ ଦେଖାଦେଇଛି। ପରୀକ୍ଷା ରିପୋର୍ଟ ଆସିବା ପରେ ବାର୍ଡଫ୍ଲୁର ସତ୍ୟତା ସ୍ପଷ୍ଟ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ପାଇଁ ପରିସ୍ଥିତି ଉପରେ ନଜର ରଖାଯାଇଛି ଓ ତଦନୁସାରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି।

# ଉଠାଦୋକାନୀଙ୍କୁ ଠକିଲେ ନକଲି ବିଏମ୍‌ସି ଅଧିକାରୀ



**ମେୟର ଓ ଡିସିପିଙ୍କଠାରେ ଫେରାଦ ହେଲା ମହାସଂଘ ପ୍ରତିନିଧିମଣ୍ଡଳୀ**

**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ଦିନକୁ ଦିନ ଠକେଇ ବଢ଼ି ଚାଲିଛି। ଏହି ଠକେଇର ଶିକାର ହେଉଛନ୍ତି ନିରୀହ ଉଠାଦୋକାନୀ। କିଛିଦିନ ତଳେ ବାବୁ ନାମକ ଜନୈକ ଉଠାଦୋକାନୀଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନାଁରେ ଟଙ୍କା ଲୁଟି ନେଇଥିବା ବେଳେ ନିଖିଳ ଓଡ଼ିଶା ରାସ୍ତାପାର୍ଶ୍ୱ ଉଠାଦୋକାନୀ ମହାସଂଘ ଖାରବେଳ ନଗର ଥାନାର ଦ୍ୱାରସ୍ଥ ହୋଇଥିଲା। କିନ୍ତୁ ଏବେ ପୁଣି ଟ୍ରେଡ ଲାଇସେନ୍ସ କରାଇ ଦେବାକୁ ଆସି ଜନୈକ ବ୍ୟକ୍ତି ନିଜକୁ ବିଏମ୍‌ସିର ଅଫିସର କହିବା ସହ ଟ୍ରେଡ଼ ଲାଇସେନ୍ସ କରାଇବା ତାଙ୍କ ଦାୟିତ୍ୱ ବୋଲି କହିଥିଲେ। ଏଥିସହ ଯେଉଁ ଉଠାଦୋକାନୀମାନେ ଟ୍ରେଡ୍ ଲାଇସେନ୍ସ କରିନାହାଁନ୍ତି, ସେମାନଙ୍କୁ ନକଲି ଟ୍ରେଡ଼ ଲାଇସେନ୍ସ କରାଇଦେଇ ଉକ୍ତ ଠକ ଜଣଙ୍କ ପାଖାପାଖି ଲକ୍ଷେ ଟଙ୍କା ଲୁଟି ନେଇଛନ୍ତି।

ଭିଏସ୍‌ଏସ୍ ନଗରର ନାରାୟଣ ସାହୁ ଓ ଶରତ ସାହୁ ନାମକ ଦୁଇ ଜଣ ଉଠାଦୋକାନୀଙ୍କ ପାଖରୁ ଟ୍ରେଡ଼ ଲାଇସେନ୍ସ ବାବଦରେ ହଜାର ହଜାର ଟଙ୍କା ନେବା ସହ ଭିଏସ୍‌ଏସ୍ ନଗର, ଚନ୍ଦ୍ରଶେଖରପୁର, ୟୁନିଟ୍-୧, ୟୁନିଟ୍-୨ ଅଞ୍ଚଳରେ ୨୦୨୪-୨୫ର ନକଲି ଟ୍ରେଡ଼ ଲାଇସେନ୍ସ କରାଇ ଦେଇ ବହୁ ଟଙ୍କା ଆତ୍ମସାତ କରିଛନ୍ତି। ଏ ବାବଦରେ ମହାସଂଘର ସଭାପତି ପ୍ରତାପ କୁମାର ସାହୁ ବିଏମ୍‌ସିର ଉପ ଆୟୁକ୍ତ ଶୁଭେନ୍ଦୁ କୁମାର ସାହୁ ଓ ଅଜୟ କୁମାର ମହାନ୍ତିଙ୍କୁ ପଚାରିବାରୁ ସେମାନେ ଉକ୍ତ ଟ୍ରେଡ୍ ଲାଇସେନ୍ସ ବିଏମ୍‌ସିର ନୁହେଁ ଓ ଏହା ନକଲି ବୋଲି କହିଥିଲେ। ଏହାପରେ ମହାସଂଘର ଏକ ୧୧ଜଣିଆ ପ୍ରତିନିଧିମଣ୍ଡଳୀ ଆଜି ବିଏମ୍‌ସି ମେୟର ସୁଲୋଚନା ଦାସଙ୍କୁ ଭେଟି ଏ ସଂକ୍ରାନ୍ତରେ ଅବଗତ କରାଇଥିଲେ। ଶ୍ରୀମତୀ ଦାସ ବିଏମ୍‌ସି ଅଧିକାରୀମାନଙ୍କୁ ଡାକି ଏକ ତଦନ୍ତ କମିଟି ଗଠନ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଖାରବେଳ ନଗର ଥାନାରେ ଏତଲା ଦେବା ପାଇଁ ମଧ୍ୟ ସେ ପରାମର୍ଶ ଦେଇଥିଲେ। ମହାସଂଘର ପ୍ରତିନିଧି ମଣ୍ଡଳୀ ସୂର୍ଯ୍ୟମଣି ସାହୁ ନିରଞ୍ଜନ ପାଣ୍ଡେ, ଲଲାଟ କୁମାର ଓଝା, ସସ୍ମିତା ସାହୁ, ଶୁଭଲକ୍ଷ୍ମୀ ମହାନ୍ତି, ଶରତ ସାହୁ, ସୁଦର୍ଶନ ସାହୁ, ମୁରଲୀଧର ଜେନା, ପ୍ରକାଶ ମୁଖୀ, କଇନ ସ୍ୱାଇଁ, ପ୍ରଶାନ୍ତ ନାୟକ ପ୍ରମୁଖ ଭୁବନେଶ୍ୱର ଡିସିପି ଜଗବନ୍ଧୁ ମୀନାଙ୍କୁ ଭେଟି ଠକେଇ ନେଇ ଅବଗତ କରିବା ସହ ତୁରନ୍ତ ଠକ ଯୁବକଙ୍କୁ ଗିରଫ କରିବା ସକାଶେ ଦାବି କରିଥିଲେ। ଆଲୋଚନା ପରେ ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମୀନା ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

**ଝାରସୁଗୁଡ଼ାରେ ୪୨୧ ବଙ୍ଗୀୟ ଶ୍ରମିକଙ୍କୁ ଅଟକ ମାମଲା**

# ଟିଏମ୍‌ସି ସାଂସଦ ଓ ଝାରସୁଗୁଡ଼ା ବିଧାୟକ ମୁହାଁମୁହିଁ



**ଭୁବନେଶ୍ୱର,୯।୭(ସଂଚାର ବ୍ୟୁରୋ):** ତୃଣମୂଳକଂଗ୍ରେସ (ଟିଏମସି) ସାଂସଦ ମହୁଆ ମୈତ୍ର ଝାରସୁଗୁଡ଼ାରେ ୪୨୧ ଜଣ ବଙ୍ଗୀୟ ଶ୍ରମିକଙ୍କୁ ଅଟକ ରଖାଯିବା ମାମଲାରେ ଓଡ଼ିଶା ସରକାରଙ୍କୁ ଧମକାଇଛନ୍ତି। ଏକ ଭିଡିଓ ବାର୍ତ୍ତା ଜରିଆରେ ସେ କହିଛନ୍ତି ଯେ ଏହି ଶ୍ରମିକମାନଙ୍କ ମଧ୍ୟରୁ ୨୩ ଜଣ ତାଙ୍କ ନିର୍ବାଚନମଣ୍ଡଳୀ କୃଷ୍ଣନଗରର ମିର୍ଜାପୁରର ନିବାସୀ। ସେମାନଙ୍କ ପାଖରେ ଆଧାର କାର୍ଡ ଭଳି ବୈଧ ପ୍ରମାଣପତ୍ର ରହିଥିଲେ ମଧ୍ୟ ଓରିଏଣ୍ଟ ପୁଲିସ ଷ୍ଟେସନରେ ସେମାନଙ୍କୁ ବେଆଇନ ଭାବେ ଅଟକ ରଖାଯାଇଛି। ଏଥିସହ ସାଂସଦ ତାଙ୍କ ଭିଡିଓ ବାର୍ତ୍ତାରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ମୁଖ୍ୟ ସଚିବ ମନୋଜ ଆହୁଜା ଓ ଡିଜିପି



ୱାଇବି ଖୁରାନିଆଙ୍କୁ ଅପିଲ କରି ଏହି ଶ୍ରମିକମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ଦାବି କରିଛନ୍ତି। ଏଥିସହ ଏହି ଶ୍ରମିକମାନଙ୍କ ପାଇଁ ଲଢ଼ିବାକୁ କେହି ନାହାନ୍ତି ବୋଲି ଓଡ଼ିଶା ସରକାର ଭାବିବା ଅନୁଚିତ। ଏଥିସହ ଓଡ଼ିଶାରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଅଧିକରୁ ଅଧିକ ଏଭଳି ଘଟଣା ଘଟୁଛି। ଏହା ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନ କାଳରେ କଦାପି ଘଟିନଥିଲା ଯେ ସାଂସଦ ମହୁଆ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡ଼ିଶାର ପର୍ଯ୍ୟଟନ ରାଜସ୍ୱର ୫୦ ପ୍ରତିଶତ ପଶ୍ଚିମବଙ୍ଗରୁ ଆସୁଛି। ଯଦି ଓଡ଼ିଶା ସରକାର ଆମ ଶ୍ରମିକମାନଙ୍କୁ ଅଟକାଇବେ, ତେବେ ଆମ ପର୍ଯ୍ୟଟକମାନେ ଓଡ଼ିଶା ଆସିବା ବନ୍ଦ କରିଦେବେ। ସେ ଓଡ଼ିଶା ସରକାରଙ୍କୁ ଏହି ମାମଲାକୁ ଗୁରୁତର ସହ ନେଇ ଅଟକ ଶ୍ରମିକମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ମଧ୍ୟ ଦାବି କରିଛନ୍ତି। ତେବେ ମହୁଆଙ୍କ ଟ୍ୱିଟ୍ ଭିଡିଓକୁ ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ। ଟଙ୍କଧର କହିଛନ୍ତି, ଭାରତ ଏକ ଧର୍ମଶାଳା ନୁହେଁ, ଯିଏ ଯେମିତି ଆସିବେ ଏଠାରେ ଶରଣ ନେଇଯିବେ। ବେଆଇନ ଭାବେ ରହୁଥିବା ଲୋକଙ୍କ ବିରୋଧରେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ମହୁଆ ଯେଉଁ ଦଳ ନାଁ ନେଇ ଏ କଥା କହିଛନ୍ତି ସେ ଦଳ ପ୍ରଥମେ ତାଙ୍କର ଷ୍ଟାଣ୍ଡ ସ୍ପଷ୍ଟ କରନ୍ତୁ। ସେ ରାଜ୍ୟବାସୀଙ୍କ ସହ ଅଛନ୍ତି ନା ବେଆଇନରେ ବସବାସ କରୁଥିବା ବିଦେଶୀଙ୍କ ସହ ଅଛନ୍ତି। ସେଥିପାଇଁ ମହୁଆ ବିଜେଡି ନାଁ ନେଇ ବାଂଲାଦେଶୀଙ୍କୁ ସମର୍ଥନ କରିଛନ୍ତି। ଏମିତିକି ଯାହା ବିଜେଡି କହିପାରୁନି ତାହା ତାଙ୍କ ନୂଆ ବୋହୂଙ୍କ ମୁହଁରେ କୁହାଉଛି ବୋଲି ବିଧାୟକ କହିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶା ପୁଲିସର ଆଇଜି (ଉତ୍ତରାଞ୍ଚଳ) ହିମାଂଶୁ ଲାଲ ବୈଧ ପ୍ରମାଣପତ୍ର ଥିବା ବ୍ୟକ୍ତିଙ୍କୁ ମୁକ୍ତ କରାଯାଉଛି ବୋଲି କହିଛନ୍ତି।

## ଏସିଏଫ୍ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ମାମଲା ବିଦ୍ୟାଭାରତୀ ପଣ୍ଡାଙ୍କ ଅଡୁଆ ବଢ଼ିଲା



**କଟକ,୯।୭ (ସଂଚାର ବ୍ୟୁରୋ) :** ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ମାମଲାରେ ସ୍ତ୍ରୀ ବିଦ୍ୟାଭାରତୀ ଏବଂ ଡିଏଫ୍‌ଓ ସଂଗ୍ରାମ ବେହେରାଙ୍କୁ ଝଟ୍‌କା ଲାଗିଛି। ଉଭୟଙ୍କ ପିଟିଶନ ଖାରଜ ହୋଇଯାଇଥିବାବେଳେ ହତ୍ୟା ମାମଲା ଚାଲୁ ରହିବ ବୋଲି ହାଇକୋର୍ଟ କହିଛନ୍ତି। ରୋଷେୟା ମନ୍ମଥ କୁମ୍ଭଙ୍କ ନାଁରେ ମଧ୍ୟ ହତ୍ୟା ମାମଲା ଚାଲିବ। ଏସ୍‌ଡିଜେଏମେମଙ୍କ ନିର୍ଦ୍ଦେଶକୁ ଚ୍ୟାଲେଞ୍ଜ କରି ଉଭୟେ ହାଇକୋର୍ଟ ଆସିଥିଲେ।

**■ ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ ମାମଲା**

## ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍‌ଦଣ୍ଡାଦେଶ

**କେନ୍ଦ୍ରାପଡ଼ା,୯।୭(ସଂଚାର ବ୍ୟୁରୋ):** ଜନୈକା ଭିନ୍ନକ୍ଷମ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅପରାଧରେ ଆଜି କେନ୍ଦ୍ରାପଡା ଫାଷ୍ଟଟ୍ରାକ ଆଡ୍‌ହକ୍ କୋର୍ଟ ବିଚାରପତି ତ୍ରିବିକ୍ରମ କେଶରୀ ଚିନ୍ନାରା ସମ୍ପୃକ୍ତ ଦୋଷୀକୁ ୧୦ ବର୍ଷ ଜେଲଦଣ୍ଡାଦେଶ ସହ ୧୦ ହଜାର ଟଙ୍କା ଜୋରିମାନା କରିଛନ୍ତି। ଜୋରିମାନା ଅନାଦେୟ ପରିପ୍ରେକ୍ଷୀରେ ସମ୍ପୃକ୍ତ ଦୋଷୀକୁ ଅଧିକ ଏକ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ଉଲ୍ଲେଖ କରିଛନ୍ତି। ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ଜିଲ୍ଲାର କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ଜନୈକ ବ୍ୟକ୍ତିଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଗ୍ରାମର ମାନସ କୁମାର ସାମଲ ଓରଫ କାହ୍ନା ତାଙ୍କ ମାନସିକ ଭିନ୍ନକ୍ଷମ ଝିଅଙ୍କୁ ଦୁଷ୍କର୍ମ କରିଥିଲା। ଅଧିକନ୍ତୁ ଏନେଇ କାହା ଆଗରେ କିଛି କହିଲେ ପରିବାର ସଦସ୍ୟଙ୍କୁ ଜୀବନରେ ମାରିଦେବାକୁ ମଧ୍ୟ ସେ ଧମକ ଦେଇଥିଲା। ପୀଡ଼ିତାଙ୍କ ବାପା ପରିବାର ପ୍ରତିପୋଷଣ ପାଇଁ ରାଜ୍ୟ ବାହାରକୁ ଯାଇଥିଲେ। ସେ ଘରକୁ ଫେରିବା ପରେ ଝିଅର ଆଚରଣରେ ଅସ୍ୱାଭାବିକତା ଲକ୍ଷ୍ୟ କରିଥିଲେ। ଏହାପରେ ସେ ଝିଅକୁ ଡାକ୍ତରୀ ପରୀକ୍ଷା କରିବା ପରେ ସେ ୫ ମାସ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏନେଇ ପୀଡ଼ିତାଙ୍କୁ ତାଙ୍କ ବାପା ପଚାରିବାରୁ ସେ ମାନସ ନାଁ ନେଇଥିଲେ ଓ ତାଙ୍କ ସହ ଘଟିଥିବା ସମଗ୍ର ଘଟଣା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏନେଇ ତୁରନ୍ତ ପୀଡ଼ିତାଙ୍କ ବାପା କେନ୍ଦ୍ରାପଡା ସଦର ଥାନାରେ ଏତଲା ଦେଇଥିଲେ। ପୁଲିସ ୭୧୧/୨୦୨୩ରେ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା। ପୁଲିସ କୋର୍ଟରେ ଚାର୍ଜସିଟ ଦାଖଲ କରିବା ପରେ ଜିଆର କେସ୍ ନମ୍ବର ୨୬୦୨/୨୦୨୩ରେ କୋର୍ଟରେ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। କେନ୍ଦ୍ରାପଡା ଫାଷ୍ଟଟ୍ରାକ ଆଡହକ୍ ଅଦାଲତ ଏସଟି ନମ୍ବର- ୨୪୬/୨୦୨୩ରେ ମାମଲାର ବିଚାର କରି ଦୋଷୀ ମାନସକୁ ଉପରୋକ୍ତ ଦଣ୍ଡ ବିଧାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ସଞ୍ଜୟ କୁମାର ଜେନା ମାମଲା କରିଚାଳନା କରୁଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଭାରତ ବିଶ୍ୱର ୨ୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାର

ନୂଆଦିଲ୍ଲୀ,୯।୭: ବର୍ତ୍ତମାନ ସମୟରେ ସବୁବର୍ଗର ଲୋକଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି। ଏପରିକି ଭାରତରେ ପ୍ରାୟ ୬୫୦ ମିଲିୟନ ଲୋକ ସ୍ମାର୍ଟଫୋନ୍ ବ୍ୟବହାର କରୁଥିଲାବେଳେ ଟାୟାର ୨ ଓ ୩ ସହରର ୬୦% ସ୍ମାର୍ଟଫୋନ୍ ଗ୍ରାହକ ରହିଛନ୍ତି। ଫଳରେ ଭାରତ ବିଶ୍ୱର ୨ୟ ବୃହତ୍ତମ ସ୍ମାର୍ଟଫୋନ୍ ବଜାରରେ ସାମିଲ ହୋଇଛି। ଅପରପକ୍ଷରେ ଭାରତ ଡିଜିଟାଲ ଓ ମେକ୍ ଇଣ୍ଡିଆ ପଦକ୍ଷେପ ଜରିଆରେ ଦେଶର ମେଡ୍ ଇନ୍ ଇଣ୍ଡିଆ ଫୋନ୍ ଶେୟାର ଗତ ୧୦ ବର୍ଷରେ ପ୍ରାୟ ୪ଗୁଣ ବୃଦ୍ଧି ପାଇ ୨୦୨୩-୨୪ ରେ ୯୯.୨%ରେ ପହଞ୍ଚିଛି। ୨୦୧୪-୧୫ରେ ଏହି ପରିମାଣ ପ୍ରାୟ ୨୬% ରହିଥିଲା। ସେହିଭଳି ସ୍ୱଦେଶୀ ଜ୍ଞାନକୌଶଳ ଓ ଘରୋଇ ଟେଲିକମ କମ୍ପାନୀଗୁଡିକ ଉଭୟ ସ୍ମାର୍ଟଫୋନ୍ ଓ ଫିଚର ଫୋନ୍ ନିର୍ମାଣ କରୁଛନ୍ତି। ଏପରିକି କେନ୍ଦ୍ର ସରକାରଙ୍କ ସହାୟତା ଓ ଘରୋଇ କମ୍ପାନୀଗୁଡିକର ଇଚ୍ଛାଶକ୍ତି ଯୋଗୁ ଭାରତୀୟ ଉପଭୋକ୍ତାମାନେ ସୁଲଭ ମୂଲ୍ୟରେ ସ୍ମାର୍ଟଫୋନ ପାଇପାରୁଛନ୍ତି।

ଅପରପକ୍ଷରେ ଭାରତୀୟ କମ୍ପାନୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଫଳରେ ବଜାର ମଧ୍ୟ ଏକ ପ୍ରକାରର ପ୍ରତିଯୋଗିତାମୂଳକ ରହୁଛି। ସେହିପରି ନିକଟରେ ନେକ୍ସଟ କ୍ୱାଣ୍ଟମ ଓଏସ ପକ୍ଷରୁ ଘରୋଇ ୫ଜି ବ୍ରାଣ୍ଡ୍ ଏଆଇପ୍ଲସର ଶୁଭାରମ୍ଭ କରିଛି। ଏ ନେଇ ନେକ୍ସଟ କ୍ୱାଣ୍ଟମ ଓଏସର ସିଇଓ ମାଧବ ସେଠ କହିଛନ୍ତି, ବର୍ତ୍ତମାନ ସମୟରେ ଭାରତ ସ୍ମାର୍ଟଫୋନ ନିର୍ମାଣ ଓ ଉତ୍ପାଦନର ହବ୍ ପାଲଟିଛି। କାରଣ ଭାରତ ଖାଲି ନିର୍ମାଣ କରୁନାହିଁ, ଭାରତରେ ନିର୍ମାଣ ହେଉଥିବା ଉତ୍ପାଦ ବିଶ୍ୱ ବଜାରରେ ଲିଡର ପାଲଟିଛି। ଏପରିକି ବର୍ତ୍ତମାନ ଆମ ଦେଶ ବିଲ୍ଡ ଇନ୍ ଇଣ୍ଡିଆ ରେଡି ଫର ଦି ୱାର୍ଲଡ ଭିଜନରେ ଉତ୍ପାଦ ନିର୍ମାଣ କରୁଛି।



**ବଜାରରେ ଏଆଇପ୍ଲସ ରେଞ୍ଜ:** ଦେଶର ପ୍ରମୁଖ ଘରୋଇ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ନେକ୍ସଟ କ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିର ବହୁ ପ୍ରତୀକ୍ଷିତ 'ଏଆଇପ୍ଲସ'ର ଶୁଭାରମ୍ଭ ସର୍ବଭାରତୀୟସ୍ତରରେ ହୋଇଯାଇଛି। ଏପରିକି ଏଆଇପ୍ଲସ ରେଞ୍ଜ (ସ୍ମାର୍ଟଫୋନ, ସ୍ମାର୍ଟ ୱାଚ ଏବଂ ଇୟର ବଡ)ର ଅନାବରଣ ମଙ୍ଗଳବାର ହୋଇଯାଇଛି। ଏହି ଅବସରରେ ନେକ୍ସଟ କ୍ୱାଣ୍ଟମ ସିଫ୍ଟ ଟେକ୍ନୋଲୋଜିର ସିଇଓ ମାଧବ ସେଠ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଅନାବରଣ ସହ ବଜାର ପ୍ରବେଶ କରାଇଥିଲେ। ଏହି ପରିପ୍ରେକ୍ଷୀରେ ଗୁଗଲ କ୍ଲାଉଡ ଇଣ୍ଡିଆର ଏମ୍‌ଡି ଶଶୀ କୁମାର ଶ୍ରୀଧରନ ଏବଂ ଫ୍ଲିପକାର୍ଟର ଭିପି (ମୋବାଇଲ) ସ୍ମିଥି ରବିଚନ୍ଦ୍ରନ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଏଆଇପ୍ଲସର ୨ଟି ସ୍ମାର୍ଟଫୋନ ଏଆଇପ୍ଲସର ପଲ୍‌ସ ଓ ନୋଭା ୫ଜି ସହ ସ୍ମାର୍ଟୱାଚ ଓ ଇୟରବଡର ଶୁଭାରମ୍ଭ କରାଯାଇଥିଲା। ଏହି ଫୋନ୍‌ରେ ସମସ୍ତ ପ୍ରକାରର ସୁରକ୍ଷା ବ୍ୟବସ୍ଥା ସହ ଅତ୍ୟାଧୁନିକ ଫିଚର ଓ ଆକର୍ଷଣୀୟ କଲର ଅନ୍ତର୍ଭୁକ୍ତ ରହିଛି। ସେହିପରି ସୁଲଭ ମୂଲ୍ୟରେ ଆକର୍ଷଣୀୟ ସ୍ମାର୍ଟଫୋନ୍ ବଜାରରେ ଉପଲବ୍ଧ ହେବା ସହିତ ବଜାରରେ ଏକ ଭିନ୍ନ ପ୍ରକାରର ପ୍ରତିଯୋଗିତା ଆରମ୍ଭ ହେବ ବୋଲି କୁହାଯାଉଛି।

# ଉତ୍ତରପ୍ରଦେଶ ଯୁବକ ହେବେ ଆପଲ୍‌ର ସିଓଓ

● ଟିମ୍ କୁକ୍ ବି କରିଛନ୍ତି ପ୍ରଶଂସା



ନୂଆଦିଲ୍ଲୀ,୯।୭: ଟେକ୍ କ୍ଷେତ୍ରର ଦିଗ୍ଗଜ କମ୍ପାନୀ ଆପଲ୍। ନେତୃତ୍ୱ ସ୍ତରରେ କରିଛି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ। ଏବେ କମ୍ପାନୀର COO ହେବ ପରିବର୍ତ୍ତନ। ୬୨ ବର୍ଷୀୟ ଜେଫ୍ ୱିଲିୟମ୍ସ ତାଙ୍କ ପଦରୁ ଦେବେ ଇସ୍ତଫା। ୱିଲିୟମ୍ସ ୨୦୧୫ରୁ ଏହି ପଦବୀରେ ଅଛନ୍ତି। ଏବେ ଏହି ପଦରେ ବସିବେ ଭାରତୀୟ ବଂଶୋଦ୍ଭବ। ପରବର୍ତ୍ତୀ ସିଓଓ ହେବେ ସବିହ ଖାନ। ଦୀର୍ଘକାଳୀନ ଯୋଜନା ପରେ ସବିହଙ୍କୁ ସିଓଓ ପଦବୀରେ ନିଯୁକ୍ତ କରିବାର ନିଆଯାଇଛି ନିଷ୍ପତ୍ତି। ବିଗତ ୩୦ ବର୍ଷ ଧରି ଆପଲ୍ ସହିତ ଜଡିତ ସବିହ ଖାନ। ସେ ବର୍ତ୍ତମାନ ଅପରେସନରେ ବରିଷ୍ଠ ଉପାଧ୍ୟକ୍ଷ ଭୂମିକା ନିର୍ବାହ କରୁଛନ୍ତି। ତେବେ କିଏ ଏହି ସବିହ ଖାନ ? ଆପଲ୍ ସହିତ ତାଙ୍କର ଯାତ୍ରା କେବେ ହୋଇଥିଲା ଆରମ୍ଭ ? ୧୯୬୬ ମସିହାରେ ୟୁପିର ମୋରାଦାବାଦରେ ଜନ୍ମଗ୍ରହଣ କରିଥିଲେ ସବିହ ଖାନ। ସେ ମୋରାଦାବାଦର ପିତ୍ତଳ ରପ୍ତାନିକାରୀ ଏବଂ ଜଣାଶୁଣା ବ୍ୟବସାୟୀ ଯାର ମହମ୍ମଦ ଖାନଙ୍କ ପରିବାରର ସଦସ୍ୟ। ସବିହ ଖାନ ସେଣ୍ଟ ମେରୀ ସ୍କୁଲ, ମୋରାଦାବାଦରୁ ପଞ୍ଚମ ପର୍ଯ୍ୟନ୍ତ ପାଠପଢିଛନ୍ତି। ତାଙ୍କ ପିତା ସଇଦ ୟୁ ଖାନ ମୂଳତଃ ରାମପୁରର ଥିଲେ। ସବିହଙ୍କ ଜନ୍ମର କିଛି ସମୟ ପରେ ତାଙ୍କ ପରିବାର ସିଙ୍ଗାପୁର ସ୍ଥାନାନ୍ତରିତ ହୋଇଥିଲେ। ଆଉ ତାପରେ ସେ ଆମେରିକା ଚାଲିଯାଇଥିଲେ।

# ଆସିବ କି ୫୦ ଟଙ୍କିଆ କଏନ୍ ? ଜାଣନ୍ତୁ କ'ଣ ସ୍ପଷ୍ଟ କଲେ କୋର୍ଟ

ନୂଆଦିଲ୍ଲୀ,୯।୭: ଦିଲ୍ଲୀ ହାଇକୋର୍ଟରେ ଜଣେ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଏକ ଜନହିତକର ଆବେଦନର ଶୁଣାଣିର ରାୟ ସାମ୍ନାକୁ ଆସିଛି। ଆବେଦନରେ ଦୃଷ୍ଟିହୀନ ନାଗରିକଙ୍କ ପାଇଁ ୫୦ ଟଙ୍କିଆ ଏବଂ ତା'ଠାରୁ କମ ମୂଲ୍ୟର ନୋଟ୍ ଏବଂ ମୁଦ୍ରାକୁ ଅଧିକ ଚିହ୍ନଟ କରିବା ପାଇଁ ଆବେଦନ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟରେ କେନ୍ଦ୍ର ସରକାର ସୂଚନା ଦେଇଛନ୍ତି ଯେ, ବର୍ତ୍ତମାନ ୫୦ ଟଙ୍କାର ମୁଦ୍ରା ପ୍ରଚଳନ କରିବାର କୌଣସି ଯୋଜନା ନାହିଁ। ଅର୍ଥ ମନ୍ତ୍ରଣାଳୟ ଏକ ସତ୍ୟପାଠ ଦାଖଲ କରିଛି ଯେ, ୨୦୨୨ରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଏକ ସର୍ଭେରୁ ଜଣାପଡ଼ିଛି ସାଧାରଣ ଜନତା ୧୦ ଏବଂ ୨୦ ଟଙ୍କିଆ ମୁଦ୍ରା ଅପେକ୍ଷା ନୋଟ୍‌କୁ ପସନ୍ଦ କରନ୍ତି। ପ୍ରକୃତରେ ରୋହିତ ନାମକ ଜଣେ ଆବେଦନକାରୀଙ୍କ ଦ୍ୱାରା ଦାୟର କରାଯାଇଥିବା ଦିଲ୍ଲୀ ହାଇକୋର୍ଟରେ ଏକ ଜନହିତକର ଆବେଦନର ଶୁଣାଣି ସମୟରେ ଏହି ମାମଲା ସାମ୍ନାକୁ ଆସିଛି। ଆବେଦନରେ ଦୃଷ୍ଟିହୀନ ନାଗରିକଙ୍କ ପାଇଁ ୫୦ ଏବଂ ତା'ଠାରୁ କମ ମୂଲ୍ୟର ନୋଟ ଏବଂ ମୁଦ୍ରାକୁ ଅଧିକ ଚିହ୍ନିତ କରିବା ପାଇଁ ଆବେଦନ କରାଯାଇଥିଲା। ଦିଲ୍ଲୀ ହାଇକୋର୍ଟରେ ଦାୟର ଆବେଦନରେ ଆବେଦନକାରୀ ଦାବି କରିଛନ୍ତି ଯେ, ସେ ମୁଦ୍ରା ଡିଜାଇନରେ ଥିବା ତ୍ରୁଟିଗୁଡ଼ିକୁ ଅଧ୍ୟୟନ କରିଛନ୍ତି, ଯେଉଁଥିରେ ଏହା ଜଣାପଡ଼ିଛି ୫୦ ଟଙ୍କାର ନୋଟ୍ ଅନ୍ୟ ନୋଟ୍ ଠାରୁ ସ୍ପଷ୍ଟ ଭାବରେ ପୃଥକ୍ ନୁହେଁ। ସେହି ସମୟରେ ଅର୍ଥ ମନ୍ତ୍ରଣାଳୟ ଏହା ମଧ ସ୍ୱୀକାର କରିଛି ଯେ ୧୦, ୨୦ ଏବଂ ୫୦ ଟଙ୍କାର ମହାତ୍ମା ଗାନ୍ଧୀ ନୋଟ୍‌ର ନୂତନ ସିରିଜରେ କୋଣୀୟ ବ୍ଲିଡ ଲାଇନ ଏବଂ ଉଠିଥିବା ପ୍ରିଣ୍ଟ ଭଳି କପଡ଼ା ବୈଶିଷ୍ଟ୍ୟ ନାହିଁ। ଅତ୍ୟଧିକ ପରିଚାଳନା ଯୋଗୁ ଏହି ଫିଚର ବା ବୈଶିଷ୍ଟଗୁଡ଼ିକ ଖୁବ୍‌ଶୀଘ୍ର ନଷ୍ଟ ହୋଇଯାଏ। ଅର୍ଥ ମନ୍ତ୍ରଣାଳୟ ଦିଲ୍ଲୀ ହାଇକୋର୍ଟକୁ କହିଛି ଯେ, ଏହି କପଡ଼ା ବୈଶିଷ୍ଟ୍ୟଗୁଡ଼ିକୁ ପୁନଃ କାର୍ଯ୍ୟକାରୀ କରିବା ଦ୍ୱାରା ଉତ୍ପାଦନ ଖର୍ଚ୍ଚ ଏବଂ ଦକ୍ଷତା ଉପରେ ବହୁତ ପ୍ରଭାବ ପଡ଼ିବ।




# ରଏଟର୍ସ ଆକାଉଣ୍ଟ୍ ବ୍ଲକ୍ ପ୍ରସଙ୍ଗ: କେନ୍ଦ୍ର-'ଏକ୍ସ' ମୁହାଁମୁହିଁ

ନୂଆଦିଲ୍ଲୀ,୯।୭: ଆକାଉଣ୍ଟ ବ୍ଲକ୍ ନିର୍ଦ୍ଦେଶକୁ ନେଇ ପୁଣି ଥରେ ଏଲନ୍ ମସ୍କଙ୍କ ସୋସିଆଲ୍ ମିଡିଆ ପ୍ଲାଟଫର୍ମ 'ଏକ୍ସ' (ପୂର୍ବରୁ ଟ୍ୱିଟର୍) ଓ ଭାରତ ସରକାର ମୁହାଁମୁହିଁ ହୋଇଛନ୍ତି। ବିଶ୍ୱସ୍ତରୀୟ ଖବର ସରବରାହ ସଂସ୍ଥା ରଏଟର୍ସର ଏକ୍ସ ଆକାଉଣ୍ଟ ବନ୍ଦ କରାଯିବା ପରେ ଏହି ବିବାଦ ଦେଖାଦେଇଛି। ଏହି ଘଟଣା ଉପରେ ଏକ୍ସ କଡ଼ା ପ୍ରତିକ୍ରିୟା ରଖି ସରକାରଙ୍କୁ ଟାର୍ଗେଟ୍ କରିଛି। ଏହା ଜଣାଇଛି ଯେ ଜୁଲାଇ ୨ରେ ଭାରତରେ ୨୩୫୫ଟି ଆକାଉଣ୍ଟ୍‌କୁ ବ୍ଲକ୍ କରିବାକୁ ଭାରତ ସରକାର ନିର୍ଦ୍ଦେଶ ଦେଇଥିଲେ। ସେହି ତାଲିକାରେ ରଏଟର୍ସ ଓ ରଏଟର୍ସ ୱାର୍ଲଡ୍‌ର ଆକାଉଣ୍ଟ ଥିଲା। ଆଇଟି ନିୟମର ଧାରା ୬୯ଏ ଆଧାରରେ ଏହି ନିର୍ଦ୍ଦେଶ ଜାରି କରାଯାଇଥିଲା ଯାହାକୁ ପାଳନ ନ କଲେ ଅପରାଧିକ ମାମଲା ହେବାର ଆଶଙ୍କା ରହିଛି। କୌଣସି ଠୋସ୍ କାରଣ ନ ଦର୍ଶାଇ ଘଣ୍ଟାଏ ଭିତରେ ଆକାଉଣ୍ଟକୁ ବ୍ଲକ୍ କରିବା ଏବଂ ପରବର୍ତ୍ତୀ ନିର୍ଦ୍ଦେଶ ନ ମିଳିବା ପର୍ଯ୍ୟନ୍ତ ତାହାକୁ ସକ୍ରିୟ ନ କରିବାକୁ ଭାରତର ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଥିଲା ବୋଲି ଏକ୍ସ ଅଭିଯୋଗ କରିଛି। ଭାରତରେ ଗଣମାଧ୍ୟମ ଉପରେ ଲଗାଯାଉଥିବା ଅଙ୍କୁଶକୁ ନେଇ ଏକ୍ସ ଗଭୀର ଚିନ୍ତା ପ୍ରକଟ କରିଛି। ତେବେ 'ଏକ୍ସ'ର ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଆଇଟି ମନ୍ତ୍ରଣାଳୟ ପ୍ରବକ୍ତା କହିଛନ୍ତି ଯେ ଜୁଲାଇ ୨ରେ କୌଣସି ନୂଆ ବ୍ଲକିଂ ନିର୍ଦ୍ଦେଶ ଦିଆଯାଇନଥିଲା। ରଏଟର୍ସ ଓ ରଏଟର୍ସ ୱାର୍ଲଡ୍ ସମେତ କୌଣସି ପ୍ରମୁଖ ଅନ୍ତର୍ଜାତୀୟ ଖବର ସଂସ୍ଥାକୁ ବ୍ଲକ୍ କରିବାର କୌଣସି ଅଭିପ୍ରାୟ ନଥିବା ସେ କହିଛନ୍ତି। ଦୁଇ ସଂସ୍ଥାର ଆକାଉଣ୍ଟ ବ୍ଲକ୍ ହେବା ପରେ ତାହାକୁ ତୁରନ୍ତ ସକ୍ରିୟ କରିବାକୁ ସରକାର 'ଏକ୍ସ'କୁ କହିଥିଲେ।



## ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ଟଙ୍କା ବର୍ଷା କଲା ସାଇପ୍ରସ୍

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସାଇପ୍ରସ ଗସ୍ତ ପରେ ଭାରତକୁ ନୌବାଣିଜ୍ୟ କ୍ଷେତ୍ରରେ ବଡ଼ ନିବେଶ ଆସିଛି। ସାଇପ୍ରସର ଏକ ବଡ଼ କମ୍ପାନୀ ଇଣ୍ଟରଓରିଏଣ୍ଟ ନାଭିଗେସନ୍ କୋ. ଏବଂ ଡାନସିପ୍ ଆଣ୍ଡ୍ ପାର୍ଟନର୍ସ ଭାରତୀୟ ଜାହାଜ ଶିଳ୍ପରେ ୧୦,୦୦୦ କୋଟି ଟଙ୍କା ନିବେଶ କରିବାକୁ ଘୋଷଣା କରିଛନ୍ତି। ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ ବିଦେଶୀ ଘରୋଇ ନିବେଶ ବୋଲି କୁହାଯାଉଛି। ଏନେଇ ଜାରି ହୋଇଥିବା ଏକ ବିବୃତ୍ତିରେ କୁହାଯାଇଛି ଯେ ୨୦୦୫ରେ ଭାରତୀୟ ନୌବାଣିଜ୍ୟ କ୍ଷେତ୍ରରେ ୧୦୦ ପ୍ରତିଶତ ବିଦେଶୀ ନିବେଶ ପାଇଁ ଅନୁମତି ଦିଆଯାଇଥିଲା। ହେଲେ ଏ କ୍ଷେତ୍ରରେ ଏତେ ମାତ୍ରାରେ ବିଦେଶୀ ପୁଞ୍ଜି ନିବେଶ ହୋଇ ନଥିଲା। ତେବେ ସାଇପ୍ରସ୍ କମ୍ପାନୀର ୧୦ ହଜାର କୋଟି ନିବେଶ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଦେଶୀ ଘରୋଇ ପୁଞ୍ଜି ନିବେଶ।



# ଟାଟା ଗ୍ରୁପ୍ ଓ ସ୍କୋଡା ଗ୍ରୁପ୍‌ର ସହଭାଗିତା

● ନିର୍ମାଣ କରିବେ ରେଲୱେ ଉପକରଣ




ନୂଆଦିଲ୍ଲୀ,୯।୭: ଭାରତୀୟ ରେଲୱେରେ ଆରମ୍ଭ ହେଲା ନୂଆ ଜ୍ଞାନକୌଶଳ କ୍ରାନ୍ତି। ଭାରତୀୟ ରେଳବାଇ ପାଇଁ କାମ କରିବେ ଟାଟା ଗ୍ରୁପ୍‌ର ସହାୟକ କମ୍ପାନି ଟାଟା ଅଟୋକମ୍ପ ସିଷ୍ଟମ ଏବଂ ୟୁରୋପର ସ୍କୋଡା ଗ୍ରୁପ୍। ଦୁଇ କମ୍ପାନି ସହଭାଗିତାରେ ମିଶି କାମ କରିବେ। ଖାଲି ସେତିକି ନୁହେଁ ଦୁଇ କମ୍ପାନି ଭାରତୀୟ ରେଲୱେ ପାଇଁ ପ୍ରୋପଲ୍ସନ ସିଷ୍ଟମ ଏବଂ ଅନ୍ୟ ଅତ୍ୟାଧୁନିକ କମ୍ପୋନେଣ୍ଟସ ଇତ୍ୟାଦି ତିଆରି କରିବେ। ଏଥିରେ ମଲ୍ଟି- ମିଲିୟନ ୟୁରୋ ନିବେଶ ହେବ। ଏହାଦ୍ୱାରା ଦେଶର ରେଲୱେ ଏବଂ ମେଟ୍ରୋ ସହ ଜଡ଼ିତ ଉଦ୍ୟୋଗର ସ୍ଥିତି ଆହୁରି ମଜଭୁତ ହେବ। ରିପୋର୍ଟ ଅନୁସାରେ, ଟାଟା ଅଟୋକମ୍ପ ଏବଂ ସ୍କୋଡା ଗ୍ରୁପ୍ ନୂଆ ସହଭାଗିତା ଅନୁଯାୟୀ ଭାରତରେ ଏକ ନୂଆ କମ୍ପାନି ସ୍ଥାପନ କରିବେ। ଏହି କମ୍ପାନି ରେଲୱେ ପାଇଁ କନଭରଟର, ଡ୍ରାଇଭ ସିଷ୍ଟମ ଏବଂ ଅକ୍ସିଲାରୀ କନଭର୍ଟର ଭଳି ଉପକରଣର ନିର୍ମାଣ କରିବ। ଏହି ଉପକରଣ ମୁଖ୍ୟତଃ ମିଡିୟମ ହାଇ-ସ୍ପିଡ ଟ୍ରେନ୍, ମେଟ୍ରୋ ଏବଂ ଲାଇଟ୍ ରେଲୱେ ଟ୍ରେନ ପାଇଁ ତିଆରି କରାଯିବ। ଏହାଦ୍ୱାରା ସ୍ଥାନୀୟ ରୋଜଗାର, ଜ୍ଞାନକୌଶଳର ସ୍ଥାନାନ୍ତରଣ ଏବଂ ଇକୋନୋମିକ୍ ଡେଭଲପମେଣ୍ଟକୁ ବଳ ମିଳିବ। କମ୍ପାନିର ସୂଚନା ଅନୁସାରେ, ଏହି ଜଏଣ୍ଟ ଭେଞ୍ଚର ଦ୍ୱାରା ଭାରତ କେବଳ ଯେ, ରେଲୱେ ଜ୍ଞାନକୌଶଳରେ ଆତ୍ମନିର୍ଭର ହେବ ତାହା ନୁହେଁ, ବରଂ ୟୁରୋପୀୟ ଜ୍ଞାନକୌଶଳକୁ ଭାରତୀୟ ଦାମ୍‌ରେ ଉପଲବ୍ଧ ହୋଇପାରିବ।

# ରାସ୍ତାରୁ ନେଇ ସୋରୁମରେ ବିକୁଛନ୍ତି ଚପଲ, ମୂଲ୍ୟ ୧ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୯।୭: ଇଟାଲୀୟ ଫ୍ୟାଶନ୍ ହାଉସ୍ ପ୍ରାଡା ବିରୋଧରେ ମୁମ୍ବାଇ ହାଇକୋର୍ଟରେ ଏକ ପିଆଇଏଲ୍ ଦାୟର କରାଯାଇଛି। ଏହି ଆବେଦନରେ ପ୍ରାଡା ଭାରତୀୟ କାରିଗରଙ୍କ ପାଇଁ କ୍ଷତିପୂରଣ ଦାବି କରିଛି। ଏହି ଫ୍ୟାଶନ୍ ହାଉସ୍ ବିନା ଅନୁମତିରେ କୋଲ୍ହାପୁରୀ ଚପଲ ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପ୍ରକୃତରେ, ପ୍ରାଡା ଫ୍ୟାଶନ୍ ହାଉସ୍ ଏହାର ବସନ୍ତ ଏବଂ ଗ୍ରୀଷ୍ମ ଋତୁ ସଂଗ୍ରହରେ ଏହାର ଟୋ-ରିଙ୍ଗ୍ ସାଣ୍ଡାଲ୍ ପ୍ରଦର୍ଶିତ କରିଥିଲା। ଯାହା ସମ୍ପର୍କରେ, ଆବେଦନରେ କୁହାଯାଇଛି ଯେ ପ୍ରଦର୍ଶିତ ଏହି ସାଣ୍ଡାଲ୍‌ଗୁଡ଼ିକର ଡିଜାଇନ୍ କୋଲ୍ହାପୁରୀ ଚପଲ ସହିତ ସମ୍ପୂର୍ଣ୍ଣ ସମାନ। ପ୍ରାଡା ଦ୍ୱାରା ନିର୍ମିତ ଏହି ସାଣ୍ଡାଲ୍‌ର ମୂଲ୍ୟ ପ୍ରତି ଯୋଡ଼ା ୧ ଲକ୍ଷ ଟଙ୍କା। ପୁଣେର ୬ଜଣ ଓକିଲ ଇଟାଲୀୟ ଫ୍ୟାଶନ୍ ହାଉସ୍ ବିରୁଦ୍ଧରେ ଏହି ଆବେଦନ ଦାଖଲ କରିଥିଲେ। ଆବେଦନରେ କୁହାଯାଇଛି ଯେ କୋଲ୍ହାପୁରୀ ଚପଲ ମହାରାଷ୍ଟ୍ରର ଏକ ସାଂସ୍କୃତିକ ପ୍ରତୀକ। ସେମାନେ ଆବେଦନରେ ପ୍ରାଡାକୁ ଏହାର 'ଟୋ-ରିଙ୍ଗ୍ ସାଣ୍ଡାଲ୍'ର ବ୍ୟବସାୟିକୀକରଣ ଏବଂ ବିନା ଅନୁମତିରେ ବ୍ୟବହାର କରିବାରୁ ବନ୍ଦ କରିବାକୁ ମଧ୍ୟ ଦାବି କରିଛନ୍ତି। ଏହା ବ୍ୟତୀତ, ସେମାନେ ଏହା ମଧ୍ୟ କହିଛନ୍ତି ଯେ ଏହି ଫ୍ୟାଶନ୍ ଗ୍ରୁପ୍ ସାର୍ବଜନୀନ ଭାବରେ କ୍ଷମା ମାଗିବା ଉଚିତ। ଆବେଦନରେ କୁହାଯାଇଛି ଯେ କୋଲ୍ହାପୁରୀ ଚପଲଗୁଡ଼ିକୁ ପୂର୍ବରୁ GI ଟ୍ୟାଗ୍ ମିଳିସାରିଛି ଏବଂ ସେମାନେ ସାମଗ୍ରୀର ଭୌଗୋଳିକ ସୂଚକ ଆଇନ ଅନୁଯାୟୀ ସୁରକ୍ଷିତ। ପ୍ରାଡା ଗ୍ରୁପ୍ ଏବଂ ମହାରାଷ୍ଟ୍ର ସରକାରଙ୍କ ବିଭିନ୍ନ ଅଧିକାରୀଙ୍କ ବିରୁଦ୍ଧରେ ଏହି ଆବେଦନ ଦାୟର କରାଯାଇଛି। ପିଆଇଏଲରେ କାରିଗର ସମ୍ପ୍ରଦାୟକୁ କ୍ଷତି ଏବଂ କ୍ଷତିପୂରଣ ଦାବି କରାଯାଇଛି, ଯେଉଁଥିରେ ପ୍ରାଡାକୁ ସେମାନଙ୍କ ଚପଲ ବିକ୍ରୟ ଏବଂ ରପ୍ତାନି କରିବାରୁ ନିଷେଧ କରିବା ପାଇଁ ଏକ ଅସ୍ଥାୟୀ ଆଦେଶ ଅନ୍ତର୍ଭୁକ୍ତ ଅଛି। ଆବେଦନକାରୀମାନେ ସମ୍ପ୍ରଦାୟର ଅଧିକାରକୁ ସୁନିଶ୍ଚିତ କରିବା ଏବଂ ସୁରକ୍ଷା ଦେବା ଏବଂ କ୍ଷତିପୂରଣ ପ୍ରଦାନ କରିବା ପାଇଁ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରିଛନ୍ତି।





ଗ୍ରାହକଙ୍କ ପାଇଁ ଖୁସି ଖବର। ଆଜି ୬୦୦ ଟଙ୍କା କମିଛି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୧୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୦ ,୦୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୧୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୦ ହଜାର ୦୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୧୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୦ ହଜାର ୦୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୧୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮,୧୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୦ ହଜାର ୦୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୧୮୦ ଓ ୯୦ ହଜାର ୦୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୦ , ୦୦୦ ଟଙ୍କା ହୋଇଛି।

ପେଟ୍ରୋଲ, ଡିଜେଲ ଦର



ପେଟ୍ରୋଲ ହେଉଛି ଏକ ଦୈନନ୍ଦିନ ଖର୍ଚ୍ଚ। ଯେଉଁଠି ପାଇଁ ଆମେ ସବୁବେଳେ ଦର ଉପରେ ନଜର ରଖିଥାଉ। ଆଜି କିଛି ସହରରେ ପେଟ୍ରୋଲ ଓ ଡିଜେଲ ଦର କମିଛି ତ କେଉଁଠି ବଢ଼ିଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି।

### ଅସ୍ୱଚ୍ଛ ପରିବେଶରେ ଆହାର କେନ୍ଦ୍ର

# ଦୁର୍ଗନ୍ଧରେ ଫାଟି ପଡୁଛି ନାକ

**ୱାଟର ଏଟିଏମ୍ ଅଚଳ, ମିଳୁନି ବିଶୁଦ୍ଧ ପାନୀୟ ଜଳ**

**ରାତିରେ ମଦ୍ୟପଙ୍କ ଆଡ୍ଡା ଜମୁଛି**

**ସ୍ୱଚ୍ଛତାକୁ ଗୁରୁତ୍ୱ ଦେବାକୁ ଦାବି**



**ବ୍ରହ୍ମପୁର,୯।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ରେଳ ଷ୍ଟେସନ ସମେତ ଆହାର କେନ୍ଦ୍ର ସମ୍ମୁଖ ଏବେ ପରିସ୍ରାଗାର ପାଲଟିଛି। ଖୋଲାମେଲା ଲୋକେ ଏହି ସ୍ଥାନ ମାନଙ୍କରେ ପରିସ୍ରା କରୁଥିବା ଦେଖିବାକୁ ମିଳୁଛି। ବିଶେଷ କରି ଖାଦ୍ୟ ଉପଲବ୍ଧ ହେଉଥିବା ଆହାର କେନ୍ଦ୍ର ନିକଟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ୱାଟର ଏଟିଏମ୍ ଚାଲୁନି। ଅଧିକାଂଶ ସମୟରେ ଏହି ଜଳ ମେସିନ୍ କାର୍ଯ୍ୟକ୍ଷମ ହେଉନଥିବାରୁ ବାହାରୁ ଆସୁଥିବା ଏବଂ ଆହାର କେନ୍ଦ୍ର ଉପରେ ନିର୍ଭର କରୁଥିବା ଲୋକେ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଫଳରେ ଯାତାୟତ କରୁଥିବା ଯାତ୍ରୀ ବାହାର ଜଳ କିମ୍ବା ପାଣି ବୋତଲ କିଣି ପିଇବାକୁ ବାଧ୍ୟ ହେଉଛନ୍ତି।

ସେହିପରି ଜଳ ଏଟିଏମ୍ ଚତୁର୍ପାର୍ଶ୍ୱରେ ଲୋକେ ପରିସ୍ରା କରୁଥିବା ବି ଦେଖିବାକୁ ମିଳିଛି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ବ୍ରହ୍ମପୁର ଷ୍ଟେସନ ଉପରେ ପ୍ରତ୍ୟହ ଦିନ ହଜାର ହଜାର ଯାତ୍ରୀ ନିର୍ଭର କରନ୍ତି। ସୁଲଭ ମୂଲ୍ୟରେ ଏଠାରେ ଥିବା ଆହାର କେନ୍ଦ୍ରକୁ ଖାଇବାକୁ ଯାଇଥାନ୍ତି। ବାହାରୁ ଆସୁଥିବା ଯାତ୍ରୀଙ୍କ ସହ ଆଖପାଖ ଲୋକ ବ୍ୟବସାୟୀ ଆହାର କେନ୍ଦ୍ରରେ ଖାଉଥାନ୍ତି। କିନ୍ତୁ ପରିବେଶ ଅପରିଷ୍କାର ଫଳରେ ବାହାରୁଥିବା ଦୁର୍ଗନ୍ଧ ଯୋଗୁଁ ଲୋକେ ଉକ୍ତ ଆହାର କେନ୍ଦ୍ରରେ ଠିଆ ହୋଇ ଖାଇବାକୁ ଉଚିତ୍ ମଣୁନାହାନ୍ତି। ଉକ୍ତ ସ୍ଥାନ ସଠିକ୍ ଭାବେ ସଫେଇ ହେଉନଥିବାରୁ ଲୋକେ ଦୁର୍ଗନ୍ଧର ଶିକାର ହେଉଛନ୍ତି। ଅପରିଚ୍ଛନ୍ନ ପରିବେଶ ଯୋଗୁଁ ଅଧିକାଂଶ ଲୋକେ ଏଠାକୁ ଆସିବାକୁ ମଧ୍ୟ ଇଚ୍ଛା ପ୍ରକାଶ କରୁନାହାନ୍ତି।

ସମ୍ପ୍ରତି ନୂତନ ଷ୍ଟେସନ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଟୟଲେଟମୁକ୍ତ ଶୌଚାଳୟ ନଥିବାରୁ ଯାତ୍ରୀ ବାହାରେ ଖୋଲାମେଲା ପରିସ୍ରା କରୁଥିବା ଜଣାପଡିଛି। ଯଦିଓ ଷ୍ଟେସନ ସମ୍ମୁଖରେ ଶୁଳ୍କ ଦେୟ ଶୌଚାଳୟ ରହିଛି, ତଥାପି କିଛି ବ୍ୟକ୍ତି ଆହାର କେନ୍ଦ୍ର ସାମ୍ନା କାନ୍ଥ ଏବଂ ଜଳ ଏଟିଏମ ନିକଟରେ ପରିସ୍ରା କରୁଛନ୍ତି। ସେପଟେ ରେଳ ଷ୍ଟେସନ ବାହାର ଖୋଲା ଅଂଚଳରେ ପରିସ୍ରା କରିବାକୁ ରେଳ ସୁରକ୍ଷା ବଳ ପକ୍ଷରୁ ବାରଣ ସହ ସଚେତନତା ଫଳକ ଓ ଜରିମାନା ଆଦାୟ କରାଯାଉଥିଲେ ବି କିଛି ଆମାନିଆ ନିୟମ ମାନୁନଥିବା ଦେଖିବାକୁ ମିଳିଛି।

ଅନ୍ୟପଟେ ରାତିରେ ଏହି ସ୍ଥାନରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ମଦ ବୋତଲ ବି ପଡିଥିବା ଦେଖିବାକୁ ମିଳିଛି। ତେଣୁ ତୁରନ୍ତ ବ୍ରହ୍ମପୁର ମହାନଗର ନିଗମ ଏଠାକାର ସ୍ୱଚ୍ଛତା ଦିଗରେ କାର୍ଯ୍ୟ କରିବା ସହ ଜଳ ଏଟିଏମକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି। ଏଥିସହ ସ୍ୱଚ୍ଛତା ଆଣିବାକୁ ହେଲେ ଲୋକଙ୍କୁ ଆହୁରି ସଚେତନ କରାଯିବାର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ କହିଛନ୍ତି।



## ବିଜେଡି ଜିଲ୍ଲା ସଭାପତି ଯୋଗେଶ କୁମାର ସିଂହଙ୍କୁ ଭବ୍ୟ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୯।୭ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ସ୍ଥିତ ଓଡିଟୋରିୟମ ହଲରେ ବୁଧବାର ଦିନ ହେମଗିର ବିଜୁ ଜନତା ଦଳର ସଭାପତି ସୁକାନ୍ତ ପତିଙ୍କ ତତ୍ତ୍ୱାବଧାନରେ ସୁନ୍ଦରଗଡ଼ ବିଜୁ ଜନତା ଦଳର ଜିଲ୍ଲା ସଭାପତି ଭାବରେ ସଦର ବିଧାୟକ ଯୋଗେଶ କୁମାର ସିଂହଙ୍କୁ ମନୋନୀତ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ କୃଷକ ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ ଗୋପାଳ ପ୍ରଧାନ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତି ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କାଶିନାଥ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଉଦିତ ସେଠ, ଜିଲ୍ଲା ପରିଷଦ ସଭ୍ୟା ମହିମା ସେଠ, ସୁମନ୍ତ ପଣ୍ଡା, ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜନା ପଣ୍ଡା,ସଦର ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ, ପୂର୍ବତନ ନଗରପାଳ ସୁନ୍ଦରଗଡ଼ ବେଣୁଧର ତାଣ୍ଡିଆ ପ୍ରମୁଖ ଉପସ୍ଥିତ ଥିଲେ। ହେମଗିର ବିଜୁ ଜନତା ଦଳ ଓ ବରପାଲି ଗ୍ରାମବାସୀଙ୍କ ତରଫରୁ ବିଧାୟକଙ୍କୁ "ମାଟିର ପୁଅ" ସମ୍ମାନରେ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ହେମଗିର ବ୍ଲକର ୧୯ଟି ପଞ୍ଚାୟତର ବିଜେଡି କର୍ମୀମାନେ ଉପସ୍ଥିତ ଥିଲେ। ସୁକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ବିଜୁ ଯୁବ ଛାତ୍ର ଜନତା ଦଳର ସଭାପତି କଳାକାର୍ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ସାମାଜିକ କର୍ମୀ ଅଶୋକ ପରିଡ଼ାଙ୍କୁ ପ୍ରକୃତି ବନ୍ଧୁ ସମ୍ମାନ



**କନ୍ଧମାଳ,୯।୭ (ସଂଚାର ବ୍ୟୁରୋ):** ଜିଲାସ୍ତରୀୟ ୭୬ତମ ବନ ମହୋତ୍ସବ ଉପଲକ୍ଷେ ଫୁଲବାଣୀ ବନଖଣ୍ଡ ସମ୍ମିଳନୀ କକ୍ଷରେ ଫୁଲବାଣୀ ବନଖଣ୍ଡ ଅଧିକାରୀ ପ୍ରତାପ କୋଟପାଲୀଙ୍କ ଅଧ୍ୟକ୍ଷତାରେ ପାଳନ କରାଯାଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ରରେ ଜଙ୍ଗଲ ସୁରକ୍ଷା ,ବୃକ୍ଷ ରୋପଣ, ବୃକ୍ଷକୁ ବଞ୍ଚାଇବା, ପରିବେଶ ସୁରକ୍ଷା,ଜୈବ ବିବିଧତା ରକ୍ଷା କରିବା, ଜଳ ପରିଚାଳନା,ଉତ୍ତାପ ବୃଦ୍ଧି ଇତ୍ୟାଦି ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ କନ୍ଧମାଳ ଜିଲାର ସାମାଜିକ କର୍ମୀ ଅଶୋକ ପରିଡାଙ୍କୁ ଅତିଥିମାନେ ମଞ୍ଚରେ ପ୍ରକୃତି ବନ୍ଧୁ ସମ୍ମାନରେ ସମ୍ବର୍ଦ୍ଧିତ କରିଥିଲେ। ଅଶୋକ ପରିଡା ୧୯୯୨ମସିହାରୁ ଜିଲା ପରିବେଶ ସମିତି ଆନୂକୁଲ୍ୟରେ ଅବିଭକ୍ତ ବୌଦ୍ଧ ଫୁଲବାଣୀ ଜିଲାରେ ଜଙ୍ଗଲ ସୁରକ୍ଷା ଓ ପରିବେଶ ସୁରକ୍ଷା ସଚେତନତା ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଆସୁଛନ୍ତି। ପୂର୍ବରୁ ଫୁଲବାଣୀରେ ପରିମଳ କାର୍ଯ୍ୟକ୍ରମରେ ଉଲ୍ଲେଖନୀୟ କାର୍ଯ୍ୟ କରି ଉଦ୍ଭିଦ ମିତ୍ର ଓ ପୌର ପରିଷଦ ପକ୍ଷରୁ ଶ୍ରେଷ୍ଠ ପରିମଳ ପୁରସ୍କାରରେ ପୁରସ୍କୃତ ହୋଇଥିଲେ। ୭୬ ତମ ବନ ମହୋତ୍ସବ ପାଳନ ଅବସରରେ ସକାଳୁ କେନ୍ଦ୍ରୀୟ ବିଦ୍ୟାଳୟ ପାର୍କ ନିକଟରେ ବୃକ୍ଷ ରୋପଣ କରାଯାଇଥିଲା। ଏହି ଆଲୋଚନାରେ ବୌଦ୍ଧ ଜଙ୍ଗଲ ବିଭାଗ କର୍ପୋରେସନର ସାଧାରଣ ପରିଚାଳକ ପ୍ରଭାକର ନାୟକ,ଜି ଉଦୟଗିରି ଫରେଷ୍ଟ ତାଲିମ କଲେଜର ଅଧ୍ୟକ୍ଷ ଦିବାକର ବେହେରା ବାଲିଗୁଡା ଏସିଏଫ ସୂର୍ଯ୍ୟକାନ୍ତ ବେହେରା, ଜି ଉଦୟଗିରି ଏସିଏଫ କାଜଲ ନାୟକ, ଫୁଲବାଣୀ ବନଖଣ୍ଡର ସ୍ୱଚ୍ଛାସେବୀ ପାଟନର ପାହାଡର ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।ଏହି ଅବସରରେ ବାଲିଗୁଡା କଲେଜର ଅଧାପକ ବିଭୁତି ଭୂଷଣ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବ୍ଲକର ଆଠ ଜଣଙ୍କୁ ପ୍ରକୃତି ବନ୍ଧୁ ଓ ସୁଡ୍ରୁକୁମ୍ପା ନୂଆସାହି ବନ ସଂରକ୍ଷଣ ସମିତିକୁ ବିଜୁ ପଟନାୟକ ବନ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଭିଟାମାଟିକୁ ଫେରୁଛି ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ଦାଦନ ଶ୍ରମିକଙ୍କ ଶବ



**ଭବାନୀପାଟଣା,୯।୭ (ସଂଚାର ବ୍ୟୁରୋ):** ବିଦ୍ୟୁତ ସଂସ୍ପର୍ଶରେ ଆସି ପେଟ ପାଇଁ ଦାନା ଯୋଗାଡ଼ କରିବା ପାଇଁ ଅନ୍ୟ ରାଜ୍ୟ କୁ ଯାଇଥିବା ଜଣେ ଦାଦନ ଶ୍ରମିକଙ୍କ ହାଇଦ୍ରାବାଦ ବାହାଦୂର ପାଳି ଠାରେ ଦୁଃଖଦ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ପଞ୍ଚାୟତ କୁମୁଡ଼ାମୁଣ୍ଡା ଗ୍ରାମର ଭୁବନେଶ୍ୱର ବେଶ୍ରାଙ୍କ ଭେଣ୍ଡିଆ ପୁଅ ରାଜ କିଶୋର ବେଶ୍ରା ହାଇଦ୍ରାବାଦ ସହର ବାହାଦୂର ପାଳି ର ଏକ ଠିକାସଂସ୍ଥା ରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ସେ ଘରର ଆର୍ଥିକ ସ୍ଥିତି ଶୋଚନୀୟ କାରଣରୁ ମାସେ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଗତକାଲି ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ବିଦ୍ୟୁତ ଆଘାତରେ ଗୁରୁତର ହେବାରୁ ସାଥି ଶ୍ରମିକ ଚିକିତ୍ସା ପାଇଁ ସରକାରୀ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ସରକାରୀ ମେଡ଼ିକାଲରେ ତାଙ୍କ ମୃତ୍ୟୁ ହୋଇଥିଲା । ତେବେ ଖବର ପାଇ ଘଟଣା ସ୍ଥଳରେ ହାଇଦ୍ରାବାଦ ପୁଲିସ ପହଞ୍ଚି ଶବ ଜବତ କରିବା ସହ,ଶବ ବ୍ୟବଚ୍ଛେଦ କରି ସମ୍ପର୍କୀୟ ଙ୍କୁ ହସ୍ତାନ୍ତର କରିଛି। ପରେ ଠିକାସଂସ୍ଥା ସହାୟତାରେ ଏକ ଆମ୍ବୁଲାନ୍ସ ରେ ମୃତ ଶ୍ରମିକଙ୍କ ଶବ ନିଜ ଭିଟମାଟିକୁ ଫେରୁଥିବା ସୂଚନା ମିଳିଛି। ଏପଟେ ଯେଉଁ ଭେଣ୍ଡିଆ ପୁଅ ର ରୋଜଗାରରେ ପରିବାର ଦୁଇ ମୁଠା ଖାଇବାକୁ ପାଉଥିଲେ ତାଙ୍କୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ଘଟଣାକୁ ନେଇ ସ୍ଥାନୀୟ ପ୍ରଶାସନ ସରକାରୀ ସ୍ତରରେ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ମାନେ ଦାବି କରିଛନ୍ତି।

## ନଦୀକୁ ଗାଧୋଇବାକୁ ଯାଇ ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**କଳିଙ୍ଗନଗର,୯।୭ (ସଂଚାର ବ୍ୟୁରୋ):** ସୁକିନ୍ଦା ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଗଦାଧର ରାଉତଙ୍କ ପୁଅ ଷଣ୍ଢ ରାଉତ (୮୦)ବୁଧବାର ଭୋର ୪ଟା ସମୟରେ ପାଣ୍ଡରା ନଦୀକୁ ଗାଧୋଇବାକୁ ଯାଇଥିଲେ, ହେଲେ ଦୀର୍ଘ ସମୟ ବିତିଯାଇଥିଲେ ସୁଦ୍ଧା ଘରକୁ ଫେରି ନ ଥିଲେ। ପରିବାର ଲୋକ ଗାଧୋଇ ସାରି ଫେରିବାର ବିଳମ୍ବ ହେବାରୁ ନଦୀକୁ ଯାଇ ବହୁ ଖୋଜା ଖୋଜି କରିଥିଲେ। ଯାଜପୁର ରୋଡ଼ ଥାନା ଅନ୍ତର୍ଗତ ରାଉତରାପୁର ନିକଟରୁ ଅପରାହ୍ନ ୪ଟା ସମୟରେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ମୃତ ବୃଦ୍ଧଙ୍କ ଶବକୁ ବ୍ୟବେଚ୍ଛେଦ ନିମନ୍ତେ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି।

## ଦ୍ୱିତୀୟ ଦିନରେ ଡ୍ରାଇଭର ସଂଘର ଆନ୍ଦୋଳନ



**ନର୍ଲା,୯।୭ (ସଂଚାର ବ୍ୟୁରୋ):** ଓଡ଼ିଶା ଡ୍ରାଇଭର ମହାସଂଘ ପକ୍ଷରୁ ରାଜ୍ୟବ୍ୟାପୀ ଚାଲିଥିବା ଷ୍ଟିୟରିଂ ଛାଡ଼ ଆନ୍ଦୋଳନ ଓ ଧର୍ମଘଟ ବୁଧବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ନର୍ଲା ବ୍ଲକ ଡ୍ରାଇଭର ସଂଘର ସଭାପତି ବିମନ୍ତ ପଧାନଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତା ଓ ୨୬ ଗୋଟି ପଞ୍ଚାୟତର ସଭାପତି ଏବଂ ସଦସ୍ୟମାନେ ୪ ଗୋଟି ସ୍ଥାନରେ ଧାରଣାରେ ବସିଛନ୍ତି। ଛତିକୁଡ଼ା ଛକରେ ବ୍ଲକ ସଭାପତି ବିମନ୍ତ ପ୍ରଧାନ, ଯୁଗ୍ମ ସମ୍ପାଦକ ପଙ୍କଜ ଗଉଡଙ୍କ ସମେତ ୮ଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ଶତାଧିକ ଡ୍ରାଇଭର ସାମିଲ ହୋଇଛନ୍ତି। ନର୍ଲା ଚାରିଛକରେ ସଂଘର ଉପସଭାପତି ରବି ଧରୁଆ, ସାଧାରଣ ସମ୍ପାଦକ ଯଶୋବନ୍ତ ନିଆଲ, କୋଷାଧ୍ୟକ୍ଷ ଧନେଶ୍ୱର ସାହୁ, ୯ଟି ପଞ୍ଚାୟତର ସଭାପତି ଓ ସଦସ୍ୟମାନେ ଧାରଣାରେ ବସିଛନ୍ତି। ରାକ୍ସି ପେଟ୍ରୋଲ ପମ୍ପ ଛକରେ ସଂଘର କର୍ମେଗାଁ ପଞ୍ଚାୟତ ସଭାପତି ହରି କରୁଆଁ, ସରିଆଁ ପଞ୍ଚାୟତ ସଭାପତି ଅଭିମନ୍ୟୁ ମାଝୀ, ରାକ୍ସି ପଞ୍ଚାୟତ ସଭାପତି ଲିଙ୍ଗରାଜ ପୋଢ, ରୁପ୍ରା ସଭାପତି ଅନ୍ତରାମ ଭୋଇ, ପଲମ ଛକରେ ଗିଗିନା ପଞ୍ଚାୟତ ସଭାପତି ଯୁଗେଶ୍ୱର ସାହୁଙ୍କ ସମେତ ୪ଟି ପଞ୍ଚାୟତର ସଭାପତି ଓ ଡ୍ରାଇଭରମାନେ ସାମିଲ ହୋଇଛନ୍ତି। ଡ୍ରାଇଭର ସଂଘର ଆନ୍ଦୋଳନ ଯୋଗୁଁ ପରିବହନ ସେବା ଓ ଯାତ୍ରୀ ସେବା ପ୍ରଭାବିତ ହୋଇଛି।

## କରମଳାରେ ବନ ମହୋତ୍ସବ

**କଣାସ,୯।୭ (ସଂଚାର ବ୍ୟୁରୋ):**କଣାସ ବ୍ଲକ ଅନ୍ତର୍ଗତ ଆଳିବାଡ଼ ଗ୍ରାମପଞ୍ଚାୟତରେ ପ୍ରତିଷ୍ଠିତ ଶ୍ରୀ ଅଭିରାମ ନୋଡାଲ ବିଦ୍ୟାପୀଠ କରମଳା ଠାରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରେ କରମଳା ଗ୍ରାମର ପୂର୍ବ ପଟେ ଥିବା ପୋଖରୀର ଚାରି ପଟେ ବିଦ୍ୟାଳୟର ସ୍କାଉଟ, ଗାଇଡି, ଜୁନିୟର ରେଡକ୍ରସ୍, ଇକୋ କ୍ଲବର ଛାତ୍ରଛାତ୍ରୀମାନଙ୍କ ସହାୟତାରେ ଆଳିବାଡ଼ ଗ୍ରାମପଞ୍ଚାୟତର




ସରପଞ୍ଚ ଓ କରମଳା ଗ୍ରାମବାସୀଙ୍କ ଉପସ୍ଥିତିରେ ପ୍ରଧାନଶିକ୍ଷକ ସୁଶୀଲ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ସମାହିତ ହୋଇଛି। ଏହି ଉପଲକ୍ଷେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା।ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷିକା ଓ ଶିକ୍ଷା କର୍ମଚାରୀ ପରିଚାଳନା କରିଥିଲେ।

### ଲଗାଣ ବର୍ଷାରେ ଭାଙ୍ଗିଲା ମାଟିଘର

## ଖୋଲା ଆକାଶ ତଳେ ଅସହାୟ ପରିବାର

**ଫିରିଙ୍ଗିଆ,୯।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ପାହିରାଜୁ ଗ୍ରାମର ଅସ୍ତ ଦିଗାଲ ବୟସ ୩୩ ବର୍ଷ, ପକ୍କା ଘର ତାଙ୍କ ପାଇଁ ସାତ ସପନ ପାଲଟିଛି। ସରକାର ଗରିବ ଅସହାୟ ବାସହୀନ ହିତାଧିକାରୀ ଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମାଧମରେ ଗୃହ ଯୋଗାଇ ଦେଉଛନ୍ତି ସତ କିନ୍ତୁ ପ୍ରଶାସନ ଅବହେଳା ଯୋଗୁଁ ଆଜି ବି ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ।ଚାଳଛପର ଘରେ ୫ ପ୍ରାଣୀ କୁଟୁମ୍ବ ବହୁତ କଷ୍ଟରେ ରହି ଆସୁଥିଲେ। ଗତ ୪ ଦିନ ପୂର୍ବେ ରବିବାର ରାତି ପ୍ରାୟ ୧୧:୩୦ମିନିଟରେ ହୋଇଥିବା ଲଗାଣ ବର୍ଷାରେ ତାଙ୍କ ଛପର ଖଞ୍ଜା ଘର ଅଧା ଅଂଶ ଭୁଶୁଡ଼ି ପଡ଼ିଛି। ଏଥି ସହିତ ଗୁହାଳ କାନ୍ଥ ମାଡ଼ି ବସିଲା ଫଳରେ ତାଙ୍କର ଗୋଟିଏ ଗାଈ ଓ ଦୁଇଟି ଛେଳିଙ୍କ ମୃତ୍ୟୁ ହୋଇଛି। ଏଭଳି ପରିସ୍ଥିତିରେ ପରିବାର ସଦସ୍ୟ ମୁଣ୍ଡ ଗୁଞ୍ଜିବାକୁ ଦହଗଞ୍ଜ ହେଉଛନ୍ତି।

ଅସ୍ତଙ୍କ ପରିବାର କହିଲେ ତାଙ୍କ ପତ୍ନୀ, ୨ ପୁଅ ଓ ଅସ୍ତର ମାଁ। ଅନ୍ୟ ଜମିରେ ଭାଗ ଚାଷ ଓ ମୂଲ ଲାଗି ପ୍ରତିପୋଷଣ କରନ୍ତି ଅସ୍ତ। ଗତ ରବିବାରରେ ଘର ଭାଙ୍ଗିଥିବା ଏନେଇ ବାଲନ୍ଦାପଡ଼ା ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ ମଧ କୌଣସି ଅଧିକାରୀ ଯାଞ୍ଚ ପାଇଁ ଆସିନଥିବା ସେ କହିଛନ୍ତି। ଏପଟେ ବର୍ଷା ଲାଗି ରହିଥିବାରୁ ପରିବାର ବହୁତ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏହି ଗରିବ ଅସହାୟ ପରିବାରକୁ ପକ୍କା ଘର ଖଣ୍ଡିଏ ଯୋଗାଇ ଦେବାକୁ ପାହିରାଜୁ ପଞ୍ଚାୟତ ସରପଞ୍ଚ କେଶବ କହଁର, ସମାଜ ସେବୀ ପତାନା ଦିଗାଲ, ଗୁପ୍ତେଶ୍ୱର ଦିଗାଲ ସମେତ ଗ୍ରାମବାସୀ ଦାବି କରିଛନ୍ତି। ଦେଖିବାକୁ ବାକି ରହିଲା ନୂତନ ସରକାର କେବେ ଏହି ଅସହାୟ ପରିବାରକୁ ପକ୍କାଘର ଖଣ୍ଡିଏ ଯୋଗାଇ ଦେଉଛନ୍ତି।



## ହିଞ୍ଜିଳିକାଟୁରେ ସାଧାରଣ ଧର୍ମଘଟ




**ହିଞ୍ଜିଳିକାଟୁ,୯।୭ (ସଂଚାର ବ୍ୟୁରୋ):** ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆ ସହ ସହବନ୍ଧିତ ଓଡିଶା ମନରେଗା ଶ୍ରମିକ ୟୁନିଅନ ଓ ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନ, ସଂଗ୍ରାମୀ ଶ୍ରମିକ ୟୁନିଅନ ନେତୃତ୍ୱରେ ଶହଶହ ଶ୍ରମିକମାନେ ହିଞ୍ଜିଳିକାଟୁର ରାଜରାସ୍ତାକୁ ଓହ୍ଲାଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ, କୃଷକ ଓ ସମସ୍ତ ଜନବିରୋଧୀ ନୀତିର ତୀବ୍ର ବିରୋଧ କରିଥିଲେ। ଗ୍ରାମୀଣ ଓଡ଼ିଶାର ସବୁଠାରୁ ଶକ୍ତିଶାଳୀ ମନରେଗା ଶ୍ରମିକଙ୍କ ନିର୍ଧାରିତ ସର୍ବନିମ୍ନ ମଜୁରୀ ଠାରୁ ବହୁ କମ୍ ମଜୁରୀ ଦେବା ଏବଂ କାମ ଦିଆଯାଉନଥିବାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ଶ୍ରମିକଙ୍କୁ ହାତକୁ ବର୍ଷକୁ ଅତି କମରେ ୨୦୦ ଦିନର କାମ ଦେବା ସହ ଦୈନିକ ମଜୁରି ୭୦୦ ଟଙ୍କା ଦାବି ରଖିଥିଲେ। ହିଞ୍ଜିଳିକାଟୁ ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ବ୍ୟାଙ୍କ, କଲେଜ, ଦୋକାନ, ବଜାର ଆଦି ପିକେଟିଂ କରି ବନ୍ଦ କରିଥିଲେ। ଏହାର ନେତୃତ୍ୱ ନେଇଥିଲେ ଟ୍ରେଡ ୟୁନିଅନ ସେଣ୍ଟର ଅଫ୍ ଇଣ୍ଡିଆର ଗଞ୍ଜାମ ଜିଲ୍ଲା କମିଟିର ନେତ୍ରୀ ପି ପାର୍ବତୀ, ଓଡ଼ିଶା ମନରେଗା ଶ୍ରମିକ ୟୁନିଅନର ଯଶୋଦା ନାୟକ, ସଂଗ୍ରାମୀ ଶ୍ରମିକ ୟୁନିଅନ ର ପି ଯୋଗେନ୍ଦ୍ର, ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିଅନର ଏନ ରାଜେଶ୍ୱରୀ, ମାମି ବେହେରା, ଜାମିନୀ ଦାସ, ନିଳାଦ୍ରି ବେହେରା, ଲକ୍ଷ୍ମୀ ନାୟକ, ସୁସାନ୍ତ ଦାସ, ଜୋସ୍ନା ଦାସ, ଅମୁଲି ନାୟକ ଆଦି ସାମିଲ୍ ହୋଇଥିଲେ।

## ମହାବିଦ୍ୟାଳୟରେ ଚାରାରୋପଣ

**ନୀଳଗିରି,୯।୭ (ସଂଚାର ବ୍ୟୁରୋ):** ବନମହୋତ୍ସବ ସପ୍ତାହ ପାଳନ ଅବସରରେ ନୀଳଗିରି ମହାବିଦ୍ୟାଳୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଅଛି। ଯୁବ ରେଡକ୍ରସ୍ ତରଫରୁ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉଳଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ବୃକ୍ଷ ହିଁ ଜୀବନ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଏହି ଅବସରରେ କଲେଜ ପରିସରରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରାଯାଇଥିଲା। ଏହି ଅବସରରେ ଅଧାପିକା ବନସ୍ମିତା ପଣ୍ଡା, ସୀମାରାଣୀ ସେଠୀ, ସୁଦେଷ୍ଣା ଚିରସ୍ରୋତା, ଶୁଭଶ୍ରୀ ଜେନା, ରୋଜିନା ରୋଜାଲିନ, ଲକ୍ଷ୍ମୀପ୍ରିୟା ସିଂ, ସଙ୍ଗୀତା ପାତ୍ର, ସୁକାନ୍ତ ପାତ୍ର, ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶରେ ଗୋଷ୍ଠିଗତ ପରିଚାଳନାର ଗୁରୁତ୍ୱ ଉପରେ ଆଲୋଚନା

**କନ୍ଧମାଳ,୯।୭ (ସଂଚାର ବ୍ୟୁରୋ):** ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶ ନ ହୋଇପାରିଲେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପୂରଣ ନିମନ୍ତେ ସୁସ୍ଥ ପଂଚାୟତ ଗଠନ ସମ୍ଭବ ହେବ ନାହିଁ । ଏହି ପରିପ୍ରେକ୍ଷିରେ ବେସିକ୍ ନିଡ୍ ଇଣ୍ଡିଆ, ବାଙ୍ଗାଲୋର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀଙ୍କ ମିଳିତ ସହଯୋଗରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି କନ୍ଧମାଳଙ୍କ ସମ୍ମିଳନୀ କକ୍ଷରେ "ମାନସିକ ଅସୁସ୍ଥ ବ୍ୟକ୍ତିଙ୍କ ସାମଗ୍ରିକ ବିକାଶରେ ଗୋଷ୍ଠିଗତ ପରିଚାଳନାର ଗୁରୁତ୍ୱ" ଶିର୍ଷକ ଏକ ଜିଲ୍ଲା ସ୍ତରୀୟ ଦିନିକିଆ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ବେସିକ ନିଡ୍ ଇଣ୍ଡିଆ, ବାଙ୍ଗାଲୋରଙ୍କ ତରଫରୁ ଯୁଭମ୍ ଫର୍ଣ୍ଣାଡିସ୍ ଗୋଷ୍ଠିଗତ ମାନସିକ ସ୍ୱାସ୍ଥ୍ୟ ଓ ବିକାଶ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ କହିବା ସହ ସ୍ୱାତୀ ଅନୁଷ୍ଠାନ ସହିତ ଅନୁବନ୍ଧିତ ହୋଇ କାର୍ଯ୍ୟକ୍ରମ କନ୍ଧମାଳ ଜିଲ୍ଲାରେ ପରିଚାଳିତ ହେବା କଥା କହିଥିଲେ। ଟିକାବାଲି ଓ କ.ନୂଆଗାଁ ବ୍ଲକ୍ ରେ କାର୍ଯ୍ୟକାରୀ ହେଉଥିବା ମାନସିକ




ସ୍ୱାସ୍ଥ୍ୟ ପ୍ରକଳ୍ପ ବିଷୟରେ ସଂଯୋଜକ ଗିରିଶଚନ୍ଦ୍ର ସାମଲ ସମସ୍ତଙ୍କୁ ଅବଗତ କରାଇଥିଲେ ।

ଏହି ଆଲୋଚନା ଚକ୍ରରେ ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ମାନସିକ ଅସୁସ୍ଥ ବ୍ୟକ୍ତି ମାନଙ୍କର ସାମଗ୍ରିକ ବିକାଶ ନିମନ୍ତେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନ ମାନଙ୍କର ସହଯୋଗର ଆବଶ୍ୟକତା ରହିଛି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରି ସ୍ନେହଲତା ସାହୁ ଯୋଗଦେଇ ଜଣେ ମାନସିକ ଅସୁସ୍ଥ ମହିଳା ଗର୍ଭବତୀ ହେବାପରେ କିପରି ତାକୁ ଯତ୍ନ ନେଇ ଏକ ସୁସ୍ଥ ଶିଶୁ କୁ ଜନ୍ମ କରାଯାଇ ପାରିବ ସେ ପ୍ରତି ଦୃଷ୍ଟି ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଆଲୋଚନାରେ ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ତରଫରୁ ମାଳତି ବେହେରା, ଅତିରିକ୍ତ ଜିଲ୍ଲା ପ୍ରଣୀ ଚିକିତ୍ସା ଅଧିକାରି ଡାକ୍ତର ପ୍ରଣବ ପଟ୍ଟନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ଶଶକ୍ତି କରଣ ବିଭାଗ ତରଫରୁ ଦିନେଶ କୁମାର କହଁର, ରୋଟାରୀ କ୍ଲବ୍, ଫୁଲବାଣୀ ତରଫରୁ ସଭାପତି ପ୍ରକାଶ କୁମାର ପଣ୍ଡା, ଅନୁଷ୍ଠାନର ସମ୍ପାଦକ ହରି ଶଙ୍କର ରାଉତ ପ୍ରମୁଖ ନିଜର ମତାମତ ଦେଇଥିଲେ।

### ଆଦର୍ଶ ବିଦ୍ୟାଳୟରେ ନିମ୍ନମାନର ମଧ୍ୟାହ୍ନଭୋଜନ

## କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ମହଲରେ ଦାବି



**କଳାହାଣ୍ଡି,୯।୭ (ସଂଚାର ବ୍ୟୁରୋ):** ଗୋଲାମୁଣ୍ଡା ଆଦର୍ଶ ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ଅତି ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉ ଥିବା ଭିଡିଓ ଭାଇରାଲ ହେଉଛି, ତରକାରୀରେ କେବଳ ଟିକେ ଆଳୁ ସହ ସ୍ୱାବିନ ବଡି ସିଝାଇଲା ପରି ଭିଡିଓ ରେ ସ୍ପଷ୍ଟ ଦେଖା ଯାଉଛି। ସରକାରଙ୍କ ସ୍ଥିର ଥିବା ମାନର କୌଣସି ଭାତ କିମ୍ବା ତରକାରୀ ଡାଲି ଅଣ୍ଡା ଦେଉ ନାହାନ୍ତି ବୋଲି ଅଭିଭାବକ ମହଲରେ ଦାବି ହେଉଥିବା ବେଳେ ଦୀର୍ଘ ବର୍ଷ ଧରି ଏକ କ୍ଷମତାଶାଳୀ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟାହ୍ନ ଭୋଜନ ଦେଇ ଆସୁଥିବା ବେଳେ ରାଜ୍ୟର ତଥା ଜୁନାଗଡ଼ ନିର୍ବାଚନ ମଣ୍ଡଳୀର ଜଣେ ଟାଣୁଆ ନେତାଙ୍କ ଆଶୀର୍ବାଦ ସେହି ମହିଳା ଗୋଷ୍ଠୀଙ୍କ ଉପରେ ରହିଛି। ତେଣୁ ସ୍କୁଲ କର୍ମଚାରୀ କିମ୍ବା ଛାତ୍ରଛାତ୍ରୀ ବା ଅଭିଭାବକ ମୁହଁ ଖୋଲୁ ନ ଥିବା ଚର୍ଚ୍ଚାର ବିଷୟ ପାଲଟିଛି। ତେଣୁ ଏହି ଭାଇରାଲ ହେଉଥିବା ଭିଡିଓକୁ ନେଇ ତଦନ୍ତ କରି ମଧ୍ୟାହ୍ନଭୋଜନ ଯୋଗାଉଥିବା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବିରୁଦ୍ଧରେ ବା ସଂଶ୍ଳିଷ୍ଟ ଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ, ଜିଲ୍ଲା ଓ ଗୋଷ୍ଠୀ ଶିକ୍ଷା ଅଧିକାରି, ବ୍ଲକ ଅଧକ୍ଷ ଓ ବିଡ଼ିଓଙ୍କୁ ଅଭିଭାବକ ସହ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଫୋକସ୍‌ରେ ଗ୍ୟାଜେଟ୍

# ବଜାରରେ ଦୁଇ ନୂଆ ସ୍ମାର୍ଟଫୋନ୍

ତାଇୱାନ୍‌ର ଅନ୍ୟତମ କମ୍ପ୍ୟୁଟର ନିର୍ମାତା ଏସର୍ 'ସୁପର ଜେଡ୍‌ଏକ୍ସ' ଓ 'ସୁପର ଜେଡ୍‌ଏକ୍ସ ପ୍ରୋ' ନାମରେ ଦୁଇଟି ନୂତନ ସ୍ମାର୍ଟଫୋନ୍ ସହିତ ଭାରତୀୟ ସ୍ମାର୍ଟଫୋନ୍ ବଜାରକୁ ପୁନଃପ୍ରବେଶ କରିବାକୁ ଯାଉଛି। ଆସନ୍ତା ୨୫ ତାରିଖରୁ 'ଆମାଜନ୍'ରେ ଉପଲବ୍ଧ ହେବାକୁ ଥିବା 'ସୁପର ଜେଡ୍‌ଏକ୍ସ' ହେଉଛି ଏକ ସୁଲଭ ସ୍ମାର୍ଟଫୋନ୍। ଏଥିରେ ୧୨୦ ହର୍ଜର ରିଫ୍ରେସ୍ ରେଟ୍ ବିଶିଷ୍ଟ ୬.୮ ଇଞ୍ଚର ଫୁଲ୍‌ଏଚ୍‌ଡି ପ୍ଲସ୍ ପରଦା ରହିଛି। ମିଡିଆଟେକ୍ ଡିମେନ୍‌ସିଟି ୬୩୦୦ ଏସ୍‌ଓସି ଦ୍ୱାରା ପରିଚାଳିତ ଏହି ଫୋନ୍‌ର ୮ ଜିବି ଯାଏ ରାମ୍ କ୍ଷମତା ରହିଛି। ଏଥିରେ ଏକ ୬୪ ଏମ୍‌ପି ମୁଖ୍ୟ କ୍ୟାମେରା ଓ ୧୩ ଏମ୍‌ପି ସେଲ୍‌ଫି କ୍ୟାମେରା ରହିଛି। ୫,୦୦୦



ଏମ୍‌ଏଏଚ୍‌ର ବ୍ୟାଟେରି ସାଙ୍ଗକୁ ୮.୬ ମି.ମି.ର ପତଳା ଆକାର ଗ୍ରହକଙ୍କୁ ଆକର୍ଷିତ କରିବ ବୋଲି କମ୍ପାନି ଆଶା ରଖିଛି।

ସେହିପରି 'ସୁପର ଜେଡ୍‌ଏକ୍ସ ପ୍ରୋ'ରେ ୧୨୦ ହର୍ଜ ରିଫ୍ରେସ୍ ରେଟ୍ ଓ ଡଲ୍‌ବି ଭିଜନ୍ ସପୋର୍ଟ ସହିତ ୬.୭ ଇଞ୍ଚର ଫୁଲ୍‌ଏଚ୍‌ଡି ପ୍ଲସ୍ ଆମୋଲେଡ୍ ପରଦା ରହିଛି। ମିଡିଆଟେକ୍ ଡିମେନ୍‌ସିଟି ୭୪୦୦ ଚିପ୍ ଦ୍ୱାରା ପରିଚାଳିତ ଏହି ଫୋନ୍‌ର ରାମ୍ କ୍ଷମତା ସର୍ବାଧିକ ୧୨ ଜିବି। ଏଥିରେ ୫,୦୦୦ ଏମ୍‌ଏଏଚ୍ ବ୍ୟାଟେରି, ଥର୍ମାଲ୍ କୁଲିଂ ପ୍ରଣାଳୀ ଏବଂ ଆଇପି୬୪ ରେଟିଂ ପରି ଫିଚର୍ ରହିଛି। ଏହାର ୫୦ ଏମ୍‌ପି ପ୍ରାଥମିକ କ୍ୟାମେରା, ୫ ଏମ୍‌ପି ଅଲ୍‌ଟ୍ରା-ୱାଇଡ୍ ଓ ୨ ଏମ୍‌ପି ମାକ୍ରୋ ଲେନ୍‌ସ ସହ ୫୦ ଏମ୍‌ପିର ସେଲ୍‌ଫି କ୍ୟାମେରା ମଧ୍ୟ ରହିଛି। 'ସୁପର ଜେଡ୍‌ଏକ୍ସ'ର ଦାମ୍ ୯,୯୯୦ ଟଙ୍କା; 'ସୁପର ଜେଡ୍‌ଏକ୍ସ ପ୍ରୋ'ର ମୂଲ୍ୟ ୧୭,୯୯୦ ଟଙ୍କା ରଖାଯାଇଛି।



# ମଣିଷ-ଡଲ୍‌ଫିନ୍ କଥାବାର୍ତ୍ତା !

**ଗୁଗଲ୍ ଦ୍ୱାରା ବିକଶିତ 'ଡଲ୍‌ଫିନ୍‌ଗେମା' ନାମକ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ ଡଲ୍‌ଫିନ୍‌ର ଆଚରଣ ଓ କଣ୍ଠସ୍ୱରକୁ ବୁଝି ସେମାନେ କ'ଣ ପ୍ରକାଶ କରିବାକୁ ଚାହୁଁଛନ୍ତି ତାହା ଅନୁଶୀଳନ କରି କହିପାରୁଛି।**

ସମ୍ପ୍ରତି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଯୁକ୍ତିବିଦ୍ୟା ଅନେକ ଶିଳ୍ପକୁ ପ୍ରଭାବିତ କରୁଛି ଏବଂ ବିଭିନ୍ନ କ୍ଷେତ୍ରରେ ମନୁଷ୍ୟକୁ ସହାୟତା କରୁଛି। ଏହି କ୍ରମରେ ଆମେରିକାର ଅନ୍ୟତମ ଲୋକପ୍ରିୟ ପ୍ରଯୁକ୍ତି କମ୍ପାନି ଗୁଗଲ୍ ଏକ ନୂତନ ଲାର୍ଜ ଲାଙ୍ଗୁଏଜ୍ ମଡେଲ୍ (ଏଲ୍‌ଏଲ୍‌ଏମ୍) ବିକଶିତ କରି ଅକଳ୍ପନୀୟ ସଫଳତା ହାସଲ କରିଛି। ଏହି ଏଲ୍‌ଏଲ୍‌ଏମ୍ ବଳରେ ପ୍ରଥମ ଥର ଡଲ୍‌ଫିନ୍ ସହ ମଣିଷ କଥାବାର୍ତ୍ତା କରିବାର ସୁଯୋଗ ସୃଷ୍ଟି ହୋଇଛି। ଗୁଗଲ୍ ଓ ଜର୍ଜିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଗବେଷକମାନେ 'ଡଲ୍‌ଫିନ୍‌ଗେମା' ନାମକ ଏକ ଏଲ୍‌ଏଲ୍‌ଏମ୍ ଏବଂ ଏହାର ସିଟାସିଆନ୍ ହିଅରିଂ ଅଗମେଣ୍ଟେସନ୍ ଟେଲିମେଟ୍ରି (ଚାଟ୍) ପ୍ରଣାଳୀର ପରୀକ୍ଷାନିରୀକ୍ଷା ଜାରି ରଖିଛନ୍ତି। ଏଥିରୁ ଡଲ୍‌ଫିନ୍‌ର କଣ୍ଠସ୍ୱର ଓ ଆଚରଣକୁ ଅନୁକରଣ କରିହେବ ବୋଲି ସେମାନେ ଆଶାବାଦୀ ଅଛନ୍ତି।

ଉଲ୍ଲେଖଯୋଗ୍ୟ, ନିରୀହ ଡଲ୍‌ଫିନ୍‌କୁ ଅନ୍ୟତମ ବୁଦ୍ଧିମାନ ସାମୁଦ୍ରିକ ପ୍ରାଣୀ ଭାବେ ବିବେଚନା କରାଯାଏ। ସେମାନଙ୍କ ଜଟିଳ ସାମାଜିକ ସମ୍ପର୍କ ଦୀର୍ଘ ଚାରି ଦଶନ୍ଧି ଧରି ୱାଇଲ୍ଡ ଡଲ୍‌ଫିନ୍ ପ୍ରକଳ୍ପ (ଡବଲ୍ୟୁଡିପି)ର ଗବେଷକଙ୍କ ପାଇଁ ଅଧ୍ୟୟନର ବିଷୟ ହୋଇ ଆସିଛି। ଏହି ପ୍ରକ୍ରିୟା ମାଧ୍ୟମରେ ଗବେଷକମାନେ ବାହାମାସ୍ ଉପକୂଳର ପାଣି ତଳେ ଆଟଲାଣ୍ଟିକ୍ ଡଲ୍‌ଫିନ୍‌ର ଅଡିଓ ଓ ଭିଡିଓ ସଂଗ୍ରହ କରିଛନ୍ତି। ଗବେଷକମାନେ ସଂପୃକ୍ତ ଜାତିର ପ୍ରେମ ସମ୍ପର୍କ ଓ ଝଗଡ଼ା ଆଦି ଆଚରଣ ସହ ସେମାନେ ସୃଷ୍ଟି କରୁଥିବା ଶବ୍ଦର ସମ୍ପର୍କ ନିରୂପଣ କରିପାରିଛନ୍ତି।

ଡଲ୍‌ଫିନ୍ ସହ ମନୁଷ୍ୟର ଯୋଗାଯୋଗ ସମ୍ଭବ ବୋଲି ବିଶ୍ୱାସ କରାଯାଏ, ତେବେ ପାଣି ତଳେ ସେମାନଙ୍କ ସୁସୁକାରି ଓ ସ୍ପନ୍ଦନ ଆଦିକୁ ବିଶ୍ଳେଷଣ ଓ ଅନୁକରଣ କରିପାରୁଥିବା ଉନ୍ନତ ପ୍ରଯୁକ୍ତିର ଅଭାବ ଯୋଗୁଁ ତାହା ପୂର୍ବରୁ ଅସମ୍ଭବ ଥିଲା। ତେବେ ଗୁଗଲ୍‌ର ଜେମିନି ପ୍ରଯୁକ୍ତି ଉପରେ ଆଧାରିତ 'ଡଲଫିନଗେମା' ମାଧ୍ୟମରେ ତାହା ଏବେ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଏ। ଯଦିଓ ଏହି ପ୍ରଣାଳୀ ଡଲ୍‌ଫିନ୍‌ର ପ୍ରାକୃତିକ ଯୋଗାଯୋଗ ପ୍ରକ୍ରିୟାକୁ ସଂପୂର୍ଣ୍ଣ ଭାବେ ଅନୁବାଦ କରିପାରିବ ନାହିଁ, ତେବେ ଏହା ମଣିଷକୁ ଏକ ଅଧିକ ସରଳୀକୃତ ସହଭାଗୀ ଶବ୍ଦକୋଷ ପ୍ରସ୍ତୁତିରେ ସାହାଯ୍ୟ କରିପାରିବ ବୋଲି ଗବେଷକମାନେ ଆଶ୍ୱସ୍ତ ଅଛନ୍ତି।

## ରୟାଲ୍ ଏନ୍‌ଫିଲ୍ଡ କ୍ଲାସିକ୍ ୬୫୦



ରୟାଲ୍ ଏନ୍‌ଫିଲ୍ଡ ତରଫରୁ ବଜାରକୁ ଆସିଛି ନୂଆ କ୍ଲାସିକ୍ ୬୫୦ ମଡେଲ। ଏହାର ପ୍ରାରମ୍ଭିକ ମୂଲ୍ୟ ୩.୩୭ ଲକ୍ଷ ଟଙ୍କା (ଏକ୍ସ ସୋ'ରୁମ୍)। ଏଥିରେ ୬୪୮ସିସିର ୪ ଷ୍ଟ୍ରୋକ୍ ଇନ୍‌ଲାଇନ୍ ଟ୍ୱିନ୍ ଇଂଜିନ୍ ରହିଛି। ଏହାର ତେଲଟାଙ୍କି ଧାରଣ କ୍ଷମତା ୧୪.୮ ଲିଟର୍ ରହିଥିବା ବେଳେ ଏହାର ଓଜନ ୨୪୩ କିଲୋଗ୍ରାମ୍। ଏଥିରେ ୬ ସ୍ପିଡ୍ କନ୍‌ଷ୍ଟାଣ୍ଟ ମେସ୍ ଗିୟର୍ ବକ୍ସ, ଡୁଆଲ୍ ଚାନେଲ୍ ଏବିଏସ୍, ଡବଲ୍ ସାଇଲେନ୍‌ସର୍, ଟାଇଗର୍ ଆଏଜ୍ ଏଲ୍‌ଇଡି ହେଡ୍‌ଲ୍ୟାମ୍ପ, ରେଟ୍ରୋ ସ୍ପିଡୋମିଟର୍, ଟ୍ରିପର୍ ନାଭିଗେସନ୍ ସିଷ୍ଟମ୍, ଡିଜିଟାଲ୍ ଏଲ୍‌ସିଡି ଡିସ୍‌ପ୍ଲେ, ରିମୁଭେବଲ୍ ବ୍ୟାକ୍ ସିଟ୍ ପରି ବୈଶିଷ୍ଟ୍ୟ ରହିଛି ବୋଲି କମ୍ପାନି ପକ୍ଷରୁ କୁହାଯାଇଛି। କ୍ଲାସିକ୍ ୬୫୦ ବ୍ଲାକ୍ କ୍ରୋମ୍, ଟିଲ୍, ବ୍ରଣ୍ଟିଂଥର୍ପ ବ୍ଲୁ, ଭଲ୍ଲମ୍ ରେଡ୍ ପରି ଚାରିଟି ରଙ୍ଗରେ ଉପଲବ୍ଧ। ବ୍ରଣ୍ଟିଂଥର୍ପ ବ୍ଲୁ, ଭଲ୍ଲମ୍ ରେଡ୍‌ର ମୂଲ୍ୟ ୩,୩୭,୦୦୦ ଟଙ୍କା ଥିବା ବେଳେ ଟିଲ୍‌ର ମୂଲ୍ୟ ୩,୪୧,୦୦୦ ଟଙ୍କା ଓ ବ୍ଲାକ୍ କ୍ରୋମ୍‌ର ମୂଲ୍ୟ ହେଉଛି ୩,୫୦,୦୦୦ ଟଙ୍କା। ଏହା ଯୁବପିଢ଼ିଙ୍କୁ ଆକୃଷ୍ଟ କରିବ ବୋଲି କମ୍ପାନି ଆଶା କରିଛି।

ବୈଜ୍ଞାନିକମାନେ ନିକଟରେ ଏକ ପ୍ରସାରଣକ୍ଷମ, ନମନୀୟ, ହାଇଡ୍ରୋଜେଲ୍ ବ୍ୟାଟେରି ବିକଶିତ କରିଛନ୍ତି, ଯାହା ପ୍ରଚଳିତ ବ୍ୟାଟେରି ସହ ଜଡ଼ିତ ବିଷାକ୍ତ ଉପାଦାନ ଓ ଆର୍ଦ୍ରତା ସମସ୍ୟାରୁ ମୁକ୍ତ। ଗବେଷକମାନେ ଏଥିରେ ଛୁରୀ ଭୁସି, କାଟି ଓ ମୋଡ଼ିମାଡ଼ି କରି ତାହାର ଦୃଢ଼ତା ପରଖିଥିଲେ। ଏପରିକି ଅତ୍ୟୁଚ୍ଚ ତାପମାତ୍ରା ଓ ଆର୍ଦ୍ର ପରିବେଶରେ ଏସବୁ କରିବା ସତ୍ତ୍ୱେ ତାହା ୯୦ ପ୍ରତିଶତ କାର୍ଯ୍ୟଦକ୍ଷତା ବଜାୟ ରଖିଥିବା ଗବେଷକମାନେ ଦାବି କରିଛନ୍ତି। ଏଥି ସହିତ ବ୍ୟାଟେରିଟି ମାସକ ଭିତରେ ୫୦୦ ଥର ଚାର୍ଜିଂ-ଡିସଚାର୍ଜିଂ ଚକ୍ର ସହ ମଧ୍ୟ ସୁସଂଗତ ରହିପାରୁଛି।

ଏଠାରେ ଉଲ୍ଲେଖଯୋଗ୍ୟ, ପାରମ୍ପରିକ ନରମ ଲିଥିଅମ୍-ଆୟନ୍ ବ୍ୟାଟେରିଗୁଡ଼ିକ ଆର୍ଦ୍ରତା ପ୍ରବେଶ ଯୋଗୁଁ କାର୍ଯ୍ୟଦକ୍ଷତା



ହ୍ରାସର ଶିକାର ହୋଇଥା'ନ୍ତି। ଏଥି ସହିତ ସେଗୁଡ଼ିକ ଭିତରେ ଥିବା ବିଷାକ୍ତ ତଥା ଜ୍ୱଳନଶୀଳ ଇଲେକ୍ଟ୍ରୋଲାଇଟ୍‌ସ ଯୋଗୁଁ ନିଆଁ ଲାଗିବା ଭଳି ବିପଦର ଆଶଙ୍କା ରହିଛି। ଏହି ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଗବେଷକମାନେ ଫ୍ଲୋରିନ୍-ମୁକ୍ତ ଲିଥିଅମ୍ ଲୁଣ ସମ୍ବଳିତ ଏକ ଇଲେକ୍ଟ୍ରୋଲାଇଟ୍ ବିକଶିତ କରିଛନ୍ତି। ଏହି ହାଇଡ୍ରୋଜେଲ୍ ବ୍ୟାଟେରିରେ ଜଳଭିତ୍ତିକ ଇଲେକ୍ଟ୍ରୋଲାଇଟ୍ ବ୍ୟବହୃତ ହେଉଥିବାରୁ ତାହା ଲିଥିଅମ୍-ଆୟନ୍ ବ୍ୟାଟେରି ଭଳି ଜ୍ୱଳନଶୀଳ ନୁହେଁ ଏବଂ ସେଥିରେ ବିସ୍ଫୋରଣ ହେବାର ଆଶଙ୍କା ଖୁବ୍ କମ୍। ଏଥି ସହିତ ଲିଥିଅମ୍-ଆୟନ୍ ବ୍ୟାଟେରିଗୁଡ଼ିକର ଦୃଢ଼ ତଥା ବାୟୁବିରୋଧୀ ପ୍ୟାକିଂ ଭଳି ପର୍ଯ୍ୟାପ୍ତ ସୁରକ୍ଷା ବ୍ୟବସ୍ଥା ରହିବା ଜରୁରି ହୋଇଥିବା ବେଳେ ହାଇଡ୍ରୋଜେଲ୍‌ରେ ୫୦ ପ୍ରତିଶତ ଆର୍ଦ୍ରତାରେ ୧୯ ପ୍ରତିଶତ ଜଳୀୟ ଅଂଶ ବଜାୟ ରହୁଥିବାରୁ କୌଣସି ଦୃଢ଼ ଆବରଣ ବିନା ମଧ୍ୟ ତାହା କାର୍ଯ୍ୟକ୍ଷମ ହୋଇପାରିବ। ଏହି ବ୍ୟାଟେରି ଫ୍ଲୋରିନ୍-ମୁକ୍ତ ହୋଇଥିବାରୁ ପରିବେଶ ପାଇଁ ତାହା ନିରାପଦ ଏବଂ ମନୁଷ୍ୟ ପାଇଁ କମ୍ ବିଷାକ୍ତ। ତେବେ ପାରମ୍ପରିକ ବ୍ୟାଟେରିଗୁଡ଼ିକ ବୈଦ୍ୟୁତିକ ଯାନ ଓ ବ୍ୟାପକ ବିଦ୍ୟୁତ୍ ସଂରକ୍ଷଣ ପରି ଉଚ୍ଚ ଶକ୍ତି ପ୍ରୟୋଗ କ୍ଷେତ୍ର ପାଇଁ ଉପଯୁକ୍ତ ହୋଇଥିବା ବେଳେ ଏହି ହାଇଡ୍ରୋଜେଲ ବ୍ୟାଟେରି ନମନୀୟ ଫିଟନେସ୍ ଟ୍ରାକର, ବାୟୋସେନ୍ସର, ଏଲ୍‌ଇଡିଯୁକ୍ତ ସ୍ମାର୍ଟ ପୋଷାକ ଓ ପାଣିତଳ ରୋବଟ ସମେତ ମହାକାଶ ଅନୁସନ୍ଧାନ କାର୍ଯ୍ୟ ପାଇଁ ଉପାଦେୟ ହୋଇପାରିବ।

ଏଲନ୍ ମସ୍କଙ୍କ ମସ୍ତିଷ୍କ-ଚିପ୍ କମ୍ପାନି ନ୍ୟୁରାଲିଙ୍କ୍ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରିଛି। ଆମେରିକାର ଖାଦ୍ୟ ଓ ଔଷଧ ପ୍ରଶାସନ(ଏଫ୍‌ଡିଏ) ଉକ୍ତ କମ୍ପାନିକୁ ଏକ ନୂତନ ମସ୍ତିଷ୍କ-ଚିପ୍ ପ୍ରତିରୋପଣ ପାଇଁ ଅନୁମତି ଦେଇଛି, ଯାହା କଥା କହିପାରୁନଥିବା ଲୋକଙ୍କୁ ବାକ୍‌ଶକ୍ତି ପ୍ରଦାନ କରିବାରେ ସାହାଯ୍ୟ କରିବ। ନ୍ୟୁରାଲିଙ୍କ୍ ଦ୍ୱାରା ଦୃଷ୍ଟିଶକ୍ତି ପୁନଃସ୍ଥାପନ ପାଇଁ 'ବ୍ଲାଇଣ୍ଡସାଇଟ୍'ର ପ୍ରଥମ ସଫଳ ମାନବ ପ୍ରତିରୋପଣ ପରେ ଏହି ଘୋଷଣା କରାଯାଇଛି। ଏହି ବୈପ୍ଳବିକ ଯୋଗାଯୋଗ ଚିପ୍ ମାନବ ପରୀକ୍ଷଣ ଅପେକ୍ଷାରେ ରହିଛି। କମ୍ପାନିର କହିବାନୁସାରେ, ଏହି ଚିପ୍ ବିଶେଷ କରି ମଲ୍‌ଟିପ୍ଲ ସ୍କ୍ଲେରୋସିସ୍, ସେରେବ୍ରାଲ୍ ପାଲ୍‌ସି, ମେରୁଦଣ୍ଡ ଆଘାତ, ମସ୍ତିଷ୍କାଘାତ,

ସମ୍ପ୍ରତି ନ୍ୟୁରାଲିଙ୍କ୍ ଏହାର ମାନବ ପରୀକ୍ଷଣ ଆରମ୍ଭ କରିବାକୁ ପ୍ରସ୍ତୁତ ହେଉଥିବାରୁ କମ୍ପାନି ଏବେ କଥା କହିବାର କ୍ଷମତା ହରାଇଥିବା ଲୋକଙ୍କୁ ଏହାର ରୋଗୀ ରେଜିଷ୍ଟ୍ରି ମାଧ୍ୟମରେ ପଞ୍ଜୀକରଣ କରିବାକୁ



# ମୂକଙ୍କୁ କଥା କୁହାଇବ ନ୍ୟୁରାଲିଙ୍କ୍ ଚିପ୍ !

ଆମିଓଟ୍ରୋଫିକ୍ ଲାଟେରାଲ୍ ସ୍କ୍ଲେରୋସିସ୍ ଏବଂ ଅନ୍ୟାନ୍ୟ ସ୍ନାୟୁଗତ ସମସ୍ୟା ଥିବା ଲୋକଙ୍କ ପାଇଁ ଉଦ୍ଦିଷ୍ଟ। ଏହି ସମସ୍ତ ଅବସ୍ଥା ମସ୍ତିଷ୍କକୁ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବା, କଥାବାର୍ତ୍ତା ହେବା ଓ ଗତିବିଧିରେ ବାଧା ଉପୁଜାଇଥାଏ।

କହିଛି। ଭବିଷ୍ୟତରେ ନ୍ୟୁରାଲିଙ୍କ୍ ଏହି ପ୍ରଯୁକ୍ତିବିଦ୍ୟାକୁ ବ୍ୟାପକ ଭାବରେ ଉପଲବ୍ଧ କରାଇବ ଏବଂ ଯେକୌଣସି ବ୍ୟକ୍ତି ଏହାର ଲାଭ ନେଇପାରିବେ ବୋଲି ଏଲନ୍ ମସ୍କ ତାଙ୍କ 'ଏକ୍ସ' ପୋଷ୍ଟ୍‌ରେ ଦୃଢ଼ତାର ସହ କହିଛନ୍ତି।

# ଏମ୍‌ଜି ୱିଣ୍ଡସର୍ ଇଭି ପ୍ରୋ

ମୋରିସ୍ ଗାରେଜ୍ ତରଫରୁ ଭାରତରେ ଲଞ୍ଚ ହୋଇଛି ନୂଆ ୱିଣ୍ଡସର୍ ଇଭି ପ୍ରୋ। ଏହାର ପ୍ରାରମ୍ଭିକ ମୂଲ୍ୟ ରହିଛି ୧୭.୪୯ ଲକ୍ଷ ଟଙ୍କା (ଏକ୍ସ ସୋ'ରୁମ୍)। ଏଥିରେ ୫୨.୯ କିଲୋୱାଟ୍‌ର ପ୍ରିଜମେଟିକ୍ ସେଲ୍ ବ୍ୟାଟେରି ପ୍ୟାକ୍ ରହିଛି। ଥରେ ଚାର୍ଜ କଲେ ଏହା ୪୪୯ କିଲୋମିଟର ରେଞ୍ଜ ଦେଇପାରିବ ବୋଲି କମ୍ପାନି ଦାବି କରିଛି। ଏହାସହିତ ଏଥିରେ ଅଟୋନୋମସ୍ ଲେବଲ୍-୨ ଆଡାସ୍, ୬ଟି ଏୟାର୍ ବ୍ୟାଗ୍, ଡୁଆଲ୍ ଟୋନ୍ ଇଭୋରି ଇଣ୍ଟେରିୟର୍, ପାୱାର୍ ଟେଲ୍‌ଗେଟ୍, ଗ୍ଲାସ୍ ରୁଫ୍, ୧୫.୬ ଇଞ୍ଚର ଇନ୍‌ଫୋଟେନ୍‌ମେଣ୍ଟ ସିଷ୍ଟମ୍, ୨୫୬ କଲର୍ ଏମ୍ବିଏଣ୍ଟ ଲାଇଟ୍ (ଏଲ୍‌ଇଡି ବାଏ ୟୋର୍ ମୁଡ୍), ୬-ୱେ ପାୱାର୍ ଡ୍ରାଇଭର୍ ସିଟ୍ ପରି ବୈଶିଷ୍ଟ୍ୟ ରହିଛି। ୱିଣ୍ଡସର୍ ଇଭି ପ୍ରୋ ୪ଟି ଭାରିଆଣ୍ଟ ଏବଂ ସେଲାଡନ୍ ବ୍ଲୁ, ଟର୍କୱାଇଜ୍ ଗ୍ରିନ୍, ଅରୋରା ସିଲ୍‌ଭର୍, ପର୍ଲ ହ୍ୱାଇଟ୍, ଗ୍ଲେଜ୍ ରେଡ୍ ଓ ଷ୍ଟାର୍‌ବର୍ଷ୍ଟ ବ୍ଲାକ୍ ପରି ୬ଟି ରଙ୍ଗରେ ଉପଲବ୍ଧ।



ଅର୍ଥ ସୂତ୍ର

# ପୋଷାପ୍ରାଣୀ ପାଇଁ ବୀମା



ଅଧିକରୁ ଅଧିକ ଲୋକ କୁକୁର ବା ବିଲେଇ ପୋଷିବାକୁ ପସନ୍ଦ କରୁଛନ୍ତି। ଘରର ସଦସ୍ୟ ପାଲଟିଥିବା ପୋଷ୍ୟ ପ୍ରାଣୀଙ୍କ ଯତ୍ନ ନେବା ଏକ ବ୍ୟହବହୁଳ ବ୍ୟାପାର। ପୁଣି ରୋଗ ଅଥବା ଦୁର୍ଘଟଣାଜନିତ ଚିକିତ୍ସା ଖର୍ଚ୍ଚ ଏକକାଳୀନ ବହନ କରିବାରେ ସମସ୍ୟା ହୋଇଥାଏ। ତେଣୁ ଏ ନେଇ ଚିନ୍ତାମୁକ୍ତ ରହିବା ଲାଗି ବୀମା କମ୍ପାନିମାନେ କିଛି ବର୍ଷ ହେଲା ପୋଷାପ୍ରାଣୀଙ୍କ ପାଇଁ ମଧ୍ୟ ବୀମା ସୁବିଧା ପ୍ରଦାନ କରୁଛନ୍ତି। ଉପଯୁକ୍ତ ବୀମା ବାଛିବା ପାଇଁ ନିମ୍ନୋକ୍ତ ଦିଗ ପ୍ରତି ଧ୍ୟାନ ଦିଅନ୍ତୁ।

- **କଭରେଜ୍:** ଭଲ 'ପେଟ୍ ଇନ୍‌ସ୍ୟୁରାନ୍‌ସ' ବା ପୋଷାପ୍ରାଣୀ ବୀମାରେ ଟିକାକରଣରୁ ଆରମ୍ଭ କରି ଅସ୍ତ୍ରୋପଚାର ପର୍ଯ୍ୟନ୍ତ ସେବା ଅନ୍ତର୍ଭୁକ୍ତ ଥିବା ଜରୁରି। ତା' ଛଡ଼ା ପ୍ରାୟ ସବୁ ବୀମା କମ୍ପାନି ପୋଷାପ୍ରାଣୀର ମୃତ୍ୟୁ ଓ ଚୋରି ଜନିତ କ୍ଷତିପୂରଣ, ଅନ୍ୟ ଲୋକଙ୍କର କରିଥିବା କ୍ଷତିର ଭରଣା, ଦୀର୍ଘସ୍ଥାୟୀ ରୋଗର ଚିକିତ୍ସା ଖର୍ଚ୍ଚ ଆଦି ବହନ କରିଥାନ୍ତି।

ବୀମାରେ କେଉଁସବୁ ସେବା ଅନ୍ତର୍ଭୁକ୍ତ ନୁହଁ ତାହା ବି ପୂର୍ବରୁ ଜାଣିନେବା ଜରୁରି। ସାଧାରଣତଃ ରୋଗ ବା ଦୁର୍ଘଟଣା ବହିର୍ଭୂତ ଚିକିତ୍ସା, ଜନ୍ମଗତ ବିକଳାଙ୍ଗତା, ପ୍ରସବ, କସ୍‌ମେଟିକ୍ ସର୍ଜରି ପୋଷାପ୍ରାଣୀ ବୀମାରେ ଅନ୍ତର୍ଭୁକ୍ତ ନ ଥାଏ।

- **ଯୋଗ୍ୟତା:** ଭାରତରେ ବୀମା କମ୍ପାନିମାନେ କେବଳ କୁକୁର ଓ ବିଲେଇଙ୍କ ପାଇଁ ବୀମା ବିକ୍ରି କରୁଛନ୍ତି। ବୀମା ନେବା ଲାଗି ପୋଷାଜୀବର ବୟସ ତିନିମାସରୁ ସାତବର୍ଷ ଭିତରେ ହୋଇଥିବା ଆବଶ୍ୟକ।

ପୋଷାପ୍ରାଣୀର ବୟସ, ଆକାର ଓ ବ୍ରିଡ୍‌କୁ ଦୃଷ୍ଟିରେ ରଖି ବୀମା କମ୍ପାନିମାନେ ପଲିସିର ଦର ନିର୍ଦ୍ଧାରଣ କରିଥାନ୍ତି। ଏଥିସହିତ ବୀମା ଲାଭର ମୂଲ୍ୟ ଅନୁଯାୟୀ ଦର କମ୍-ବେଶୀ ହୋଇଥାଏ। ଭାରତରେ ଏବେ ବଜାଜ ଆଲିଆଞ୍ଜ, ଏଚ୍‌ଡିଏଫ୍‌ସି ଏର୍ଗୋ, ଗୋ ଡିଜିଟ୍ ଓ ନ୍ୟୁ ଇଣ୍ଡିଆ ଆସ୍ୟୁରାନ୍‌ସ ପ୍ରମୁଖ କମ୍ପାନି ପେଟ୍ ଇନ୍‌ସ୍ୟୁରାନ୍‌ସ ପଲିସି ବିକ୍ରି କରୁଛନ୍ତି।

ଫୋକସ୍‌ରେ ଗ୍ୟାଜେଟ୍

# ଆରାମଦାୟକ 'ଭର୍ଟିକାଲ୍ ମାଉସ୍'

ଜଣାଶୁଣା କମ୍ପ୍ୟୁଟର ଉପକରଣ ନିର୍ମାତା ଲଜିଟେକ୍ କମ୍ପାନି ଏକ ଅଭିନବ ମାଉସ୍ ବଜାରକୁ ଛାଡ଼ିଛି, ଯାହା ପାରମ୍ପରିକ ମାଉସ୍‌ଠାରୁ ବହୁ ଦୃଷ୍ଟିରୁ ଭିନ୍ନ। 'ଲଜିଟେକ୍ ଏମ୍‌ଏକ୍ସ' ନାମକ ଏହି ଭର୍ଟିକାଲ୍ ମାଉସ୍‌ଟି ଦେଖିବାକୁ ଖୁବ୍ ଆକର୍ଷଣୀୟ। କମ୍ପ୍ୟୁଟର ପାଖରେ ଘଣ୍ଟା ଘଣ୍ଟା ବସୁଥିବା ବ୍ୟବହାରକାରୀଙ୍କ ହାତର ମାଂଶପେଶୀ ଚାପ ହ୍ରାସ କରିବା ଲାଗି ଏହା ସ୍ୱତନ୍ତ୍ର ଭାବରେ ନିର୍ମିତ। ଡାହାଣ-ହାତୀମାନଙ୍କ ପାଇଁ ଡିଜାଇନ୍ ହୋଇଥିବା ଏହି ମାଉସ୍‌ର ମୂଲ୍ୟ ୧୨,୨୯୫ ଟଙ୍କା ରହିଛି। ଏହା ବ୍ୟୟବହୁଳ ସତ, କିନ୍ତୁ ପେସାଧାରୀମାନେ ଏଥିରୁ ଭରପୂର ଲାଭ ଉଠାଇପାରିବେ। ଏହି ମାଉସର ଏକ ପ୍ରମୁଖ



ବୈଶିଷ୍ଟ୍ୟ ହେଉଛି ଏହାର ୫୭ ଡିଗ୍ରି ଆନତ କୋଣ, ଯାହା ହାତର ଗତିକୁ ୧୦ ପ୍ରତିଶତ କମାଇବା ସହ କଚଟି ଚାପକୁ ହ୍ରାସ କରିପାରିବ ବୋଲି କମ୍ପାନି ଦାବି କରିଛି। ଏହାକୁ ଦୃଢ଼ ଭାବରେ ଧରିବା ଲାଗି ଉପରପୃଷ୍ଠରେ ଏକ ରବର ଆବରଣ ରହିଛି। ଏହା ୱିଣ୍ଡୋଜ୍, ମ୍ୟାକ୍‌ଓଏସ୍, ଆଣ୍ଡ୍ରଏଡ୍ ଓ ଆଇଓଏସ୍ ସହ ସୁସଂଗତ। ଏହାକୁ ବ୍ଲୁଟୁଥ୍ କିମ୍ବା ୟୁଏସ୍‌ବି-ସି କେବଲ୍ ଦ୍ୱାରା ସଂଯୋଗ କରାଯାଇପାରିବ। ଏହାର ବ୍ୟାଟେରିକୁ ଥରେ ଚାର୍ଜ କଲେ ତାହା ଚାରି ମାସ ଯାଏ ଚାଲିପାରିବ। ଦୀର୍ଘଦିନ ଧରି କମ୍ପ୍ୟୁଟର ବ୍ୟବହାର ଯୋଗୁଁ କଚଟି ଚାପ ଯନ୍ତ୍ରଣା ଭୋଗୁଥିବା ବ୍ୟକ୍ତିଙ୍କ ପାଇଁ ଏହା ବିଶେଷ ଉପଯୋଗୀ।

# ମହାକାଶରେ ଗୀତ ଗାଇବାରେ ପ୍ରଥମ ପପ୍ ତାରକା



ପ୍ରଥମଥର ପାଇଁ କେବଳ ମହିଳା ଅଭିଯାତ୍ରୀଙ୍କୁ ନେଇ ମହାକାଶ ଯାତ୍ରା କରିଥିବା 'ବ୍ଲୁ ଅରିଜିନ୍' ରକେଟ୍‌ରେ ପୃଥିବୀପ୍ରସିଦ୍ଧ ପପ୍ ଗାୟିକା କ୍ୟାଟି ପେରି ଗାଇଥିବା ଗୀତ ଏବେ ଖୁବ ଲୋକପ୍ରିୟ ହେବାରେ ଲାଗିଛି। କ୍ରିଉ ସଦସ୍ୟମାନେ ବିମାନ ଭିତରୁ ଭୂପୃଷ୍ଠକୁ ଚାହିଁଲା ପରେ ଏହାର ମନଲୋଭା ଦୃଶ୍ୟରେ ଅଭିଭୂତ ହୋଇପଡ଼ିଥିଲେ ଏବଂ ସେହି ବିରଳ ମୁହୂର୍ତ୍ତରେ ପେରିଙ୍କ କଣ୍ଠରୁ ନିସୃତ ଲୁଇ ଆର୍ମଷ୍ଟ୍ରଙ୍ଗଙ୍କ ଗୀତ 'ହ୍ୱାଟ୍ ଏ ୱାଣ୍ଡରଫୁଲ ୱାର୍ଲ୍ଡ' ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା। ଏଥି ସହିତ କ୍ୟାଟି ମହାକାଶରେ ଗୀତ ଗାଇଥିବା ପ୍ରଥମ ପପ୍ ତାରକା ପାଲଟିଛନ୍ତି। ଅନ୍ୟ ଯାତ୍ରୀଙ୍କ ପାଇଁ ପେରିଙ୍କ ଗାୟନ ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା ଏବଂ ତାହା ସେମାନଙ୍କ ମନକୁ ଶାନ୍ତି ଓ ବିସ୍ମୟରେ ଭରିଦେଇଥିଲା ବୋଲି ଅନ୍ୟତମ ସହଯାତ୍ରୀ ଗେଲ୍ କିଙ୍ଗ୍ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୧୪ ତାରିଖରେ ମହିଳା ମହାକାଶଚାରୀମାନଙ୍କର ଏହି ଅନ୍ତରୀକ୍ଷ ଯାତ୍ରା ମହାକାଶ ଅନୁସନ୍ଧାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛି।



### ଗୁମୁଡୁମାହା ଗୁଳିକାଣ୍ଡକୁ ୧୦ ବର୍ଷ ପୂରିଲା

# ସାର୍ବଜନୀନ ହେଲାନି ନ୍ୟାୟିକ ତଦନ୍ତ ରିପୋର୍ଟ



**ଫୁଲବାଣୀ,୯।୭ (ସଂଚାର ବ୍ୟୁରୋ):** ଆଜିକୁ ଠିକ୍ ୧୦ ବର୍ଷ ପୂର୍ବେ କନ୍ଧମାଳ ଜିଲ୍ଲା ବାଲିଗୁଡା ଥାନା ଗୁମୁଡୁମାହାରେ ଅନ୍ଧାର ରାତିରେ ସୁରକ୍ଷାକର୍ମୀଙ୍କ ଗୁଳି ମାଡ଼ରେ ଜଣେ ଶିଶୁ ସମେତ ପାଞ୍ଚ ଜଣଙ୍କ ମୃତ୍ୟୁ ଘଟିଥିଲା ଆଜି ବି ଏହି ଘଟଣାର କାରଣ ଖୋଜୁଛନ୍ତି ଗୁମୁଡୁମାହା ଗ୍ରାମବାସୀ। ସରକାର ଆଜି ପର୍ଯ୍ୟନ୍ତ ସେମାନଙ୍କ ପାଇଁ ବସିଥିବା ନ୍ୟାୟିକ ତଦନ୍ତର ରିପୋର୍ଟ ସାର୍ବଜନୀନ କଲେନାହିଁ। ନୂଆ ସରକାରଙ୍କୁ ବର୍ଷେ ପୂରିଥିଲେ ମଧ ଏହି ମାମଲାରେ କୌଣସି ପଦକ୍ଷେପ ନେବା ଭଳି ଲଗୁନଥିବା କ୍ଷତିଗ୍ରସ୍ତ ଗୁମୁଡୁମାହାବାସୀ କହିଛନ୍ତି।

୨୦୧୬ ଜୁଲାଇ ୮ର ଏନ୍‌ଆଇଜିଏସ ଟଙ୍କା ଉଠାଇ ବାଲିଗୁଡ଼ାରୁ କାମ ସାରି ସନ୍ଧ୍ୟା ସମୟରେ କୁର୍ତ୍ତୁମଗଡ଼ ଦେଇ ଅଟୋରେ ଦୁର୍ଗମ ଅଞ୍ଚଳ ଗୁମୁଡୁମାହା ଯାଉଥିବା ସମୟରେ ବର୍ଷା ଯୋଗୁଁ କାଦୁଆରେ ଅଟୋଟି ଫସି ଯାଇଥିଲା। ନିରୀହ ଆଦିବାସୀ ଲୋକ ଗାଡ଼ିକୁ ଧକ୍କା ଦେଇ ଅଟୋକୁ ଉଠାଇବାକୁ ଚେଷ୍ଟା କରୁଥିବା ବେଳେ ବାମପାର୍ଶ୍ୱରେ ସୁରକ୍ଷାକର୍ମୀ ଅଚାନକ ଆଖିବୁଜା ଗୁଳିଚାଳନା କରିଥିଲେ। ସେହି ଗୁଳିରେ ଟଳି ପଡ଼ିଥିଲେ ପାଞ୍ଚ ନିରାହ ଆଦିବାସୀ ମହିଳା ଓ ପୁରୁଷ ସମେତ ଛୋଟ କୁନି ପୁଅ। ଠିକ୍ ଆଜିର ଦିନରେ ସେହି ଗାଁର ଲୋକମାନେ ସେମାନଙ୍କ ପରିବାରକୁ ନେଇ ଏକାଠି ହୋଇ ସେମାନଙ୍କ ସ୍ମୃତିଚାରଣ କରିବା ସହ ରାଜ୍ୟ ସରକାରଙ୍କ ନିକଟରେ ସେମାନଙ୍କ ଦାବି ଉପସ୍ଥାପନ କରିଥାନ୍ତି। ଆଜି ମଧ ପ୍ରତିବର୍ଷ ପରି ମୃତକ ୫ ଜଣଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରି ସ୍ମୃତିଚାରଣ କରିଥିଲେ ଗ୍ରାମବସୀ।

ଘଟଣା ପରେ ଏହି ଦୁର୍ଗମ ଅଞ୍ଚଳକୁ ସରକାରଙ୍କ ଚେଷ୍ଟାରେ ପକ୍କା ରାସ୍ତାପାନୀୟଜଳ ବ୍ୟବସ୍ଥା ଓ ମୃତକ ପରିବାର କିଛି ଆର୍ଥିକ ସହାୟତା ସ୍କୁଲ ଗୁଡ଼ିକରେ ଅସ୍ଥାୟୀ ଚତୁର୍ଥଶ୍ରେଣୀ କର୍ମଚାରୀ ନିଯୁକ୍ତି ଦେଇଛନ୍ତି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନେଇ କମିସନ୍ ବସିଥିଲା। କମିସନ ମଧ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିସାରିଛନ୍ତି। କିନ୍ତୁ ଆଜି ପର୍ଯ୍ୟନ୍ତ ସେହି ରିପୋର୍ଟ ସାର୍ବଜନୀନ ହୋଇନଥିବା ବେଳେ ଅସଲ ଦୋଷୀକୁ ଦଣ୍ଡ ପ୍ରଦାନ କରିବା ସହ ପରିବାର ପ୍ରତିପୋଷଣ କରିବାକୁ ପ୍ରାୟୀ ରୋଜଗାର ବ୍ୟବସ୍ଥା କରିବା ନେଇ ଏବେ ବି ନିରୀହ ଗୁମୁଡୁମାହାବାସୀ ଆଶାବାନ୍ଧି ବସିଛନ୍ତି।



## ଦଶରଥପୁରରେ ଭାରତ ବନ୍ଦ ସଫଳ

**ଦଶରଥପୁର,୯।୭ (ସଂଚାର ବ୍ୟୁରୋ):** ୧୦ କେନ୍ଦ୍ରୀୟ ଶ୍ରମିକ ସଂଗଠନର ମିଳିତ ମଞ୍ଚର ଆହ୍ୱାନରେ ଦେଶବ୍ୟାପି ଭାରତ ବନ୍ଦ ଦଶରଥପୁର ବ୍ଲକରେ ସଫଳ ହୋଇଛି। ସରକାରଙ୍କ ଶ୍ରମିକ ବିରୋଧୀ, କୃଷକ ବିରୋଧୀ ନୀତିକୁ ବିରୋଧ ସହ ୧୭ ଦଫା ସମ୍ବଳିତ ବିଭିନ୍ନ ନ୍ୟାଯ୍ୟ ଦାବି ବାବଦରେ ଏହି ବନ୍ଦ ଡାକରା ଦିଆଯାଇଥିବାବେଳେ ବ୍ଲକର ଭାରତୀୟ ଜାତୀୟ କଂଗ୍ରେସ(ଦଶରଥପୁର ବ୍ଲକ),ସି.ପି.ଆଇ ଯାଜପୁର ଆଞ୍ଚଳିକ କମିଟି(ମଙ୍ଗଳପୁର) ଓ ସି.ପି.ଆଇ ଏମ୍(ଦଶରଥପୁର ବ୍ଲକ) ପକ୍ଷରୁ ଏହାକୁ ସମର୍ଥନ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଯୁବନେତା ଚନ୍ଦ୍ରଶେଖର ସାହୁ, ଶେଖର ସମ୍ପ୍ରିଧଳ, ଅନ୍ତତ କୁମାର ଜେନା, ବିମଳ ମଲିକ, ସାଗର ପରିଡା, ଅକ୍ଷୟ ନାୟକ। ସି.ପି.ଆଇ ପକ୍ଷରୁ ମଳୟ କୁମାର ପଣ୍ଡା, ଅଭୟ କୁମାର ପଣ୍ଡା, କାଳନ୍ଦୀ ମଲ୍ଲିକ, ଦୁର୍ଯ୍ୟଧନ ବାରିକ, ବନମାଳୀ ଦାସ, ନବକିଶୋର ବେହେରା ଏବଂ ସି.ପି.ଆଇ.ଏମ୍ (ଦଶରଥପୁର ବ୍ଲକ )ପକ୍ଷରୁ ଅମୁଲ୍ୟ କୁମାର ସାମଲ, ବିଜୟ କୁମାର ନାୟକଙ୍କ ନେତୃତ୍ୱରେ ଶତାଧିକ କର୍ମୀ ମଙ୍ଗଳପୁର ବଜାରରେ ଜାତୀୟ ରାଜପଥ ୨୦ ଉପରେ ବସି ଆନ୍ଦୋଳନ କରିଥିଲେ। ତେବେ ଏହି ବନ୍ଦ ହେବା ଯୋଗୁଁ ସରକାରୀ ଓ ବେସରକାରୀ ସଂସ୍ଥା ବ୍ୟାଙ୍କ ସେବା ଓ ଡାକ ସେବା ବନ୍ଦ ରହିଥିଲା। ଯାହାଫଳରେ ସାଧାରଣ ଲୋକେ ତାଙ୍କର କାର୍ଯ୍ୟ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିବାର ଦେଖାଯାଇଥିଲା।

## ଦଳିତ ସମାଜ ବସ୍ତିକୁ ନାହିଁ ଭଲ ରାସ୍ତା



**ସୋନପୁର,୯।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ନାରାୟଣପୁର ଦଳିତ ପଡାକୁ ଯିବା ପାଇଁ ରାସ୍ତା ନାହିଁ ଦଳିତ ସମାଜର ଲୋକେ ହଇରାଣ ହେଉଛନ୍ତି ଗତ କିଛି ଦିନ ହେବ ଲଗାଣ ବର୍ଷା ପାଇଁ ରାସ୍ତା ସମ୍ପୂର୍ଣ ଭାବେ କାଦୁଅ ହୋଇଛି ଯାହା ଫଳରେ ବିପଦପୂର୍ଣ ରାସ୍ତା ଉପରେ ଚାଲି କି ଯିବା ଅସମ୍ଭବ ଅଟେ ବର୍ତମାନ ଦଳିତ ପଛୁଆ ବର୍ଗ ର ଲୋକେ ଯିବା ଆସିବା କରି ପାରୁ ନାହାନ୍ତି ତେଣୁ ଅତି ଶୀଘ୍ର ଦଳିତ ପଡ଼ାର ରାସ୍ତା ଏବଂ ବନ୍ଧ କୁ ଯିବା ପାଇଁ ରାସ୍ତା ମରାମତି କରିବା ପାଇଁ ନାରାୟଣ ପୁର ଗ୍ରାମର ଦଳିତ ପଛୁଆ ବର୍ଗ ର ଯୁବ ସମାଜସେବୀ ଆଶିଷ ତାଣ୍ଡି ଅନୁରୋଧ ସହିତ ଦାବି କରିଛନ୍ତି ସୂଚନାଯୋଗ୍ୟ ସ୍ୱାଧୀନତାର ୭୭ ବର୍ଷ ପରେ ବି ଆଜି ପର୍ଯ୍ୟନ୍ତ ଗାଁ କୁ ଯିବା ଆସିବା କରିବା ପାଇଁ ଭଲ ରାସ୍ତା ଖଣ୍ଡିଏ ନାହିଁ ଯାହା ମତେ ଦୁଃଖ ଲାଗୁଛି ବୋଲି କହିଛନ୍ତି ଆଶିଷ ତାଣ୍ଡି କହୁଛନ୍ତି ତେଣୁ ବନ୍ଧ କୁ ଯିବା ପାଇଁ ନୂତନ କଂକ୍ରିଟ ରାସ୍ତା, ଏବଂ ଦଳିତ ପଛୁଆ ବର୍ଗ ରହୁ ବସ୍ତି ର ରାସ୍ତା ନିର୍ମାଣ ପାଇଁ ଦାବି କରିଛନ୍ତି

## ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ଜଙ୍ଗଲି ଭାଲୁ, ଲୋକେ ଭୟଭୀତ

**ଭବାନୀପାଟଣା,୯।୭(ସଂଚାର ବ୍ୟୁରୋ):** ଦକ୍ଷିଣ ବନଖଣ୍ଡ ଧର୍ମଗଡ ରେଞ୍ଜ କୋକସରା ବ୍ଲକ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ଅଧିନରେ ଥିବା ଆମପାଣି ଫରେଷ୍ଟ ସେକ୍ସନ ଦାବ୍ରିଗୁଡ଼ା ଓ ଡୁଙ୍ଗରୀ ପଡ଼ା ମଝିରେ ଗତ କିଛି ଦିନ ହେବ ଏକ ଭାଲୁ ବୁଲାବୁଲି କରୁଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏବେ ଚାଷ ସମୟ ହୋଇଥିବା ବେଳେ ଚାଷଜମି ନିକଟରେ ଭାଲୁ ବିଚରଣ କରୁଥିବା ଦେଖିବାକୁ ମିଳିଛି। କିଛି ଗାଈ ଚରାଳି ଓ ମହିଳା ଙ୍କୁ ଭାଲୁ ଆଘାତ କରିଥିବା ମଧ୍ୟ ସ୍ଥାନୀୟ ଲୋକମାନେ କହିଛନ୍ତି।ତେବେ ଭାଲୁ କୁ ଜଙ୍ଗଲ କୁ ଘଉଡ଼ାଇବା ପାଇଁ ବନ ବିଭାଗ କୁ ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ତେବେ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ଯାଇନଥିବା ଅଭିଯୋଗ ହେଉଛି। ଏନେଇ ଧର୍ମଗଡ ରେଞ୍ଜର ଭବାନୀ ଶଙ୍କର କାଉର ଙ୍କ ପ୍ରତିକ୍ରିୟା ନେବାରୁ ଭାଲୁ କୁ ଘଉଡ଼ାଇବାକୁ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ବର୍ତ୍ତମାନ ସୁଦ୍ଧା ପଦକ୍ଷେପ ସୁନ।



## କଣାସ ଅଞ୍ଚଳରେ ପିଛା ଛାଡୁନି ଝାଡ଼ାବାନ୍ତି

● ଜିଲ୍ଲାପାଳ ଓ ପୂର୍ବତନ ବିଧାୟକ ଡାକ୍ତରଖାନା ପରିଦର୍ଶନ



**କଣାସ,୯।୭ (ସଂଚାର ବ୍ୟୁରୋ):** ଦୀର୍ଘ ୮ଦିନ ହେଲା ପୁରୀ ଜିଲ୍ଲା ଚିଲିକା ଉପକୂଳରେ ଅବସ୍ଥାପିତ କଣାସ ବ୍ଲକରେ ପାନୀୟଜଳ ସମସ୍ୟାକୁ ନେଇ ୮ଦିନ ହେଲା ବିଭିନ୍ନ ଗ୍ରାମରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନନ୍ଦିଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗଡ଼ିଶାଗୋଦା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶତାଧିକ ରୋଗୀ ଚିକିତ୍ସା ହୋଇ ଘରକୁ ଫେରିଛନ୍ତି। ଆଜି ଜଙ୍ଗିଆ ଗ୍ରାମର ଆଶାମଣି ବେହେରା ୭୫ବର୍ଷ, ଦୁପୁର ଗ୍ରାମର ପ୍ରିନ୍ସି ସାହୁ ୧୨ବର୍ଷ, ତାଳପଡ଼ା ଗ୍ରାମର ସୁପ୍ରଭା ପଟ୍ଟନାୟକ ୨୫ବର୍ଷ ଛାଡାବାନ୍ତିରେ ଆକ୍ରାନ୍ତ ହୋଇ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରରେ ଚିକିତ୍ସିତ ହେଉଛନ୍ତି।

ପ୍ରକାଶଥାଉକି ଦୟାନଦୀ ଜଳ ଦୂଷିତ ଥିବାରୁ କଣାସ ଅଞ୍ଚଳର ନୂଆଗାଁ, ନଈକୂଳ ପାଟଣା, ଗଡ଼ିଶାଗୋଦା, ଯାଗୁଳେଇପଦର, କଳାପଦର, ଗୋପିନାଥପୁର ଗ୍ରାମରେ ଦୁଇମାସ ତଳେ ଝାଡାବାନ୍ତି ଦୀର୍ଘ ୧ମାସ ଧରି ଲାଗିରହିବାରୁ ଜିଲ୍ଲା ଓ ରାଜ୍ୟ ପ୍ରଶାସନର ତ୍ୱରିତ ପଦକ୍ଷେପ ଯୋଗୁ ଥମିଥିଲା। ହେଲେ ୮ଦିନ ହେଲା ଝାଡାବାନ୍ତି ଲାଗିରହିଥିବା ଖବର ପାଇ ଆଜି ପୁରୀ ଜିଲ୍ଲାପାଳ ଚଞ୍ଚଳ ରଣା, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅକ୍ଷୟ ଶତପଥୀ, କଣାସ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, କଣାସ ତହସିଲଦାର ହିମାଂଶୁଶେଖର ଗିରି ଝାଡାବାନ୍ତି ଲାଗିଥିବା ଜଗନ୍ନାଥପୁର ଗ୍ରାମକୁ ଯାଇ ଝାଡାବାନ୍ତିର କାରଣ ସର୍ମ୍ପକରେ ପଚାରି ବୁଝିଥିଲେ। ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ କଣାସ ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ରରେ ଆଜି ପହଞ୍ଚି ଚିକିତ୍ସିତ ହେଉଥିବା ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିବା ସହିତ ସମସ୍ତ ଗ୍ରାମ ପଞ୍ଚାୟତକୁ ଟ୍ୟାଙ୍କ ଯୋଗେ ବୋରୱାଲ୍ ଜଳ ଯୋଗାଇଦେବା ପାଇଁ ଦାବି କରିବା ସହିତ ଦୟାନଦୀ, ରାଜୁଆ, ମଳାଗୁଣି, ଲୁଣାନଦୀର ବିଷାକ୍ତଜଳ ନ ଯୋଗାଇବା ପାଇଁ ଦାବି କରିଥିଲେ।

● ବିଦ୍ୟାଳୟରେ ଅନିୟମିତତା ଓ ଅଶ୍ଳୀଳତା

## ପ୍ରଧାନଶିକ୍ଷୟିତ୍ରୀଙ୍କ ନାଁରେ ଅଭିଯୋଗ



**ଦାନଗଦୀ,୯।୭(ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତ ରେ ଥିବା ବୀଣାପାଣି ସରକାରୀ ବିଦ୍ୟାପୀଠ। ନୀଳମଣିଦେଇ ପୁର ଶାସନ ର ପ୍ରଧାନ ଶିକ୍ଷୟତ୍ରୀ ଙ୍କ ନାଁ ରେ ବିଦ୍ୟାଳୟ ପରିଚାଳନା କମିଟି ର ସଭାପତି ଙ୍କ ସମେତ ସମସ୍ତ ସଭ୍ୟ ସର୍ଙ୍ଗନୀ ଅଭିଯୋଗ ମାନ ଆଣିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଏହି ବିଦ୍ୟାଳୟ ରେ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢ଼ା ଠିକ ରେ ହେଉନାହିଁ। ବିଦ୍ୟାଳୟ ରେ ସମସ୍ତ ନିର୍ମାଣ କାମ ନିମ୍ନ ମାନର ହେବା ସହ ଦୁର୍ନୀତି ରେ ବୁଡି ରହିଛନ୍ତି ପ୍ରଧାନ ଶିକ୍ଷୟତ୍ରୀ। ଏହି ପ୍ରଧାନ ଶିକ୍ଷୟତ୍ରୀ ଜଣଙ୍କ ମନମୁଖୀ ଓ ଅନିୟମିତତା କାମ ବାରମ୍ବାର ବିଗତ ଆଠ ମାସ ହେଲା କରୁଛନ୍ତି। ଯାହା ଫଳରେ ବିଦ୍ୟାଳୟ ରେ ଗତ ମାଟ୍ରିକ ପରୀକ୍ଷା ଫଳାଫଳ ରେ ଛାତ୍ର ଛାତ୍ରୀ ଭଲ ପ୍ରଦର୍ଶନ କରି ପାରିଲେ ନାହିଁ। ଏପରି ଫଳାଫଳ କେବେ ହୋଇ ନ ଥିଲା। ଏଥିରେ ସମସ୍ତ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ରେ କିଛି କର୍ମଚାରୀ ଅଶ୍ଳୀଳ କାର୍ଯ୍ୟ ରେ ଲିପ୍ତ ଥିବା ଆମ ପାଖରେ ଠୋସ ପ୍ରମାଣ ଅଛି ବୋଲି ପରିଚାଳନା କମିଟି ଅଭିଯୋଗ କରିଛି।ବିଦ୍ୟାଳୟ କୁ ଆସୁଥିବା ସରକାରୀ ଅନୁଦାନ ର ସଠିକ ବିନିଯୋଗ ହେଉନାହିଁ। ପାଠ୍ୟ ଉପକରଣ କିଣିବା ରେ ହେରଫେର ହେଉଛି। ଏହାର ହିସାବ ମାଗିଲେ ପ୍ରଧାନ ଶିକ୍ଷୟତ୍ରୀ ମୋର ଉପର ମହଲ ରେ ହାତ ଅଛି। ମୁଁ ଜଣେ ମହିଳା ତୁମକୁ କେସ ରେ ଫସାଇ ଦେବି ବୋଲି ଧମକ ଦେଉଛନ୍ତି। ଏସବୁ ଅଭିଯୋଗ ପତ୍ର କୁ ବିଦ୍ୟାଳୟ ପରିଚାଳନା କମିଟି ଯାଜପୁର ଜିଲ୍ଲାପାଳ। ଜିଲ୍ଲା ଶିକ୍ଷା ଅଧିକାରୀ। ବ୍ଲକ ଶିକ୍ଷା ଅଧିକାରୀ।ମାନ୍ୟବର ମନ୍ତ୍ରୀ ହସ୍ତତନ୍ତ। ସମବାୟ। ବୟନ ଶିଳ୍ପ ପ୍ରଦୀପ ବଳ ସାମନ୍ତ ଙ୍କୁ ଦେଇଛନ୍ତି। ଦୀର୍ଘ ଏକ ମାସ ରୁ ଉର୍ଦ୍ଧ ହେବ ଦୁଇଥର ଲିଖିତ ଅଭିଯୋଗ ଦେଲା ପରେ ଏସବୁ ଘଟଣା ର କୌଣସି ତଦନ୍ତ ହେଉ ନ ଥିବାରୁ ପରିଚାଳନା କମିଟି ଗଣ ମାଧ୍ୟମ ଜରିଆରେ ଏହାର ତୁରନ୍ତ ତଦନ୍ତ କରି ପ୍ରଧାନ ଶିକ୍ଷୟତ୍ରୀ ଙ୍କ ବିରୋଧ ରେ କଡା କାର୍ଯ୍ୟନୁଷ୍ଠାନ ନେବା ପାଇଁ ଦାବୀ କରିଛନ୍ତି।

## ଚାନ୍ଦୁଲି ସରପଞ୍ଚଙ୍କ ପରଲୋକ

**ହିଞ୍ଜିଳିକାଟୁ,୯।୭(ସଂଚାର ବ୍ୟୁରୋ):** ହିଞ୍ଜିଳି ବ୍ଲକ ଅନ୍ତଗତ ଚାନ୍ଦୁଲି ସରପଞ୍ଚ ଅନିତା ସାହୁଙ୍କ ମୃତ୍ୟୁ ଘଟିଛି । ଗତ ୧୫ ଦିନ ତଳେ ଅନିତା ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଯାହା ଫଳରେ ତାଙ୍କ ପରିବାର ଲୋକ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ଚିକିତ୍ସା ପାଇଁ ନେଇଥିଲେ। ମାତ୍ର ଆଜି ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି ।

## ଜନ୍ମ ମାଟିରେ ଗୁରୁ ଭଗବାନ ସାହୁଙ୍କ ଜନ୍ମବାର୍ଷିକୀ ପାଳିତ

**ବରଗଡ଼, ୯।୭ (ସଂଚାର ବ୍ୟୁରୋ):** କୁମ୍ଭାରୀ ଆଜାଦ୍ ଯୁବକ ସଂଘ ଆନୁକୁଲ୍ୟରେ ପଶ୍ଚିମ ଓଡ଼ିଶା ଭାଷା କଳା ସଂସ୍କୃତିର ପ୍ରଚାରକ ଗୁରୁ ଭଗବାନ ସାହୁଙ୍କ ୯୫ ତମ ଜନ୍ମ ବାର୍ଷିକୀ ଗୁରୁଙ୍କ ଜନ୍ମ ମାଟି କୁମ୍ଭାରୀ ରେ ପାଳିତ ହୋଇଯାଇଛି। ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ ଭାଗବତିଆଙ୍କ ସଭାପତିତ୍ୱରେ ସ୍ୱାଗତ କରିଥିଲେ ସୁମନ୍ତ ବାରିକ। ଅତିଥି ପରିଚୟ ନିର୍ଦ୍ଦେଶକ ରାମଜୀ ପ୍ରଧାନ।ନିର୍ଦ୍ଦେଶକ ପ୍ରଦିପ ସାହୁଙ୍କ ସଂଯୋଜନାରେ ମୂଖ୍ୟ ଅତିଥି ପ୍ରାଧ୍ୟାପକ ନାଟ୍ୟ ନିର୍ଦ୍ଦେଶକ ସନ୍ତୋଷ କୁମାର ପଣ୍ଡା। ସମ୍ମାନିତ ଅତିଥି କବି ନିରଞ୍ଜନ ପଣ୍ଡା। କବି ଭିକାରୀ ଚରଣ ପଧାନ ବିପ୍ର ଚରଣ ସାହୁ। କୃଷ୍ଣ ଚନ୍ଦ୍ର ପଣ୍ଡା। ମୂଖ୍ୟ ବକ୍ତା କବି ଆଲୋଚକ ଧର୍ମରାଜ ପ୍ରଧାନ। ସମ୍ମାନିତ ବକ୍ତା ଡ଼ ନାରାୟଣ ଭୋଇ ଯୋଗଦାନ କରି ଗୁରୁ ଭଗବାନ ସାହୁଙ୍କ ସାରା ଜୀବନ ତ୍ୟାଗ ଅବଦାନ ଉପରେ ଆଲୋକପାତ କରିଥିଲେ।

## ବିଷମ କଟକରେ ପାନୀୟ ଜଳ ଯୋଜନାର ଶିଳାନ୍ୟାସ



ବିଧାୟକଙ୍କ ଚେଷ୍ଟାରେ ଗାଁକୁ ମିଳିବ ସ୍ୱଚ୍ଛ ଜଳ

**ବିଷମ କଟକ,୯।୭(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲାର ବିଷମ କଟକ ସଦର ବ୍ଲକ ଅନ୍ତର୍ଗତ ବିଷମ କଟକ ଗାଁ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଦିନ ରହିଲା। ଦୀର୍ଘଦିନ ଧରି ପାନୀୟ ଜଳ ସମସ୍ୟାରେ ଜୁଝୁଥିବା ଏହି ଗାଁକୁ ଅବଶେଷରେ ରାଜ୍ୟ ସରକାର ଏକ ବୃହତ୍ ଜଳ ଯୋଜନାରେ ସାମିଲ କରିଛନ୍ତି। ବିଷମ କଟକ ଗାଁ ପାଇଁ ସ୍ୱତନ୍ତ୍ର ଭାବେ ୪ କୋଟି ୩୯ ଲକ୍ଷ ଟଙ୍କା ଅନୁଦାନ ମାନ୍ୟତା ପାଇଛି ଓ ଏହା ର ଶିଳାନ୍ୟାସ ଆଜି ଗୁଣ୍ଡିଚା ମନ୍ଦିର ନିକଟରେ ବିଧାୟକ ନିଳମାଧବ ହିକକା ଙ୍କ ଅଧ୍ୟକ୍ଷତାରେ ହୋଇଛି। ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ବିଧାୟକ ନିଳମାଧବ ହିକକା ମୂଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ ପୂଜା ଓ ଶିଳାନ୍ୟାସ କରି ପ୍ରକଳ୍ପ ନିର୍ମାଣ ଆରମ୍ଭ କରିଥିଲେ। ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ଏହି ପ୍ରକଳ୍ପ ମାଧ୍ୟମରେ ବିଷମ କଟକ ସହର ଓ ଏଠାକା ପ୍ରତ୍ୟେକ ପରିବାର କୁ ସ୍ୱଚ୍ଛ ଓ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ହେବ। ଉଦଘାଟନ କାର୍ଯ୍ୟକ୍ରମରେ ବିଭିନ୍ନ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ନେତାମାନେ ଉପସ୍ଥିତ ଥିଲେ। ସାଂସଦ ପ୍ରତିନିଧି ଦିଲ୍ଲିପ କୁମାର ପଟ୍ଟନାୟକ, ବିଷମ କଟକ ସରପଞ୍ଚ ନମିତା କୁଲସିକା, ନାଏବ ସରପଞ୍ଚ ପ୍ରଦୀପ କୁମାର ଗୁଡଲା, ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ତହସିଲଦାର କେ. ଭେଙ୍କେଟେଶ୍ୱର ରେଡି, ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ି, ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ଜିତେନ୍ଦ୍ର ପାତ୍ର, ଯନ୍ତ୍ରୀ ରାଜଶ୍ରୀ ପାତ୍ର, ଅମିତାଭ ପଟ୍ଟନାୟକ, ତ୍ରିନାଧ ଗୌଡ, ଶୁଭେନ୍ଦୁ କୁମାର ଚୌଧୁରୀ ଓ ଅନ୍ୟାନ୍ୟ ବ୍ୟକ୍ତିବର୍ଗ ମାନ୍ୟଗଣ୍ୟ ଭାଗ ନେଇଥିଲେ। ବିଧାୟକ ନିଳମାଧବ ହିକକା ଙ୍କ ଦୃଢ଼ ପ୍ରଚେଷ୍ଟାର ଫଳରୂପରେ ବିଷମ କଟକ ଗାଁ ଏହି ଯୋଜନାରେ ସାମିଲ ହୋଇପାରିଛି। ଗାଁ ବାସିନ୍ଦାମାନେ ଏହାକୁ ଏକ ଐତିହାସିକ ଦିନ ବୋଲି ବର୍ଣ୍ଣନା କରି ବିଧାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ଥାନା ଆଗରେ ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଧାରଣା

**ହିଞ୍ଜିଳିକାଟୁ,୯।୭(ସଂଚାର ବ୍ୟୁରୋ):** ମଙ୍ଗଳବାର ରାତିରେ ବିଜୁ ପଟ୍ଟନାୟକ ଛକରେ ନଗର ବିଜେପି ସମ୍ପାଦକ ନୀତେଶ ପଣ୍ଡା ଓ ବିଜେପି ନଗର ଯୁବ ମୋର୍ଚ୍ଚା ସଭାପତି ବଳରାମ ପଣ୍ଡା ଠିଆ ହୋଇ ଜନୈକ ବନ୍ଧୁଙ୍କ ଲାଗି ରହିଥିବା ବିବାଦର ଆଲୋଚନା କରୁଥିବା ବେଳେ ରାତିରେ ପେଟ୍ରୋଲିଙ୍ଗ କରୁଥିବା ହିଞ୍ଜିଳି ଥାନାର ଜନୈକ ଏସଆଇ ପହଞ୍ଚିଥିଲେ । ତେବେ କିଛି ସମୟ ପରେ କୌଣସି କାରଣକୁ ନେଇ ପୋଲିସ ଓ ବିଜେପି ନଗର ସମ୍ପାଦକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା । ନୀତେଶଙ୍କୁ ସେଠାରେ ମାଡ଼ ହୋଇଥିବା ଅଭିଯୋଗ ଉଠିଥିଲା। ପରେ ଆଜି ପୂର୍ବାହ୍ନରେ ହିଞ୍ଜିଳିଥାନା ସମ୍ମୁଖରେ ଜନୈକ ପୋଲିସ ଏଏସଆଇଙ୍କ ବିରୋଧରେ ଦଳ କାର୍ଯ୍ୟାନୁଷ୍ଠାନ ଦାବି କରିଛି । କିନ୍ତୁ ପରବର୍ତ୍ତୀ ସମୟରେ ଆସିକା ଏସ୍‌ଡ଼ିପିଓ ସନ୍ତୋଷ କୁମାର ଜେନା ଓ ହିଞ୍ଜିଳି ଥାନାଧିକାରୀ ଶ୍ରୀନିବାସ ସେଠୀ ସ୍ଥାନୀୟ ବିଜେପି ନେତାଙ୍କ ସହ ଆଲୋଚନା କରିବା ସହ ନୀତେଶ ଓ ପୋଲିସ ଏଏସଆଇଙ୍କ ମଧ୍ୟରେ ଆପୋଷ ବୁଝାମଣା ହେବା ପରେ ଧାରଣାରୁ ହଟିଥିବା ସୂଚନା ମିଳିଛି ।

## ବିଦ୍ୟାଳୟରେ ବନ ମହୋତ୍ସବ ପାଳନ

**ବେତନଟୀ,୯।୭(ସଂଚାର ବ୍ୟୁରୋ):** ବେତନଟୀର ପି.ଏମ୍.ଶ୍ରୀ. ମହାରାଜା ପ୍ରତାପ ଚନ୍ଦ୍ର ଉଚ୍ଚବିଦ୍ୟାଳୟ, ବେତନଟୀ ପରିସରରେ ବନମହୋତ୍ସବ ପରିପ୍ରେକ୍ଷୀରେ ଫଳ ଓ ଫୁଲ ଚାରା ଗଛମାନ ରୋପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀ , ଶିକ୍ଷକ/ ଶିକ୍ଷୟିତ୍ରୀଗଣ ବହୁସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ସିଭିଲ ସୋସାଇଟି, ବେତନଟୀ ତରଫରୁ ମଧ୍ୟ ବିଦ୍ୟାଳୟ ପରିସରରେ କିଛି ବୃକ୍ଷରୋପଣ କରାଯାଇଥିଲା। ଏଥିପୂର୍ବରୁ ବୃକ୍ଷ ରୋପଣର ଉପକାରୀତା ସମ୍ବନ୍ଧରେ ସଂପୃକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ "ପରିବେଶ ସୁରକ୍ଷା" ଶୀର୍ଷକ ପ୍ରତିଯୋଗିତାରେ କୃତିତ୍ୱ ହାସଲକାରୀ ଛାତ୍ରଛାତ୍ରୀଗଣଙ୍କୁ ସଭାସ୍ଥଳରେ ଉପସ୍ଥିତ ବିଦ୍ୟାଳୟ ତରଫରୁ ଅତିଥିଗଣଙ୍କ ମାଧ୍ୟମରେ ପୁରସ୍କୃତ କରାଯାଇଥିଲା। ପ୍ରଧାନଶିକ୍ଷକ ଅର୍ଜ୍ଜୁନ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନୀହାର ରଞ୍ଜନ ସାମଲ ,ଜୀବନ ସଂଯୋଜକ ଓ ପ୍ରଦୀପ କୁମାର ଦେହୁରୀ, ବନପାଳ, ଉପେନ୍ଦ୍ର ପାତ୍ର, ଡ଼ି.ଇ.ଓ., ଅଫିସ



ସହାୟିକା।ରଂଜିତା ଙ୍କ ସହ ସିଭିଲ ସୋସାଇଟିର କାର୍ଯ୍ୟକାରୀ ସଭାପତି ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ,ସାଧାରଣ ସଂପାଦକ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହ ବାସୁଦେବ ନାପିତ, ହରେନ୍ଦ୍ର ନାଥ ବାରିକ, ଗଣେଶ ଚନ୍ଦ୍ରସାହୁ, ବିଜୟ କୁମାର ଦ୍ୱିବେଦୀ, ରାମଚନ୍ଦ୍ର ପଣ୍ଡା, ଦୁର୍ଯୋଧନ ସିଂ ପ୍ରମୁଖ ଅଂଶଗ୍ରହଣ ସହ ବୃକ୍ଷର ଉପକାରୀତା ଓ ବୃକ୍ଷ ରୋପଣର ଆବଶ୍ୟକତା ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷିକା ଗଣ ସହଯୋଗ କରିଥିଲେ ।

● ହିଲ୍ଲୀପାଲି ଗାଁରେ ବଢୁଛି ଡାଇରିଆ ସଂକ୍ରମଣ

## ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲା ଆପ



**ବରଗଡ଼, ୯।୭ (ସଂଚାର ବ୍ୟୁରୋ):** ଗତ ୬ ଦିନ ହେଲା ବରଗଡ ଜିଲ୍ଲା ଅତା ବିରା ବ୍ଲକ ହିଲ୍ଲୀପାଲି ଗାଁ ରେ ଡାଇରିଆ ସଂକ୍ରମଣ ବଢ଼ିବାରେ ଲାଗିଛି। ବୁଧବାର ପର୍ଯ୍ୟନ୍ତ ଆକ୍ରାନ୍ତଙ୍କ ସଂଖ୍ୟା ୬୦ ରୁ ଉର୍ଦ୍ଧ କୁ ପହଂଚି ଥିବା ବେଳେ ଉନ୍ନତ ସେବା ଯୋଗାଇ ଦେବାକୁ ଆମ୍ ଆଦମୀ ପାର୍ଟି ଦାବୀ କରି ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟ ରେ ବରଗଡ ଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛି। ଯଦିଓ ଡାକ୍ତରୀ ଦଳ ପହଂଚି ଔଷଧ ଓ ଚିକିତ୍ସା ସେବା ଯୋଗାଇ ଦେଇ ଆସୁଛନ୍ତି ତଥାପି ଏହା ପର୍ଯ୍ୟାପ୍ତ ନୁହେଁ ବୋଲି ରାଜ୍ୟ ସମ୍ପାଦକ ଭବାନୀ ସାହୁ କହିଛନ୍ତି, ଯେଉଁ ସ୍ଥାନ ରେ ଆକ୍ରାନ୍ତ ମାନଙ୍କୁ ରଖା ଯାଇଛି ତାହା ବର୍ଷା କାରଣ ରୁ ଓଦା ରହୁଛି, ତଳେ ଶୋଇବାକୁ ଦିଆଯାଉଛି, ବେଡ଼ ବ୍ୟବସ୍ଥା ନାହିଁ, ଅଧିକାଂଶ ରୋଗୀ ଙ୍କୁ ବୁର୍ଲା ପଠା ଯାଉଛି ଯାହାକି ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ପଠା ଗଲେ ଉପକୃତ ହୁଅନ୍ତେ ଆଉ ଏହି ସଂକ୍ରମଣ ର କାରଣ ଖୋଜିବା ସହ ସମସ୍ତଙ୍କ ପାଇଁ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେବାକୁ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ କହିଛନ୍ତି। ଏହାକୁ ନେଇ ଜିଲ୍ଲା ପ୍ରଶାସନ ଗମ୍ଭୀର ନଥିବା ଭଳି ଲାଗୁଚି ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଜୋର ଧରିଲା ଉପକାରାଗାର ମିଶ୍ରଣକୁ ବିରୋଧ




ଉଭୟ ଓକିଲ ସଂଘ ଓ ମୋହରରି ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ନୀଳଗିରି,୯।୭(ସଂଚାର ବ୍ୟୁରୋ):** ନୀଳଗିରି ଉପକାରାଗାର ମିଶ୍ରଣପାଇଁ ରାଜ୍ୟସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇବାପରେ ଏହାକୁ ନୀଳଗିରି ଗଡଜାତ ପ୍ରଜାମାନେ ସହଜରେ ଗ୍ରହଣ କରିପାରିନାହାନ୍ତି। ରାଜାରାଜୁଡ଼ା ଅମଳରୁ ନୀଳଗିରି କାରାଗାର ନିର୍ମାଣ ହୋଇଥିବାବେଳେ ସହଜରେ ଆମେ ସ୍ଥାନାନ୍ତରିତ କରାଇ ଦେବୁନାହିଁ। ଯଦି ସରକାର ନୀଳଗିରି ଗଡଜାତବାସୀଙ୍କ ଦାବୀକୁ ନରଖିନ୍ତି ତେବେ ନୀଳଗିରି ଜେଲ୍ ଆଗରେ ଆମରଣ ଅନଶନ କରାଯିବବୋଲି ଅନେକ ବୁଦ୍ଧିଜୀବି ପ୍ରକାଶ କରିଛନ୍ତି। ୧୯୨୦ମସିହାରେ ଏହି କାରାଗାର ନିର୍ମାଣ ହୋଇଥିବା ବେଳେ ବାଲେଶ୍ୱର ଜିଲ୍ଲାର ନୀଳଗିରି ଉପଖଣ୍ଡର ଏକମାତ୍ର ଆଇଟିଡିଏ ବ୍ଲକ ହୋଇଥିବା ବେଳେ ଏଠାରେ ଉଭୟ କୋର୍ଟ ଓ ଥାନା ରହିଛି। ଉପଖଣ୍ଡର ୮୦ପ୍ରତିଶତ ଆଦିବାସୀ, ହରିଜନ ସଂପ୍ରଦାୟର ଲୋକମାନେ ରହୁଥିବାବେଳେ ପଡର ଓ ପଥର ଉପରେ ନିର୍ଭରଶିଳ। ଉକ୍ତ ଜେଲକୁ ଏଠାରୁ ଉଠାଇନେଇ ବାଲେଶ୍ୱର ଜେଲ ସହିତ ମିଶାଇଲେ ଏମାନଙ୍କର ଆର୍ଥିକ ମାନଦଣ୍ଡ ଉପରେ ପ୍ରଭାବ ପକାଇବ। ସ୍ୱାଧୀନ ଭାରତବର୍ଷରେ ପ୍ରଥମ ଗଡଜାତ ରାଜ୍ୟ ଭାବେ ସ୍ୱାଧୀନ ଭାରତରେ ମିଶ୍ରଣ ହେବାପରେ ଅନ୍ୟ ଗଡଜାତ ରାଜ୍ୟ ସ୍ୱାଧୀନ ଭାରତବର୍ଷରେ ସାମିଲ ହୋଇଥିଲେ। ସେଥିପାଇଁ ନୀଳଗିରିକୁ ଚୁକ୍ତି ଅନୁଯାୟୀ କେତେକ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯାଇଥିଲା। ବହୁ ସ୍ୱାଧୀନତା ସଂଗ୍ରାମୀ ଏହି ଜେଲରେ ବନ୍ଦୀଜୀବନ ବିତାଇଥିଲେ। ସେଥିପାଇଁ ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ନୀଳଗିରି ବାସୀ ଏହୀ ମିଶ୍ରଣକୁ ଘୋର ବିରୋଧ କରିଛନ୍ତି। ଆଜି ନୀଳଗିରି ଉପଖଣ୍ଡର ଉଭୟ ଓକିଲ ସଂଘ, ଓ ମହୋରରି ସଂଘ ଜେଲ୍ ସମ୍ମିଶ୍ରଣକୁ ବିରୋଧକରି ନୀଳଗିରି ଉପଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶାର ମହାମହିମ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ,ବାଲେଶ୍ୱର ସାଂସଦ, ନୀଳଗିରି ବିଧାୟକ, ଗୃହବିଭାଗର ସଚିବ, ଜେଲ ବିଭାଗର ମହାନିର୍ଦ୍ଦେଶକ, ବାଲେଶ୍ୱର ଜିଲ୍ଲାପାଳ, ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି।